# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୨୬/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 26/2022 Page 16 ₹ 7.00 ★★★★★★

୪୮ଶ ଭାଗ ୨୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





**୨୬/୧୧ ଆକ୍ରମଣକାରୀଙ୍କୁ ୧୫ ବର୍ଷ ଜେଲ**

୨୦୦୮ରେ ମୁମ୍ବାଇ ୨୬/୧୧ ଆକ୍ରମଣ ପାଇଁ ଭାରତର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଆତଙ୍କବାଦୀ ସାଜିଦ୍ ମଜିଦ୍ ମିର୍‌ଙ୍କୁ ପାକିସ୍ତାନର ଆତଙ୍କବାଦୀ ନିରୋଧୀ କୋର୍ଟ ୧୫ ବର୍ଷ ୬ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍ଏଟିଏଫ୍) ଗ୍ରେ ଲିଷ୍ଟରୁ ପାକିସ୍ତାନ ବାହାରିବାକୁ ସଂଘର୍ଷ କରୁଥିବାବେଳେ ପାକ୍ କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି। ଭାରତ ସମେତ ଆମେରିକା ମଧ ସାଜିଦ୍‌ଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା। ତାଙ୍କୁ ଗିରଫରେ ସହାୟତା ପାଇଁ ଆମେରିକା ୫୦ ଲକ୍ଷ ଡଲାର ପୁରସ୍କାର ଘୋଷଣା କରିଥିଲା। ସାଜିଦ୍‌ଙ୍କ ମୃତ୍ୟୁ ଘଟିସାରିଥିବା ନେଇ ପୂର୍ବରୁ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ କହିଥିଲା।

## ସଂକ୍ଷେପରେ

### ଗର୍ଭପାତ ବିରୋଧୀ ରାୟକୁ ବିଶ୍ୱନେତାଙ୍କ ନିନ୍ଦା

**ୱାଶିଂଟନ୍, ୨୫।୬:** ଆମେରିକା ସୁପ୍ରିମକୋର୍ଟ ଶୁକ୍ରବାର ମହିଳାଙ୍କ ଗର୍ଭପାତ ଅଧିକାର ବିରୋଧରେ ଦେଇଥିବା ରାୟକୁ ବିଶ୍ୱନେତାମାନେ ନିନ୍ଦା କରିଛନ୍ତି। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ, ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ୍ ପ୍ରମୁଖ ଏହି ରାୟକୁ ନିନ୍ଦା କରିବା ସହ ଏହା ମହିଳାଙ୍କ ମୌଳିକ ଅଧିକାର ଛଡ଼ାଇନେବ ବୋଲି କହିଛନ୍ତି। କୌଣସି ସରକାର, ରାଜନେତା କିମ୍ବା ବ୍ୟକ୍ତି ଜଣେ ମହିଳା ତାଙ୍କ ଶରୀର ସହ କ'ଣ କରିବେ ତାହା କହିପାରିବେ ନାହିଁ ବୋଲି ଟ୍ରୁଡୋ ଟୁଇଟ୍ କରିଛନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲିଆ ଗିଲାର୍ଡ ଆମେରିକା ପୂର୍ବତନ ରାଷ୍ଟ୍ରପତିଙ୍କ ସ୍ତ୍ରୀ ମିଶେଲ ଓବାମଙ୍କ ଟୁଇଟ୍‌କୁ ରିଟୁଇଟ୍ କରିବା ସହ ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ମୁଖ୍ୟ ଟେଡ୍ରୋସ୍ ଅଧୋନମ୍ ଘେବ୍ରେୟସ୍ ମଧ ଏହାକୁ ଚିନ୍ତାଜନକ ଏବଂ ନିରାଶ କଲା ଭଳି ରାୟ ବୋଲି କହିଛନ୍ତି। ଜାତିସଂଘ ମାନବାଧିକାର ସଂସ୍ଥାର ଉଚ୍ଚାୟୁକ୍ତ ମିଶେଲେ ବାଚ୍‌ଲେଟ ମଧ ରାୟକୁ ନିନ୍ଦା କରି ଏହା ଲିଙ୍ଗଗତ ଭେଦଭାବ ବଢ଼ାଇବ ବୋଲି କହିବା ସହ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଇବ ବୋଲି ମତ ରଖିଛନ୍ତି।

### ମହିଳା କର୍ମଚାରୀଙ୍କୁ ସହାୟତା ଦେବେ ଆମେରିକୀୟ କମ୍ପାନୀ

**ୱାଶିଂଟନ୍, ୨୫।୬:** ଆମେରିକାରେ ମହିଳାଙ୍କ ଗର୍ଭପାତ ଅଧିକାର ଛଡ଼ାଇନେବା ଭଳି ରାୟ ସୁପ୍ରିମକୋର୍ଟ ଶୁକ୍ରବାର ଦେବା ପରେ ସେଠାରେ ଏହାକୁ ନେଇ ବିରୋଧ ଜାରି ରହିଛି। ଗର୍ଭପାତ ପାଇଁ ବାହାର ଦେଶକୁ ଯିବାକୁ ଚାହୁଁଥିବା ମହିଳା କର୍ମଚାରୀଙ୍କୁ ସହାୟତା କରିବାକୁ ଆମେରିକୀୟ କମ୍ପାନୀଗୁଡ଼ିକ ଆଗକୁ ଆସିଛନ୍ତି। ଆମେରିକାର ଦ୍ୱିତୀୟ ବୃହତ୍ତମ ଘରୋଇ କମ୍ପାନୀ ଆମାଜନ୍ ଏହାର ମହିଳା କର୍ମଚାରୀଙ୍କ ଗସ୍ତ ତଥା ଚିକିତ୍ସା ପାଇଁ ବାର୍ଷିକ ୪ ହଜାର ଡଲାର ପର୍ଯ୍ୟନ୍ତ ସହାୟତା ଦେବାକୁ ଘୋଷଣା କରିଛି। ଆପଲ୍ ଇଙ୍କ୍ ଏହାର ହେଲଥ୍ କେୟାର ପ୍ଲାନ୍‌ରେ ଗର୍ଭପାତକୁ ସଂଯୋଗ କରିଛି। ଏଥିପାଇଁ ଆବଶ୍ୟକ ଗସ୍ତ ଏବଂ ମେଡିକାଲ ଖର୍ଚ୍ଚ କମ୍ପାନୀ ଦେବ ବୋଲି କହିଛି। ମାଇକ୍ରୋସଫ୍ଟ, ମେଟା, ୱାଲ୍ଟ ଡିଜ୍‌ନୀ କୋ., ନେଟ୍‌ଫ୍ଲିକ୍ସ, ସିଟିଗ୍ରୁପ୍ ଇଙ୍କ୍, ଜେପି ମୋର୍ଗାନ୍ ଚେଜ୍ ଆଣ୍ଡ୍ କୋ., ଆମେରିକାନ୍ ଏକ୍ସପ୍ରେସ୍ କୋ., ଉବର ଟେକ୍ନୋଲୋଜି କମ୍ପାନୀ ମଧ ତାଙ୍କ କର୍ମଚାରୀଙ୍କୁ ମଧ ଅନୁରୂପ ସୁବିଧା ଯୋଗାଇବାକୁ ଘୋଷଣା କରିଛନ୍ତି।

### ଚଢ଼ାଉବେଳେ ଆଇଏଏସ୍ ଅଫିସର ପୁଅଙ୍କ ଆତ୍ମହତ୍ୟା

**ଚଣ୍ଡୀଗଡ଼, ୨୫।୬:** ଭିଜିଲାନ୍ସ ଟିମ୍‌ର ଚଢ଼ାଉବେଳେ ଜଣେ ଆଇଏଏସ୍ ଅଧିକାରୀଙ୍କ ପୁଅ ଚଣ୍ଡୀଗଡ଼ରେ ନିଜକୁ ଗୁଳି କରି ଶନିବାର ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଆଇଏଏସ୍ ଅଫିସର ସଞ୍ଜୟ ପୋପଲିଙ୍କ ପୁଅ କାର୍ତ୍ତିକ ପୋପଲି(୨୭)ଙ୍କୁ ଏକ ଦୁର୍ନୀତି ମାମଲାରେ ଗିରଫ ପାଇଁ ଭିଜିଲାନ୍ସ ଅଧିକାରୀ ଆସିଥିବାବେଳେ ବାପାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରେ ସେ ନିଜକୁ ଗୁଳି କରିଥିବା ଜଣାପଡ଼ିଛି। ତେବେ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି। ସଞ୍ଜୟଙ୍କ ସ୍ତ୍ରୀ ଏଥିପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ ଦାୟୀ କରିଛନ୍ତି। ଚଢ଼ାଉ ପାଇଁ ଆସିଥିବା ଭିଜିଲାନ୍ସ ଟିମ୍ କାର୍ତ୍ତିକଙ୍କୁ ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ପଞ୍ଜାବର ଏକ ସ୍ୱରେଜ ପାଇପଲାଇନ ଟେଣ୍ଡର କ୍ଲିୟର କରାଇବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଞ୍ଜୟ ପୋପଲିଙ୍କୁ ଗିରଫ କରାଯାଇଥିଲା।

### ଗୁଜରାଟରେ ସିନ୍ଦେ-ଫଡ୍‌ନବିସ ବୈଠକ

**ଗୁଆହାଟୀ, ୨୫।୬:** ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଲାଗିରହିଥିବାବେଳେ ସମ୍ଭାବ୍ୟ ସରକାର ଗଠନ ନେଇ ଶୁକ୍ରବାର ରାତିରେ ଶିବସେନା ବିଦ୍ରୋହୀ ନେତା ଏକନାଥ ସିନ୍ଦେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଗୁଜରାଟର ବଡୋଦରାଠାରେ ଉଭୟ ନେତା ଏକାଠି ହୋଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ ଶୁକ୍ରବାର ରାତିରେ ବଡୋଦରାରେ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସିନ୍ଦେ ଆସାମର ଗୁଆହାଟୀରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବଡୋଦରା ଆସିଥିଲେ। ଫଡ୍‌ନବିସଙ୍କ ସହ ଆଲୋଚନା ପରେ ସିନ୍ଦେ ଗୁଆହାଟୀ ଫେରିଯାଇଥିଲେ।

# ରୁଷିଆ ଦଖଲରେ ପୂର୍ବ ୟୁକ୍ରେନ୍ ସହର



ୟୁକ୍ରେନ୍‌ର ମକାରିଭ୍‌ଠାରେ ଧ୍ୱଂସପ୍ରାପ୍ତ ଏକ ରୁଷୀୟ ଟ୍ୟାଙ୍କ୍ ଉପରେ ଜଣେ ଶିଶୁ ଛିଡ଼ା ହୋଇଛନ୍ତି।

**କିଭ୍, ୨୫।୬**

କିଛି ସପ୍ତାହ ଧରି ପୂର୍ବ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ଦଖଲ ପାଇଁ ଆକ୍ରମଣ ଜାରି ରଖିଥିବା ରୁଷିଆ ସେଭେରୋଡୋନେସ୍କ ସହରକୁ ନିଜ ନିୟନ୍ତ୍ରଣକୁ ନେଇଛି। ଏ ନେଇ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦାବି କରାଯାଇଥିବାବେଳେ ସେଭେରୋଡୋନେସ୍କରୁ ୟୁକ୍ରେନ୍ ସମସ୍ତ ସୈନ୍ୟଙ୍କୁ ପ୍ରତ୍ୟାହାର କରିଥିବା ମେୟର ଓଲେକ୍‌ଜାଣ୍ଡର ଷ୍ଟ୍ରିୟୁକ୍ କହିଛନ୍ତି। ରୁଷିଆ ପକ୍ଷରୁ ଘନଘନ ମିଶାଇଲ ମାଡ଼ରେ ଏହି ସହରଟି ଧ୍ୱଂସସ୍ତୂପ ପାଲଟିଛି। ଆଜୋଟ୍ କେମିକାଲ୍ ପ୍ଲାଣ୍ଟରେ ଆଶ୍ରୟ ନେଇଥିବା ୟୁକ୍ରେନ୍‌ବାସୀଙ୍କୁ କେବଳ ରୁଷିଆ ନିୟନ୍ତ୍ରଣରେ ଥିବା ଅଞ୍ଚଳ ଦେଇ ଆଣିବା ଏକମାତ୍ର ବିକଳ୍ପ ବୋଲି ସେ କହିଛନ୍ତି। ପୂର୍ବ ୟୁକ୍ରେନ୍‌ର ଆଉ ଏକ ସହର ଲିସିଚାନ୍‌ସ୍କକୁ ଦଖଲ କରିବାକୁ ରୁଷୀୟ ସୈନ୍ୟ ବିଚ୍ଛିନ୍ନତାବାଦୀ ତଥା ମସ୍କୋ ସପକ୍ଷବାଦୀଙ୍କ ସହାୟତାରେ ଆଗକୁ ବଢ଼ୁଛନ୍ତି।

#### ସେଭେରୋଡୋନେସ୍କରୁ ସେନା ପ୍ରତ୍ୟାହାର କଲା କିଭ୍

ସେଭେରୋଡୋନେସ୍କକୁ କବ୍‌ଜା କରିବା ଅର୍ଥ ପ୍ରାୟ ସମ୍ପୂର୍ଣ୍ଣ ଲୁହାନ୍‌ସ୍କ ଏବଂ ଡୋନେସ୍କର ଅଧିକାଂଶ ଭାଗ ଦଖଲ ସହ ସମାନ। ଦିନେ ପ୍ରାୟ ୧ ଲକ୍ଷ ଲୋକଙ୍କ ବାସସ୍ଥଳୀ ପାଲଟିଥିବା ୟୁକ୍ରେନ୍‌ର ଏହି ଶିଳ୍ପସମୃଦ୍ଧ ଅଞ୍ଚଳ ଏକ ମସ୍କୋ ନିୟନ୍ତ୍ରଣକୁ ଚାଲିଯାଇଛି। ଆଜୋଟ୍ ପ୍ଲାଣ୍ଟ ଇଣ୍ଡଷ୍ଟ୍ରିଆଲ୍ ଜୋନ୍ ଏବେ ସମ୍ପୂର୍ଣ୍ଣ ଭାବେ ରୁଷିଆ କବ୍‌ଜାରେ। ରୁଷୀୟ ସୈନ୍ୟ ଏବଂ ବିଚ୍ଛିନ୍ନତାବାଦୀମାନେ ଲିସିଚାନ୍‌ସ୍କକୁ ଦକ୍ଷିଣ ପଟୁ ଘେରାଉ କରି ସେଠାରୁ ସିମେଣ୍ଟ ଏବଂ ଅନ୍ୟ ସାମଗ୍ରୀକୁ ସେଠାର ବୋହିନେବାକୁ ଉଦ୍ୟମ କରୁଥିବା ସ୍ଥାନୀୟ ଗଭର୍ନର ସେରହି ହାଇଦାଇ କହିଛନ୍ତି। ଶନିବାର ରାତିରେ ରୁଷିଆ ଉତ୍ତର ଓ ପଶ୍ଚିମ ୟୁକ୍ରେନ୍‌ରେ ବିପୁଳ ସଂଖ୍ୟାରେ ମିଶାଇଲ ମାଡ଼ କରିଛି। ସେଥିମଧ୍ୟରୁ ଟିୟୁ-୨୨ ବମ୍ବର୍ସରୁ ବେଲାରୁଷ ପଟୁ କ୍ଷେପଣାସ୍ତ୍ର ଛଡ଼ା ଯାଇଥିବା କିଭ୍ କହିଛି। ରୁଷିଆ ଏହାର ସହଯୋଗୀମାନଙ୍କୁ ଯୁଦ୍ଧରେ ସାମିଲ କରୁଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅଭିଯୋଗ ଆଣିଛନ୍ତି।

## ବୁମେରାଂ ହେଲା ରୁଷିଆ କ୍ଷେପଣାସ୍ତ୍ର



**ମସ୍କୋ, ୨୫।୬**

ୟୁକ୍ରେନ୍ ଯୁଦ୍ଧ ବେଳେ ରୁଷିଆର ଏକ କ୍ଷେପଣାସ୍ତ୍ରରେ ତ୍ରୁଟି ଯୋଗୁ ଏହା ବୁମେରାଂ ହୋଇ ନିଜ ପକ୍ଷ ସୈନ୍ୟଙ୍କୁ ମାଡ଼ କରିଛି। ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ ହେଉଥିବା ୪ଟି କ୍ଷେପଣାସ୍ତ୍ର ଏକ ସଙ୍ଗେ ଛଡାଯାଇଥିବାବେଳେ ସେଥିରୁ ୩ଟି ଲକ୍ଷ୍ୟସ୍ଥଳ ଅଭିମୁଖେ ଯାଇଥିଲା। କିନ୍ତୁ ଗୋଟିଏ ମିଶାଇଲ ୟୁ-ଟର୍ନ ହୋଇ ଛଡ଼ାଯାଇଥିବା ସ୍ଥାନକୁ ଫେରି ଆସିଥିଲା। ଏହି ସମୟର ଭିଡିଓ ଭାଇରାଲ ହୋଇଛି। ଶୁକ୍ରବାର ଭୋର ସମୟରେ ସେଭେରୋଡୋନେସ୍କଠାରୁ ଦକ୍ଷିଣରେ ୫୫ ମାଇଲ ଦୂର ଆଲଚେଭସ୍କ ସହର ନିକଟରେ ଛଡ଼ାଯାଇଥିବା କ୍ଷେପଣାସ୍ତ୍ରରେ ଏଭଳି ତ୍ରୁଟି ଦେଖାଦେଇଥିଲା। କ୍ଷେପଣାସ୍ତ୍ରଟି ୧୮୦ ଡିଗ୍ରୀ ମୋଡ଼ ନେଇ ଯେଉଁଠୁ ଛଡ଼ାଯାଇଥିଲା, ସେହି ସ୍ଥାନକୁ ମାଡ଼ କରିବାରୁ କେତେଜଣ ସୈନ୍ୟ ମୃତାହତ ହୋଇଛନ୍ତି। ଏହାକୁ ରୁଷିଆ ସପକ୍ଷବାଦୀ ବିଚ୍ଛିନ୍ନତାବାଦୀମାନେ ଛାଡ଼ିଥିବା କୁହାଯାଉଛି। ୟୁକ୍ରେନର ଲୋଟରିଂ ଡ୍ରୋନ୍ ଜାମିଙ୍ଗ କିମ୍ବା ସିଷ୍ଟମ୍ ହ୍ୟାକିଂ ଯୋଗୁ ଏଭଳି ହୋଇଥାଇପାରେ ବୋଲି ଆଶଙ୍କା କରାଯାଉଛି। ୨୦୧୮ରେ ଆମେରିକାର ପାଟ୍ରିଅଟ୍ କ୍ଷେପଣାସ୍ତ୍ର କ୍ଷେତ୍ରରେ ଏଭଳି ତ୍ରୁଟି ଦେଖାଦେଇଥିଲା। ୟେମେନ୍‌ର ହୌଥି ଗ୍ରୁପର କ୍ଷେପଣାସ୍ତ୍ରକୁ ପ୍ରତିହତ କରିବାକୁ ଛଡ଼ାଯାଇଥିବା ପାଟ୍ରିଅଟ୍ ଏୟାର ଡିଫେନ୍ସ ମିଶାଇଲ୍ ରିୟାଧର ଏକ ବିଲ୍ଡିଂକୁ ମାଡ଼ କରିଥିଲା।

#### ୟୁଟର୍ନ ଭିଡିଓ ଭାଇରାଲ

## ବେଲାରୁଷକୁ ଆଣବିକ ମିଶାଇଲ ଦେବେ ପୁଟିନ୍



ୟୁକ୍ରେନ ଆକ୍ରମଣକୁ ନିନ୍ଦା କରି ମସ୍କୋ ଉପରେ କଟକଣା ଲଗାଇଥିବା ପାଶ୍ଚାତ୍ୟ ଦେଶଗୁଡ଼ିକୁ କାଉଣ୍ଟର କରିବାକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରଣନୀତି ପ୍ରସ୍ତୁତ କରିଛନ୍ତି। ପଡୋଶୀ ବେଲାରୁଷକୁ ପୁଟିନ୍ ଆସନ୍ତା ମାସରେ ଆଣବିକ ଅସ୍ତ୍ର ପରିବହନ କରିପାରୁଥିବା କ୍ଷେପଣାସ୍ତ୍ର ଇସ୍‌କନ୍ଦର-ଏମ୍ ମିଶାଇଲ ସିଷ୍ଟମ୍ ପଠାଇବେ ବୋଲି ଶନିବାର କହିଛନ୍ତି। ଏ ନେଇ ସେଣ୍ଟ ପିଟର୍ସବର୍ଗରେ ପୁଟିନ୍ ଏବଂ ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାଶେଙ୍କୋଙ୍କ ମଧ୍ୟରେ ଏକ ବୈଠକ ବସିଥିଲା। ପଡୋଶୀ ଲିଥୁଆନିଆ ଏବଂ ପୋଲାଣ୍ଡର 'ଆକ୍ରମଣାତ୍ମକ' ଆଭିମୁଖ୍ୟକୁ ନେଇ ଲୁକାଶେଙ୍କୋ ପୁଟିନ୍‌ଙ୍କ ଆଗରେ ଚିନ୍ତା ବ୍ୟକ୍ତ କରିଥିଲେ। ବେଲାରୁଷ ସୀମାରେ ନାଟୋର ଆଣବିକ ଅସ୍ତ୍ର ମୁତୟନର ଜବାବ ଦେବାପାଇଁ ସେ ପୁଟିନ୍‌ଙ୍କ ସହାୟତା ମାଗିଥିଲେ। ତେଣୁ ପୁଟିନ୍ ବେଲାରୁଷକୁ ମୋବାଇଲ ଦ୍ୱାରା ନିୟନ୍ତ୍ରିତ ମିଶାଇଲ ସିଷ୍ଟମ୍ ଇଶକନ୍ଦର-ଏମ୍ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

#### ପାଶ୍ଚାତ୍ୟ ଦେଶକୁ କାଉଣ୍ଟର ଲକ୍ଷ୍ୟ

## ୨୭ ଦିନରୁ ଅଧିକ କାମ କରିବେନି ଶିଶୁ କଳାକାର

**ନୂଆଦିଲ୍ଲୀ, ୨୫।୬**

ମନୋରଞ୍ଜନ ଶିଳ୍ପରେ ଶିଶୁ କଳାକାରମାନଙ୍କ ସୁରକ୍ଷା ଲାଗି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ପକ୍ଷରୁ ଚିଠା ଗାଇଡ୍‌ଲାଇନ ଜାରି କରାଯାଇଛି। ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ କୌଣସି ନାବାଳକ କଳାକାରଙ୍କୁ କ୍ରମାଗତ ୨୭ ଦିନରୁ ଅଧିକ କାମରେ ଲଗାଯାଇପାରିବ ନାହିଁ। ସେମାନଙ୍କ ଆୟର ୨୦ ପ୍ରତିଶତ ଏକ ସ୍ଥାୟୀ ଜମା ଆକାଉଣ୍ଟରେ ଜମା କରିବାକୁ ହେବ। ସେହିପରି ପିଲାଙ୍କୁ ଶୁଟିଂରେ ସାମିଲ କରିବା ପୂର୍ବରୁ ପ୍ରଯୋଜକଙ୍କୁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କଠାରୁ ଅନୁମତି ନେବାକୁ ହେବ। ପିଲାଙ୍କୁ ଦିନରେ ଗୋଟିଏ ଶିଫ୍ଟ କାମରେ ଲଗାଯାଇପାରିବ ଏବଂ ପ୍ରତି ୩ ଘଣ୍ଟାରେ ବିରତି ଦେବାକୁ ହେବ। ସେମାନଙ୍କୁ ଗୋତି ଶ୍ରମିକ ଭଳି କାମରେ ଲଗାଇବାକୁ ଚୁକ୍ତିନାମା କରାଯାଇପାରିବ ନାହିଁ। ଶୁଟିଂରେ ଯୋଗଦେବା ଦ୍ୱାରା ପିଲାଙ୍କ ସ୍କୁଲ୍ ଶିକ୍ଷା ଯେପରି ପ୍ରଭାବିତ ନ ହୁଏ, ସେଥିପ୍ରତି ପ୍ରଯୋଜକଙ୍କୁ ଧ୍ୟାନଦେବାକୁ ହେବ। ଟେଲିଭିଜନ କାର୍ଯ୍ୟକ୍ରମ, ରିଅଲିଟି ଶୋ, ଟିଭି ସିରିଏଲ୍, ନ୍ୟୁଜ୍ ଓ ତଥ୍ୟପ୍ରଦାନକାରୀ ମିଡିଆ, ଚଳଚ୍ଚିତ୍ର ଓଟିଟି ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ ଶିଶୁ କଳାକାରମାନଙ୍କ ପାଇଁ ଉକ୍ତ ଚିଠା ଗାଇଡ୍‌ଲାଇନ ଲାଗୁ ହେବ। ଶିଶୁ କଳାକାରମାନଙ୍କୁ ଶାରୀରିକ ଓ ମାନସିକ ଚାପରୁ ମୁକ୍ତ କରାଇ ସେମାନଙ୍କ ପାଇଁ ସୁସ୍ଥ କାର୍ଯ୍ୟ ପରିବେଶ ନିଶ୍ଚିତ କରିବା ଉକ୍ତ ଗାଇଡ୍‌ଲାଇନର ଉଦ୍ଦେଶ୍ୟ।

#### ଏନ୍‌ସିପିସିଆର୍ ଗାଇଡ୍‌ଲାଇନ

#### ଶୁଟିଂ ପୂର୍ବରୁ ଜିଲାପାଳଙ୍କ ଅନୁମତି ଜରୁରୀ




#### ଆୟୁଷ କମାଉଛି ବାୟୁ ପ୍ରଦୂଷଣ

## କେନ୍ଦ୍ରକୁ ଏନ୍‌ଏଚ୍‌ଆର୍‌ସି ନୋଟିସ

**ନୂଆଦିଲ୍ଲୀ, ୨୫।୬**

ବାୟୁ ପ୍ରଦୂଷଣ ଯୋଗୁ ଭାରତୀୟଙ୍କ ଆୟୁଷ ୫ ବର୍ଷ କମୁଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ନୋଟିସ ଜାରି କରିଛନ୍ତି। ଦେଶର ବାୟୁ ପ୍ରଦୂଷଣ ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ସରକାରଙ୍କୁ କୁହାଯାଇଛି। ବାୟୁ ପ୍ରଦୂଷଣ ମାନବ ସ୍ୱାସ୍ଥ୍ୟ ପ୍ରତି ସବୁଠୁ ବଡ଼ ବିପଦ ବୋଲି ଗତ ୧୪ ତାରିଖରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ ଭାରତୀୟଙ୍କୁ ୫ ବର୍ଷ ଆୟୁଷ ହରାଇବାକୁ ପଡୁଥିବା ଏଥିରେ ଲେଖାଯାଇଥିଲା। ଏନ୍‌ଏଚ୍‌ଆର୍‌ସି ଗଣମାଧ୍ୟମ ରିପୋର୍ଟକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରି ଶୁକ୍ରବାର ସରକାରଙ୍କୁ ନୋଟିସ କରିଛନ୍ତି। ରିପୋର୍ଟ ସତ୍ୟ ହୋଇଥିଲେ ଜୀବନ ଅଧିକାରର ଏକ ଗୁରୁତର ପ୍ରସଙ୍ଗ ବୋଲି ଏନ୍‌ଏଚ୍‌ଆର୍‌ସି କହିଛନ୍ତି।

## ବନ୍ଧୁକ ନିୟନ୍ତ୍ରଣ ବିଲ୍‌କୁ ବାଇଡେନ୍‌ଙ୍କ ମୋହର

**ୱାଶିଂଟନ, ୨୫।୬**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶନିବାର ଐତିହାସିକ ବନ୍ଧୁକ ନିୟନ୍ତ୍ରଣ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହା ଆଇନରେ ପରିଣତ ହୋଇଛି। ବନ୍ଧୁକ ନିୟନ୍ତ୍ରଣ ଆଇନ ଲାଗୁ ହେଲେ ଲୋକଙ୍କ ଜୀବନ ସୁରକ୍ଷିତ ହୋଇପାରିବ ବୋଲି ସେ କହିଛନ୍ତି। ବାଇପାର୍ଟିସନ ଗନ୍ ଭାଓଲେନ୍ସ ବିଲ୍ ଶୁକ୍ରବାର ଆମେରିକା କଂଗ୍ରେସର ଅନୁମୋଦନ ଲାଭ କରିଥିଲା। ସିନେଟରେ ଏହା ୬୫-୩୩ ଭୋଟରେ ଗୃହୀତ ହେବା ପରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ୨୩୪-୧୯୩ରେ ପାସ୍ ହୋଇଥିଲା। ଗତ ମାସରେ ନ୍ୟୁୟର୍କର ବଫାଲୋ ଏବଂ ଟେକ୍ସାସର ଉଭାଲ୍‌ଡେରେ ଗଣଗୁଳିକାଣ୍ଡ ଘଟଣା ପରେ ବନ୍ଧୁକ ସଂସ୍କୃତି ବିରୋଧରେ ବିଭିନ୍ନ ସହରରେ ବିକ୍ଷୋଭ କରାଯାଇଥିଲା। ସିନେଟରେ ସମସ୍ତ ଡେମୋକ୍ରାଟଙ୍କ ସହ ୧୫ ରିପବ୍ଲିକାନ ସଦସ୍ୟ ବନ୍ଧୁକ ନିୟନ୍ତ୍ରଣ ବିଲ୍‌କୁ ସମର୍ଥନ ଜଣାଇଥିଲେ। ନୂଆ ଆଇନରେ କମ୍ ବୟସର ପିଲା ବନ୍ଧୁକ କିଣିବା ଉପରେ କଟକଣା ରହିବ। ଘରୋଇ ହିଂସାରେ ସମ୍ପୃକ୍ତ ଅପରାଧୀଙ୍କଠାରୁ ମାରଣାସ୍ତ୍ରକୁ ଦୂରେଇ ରଖାଯାଇପାରିବ। ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅସ୍ତ୍ରଶସ୍ତ୍ରକୁ କର୍ତ୍ତୃପକ୍ଷ ସହଜରେ ଜବତ କରିପାରିବେ। ଆଇନ କାର୍ଯ୍ୟକାରୀ କରିବା ଲାଗି ୧୩ ବିଲିୟନ ଡଲାର ବ୍ୟୟବ୍ୟବସ୍ଥା ହୋଇଛି, ଯାହାର ଅଧିକାଂଶ ଭାଗ ଗଣଗୁଳିକାଣ୍ଡରେ ପ୍ରଭାବିତ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟର ବିକାଶ ଓ ସ୍କୁଲ୍‌ଗୁଡ଼ିକୁ ସହାୟତା ଲାଗି ବ୍ୟୟ ହେବ।




# ୧୬ ବିଦ୍ରୋହୀ ବିଧାୟକଙ୍କୁ କଡ଼ା ନୋଟିସ

**ମୁମ୍ବାଇ, ୨୫।୬**

ଶିବସେନା ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ବିଧାୟକ ଦଳ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଚଳାଇଥିବା ବିଦ୍ରୋହ ଥମିବାର ନାଁ ନେଉନି। ଫଳରେ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଜାରି ରହିଛି। ବିଧାନସଭା ଉପବାଚସ୍ପତି ନରହରି ଜିର୍‌ୱାଲ ଶନିବାର ସିନ୍ଦେଙ୍କ ସମେତ ୧୬ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ନୋଟିସ ଜାରି କରିଛନ୍ତି। ସେମାନଙ୍କୁ ସୋମବାର ସୁଦ୍ଧା ନୋଟିସ୍‌ର ଜବାବ ଲିଖିତ ଭାବେ ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ ସିନ୍ଦେଙ୍କ ନେତୃତ୍ୱରେ ୧୪ ବିଦ୍ରୋହୀ ବିଧାୟକ ଉପବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ ପଠାଇଥିବା ବେଳେ ଏହା ଖାରଜ ହୋଇଯାଇଛି।

କଂଗ୍ରେସ ଏବଂ ଏନ୍‌ସିପି ସହ ଶିବସେନାର ମେଣ୍ଟକୁ ବିରୋଧ କରି ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କ ବିରୋଧରେ ସିନ୍ଦେ ବିଦ୍ରୋହ ଚଳାଇଛନ୍ତି। ତାଙ୍କ ପାଖରେ ଶିବସେନାର ୩୮ ବିଧାୟକ ଓ ୮ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଥିବା ସିନ୍ଦେ ଦାବି କରିଛନ୍ତି। ଅଯୋଗ୍ୟ ଘୋଷଣାରୁ ବର୍ତ୍ତିବାକୁ ହେଲେ ସିନ୍ଦେ କ୍ୟାମ୍ପରେ ସେନାର ୩୭ ବିଧାୟକଙ୍କ ଆବଶ୍ୟକତା ରହିଛି। ଠାକ୍‌ରେ ମହାବିକାଶ ଅଘାଡ଼ି ମେଣ୍ଟରୁ ଓହରି ଆସି ଭାଜପା ସହ ମେଣ୍ଟ କରିବା ଲାଗି ବିଦ୍ରୋହୀ ଗୋଷ୍ଠୀ ଦାବି କରିଛନ୍ତି। ତେବେ ଭାଜପା ସହ ସରକାର ଗଢ଼ିବେ ନାହିଁ ବୋଲି ଠାକ୍‌ରେ ସ୍ପଷ୍ଟ କରିଦେଇଛନ୍ତି।

ଶିବସେନା ବିଦ୍ରୋହୀ ଗୋଷ୍ଠୀର ନାଁ 'ଶିବସେନା ବାଲାସାହେବ' ବୋଲି ଗୁଆହାଟୀଠାରେ ସିନ୍ଦେଙ୍କ ଘନିଷ୍ଠ ବିଧାୟକ ଦୀପକ କେସରକର ଘୋଷଣା କରିଛନ୍ତି। ତେବେ ବିଧାନସଭା ବାଚସ୍ପତିଙ୍କଠାରୁ ଆଇନଗତ ସ୍ୱୀକୃତି ନ ପାଇବା ପର୍ଯ୍ୟନ୍ତ ଏଭଳି ଗ୍ରୁପ୍‌ର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି କଂଗ୍ରେସ ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ କହିଛନ୍ତି। ଅନ୍ୟପକ୍ଷରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ନାମ ବିଦ୍ରୋହୀ ଗୋଷ୍ଠୀ ବ୍ୟବହାର ନ କରିବାକୁ ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଶନିବାର ବସିଥିବା ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ବାଲାସାହେବ ଏବଂ ଦଳର ନାଁ ଅନ୍ୟ କୌଣସି ଗୋଷ୍ଠୀ ବ୍ୟବହାର ନ କରିବାକୁ ଶିବସେନା ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛି।

ବିଦ୍ରୋହୀ ନେତା ସିନ୍ଦେ ମୁଖ୍ୟମନ୍ତ୍ରୀ ଠାକ୍‌ରେ ଏବଂ ରାଜ୍ୟର ସମସ୍ତ ପୋଲିସ କମିଶନରଙ୍କୁ ପତ୍ର ଲେଖି ୩୮ ବିଧାୟକଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ବିଦ୍ରୋହୀ ବିଧାୟକଙ୍କୁ ଭୟଭୀତ କରିବା ଓ ସେମାନଙ୍କ ବିରୋଧରେ ହିଂସାକାଣ୍ଡ ଘଟାଇବା ପାଇଁ ମହାବିକାଶ ଅଘାଡ଼ି ନେତାମାନେ କ୍ୟାଡରଙ୍କୁ ଉସୁକାଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ବିଦ୍ରୋହୀ ବିଧାୟକ ମହାରାଷ୍ଟ୍ରରେ ବୁଲିପାରିବେ ନାହିଁ ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ ଧମକ ଦେଇଥିବା ସେ କହିଛନ୍ତି। ତେବେ କୌଣସି ବିଧାୟକଙ୍କ ସୁରକ୍ଷା ପ୍ରତ୍ୟାହାର ଲାଗି ମୁଖ୍ୟମନ୍ତ୍ରୀ କିମ୍ବା ଗୃହ ବିଭାଗ ନିର୍ଦ୍ଦେଶନାମା ଜାରି କରି ନ ଥିବା ମହାରାଷ୍ଟ୍ର ଗୃହମନ୍ତ୍ରୀ ଦିଲୀପ ୱାଲ୍‌ସେ ପାଟିଲ ଟୁଇଟ୍ କରିଛନ୍ତି।




ଏକନାଥ ସିନ୍ଦେଙ୍କ ସମର୍ଥକମାନେ ତାଙ୍କ ଠାଣେ ବାସଭବନ ବାହାରେ ସ୍ଲୋଗାନ ଦେଉଛନ୍ତି।

#### ମହାରାଷ୍ଟ୍ର ସଙ୍କଟ

- ନିଜ ଗୋଷ୍ଠୀକୁ 'ଶିବସେନା ବାଲାସାହେବ' ନାଁ ଦେଲେ ବିଦ୍ରୋହୀ
- ଦଳ ପ୍ରତିଷ୍ଠାତାଙ୍କ ନାମ ବ୍ୟବହାର ନ କରିବାକୁ ଶିବସେନା ବୈଠକରେ ପ୍ରସ୍ତାବ ଗୃହୀତ

### ସିନ୍ଦେଙ୍କ ପୁଅଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା

**ମୁମ୍ବାଇ, ୨୫।୬:** ମହାରାଷ୍ଟ୍ରର ଠାଣେ ଜିଲାରେ ଶିବସେନା ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ପୁଅ ତଥା ଲୋକ ସଭା ସଦସ୍ୟ ଶ୍ରୀକାନ୍ତ ସିନ୍ଦେଙ୍କ କାର୍ଯ୍ୟାଳୟ ବାହାରେ ଲାଗିଥିବା ବୋର୍ଡକୁ କେତେଜଣ ଭାଙ୍ଗିଦେଇଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶ୍ରୀକାନ୍ତଙ୍କ ଉଲାସନଗରସ୍ଥିତ କାର୍ଯ୍ୟାଳୟକୁ ଶିବ ସୈନିକମାନେ ଢେଲାମାଡ଼ କରିବା ସହ ଉଦ୍ଧବ ଠାକ୍‌ରେଙ୍କ ସପକ୍ଷରେ ସ୍ଲୋଗାନ ଦେଉଥିବା ଶୁଣାଯାଇଥିଲା। ଉତ୍ତେଜନା ପରେ ଠାଣେ ଜିଲାପାଳ ରାଜେଶ ନର୍ଭେକର ଜିଲାରେ ୧୪୪ ଧାରା ଜାରି କରିଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ ଏହି ନିଷେଧାଦେଶ ଲାଗୁ ହୋଇଛି। ଏହି ସମୟରେ ଶୋଭାଯାତ୍ରା, ପୋଷ୍ଟର ପ୍ଲାକାର୍ଡ ପ୍ରଦର୍ଶନ କରାଯାଇପାରିବ ନାହିଁ।

#### ଠାଣେରେ ୧୪୪ ଧାରା

DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୨୬/୨୦୨୨ | Bhubaneswar, Sunday, June 26/2022 | ପୃଷ୍ଠା-୧



**ସୁପର ଓମ୍ୟାନ୍‌ରେ ମୀରା**

ସମଲିଙ୍ଗୀ ସମ୍ପର୍କ ଉପରେ ଆଧାରିତ 'ସୁପର ଓମ୍ୟାନ୍' ଫିଲ୍ମରେ ବଲିଉଡ୍‌ର ବୋଲ୍ଡ ନାୟିକା ମୀରା ଚୋପ୍ରା ଅଭିନୟ କରିବେ।

୦୮

୧୨

**ହରମନପ୍ରୀତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ଅଧିନାୟକ ହରମନପ୍ରୀତ କୌରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଦ୍ୱିତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ହରାଇବା ସହ ସିରିଜ ବିଜୟୀ ହୋଇଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ପଞ୍ଜୀକୃତ ମାମଲା ଉପରେ ରିପୋର୍ଟ କରିପାରିବ ଗଣମାଧ୍ୟମ

**ବମ୍ବେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

**ମୁମ୍ବାଇ,୨୫।୬**

ଏତଲା ପଞ୍ଜୀକରଣ, ଅଭିଯୁକ୍ତଙ୍କ ଗିରଫ ଏବଂ କୋର୍ଟରେ ମାମଲା ରୁଜୁ ସଂକ୍ରାନ୍ତୀୟ ତଥ୍ୟ ପ୍ରକାଶ କରିବା ଗଣମାଧ୍ୟମର ଅଧିକାର। ଏଥିରୁ ଗଣମାଧ୍ୟମକୁ ବଞ୍ଚିତ କରାଯାଇପାରିବ ନାହିଁ କିମ୍ବା ଏସମ୍ପର୍କିତ ସତ୍ୟ ତଥ୍ୟ ପ୍ରକାଶନ ଉପରେ କୌଣସି ମାନହାନି ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବିଚାରପତି ବିନୟ ଜୋଷୀ ଏକ ଖବରକାଗଜ ସଂସ୍ଥାର ମାଲିକଙ୍କ ବିରୋଧରେ ହୋଇଥିବା ମାନହାନି ମାମଲାକୁ ଖାରଜ କରିବା ଅବସରରେ ଗଣମାଧ୍ୟମର ସ୍ୱାଧୀନତା ଏବଂ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି।

ଜଷ୍ଟିସ ଜୋଷୀ କହିଛନ୍ତି ଯେ, ପ୍ରତ୍ୟେକ ଖବରକାଗଜ ସଂସ୍ଥା ଦୈନିକ ଘଟୁଥିବା ଅପରାଧ, ଏହାର ପଞ୍ଜୀକରଣ, ଆପରାଧିକ ଘଟଣାର ତଦନ୍ତ, ଅଭିଯୁକ୍ତଙ୍କ ଗିରଫ ଏବଂ କୋର୍ଟରେ ହେଉଥିବା ମାମଲା ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରକାଶ କରିଥାନ୍ତି। ଏହା ମଧ୍ୟ ସାଧାରଣ ନାଗରିକଙ୍କ ଜାଣିବାର ଅଧିକାର ରହିଛି। ତେଣୁ ଗଣମାଧ୍ୟମକୁ ଏଥିରୁ ବିରତ କରାଯାଇପାରିବ ନାହିଁ। ମାମଲା ପଞ୍ଜୀକରଣ ସମ୍ପର୍କିତ ସତ୍ୟ ଖବର ପରିବେଷଣ ଉପରେ ଯଦି ମାନହାନି ମକଦ୍ଦମା ରୁଜୁ ହେବ ତେବେ ଏହା ତଦନ୍ତ ପ୍ରକ୍ରିୟାର ସବିଶେଷ ତଥ୍ୟ ସମ୍ପର୍କରେ ସାଧାରଣ ଲୋକେ ଜାଣିବାରୁ ବଞ୍ଚିତ ହେବେ। ଲୋକମାନଙ୍କୁ ଠିକ୍ ଏବଂ ସତ୍ୟ ଆଧାରିତ ତଥ୍ୟ ପ୍ରଦାନ କରିବା ଗଣମାଧ୍ୟମର ଦାୟିତ୍ୱ। ତେଣୁ ଏହା ବିରୋଧରେ ମାନହାନି ମାମଲା ରୁଜୁ ହେବା ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥୀ। ସାଧାରଣ ଲୋକ ଯାହା ଜାଣିବା କଥା ତାକୁ ଠିକ୍ ଭାବେ ଉପସ୍ଥାପନ କରିବା ଗଣମାଧ୍ୟମର ଅଧିକାର। ଏହା ଅଭିବ୍ୟକ୍ତି ସ୍ୱାଧୀନତାର ଏକ ଅଂଶ। ତେଣୁ ଏହାର କଣ୍ଠରୋଧ କରିବା ଉଦ୍ୟମ ଠିକ୍ ନୁହେଁ ବୋଲି ବିଚାରପତି ଜୋଷୀ ରାୟରେ ଉଲ୍ଲେଖ କରିଛନ୍ତି।




ଆମେରିକାରେ ମହିଳାମାନଙ୍କ ଗର୍ଭପାତ ଅଧିକାରକୁ ଶେଷକରି ସୁପ୍ରିମକୋର୍ଟ ରାୟ ଦେବାର ଦିନକ ପରେ ଶୁକ୍ରବାର ନ୍ୟୁୟର୍କରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ଏ ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏବେ ପରୀକ୍ଷା ଖାତାଦେଖା ସରିଛି। ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଚାଲିଛି। ନିର୍ଭୁଲ ଫଳ ପ୍ରକାଶ ପାଇଁ ଉଦ୍ୟମ ଜାରି ରହିଛି। କେବେ ପ୍ରକାଶ ପାଇବ ତାହା ନିଷ୍ପତ୍ତି ହୋଇନାହିଁ। ତେବେ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯିବ। କରୋନା ଯୋଗୁ ଗତ ଦୁଇବର୍ଷ ହେବ ମାଟ୍ରିକ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା। ତେବେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଅଫ୍‌ଲାଇନ୍‌ରେ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ ୨୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମେ' ୭ରେ ଶେଷ ହୋଇଥିଲା। ୩,୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୭୧ ହଜାର ୯୦୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମଧ୍ୟମା ଓ ଓପନ ସ୍କୁଲ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩,୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରିଚାଳନା ପାଇଁ ରାଜ୍ୟର ୩୫ ହଜାରରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହୋଇଥିଲେ। ମେ' ୨୧ରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହୋଇଥିଲା। ଖାତାଦେଖା ପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷକଙ୍କ ସହ ୯୦୦ ଜଣ ଉପପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜର ନିୟୋଜିତ ହୋଇଥିଲେ।

**ଆଜିର ସମ୍ପାଦକୀୟ**

**ଆମ ଅଧିକାର ଓ ନ୍ୟାୟିକ ବ୍ୟବସ୍ଥା**

# ଖାଦ୍ୟାଭାବ ଆଶଙ୍କା

**ଅସ୍ୱାଭାବିକ ମୌସୁମୀ ଦେଶର ଖାଦ୍ୟ ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଦିଗରେ 'ସ୍ୱାଭାବିକ ମୌସୁମୀ' ପ୍ରାକୃତିକ ଭାବେ ବଡ଼ ଭୂମିକା ନେଇଥାଏ। ସ୍ୱାଭାବିକ ବର୍ଷା ଫସଲ କରାଇ ଲୋକଙ୍କ ଖାଦ୍ୟ ଚାହିଦାକୁ ମେଣ୍ଟାଇଥାଏ। ଦରଦାମ ଓ ତଜ୍ଜନିତ ମୁଦ୍ରାସ୍ଫୀତି ବୃଦ୍ଧିକୁ ମଧ୍ୟ ଏହା ନିୟନ୍ତ୍ରଣରେ ରଖିଥାଏ। ମୁଦ୍ରାସ୍ଫୀତି ଉପରେ ଲଗାମ ଲଗାଇବା ପାଇଁ ଭାରତର ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦୁଇଥର ରେପୋ ରେଟ୍ ବୃଦ୍ଧି କଲାଣି। ଏହାଦ୍ୱାରା ଋଣଗ୍ରହୀତାଙ୍କ ଉପରେ ଅଧିକ ସୁଧ ବୋଝ ଲଦି ହୋଇଯାଇଛି। ଏବେ ଅସ୍ୱାଭାବିକ ମୌସୁମୀରୁ ଭଲ ଫସଲ ଉତ୍ପାଦନ ହେବା ଆଶା ମଉଳୁଛି। ଆଗକୁ ଖାଦ୍ୟ ସଙ୍କଟ ସୃଷ୍ଟି ହେବା ସହ ସରକାରୀ ଯୋଜନାରେ ମାଗଣା ଖାଦ୍ୟଶସ୍ୟ ବଣ୍ଟନ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି।**

## ଚିନ୍ତା ବଢ଼ାଇଛି ଅସ୍ୱାଭାବିକ ମୌସୁମୀ

- **୨୫ ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା**
- **ଧାନ ଫସଲରୁ ମୁହଁ ଫେରାଉଛନ୍ତି ଚାଷୀ**



**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ଜୁନ୍, ଜୁଲାଇରେ ଆବଶ୍ୟକ ବର୍ଷା ହେଉ ନ ଥିବାରୁ ଗତ କିଛି ବର୍ଷ ହେବ କୃଷି ଉତ୍ପାଦନ ପ୍ରଭାବିତ ହେଲାଣି। ଚଳିତ ବର୍ଷ ମୌସୁମୀ ବର୍ଷାର ଅନିୟମିତତା ମଧ୍ୟ କୃଷି କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିବା ଚିନ୍ତା ବଢ଼ିଗଲାଣି। ଚଳିତ ବର୍ଷ କେରଳକୁ ମେ' ୨୯ ରେ ଅର୍ଥାତ୍ ସ୍ୱାଭାବିକର ୩ ଦିନ ପୂର୍ବରୁ ମୌସୁମୀ ପ୍ରବେଶ କରିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଗଲା। ହେଲେ ପାଗ ଅନୁକୂଳ ନ ହେବାରୁ ମଧ୍ୟଭାରତ ଓ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ମୌସୁମୀ ପ୍ରବେଶ ବିଳମ୍ବ ହୋଇଛି। ଯଦିଓ କେତେକ ରାଜ୍ୟକୁ ଏହା ପ୍ରବେଶ କରିଛି, ତେବେ ଆରବ ସାଗରରୁ ଜଳୀୟ ବାଷ୍ପ ଆସୁ ନ ଥିବାରୁ ମୌସୁମୀ ବର୍ଷା ହେଉନାହିଁ।

ଦୁର୍ବଳ ମୌସୁମୀ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ରାଜ୍ୟରେ ଚାଷୀମାନେ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଆନ୍ତି। ବର୍ଷା ନ ଥିବାରୁ ଚାଷୀ ହାତବାନ୍ଧି ବସିଛନ୍ତି। ଚଳିତ ବର୍ଷ ଜୁନ୍ ୧୬ରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ବର୍ଷାର ନାଁ ଗନ୍ଧ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ଜୁନ୍ ୨୫ ମଧ୍ୟରେ ସ୍ୱାଭାବିକଠାରୁ ୩୭% କମ୍ ବର୍ଷା ହୋଇଛି। କେବଳ ଅନୁଗୋଳ, ଢେଙ୍କାନାଳ, ଯାଜପୁର, ନୟାଗଡ଼ ଏବଂ ନୂଆପଡ଼ା ଜିଲାକୁ ବାଦ୍‌ଦେଲେ ରାଜ୍ୟର ୨୫ ଜିଲାରେ ନିଅଣ୍ଟିଆ ପରିସ୍ଥିତି ରହିଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ୧ରୁ ଏ ପର୍ଯ୍ୟନ୍ତ ପୁରୀରେ ସ୍ୱାଭାବିକଠାରୁ ୮୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ୬୨%, ଭଦ୍ରକ ୬୧%, କେନ୍ଦ୍ରାପଡ଼ା ୬୬%, ନବରଙ୍ଗପୁର ୫୪%, ବୌଦ୍ଧ ୫୩%, ଗଜପତି ୫୫%, ଜଗତ୍‌ସିଂହପୁର ୪୫%, ଝାରସୁଗୁଡ଼ାରେ ୪୪% ବର୍ଷା ହୋଇଛି।

ବିଶେଷଜ୍ଞଙ୍କ ମତରେ ଯଦି ମୌସୁମୀ ବର୍ଷା ୧% କମ୍ ବେଶି ହେବ ତେବେ ତାହାର ପ୍ରଭାବ ଦେଶ ତଥା ରାଜ୍ୟର ଘରୋଇ ଅଭିବୃଦ୍ଧି (ଜିଏସ୍‌ଡିପି) ଉପରେ ୦.୩୪% ପଡ଼ିବ। ବିଦ୍ୟୁତ୍ ଶକ୍ତି ଉତ୍ପାଦନ ମଧ୍ୟ ୧୩% ହ୍ରାସ ପାଇବ। ଅନ୍ୟପକ୍ଷରେ ଭଲ ବର୍ଷା ହେଉ ନ ଥିବାରୁ ଚାଷୀ ଧାନ, ଗହମ ବଦଳରେ କମ୍ ବର୍ଷାରେ ଶୀଘ୍ର ଅମଳ ହେଉଥିବା ଅର୍ଥକରି ଫସଲ କରିବାକୁ ପସନ୍ଦ କଲେଣି। ଏଥିଯୋଗୁ ଖାଦ୍ୟ ସଙ୍କଟ ଆହୁରି ଭୟଙ୍କର ହେବ ବୋଲି କୃଷି ବିଶେଷଜ୍ଞ ଆଶଙ୍କା କଲେଣି।

ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି ଯେ ଚଳିତ ବର୍ଷ ଆରବ ସାଗର କିମ୍ବା ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ସ୍ଥଳଭାଗକୁ ପ୍ରବେଶ କରୁନାହିଁ। ଏଥିସହିତ ଉତ୍ତର-ପୂର୍ବ ଭାରତରେ ଗରମ ବଢ଼ିଲେ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥାଏ। ଚଳିତବର୍ଷ ଏଥିରେ ବ୍ୟତିକ୍ରମ ରହିଛି। ☞ପୃଷ୍ଠା-୧୧

# ସାମାଜିକ କର୍ମୀ ତୀସ୍ତା ସିତଲୱାଡ୍ ଗିରଫ

- **ଗୁଜରାଟ ଦଙ୍ଗା ସମ୍ପର୍କରେ ଭୁଲ୍ ସୂଚନା ପ୍ରଦାନ ଅଭିଯୋଗ**



ତୀସ୍ତା ସିତଲୱାଡ୍

**ମୁମ୍ବାଇ, ୨୫।୬**

୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍ ଚିଟ୍ ଦେବାର ଦିନକ ପରେ ସାମାଜିକ କର୍ମୀ ତୀସ୍ତା ସିତଲୱାଡ୍‌ଙ୍କୁ ଶନିବାର ଗିରଫ କରାଯାଇଛି। ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ତାଙ୍କୁ ମୁମ୍ବାଇସ୍ଥିତ ବାସଭବନରୁ ଅହମଦାବାଦ ନେଇଛି। ସେହିପରି ଆଉ ଦୁଇ ପୂର୍ବତନ ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟ ଏବଂ ଆର. ବି. ଶ୍ରୀକୁମାରଙ୍କୁ ମଧ୍ୟ ଏଟିଏସ୍ ଗିରଫ କରିଛି। ଇନ୍ସପେକ୍ଟର ଡି. ବି. ବରାଦଙ୍କ ଅଭିଯୋଗକ୍ରମେ ଶ୍ରୀକୁମାରଙ୍କ ନାଁରେ ମାମଲା ହୋଇଥିଲା। ସେହିପରି ଅନ୍ୟ ଏକ ମାମଲାରେ ଜେଲରେ ଥିବା ସଞ୍ଜୀବ ଭଟ୍ଟଙ୍କ ନାଁରେ ଷଡ଼ଯନ୍ତ୍ର ଅଭିଯୋଗ ରହିଥିଲା।

ଦଙ୍ଗାରେ ନିହତ କଂଗ୍ରେସ ନେତା ଏହସାନ ଜାଫ୍ରିଙ୍କ ସ୍ତ୍ରୀ ଜାକିଆ ଜାଫ୍ରି ମୋଦିଙ୍କୁ ପୂର୍ବରୁ ଏଟିଏସ୍ ଦେଇଥିବା କ୍ଲିନଚିଟ୍ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଜାକିଆଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହି ପିଟିଶନ ଜରିଆରେ ତୀସ୍ତା, ସଞ୍ଜୀବ ଭଟ୍ଟ ଏବଂ ଶ୍ରୀକୁମାର ଜାଲ୍ ଦସ୍ତାବିଜ୍ ଏବଂ ଭୁଲ୍ ସୂଚନା ଦେଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଅହମଦାବାଦ ପୋଲିସ୍‌ର ଡିଟେକ୍ସନ୍ ଅଫ୍ କ୍ରାଇମ୍ (ଡିସିବି) ସୂଚନା ଆଧାରରେ ଗୁଜରାଟ ଏଟିଏସ୍ ଟିମ୍ ଅପରାହ୍ଣରେ ତିସ୍ତାଙ୍କ ମୁମ୍ବାଇସ୍ଥିତ ବାସଭବନରେ ପହଞ୍ଚିଥିଲା। ଗିରଫ ପରେ ତାଙ୍କୁ ସାଣ୍ଟାକ୍ରୁଜ୍ ଥାନାକୁ ନିଆଯାଇଥିଲା। ସେଠାରୁ ତୀସ୍ତାଙ୍କୁ ଅହମଦାବାଦ କ୍ରାଇମ ବ୍ରାଞ୍ଚ ଅଫିସ୍‌କୁ ନିଆଯାଇଛି। ପୂର୍ବତନ ଡିଜିପି ଶ୍ରୀକୁମାରଙ୍କୁ ଗାନ୍ଧୀନଗରସ୍ଥିତ ତାଙ୍କ ବାସଭବନରୁ ଗିରଫ ☞ପୃଷ୍ଠା-୧୧

# ଦ୍ରୌପଦୀ ରାଷ୍ଟ୍ରପତି ହେଲେ ପାଣ୍ଡବ, କୌରବ କିଏ

**ଫିଲ୍ମ ପ୍ରଯୋଜକ ରାମ ଗୋପାଳ ବର୍ମାଙ୍କ ନାଁରେ ମାମଲା**

**ହାଇଦ୍ରାବାଦ, ୨୫।୬**

ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ଫସିଛନ୍ତି। ତେଲଙ୍ଗାନା ଭାଜପା ନେତା ଜି. ନାରାୟଣ ରେଡ୍ଡୀ ତାଙ୍କ ନାଁରେ ଆବିଦ୍‌ସ ଥାନାରେ ଅଭିଯୋଗ କରିଛନ୍ତି। ବର୍ମା ଏକ ଟୁଇଟ୍‌ରେ ଲେଖିଥିଲେ, 'ଯଦି ଦ୍ରୌପଦୀ ରାଷ୍ଟ୍ରପତି ତେବେ ପାଣ୍ଡବ କିଏ ? ଏବଂ ଆହୁରି ଗୁରୁତ୍ୱପୂର୍ଣ୍ଣ, କୌରବ କିଏ ?'। ଏହାକୁ ନେଇ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରାଯାଇଛି। ବର୍ମାଙ୍କ ଏଭଳି ମନ୍ତବ୍ୟ ଆପତ୍ତିଜନକ। ଜଣେ ବରିଷ୍ଠ ଆଦିବାସୀ ମହିଳା ନେତ୍ରୀଙ୍କୁ ବର୍ମା ଅପମାନିତ କରିଛନ୍ତି ବୋଲି ଭାଜପା ନେତା ନାରାୟଣ ରେଡ୍ଡୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗୋଶମହଲ ଭାଜପା ବିଧାୟକ ଟି. ରାଜା ସିଂ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କ ଉପରେ ଏଭଳି ପୋଷ୍ଟକୁ ନେଇ ବର୍ମାଙ୍କୁ ☞ପୃଷ୍ଠା-୧୧



ରାମ ଗୋପାଳ ବର୍ମା

# ପ୍ରହସନ ପାଲଟିଛି ପଲିଥିନ କଟକଣା

- **୩ ବର୍ଷ ପରେ ବି କୁଢ଼ କୁଢ଼ ପଲିଥିନ**
- **ଜୁଲାଇ ୧ରୁ ପୁଣି ନିଷେଧ**
- **ଉଲ୍ଲଂଘନ କଲେ ୫୦୦ରୁ ୫ ହଜାର ଜରିମାନା**



**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ଆସନ୍ତା ଜୁଲାଇ ୧ରୁ ସମଗ୍ର ଦେଶରେ ଥରେ ବ୍ୟବହୃତ (ସିଙ୍ଗଲ୍ ୟୁଜ୍) ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାରକୁ ନିଷେଧ କରାଯିବ। ରାଜ୍ୟରେ ଏହାକୁ ଲାଗୁ କରିବା ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ପରିବେଶକୁ କ୍ଷତି ପହଞ୍ଚାଉଥିବା ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ ଇତ୍ୟାଦି ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ, ପ୍ଲାଷ୍ଟିକ ପତାକା, ଛୁରି, ଷ୍ଟ୍ର, ନିମନ୍ତ୍ରଣ ପତ୍ର, ୧୦୦ ମାଇକ୍ରନରୁ କମ୍ ମୋଟେଇ ପିଭିସି ବ୍ୟାନର, ମିଠା ପ୍ୟାକେଟ ଆଦି ସାମଗ୍ରୀକୁ ନିଷେଧ କରାଯିବ। ସେହିପରି ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦିରେ ମଧ୍ୟ ସେଭଳି ସାମଗ୍ରୀ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ଏ ନେଇ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହି ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ ବଦଳରେ ପରିବେଶକୁ ଖାପ ଖୁଆଇବା ଏବଂ ନଷ୍ଟ ହୋଇପାରୁଥିବା ସାମଗ୍ରୀ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ସିପିସିବି ପକ୍ଷରୁ ଅନୁରୋଧ କରାଯାଇଛି। ନିଷେଧ ହୋଇଥିବା ସାମଗ୍ରୀକୁ ବ୍ୟବହାର କଲେ ୫୦୦ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଘରେ କିମ୍ବା ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିଲେ ୫୦୦ ଟଙ୍କା ଜରିମାନା ଦେବାକୁ ହେବ । ସେହିପରି ଯଦି କୌଣସି ସଂସ୍ଥାରୁ ନିଷେଧ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମିଳିବ ସମ୍ପୃକ୍ତ ସଂସ୍ଥାକୁ ୫ ହଜାର ଟଙ୍କା ଜରିମାନା ଦେବାକୁ ହେବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଏହି ଜରିମାନା ଧାର୍ଯ୍ୟ କରାଯିବ। ସ୍ଥାନୀୟ ପୌର ସଂସ୍ଥା କିମ୍ବା ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଜରିଆରେ ଏଭଳି ଜରିମାନା ଆଦାୟ କରାଯିବ। ସମଗ୍ର ରାଜ୍ୟରେ ଜୁଲାଇ ପହିଲାରୁ ଏହି କଟକଣା ଜାରି କରାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟର ସମସ୍ତ ସହରକୁ ପଲିଥିନ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୨୦୧୮ ଅକ୍ଟୋବର ୨ରୁ ୫ ମହାନଗର ନିଗମ(ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର)ରେ ପଲିଥିନ ଉପରେ କଟକଣା ଜାରି କରିଥିଲେ। ୨୦୧୯ ଅକ୍ଟୋବର ୨ରୁ ସମସ୍ତ ସହରାଞ୍ଚଳରେ ଏହାକୁ ନିଷେଧ କରାଯାଇଛି। କଟକଣା ଜାରି ହେବା ପରେ କୁହାଯାଇଥିଲା ଯେକୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହା ଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ☞ପୃଷ୍ଠା-୧୧

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୮୪,୭୨,୩୭୯ | ୬୩,୪୯,୮୨୯ | ୫୨,୩୩,୬୨,୪୮୭ |
| ଭାରତ | ୪,୩୩,୮୧,୦୬୪ | ୫,୨୪,୯୭୪ | ୪,୨୭,୬୧,୪୮୧ |
| ଓଡ଼ିଶା | ୧୨,୮୯,୧୯୧ | ୯୧୨୬(+୫୩) | ୧୨,୭୯,୬୪୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପିଲାଙ୍କୁ ଆସୁନି ୩ କ ପଣିକିଆ

## ପ୍ରଧାନଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କଲେ ମନ୍ତ୍ରୀ

■ ପରିଦର୍ଶନ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ମନ୍ତ୍ରୀ, ବିଧାୟକ

■ ହେଲ୍‌ମେଟ ନ ପିନ୍ଧିବାରୁ ଗାଡ଼ି ମାଲିକ ଗଣିଲେ ହଜାରେ ଟଙ୍କା ଜରିମାନା

**ବାଲେଶ୍ୱର ଅଫିସ, ୨୫।୬**

ସରକାରୀ ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ଉତ୍ତମ ଶୈକ୍ଷିକ ବାତାବରଣ ଏବଂ ଶିକ୍ଷା ପ୍ରଦାନ ପାଇଁ ସ୍କୁଲକୁ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ହେଲେ କେତେକ ସ୍ଥାନରେ ଉତ୍ତମ ବ୍ୟବସ୍ଥା ଉପଲବ୍ଧ ଥାଇ ସୁଦ୍ଧା ପିଲାମାନଙ୍କ ଶିକ୍ଷାରେ ସେପରି ଉନ୍ନତି ପରିଲକ୍ଷିତ ହେଉ ନ ଥିବା ବାଲେଶ୍ୱର ଗସ୍ତରେ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା ଜାଣିବାକୁ ପାଇଛନ୍ତି। ମନ୍ତ୍ରୀ ଦାଶ ଶନିବାର ସହରର ମଠସାହି ମହାବୀର ନୋଡାଲ ବିଦ୍ୟାଳୟ ଗସ୍ତ କରିଥିଲେ। ଏଠାରେ ୩ୟ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ୩କ ପଣିକିଆ ଆସୁ ନ ଥିବା ଜାଣି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ ମନ୍ତ୍ରୀ କ୍ଷୁବ୍ଧ ହୋଇଛନ୍ତି। ଏଥିସହ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବା ସହ କାରଣଦର୍ଶାଅ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ସଦର ବିଧାୟକ ସ୍ୱରୂପ ଦାସ ମନ୍ତ୍ରୀ ଦାଶଙ୍କୁ ବାଇକ୍‌ରେ ବସାଇ ଏକାଧିକ ସ୍କୁଲ୍ ପରିଦର୍ଶନ କରୁଥିବା ସମୟରେ ହେଲ୍‌ମେଟ ପିନ୍ଧି ନ ଥିବାରୁ ଗାଡ଼ି ମାଲିକଙ୍କୁ ଜରିମାନା ଗଣିବାକୁ ପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ୬-ଟି ଅନ୍ତର୍ଗତ 'ଟୁର୍' କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାଶ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ପିଲାମାନଙ୍କ ପାଠପଢ଼ା ଏବଂ ବିଦ୍ୟାଳୟ ସମ୍ପର୍କରେ ବୁଝିଛନ୍ତି। ଶନିବାର ପୂର୍ବାହ୍ନ ୯ଟା ବେଳେ ମନ୍ତ୍ରୀ ମହାବୀର ନୋଡାଲ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ମନ୍ତ୍ରୀ ତୃତୀୟ ଶ୍ରେଣୀ କକ୍ଷରେ ପ୍ରବେଶ କରି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ଜଣେ ଛାତ୍ରଙ୍କୁ ସେ ୩କ ପଣିକିଆ ଡାକିବାକୁ କହିଥିଲେ। ମାତ୍ର ଛାତ୍ର ଜଣକ ୨ଧାଡ଼ି ଡାକି ଅଟକିଯାଇଥିଲା। ଏହାକୁ ନେଇ ମନ୍ତ୍ରୀ ପ୍ରଧାନଶିକ୍ଷୟିତ୍ରୀ ବନଲତା ଦାସଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଜଣେ ତୃତୀୟ ଶ୍ରେଣୀର ଛାତ୍ର ୩କ ପଣିକିଆ କହି ନ ପାରିବା ଦୁଃଖର ବିଷୟ ବୋଲି କହି ମନ୍ତ୍ରୀ ତାଗିଦ୍ କରିଥିଲେ। ପରେ ଜିଲାଶିକ୍ଷାଧିକାରୀଙ୍କୁ ଉକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ୍ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଅଫିସ୍ ବନ୍ଦ ଥିବାରୁ ଆସନ୍ତା ସୋମବାର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ବିଧାୟକ ସ୍ୱରୂପ ଦାସ ଷ୍ଟେଶନ ଛକରୁ ମନ୍ତ୍ରୀଙ୍କୁ ବାଇକ୍‌ରେ ବସାଇ ସ୍କୁଲ ପରିଦର୍ଶନ କରୁଥିବାବେଳେ ଉଭୟଙ୍କ ମୁଣ୍ଡରେ ହେଲମେଟ୍ ନ ଥିବାରୁ ଟ୍ରାଫିକ୍ ପୋଲିସ ତାଙ୍କ ଗାଡ଼ି ନମ୍ବରର ଫଟୋ ଉଠାଇଥିଲେ। ପରେ ଏହାକୁ ବିଭାଗୀୟ ପୋର୍ଟାଲରେ ଅପ୍‌ଲୋଡ୍ କରିଥିଲେ। ବିଭାଗ ତରଫରୁ ସେମାନଙ୍କ ଉପରେ ୧ହଜାର ଟଙ୍କା ଜରିମାନା ହୋଇଥିଲା। ଟ୍ରାଫିକ୍ ଥାନାରେ ପହଞ୍ଚି ବାଇକ୍ ମାଲିକ ପଙ୍କଜ ଅଗ୍ରୱାଲ ୧ହଜାର ଟଙ୍କା ଜରିମାନା ଦେଇଥିବା ଜଣାପଡ଼ିଛି। ଜଣେ ମନ୍ତ୍ରୀ ଏବଂ ଜଣେ ବିଧାୟକ ହୋଇ ହେଲ୍‌ମେଟ ନ ପିନ୍ଧି ବାଇକ୍‌ରେ ବୁଲିବା ଘଟଣାକୁ ସାଧାରଣରେ ବିଭିନ୍ନ ଆଲୋଚନା ହେଉଛି।


ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଓ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିନା ହେଲ୍‌ମେଟ୍‌ରେ ବାଇକ୍‌ରେ ଯାଉଛନ୍ତି।

# ଘର ତଳୁ ୧୨ ପିତଳ ମୂର୍ତ୍ତି ଉଦ୍ଧାର



**କଟକ ସଦର, ୨୫।୬(ଡି.ଏନ୍.ଏ.)**

### ଯାଞ୍ଚ କଲା ଏଏସ୍ଆଇ

କଟକ-ପାରାଦୀପ ରାସ୍ତାପାର୍ଶ୍ୱ ନାହାଭଙ୍ଗା ଗ୍ରାମର ଶମ୍ଭୁନାଥ ବେହେରାଙ୍କ ଘର ଚଟାଣ ତଳୁ ଶୁକ୍ରବାର ୧୨ଟି ପିତଳ ମୂର୍ତ୍ତି ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦୁର୍ଗା, ଗରୁଡ଼ ମୂର୍ତ୍ତି ଓ ଶାଳଗ୍ରାମ ରହିଛି। ପରେ ମୂର୍ତ୍ତିଗୁଡିକ ଶମ୍ଭୁନାଥଙ୍କ ଠାକୁରଘରେ ପୂଜା କରାଯାଉଛି। ଏ ସମ୍ପର୍କରେ ଶମ୍ଭୁନାଥ କହିଛନ୍ତି, ଗୁରୁବାର ରାତିରେ ଶୋଇଥିବାବେଳେ ଘରର ମାଟିତଳେ ଦେବୀଦେବତାଙ୍କ ମୂର୍ତ୍ତି ରହିଥିବା ସ୍ୱପ୍ନାଦେଶ ହୋଇଥିଲା। ଉଠିବାବେଳକୁ ଚଟାଣ ଫାଟି ଯାଇଥିଲା। ଶୁକ୍ରବାର ସକାଳେ ଏହି ସ୍ଥାନରେ ପ୍ରାୟ ୯ ଫୁଟ ଖୋଳାଯିବାରୁ ମୂର୍ତ୍ତିଗୁଡିକ ବାହାରିଥିଲା। ଖବରପାଇ ଭୁବନେଶ୍ୱରରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ସହକାରୀ ଅଧୀକ୍ଷକ ପ୍ରତାପ କୁମାର ନାୟକ ଓ ଭାଗୀରଥି ଗଡ଼ତିଆଙ୍କ ସମେତ ୨ କର୍ମଚାରୀ ଶନିବାର ଶମ୍ଭୁନାଥଙ୍କ ଘରେ ପହଞ୍ଚି ମୂର୍ତ୍ତିଗୁଡିକ ଯାଞ୍ଚ କରିବା ସହ ଓଜନ ଓ ଉଚ୍ଚତା ମାପିଥିଲେ। ପରେ ସେଗୁଡିକୁ ସରକାରଙ୍କୁ ବିକ୍ରି କରିଦେବା ପାଇଁ ଶମ୍ଭୁନାଥଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ଏଥିରେ ସେ ଅରାଜି ହେବା ସହ ସରକାରୀ ସହାୟତାରେ ଗ୍ରାମରେ ଏକ ମନ୍ଦିର କରାଇ ଠାକୁରଙ୍କ ପୂଜା ପାଇଁ ବ୍ୟବସ୍ଥା କରିବାକୁ ଟିମ୍ ସଦସ୍ୟଙ୍କୁ କହିଥିଲେ। ମୂର୍ତ୍ତି ଉଦ୍ଧାର ସମୟରେ କନ୍ଦରପୁର ଥାନା ଅଧିକାରୀ ବିପିନ ବିହାରୀ ହୋତା ଉପସ୍ଥିତ ଥିଲେ।

# ଟପ୍-୭ରେ ସମ୍ବଲପୁରର ପ୍ରତୀକ

### ରିୟଲିଟି ଶୋ' ଡ୍ୟାନ୍ସ ଦିୱାନେ ଜୁନିୟର

**ସମ୍ବଲପୁର, ୨୫।୬ (ବ୍ୟୁରୋ)**

ଟିଭି ରିୟଲିଟି ଶୋ' ଡ୍ୟାନ୍ସ ଦିୱାନେ ଜୁନିୟରରେ ସମ୍ବଲପୁର ପୁଅ ପ୍ରତୀକ ନାୟକ ଟପ-୭ରେ ପହଞ୍ଚିଛନ୍ତି। ସେ ନିଜର ନୃତ୍ୟ ମାଧ୍ୟମରେ ବିଚାରକଙ୍କ ହୃଦୟ ଜିତିପାରିଛନ୍ତି। ଟପ-୭ରେ ପହଞ୍ଚି ପ୍ରତୀକ ଓଡ଼ିଶାବାସୀଙ୍କୁ ବିଜୟ ମୁକୁଟ ଦେବା ଆଶା ଉଜ୍ଜୀବିତ କରିଛନ୍ତି। ତେଣୁ ସେ ନିଜ ସପକ୍ଷରେ ଭୋଟ ଅପିଲ କରିଛନ୍ତି। ସମ୍ବଲପୁର କମିଶନର କଲୋନୀ ବାସିନ୍ଦା ବିଜୟ କୁମାର ନାୟକ ଓ ସସ୍ମିତା ନାୟକଙ୍କ ଏକମାତ୍ର ପୁଅ ପ୍ରତୀକ ସେଭେନହିଲ୍ସ ସ୍କୁଲର ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ପାଠପଢ଼ା ସହ ନୃତ୍ୟକୁ ମଧ୍ୟ ସେ ଭଲ ପାଆନ୍ତି। ଏହି ରିୟଲିଟି ଶୋ' ସକାଶେ ସେ ପ୍ରାୟ ତିନିମାସ ହେବ ମୁମ୍ବାଇରେ ରହୁଛନ୍ତି। ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଫିସରେ କାର୍ଯ୍ୟରତ ବାପା ବିଜୟ କହିଛନ୍ତି, ନୃତ୍ୟରେ ପ୍ରତୀକ ଅଡିସନ ରାଉଣ୍ଡରୁ ବିଚାରକଙ୍କ ମନ ଜିଣୁଛି। ବର୍ତ୍ତମାନ ଟପ-୭ରେ ପହଞ୍ଚିଛି। ତେଣୁ ବହୁତ ଖୁସି ଲାଗୁଛି।



# ଘଟଣାସ୍ଥଳରେ କେନ୍ଦ୍ରୀୟ ଟିମ୍‌ର ତଦନ୍ତ

■ ବନ ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ଉଦ୍‌ବେଗ

■ ବଡ଼ ଅଧିକାରୀ ସମ୍ପୃକ୍ତ ଥିଲେ ଛଡ଼ାଯିବ ନାହିଁ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡ ବଡ଼ମ୍ବା ରେଞ୍ଜରୁ ମାଟିତଳୁ ମିଳିଥିବା ୩ ହାତୀ କଙ୍କାଳ ଘଟଣାର ତଦନ୍ତ ପାଇଁ ଓଡ଼ିଶା ଆସିଛି ୱାଇଲ୍ଡଲାଇଫ୍ କ୍ରାଇମ୍ ସେଣ୍ଟ୍ରାଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଟିମ୍। ଏଥିରେ ଡବ୍ଲ୍ୟୁସିସିବିର ଇନ୍ସପେକ୍ଟର କୌଶିକ ମଣ୍ଡଳ ଓ କନ୍‌ଷ୍ଟେବଲ ରାଜୀବ ଦୀକ୍ଷିତ ଶନିବାର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏଥିସହିତ ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ବୁଝିଛନ୍ତି। ଦୁଇଦିନ ଧରି ତଦନ୍ତ ପରେ ସେମାନେ ସୋମବାର ଫେରିଯିବେ। ତେବେ ଏ ସମ୍ପର୍କରେ କୌଶିକ କହିଛନ୍ତି, ଆମେ ସବୁ ଦିଗକୁ ନେଇ ତଦନ୍ତ କରୁଛୁ। ଶିକାରୀମାନେ ଏହି କାମ କରିବା ଅଲଗା କଥା, କିନ୍ତୁ ଏଠାରେ ବନ ଅଧିକାରୀମାନେ ହାତୀ ମୃତ୍ୟୁକୁ ଲୁଚାଇବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏହି ଘଟଣାରେ ଯେତେ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଲେ ମଧ କାହାକୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି।

ଗତ ୨ ଓ ୩ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ବଡ଼ମ୍ବା ରେଞ୍ଜ୍‌ର ଭିନ୍ନ ଦୁଇଟି ସ୍ଥାନକୁ ଜେସିବି ଦ୍ୱାରା ଖୋଳି ମାଟିତଳୁ ଦୁଇଟି ହାତୀ କଙ୍କାଳ ଉଦ୍ଧାର କରିଥିଲା। ଏହାପୂର୍ବରୁ ଆଠଗଡ଼ ବନଖଣ୍ଡରେ ହାତୀ ଶିକାର ଓ ହାତୀ ମୃତ୍ୟୁକୁ ନେଇ ବିବାଦ ଦେଖାଦେଇଥିଲା। ଏପରି କି ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଏକ ହାତୀ ମୃତ୍ୟୁକୁ ଲୁଚାଇବାକୁ ଯାଇ ପୋତି ଦେଇଥିଲେ।

### ହାତୀ କଙ୍କାଳ ଜବତ ଘଟଣା



ଏବେ ଦୁଇ ହାତୀ କଙ୍କାଳ ମିଳିବା ପରେ ଏହି ବନଖଣ୍ଡରେ ହାତୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଦୁଇ ଘଟଣାର ତଦନ୍ତବେଳେ ବନ ବିଭାଗ ଆଉଏକ ସ୍ଥାନରେ ପୋତାଯାଇଥିବା ଏକ ହାତୀ କଙ୍କାଳ ଜବତ କରିଥିଲା। ଏହାକୁ ନେଇ ସବୁଠି ଚର୍ଚ୍ଚା ଆରମ୍ଭ ହେବା ସହ ବନ ବିଭାଗ ବିବାଦ ଘେରକୁ ଚାଲି ଆସିଥିଲା। ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତଦନ୍ତ ଦାବି କରିଥିଲେ। ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ଗଠନ କରାଯାଇଥିଲା। ଉକ୍ତ ଟିମ୍ ତଦନ୍ତ ଚଳାଇଛି। ମାସକ ଭିତରେ ରିପୋର୍ଟ ଦେବା ପାଇଁ ଏସ୍ଆଇଟିକୁ ନିର୍ଦ୍ଦେଶ ଦିଆଯାଇଛି। ସିସିଏଫ୍ ମନୋଜ ନାୟରଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ବନ ବିଭାଗର ଦୁଇଜଣ କର୍ମଚାରୀ ଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଜଣେ ଡିଏସ୍‌ପି ର୍‍ୟାଙ୍କର ଅଧିକାରୀ ରହିଛନ୍ତି। ତେବେ ତଦନ୍ତରେ ସ୍ୱଚ୍ଛତା ଆଣିବା ପାଇଁ ଏଥିରେ ଜଣେ ନିରପେକ୍ଷ ବିଶେଷଜ୍ଞଙ୍କୁ ସାମିଲ କରିବା ପାଇଁ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା କେନ୍ଦ୍ରୀୟ ବନ୍ୟପ୍ରାଣୀ ବୋର୍ଡର ସଦସ୍ୟ ବିଶ୍ୱଜିତ ମହାନ୍ତି ଦାବି କରିଥିଲେ। ଏ ନେଇ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗତ ୧୭ ତାରିଖରେ ବନ୍ୟପ୍ରାଣୀ ପିସିସିଏଫ୍ ଏବଂ ପ୍ରୋଜେକ୍ଟ ଏଲିଫ୍ୟାଣ୍ଟର ମୁଖ୍ୟଙ୍କୁ ଚିଠି ଲେଖି ଜଣେ ନିରପେକ୍ଷ ବେସରକାରୀ ବ୍ୟକ୍ତିଙ୍କୁ ଏସ୍ଆଇଟିରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ସେଭଳି କୌଣସି ପଦକ୍ଷେପ ନିଆଯାଇ ନାହିଁ। ସୋମବାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଘଟଣାସ୍ଥଳକୁ ଯିବ ବୋଲି ଜଣାପଡ଼ିଛି। ତେବେ ଏଥିରେ ବନ ବିଭାଗର କର୍ମଚାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଗଲେ କୌଣସି ସୁଫଳ ମିଳିବ ନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

# ସଂରକ୍ଷିତ ଜଙ୍ଗଲରୁ ମିଳିଲା ହାତୀ ମୃତଦେହ

**କେନ୍ଦୁଝର, ୨୫।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ୍ କାଳିଆହତା ସେକ୍ସନର ରେକୁଟି ବିଟ୍ ଅଧୀନ କଳାପାଟ ସଂରକ୍ଷିତ ଜଙ୍ଗଲ ଟୋଲକପଦାରେ ଶନିବାର ଏକ ମାଈ ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ହାତୀଟିର ବୟସ ପ୍ରାୟ ୩୫ ବର୍ଷ ହେବ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେନ୍ଦୁଝର ଡିଏଫ୍ଓ ଧନରାଜ ଏଚ୍.ଡି. ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ ଚଳାଇଛନ୍ତି।

ପ୍ରକାଶ ଯେ, ଶନିବାର ମଧ୍ୟାହ୍ନରେ ଛତୁ ଗୋଟାଇବାକୁ ଯାଇଥିବା ସ୍ଥାନୀୟ ଗ୍ରାମବାସୀ ହାତୀ ମୃତଦେହ ଦେଖି ବନ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ଉକ୍ତ ଅଞ୍ଚଳରେ ୫ ଟିକିଆ ଏକ ହାତୀପଲ କିଛିଦିନ ହେବ ବୁଲୁଥିଲେ। ଏଣୁ ମୃତ ହାତୀ ଉକ୍ତ ଦଳର କି ନୁହେଁ, କେବେ ଓ କେଉଁ କାରଣରୁ ମରିଛି ତାହା ତଦନ୍ତ କଲେ ଜଣାପଡ଼ିବ ବୋଲି ଡିଏଫ୍ଓ ଧନରାଜ କହିଛନ୍ତି। ମୃତ ହାତୀ ନିକଟରେ ଅନ୍ୟ ହାତୀମାନେ ଜଗି ରହିଥିବାରୁ ବନ କର୍ମଚାରୀମାନେ ତା' ନିକଟରେ ପହଞ୍ଚି ପାରି ନାହାନ୍ତି।

ସୂଚନାଯୋଗ୍ୟ, ହାତୀଙ୍କ ଗତିବିଧି ଓ ଚଳପ୍ରଚଳ ନିରୀକ୍ଷଣ କରିବା ପାଇଁ ବନ ବିଭାଗ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ତଦାରଖ ପାଇଁ ବନ ଅଧିକାରୀ ନିୟୋଜିତ ହୋଇଛନ୍ତି। ଟ୍ରାକିଂ ସହ ଅନ୍ୟ ଅତ୍ୟାଧୁନିକ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ହାତୀପଲରୁ କିପରି ଗୋଟିଏ ହାତୀର ମୃତ୍ୟୁ ଘଟିଲା ଓ ଏ ସମ୍ପର୍କରେ ବନ ବିଭାଗ କିପରି ଜାଣିପାରିଲା ନାହିଁ ସେଥିନେଇ ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ମିଶାଇ ୨୦୨୨-୨୩ରେ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନରେ ଗୋଟିଏ ଏବଂ କେନ୍ଦୁଝର ଡିଭିଜନରେ ୪ଟି ହାତୀ ମୃତ୍ୟୁମୁଖରେ ପଡ଼ିଛନ୍ତି।




ରୋମ୍ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟେକ୍ନୋଲୋଜି ସହାୟତାରେ ରାଜ୍ୟର ସରକାରୀ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଦୁବାଇ ଗସ୍ତ

### ୨୯ରେ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ରୋମ୍ ଗସ୍ତ କାର୍ଯ୍ୟକ୍ରମ ଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସନ୍ଧ୍ୟାରେ ଦୁବାଇରେ ପହଞ୍ଚିବେ। ୨୯ ତାରିଖରେ ମଧ୍ୟ-ପ୍ରାଚ୍ୟର ପୁଞ୍ଜିପତିମାନଙ୍କ ସହ ରାଜ୍ୟରେ ପୁଞ୍ଜି ନିବେଶ ନେଇ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟରେ ପୁଞ୍ଜି ନିବେଶ କରିଥିବା ଶିଳ୍ପପତିଙ୍କ ଏକ ଟିମ୍ ମଧ ବୈଠକରେ ଯୋଗଦେବ। ପୁଞ୍ଜିପତିଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ୍ ଟୁ ୱାନ୍ କଥା ହେବେ। କରୋନା ସମୟରେ ବି ରାଜ୍ୟରେ ରେକର୍ଡ ପରିମାଣର ପୁଞ୍ଜି ନିବେଶ ହୋଇଛି । ଦୁବାଇରେ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ସହିତ ପେଟ୍ରୋ କେମିକାଲ୍ସ, ପେଟ୍ରୋଲିୟମ ସେକ୍ଟର ଏବଂ ଡାଉନ୍‌ଷ୍ଟ୍ରିମ ଇଣ୍ଡଷ୍ଟ୍ରି ଉପରେ ଫୋକସ ରହିବ। ଓଡ଼ିଶାରେ ଥିବା ଶିଳ୍ପ ବାତାବରଣ, ଲ୍ୟାଣ୍ଡ ବ୍ୟାଙ୍କ, ଇନ୍‌ଭେଷ୍ଟମେଣ୍ଟକୁ ଗ୍ରାଉଣ୍ଡ ଜିରୋରେ ରୂପାୟନ ପର୍ଯ୍ୟନ୍ତ ସରକାରଙ୍କ ସହଜ ଓ ସମୟ ଉପଯୋଗୀ ବ୍ୟବସ୍ଥା ବାବଦରେ ମୁଖ୍ୟମନ୍ତ୍ରୀ ଓ ଟିମ୍ ଓଡ଼ିଶା ପୁଞ୍ଜିପତିଙ୍କ ସହ ଆଲୋଚନା କରିବେ।

ମୁଖ୍ୟମନ୍ତ୍ରୀ ରବିବାର ରାତି ୮ଟା ୨୦ ମିନିଟ୍‌ରେ ଦୁବାଇରେ ପହଞ୍ଚିବେ। ମୁଖ୍ୟମନ୍ତ୍ରୀଙ୍କୁ ଦୁବାଇ ବିମାନବନ୍ଦରରେ ସ୍ୱାଗତ କରିବା ଲାଗି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ବିଧାୟକ ଦେବୀପ୍ରସାଦ ମିଶ୍ର, ଏମ୍‌ପି ସୁଜିତ୍ କୁମାର, ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ଆକାଶ ଦାସ ନାୟକ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିଆସିବା କାର୍ଯ୍ୟକ୍ରମ ରହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଜୁନ୍, ୨୦୨୨

> ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ



# ଆମ ଅଧିକାର ଓ ନ୍ୟାୟିକ ବ୍ୟବସ୍ଥା



ଆକାର ପଟେଲ

ଆମ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ମଧ୍ୟରୁ ଜଣେ ବିଦେଶରେ ବକ୍ତବ୍ୟ ପ୍ରଦାନ କରିବା ସମୟରେ ଆଶ୍ଚର୍ଯ୍ୟଜନକ ବିଷୟ ଉପସ୍ଥାପନ କରିଥିଲେ। ଏକ ଲିଗାଲ ୱେବ୍‌ସାଇଟ ତାଙ୍କ ବକ୍ତବ୍ୟକୁ ପ୍ରସାର କରିଥିଲା। ବିଚାରପତି (ଯାହାଙ୍କ ନାମ ପ୍ରକାଶ କରାଯାଉନାହିଁ) କହିଥିଲେ ଯେ, ଦେଶରେ ବିବାଦୀୟ ଧାରା ବଢୁଛି ଏବଂ ଏହା ରାଜନୈତିକ ମନ୍ତବ୍ୟରେ ଧୈର୍ଯ୍ୟର ଅଭାବକୁ ସୂଚିତ କରୁଛି। ଫଳରେ କିଛି ଖରାପ ସ୍ଥିତି ଉପୁଜିବାର ସମ୍ଭାବନା ରହୁଛି, ଯେଉଁଠି ଅଧିକାରଗୁଡ଼ିକୁ ଅନୁଭବ କରିବା ଲାଗି କୋର୍ଟଗୁଡ଼ିକୁ ଏକ ମାତ୍ର ଅଙ୍ଗ ଭାବେ ମାନିନିଆଯାଉଛି। କୋର୍ଟଗୁଡ଼ିକ ମଧ୍ୟ ବିଧିବ୍ୟବସ୍ଥା ଓ କାର୍ଯ୍ୟପାଳିକା ସହ ଜଡ଼ିତ ସମସ୍ୟା ସମାଧାନ କରିବାରେ ବ୍ୟସ୍ତ ରହୁଛନ୍ତି। ସେମାନେ କ'ଣ କରୁଛନ୍ତି ତାହା ବିଚାରପତିଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବୁଝିହେଉଛି। ବିଚାରପତି କହିଛନ୍ତି ଯେ, ନାଗରିକମାନେ ସେମାନଙ୍କ ଅଧିକାର ପାଇଁ ସରକାର ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଜଡ଼ିତ ରହିବା ଗୁରୁତ୍ୱପୂର୍ଣ୍ଣ। କୋର୍ଟଗୁଡ଼ିକର ମଧ୍ୟ ଏହି ପ୍ରକ୍ରିୟାରେ ଗୁରୁତ୍ୱ ରହିଛି। କିନ୍ତୁ କୋର୍ଟ ଗୋଟିଏ ସ୍ଥାନ ନୁହେଁ ଯେଉଁଠି ଅଧିକାରଗୁଡ଼ିକୁ ଦାବି କରାଯାଇପାରିବ କିମ୍ବା ସୁରକ୍ଷିତ ରଖାଯାଇପାରିବ। ବିଶେଷ କରି ସୁପ୍ରିମକୋର୍ଟ ହେଉଛି ଏକମାତ୍ର ଅଙ୍ଗ ଯାହା ସହ ଅଧିକାରକୁ ନେଇ ନାଗରିକମାନେ ଜଡ଼ିତ ରହୁଛନ୍ତି। ଦେଖିବାକୁ ଗଲେ ଆମେରିକାରେ ସୁପ୍ରିମକୋର୍ଟ ବର୍ଷକୁ କେବଳ ୮୦ଟି ମାମଲା ଶୁଣାଣି ଶେଷ କରୁଛି। କିନ୍ତୁ ଭାରତରେ ସୁପ୍ରିମକୋର୍ଟରେ ୭୦,୦୦୦ ମାମଲା ବିଚାର ପଡ଼ିରହିଛି। ଏହା ହିଁ ଦୁଇ ଦେଶର ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ବଡ଼ ପ୍ରଭେଦକୁ ସୂଚିତ କରୁଛି, ଯଦିଓ ଅନେକ କ୍ଷେତ୍ରରେ ଆମେରିକା ନ୍ୟାୟିକ ବ୍ୟବସ୍ଥା ସହ ଆମର ସାମଞ୍ଜସ୍ୟ ରହିଛି। ୧୯୪୯ରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଭାରତରେ ଗଠିତ ସୁପ୍ରିମ୍‌କୋର୍ଟରେ ୮ରୁ ଅଧିକ ବିଚାରପତି ରହିବେ ନାହିଁ (ଅନୁଚ୍ଛେଦ ୧୨୪)। ହେଲେ ଭାରତରେ ଏବେ ୩୦ ଜଣ ବିଚାରପତି ଥିବାବେଳେ ଆମେରିକାରେ ଅଛନ୍ତି ୯ ଜଣ। ଆମେରିକା କୋର୍ଟ ଏକାଠି ମାମଲାଗୁଡ଼ିକର ବିଚାର କରିଥାଆନ୍ତି। କିନ୍ତୁ ଭାରତର ସୁପ୍ରିମକୋର୍ଟ ଅନେକ ଛୋଟ ଛୋଟ ବେଞ୍ଚ୍ ଜାମିନଠାରୁ ଆରମ୍ଭ କରି ଜମିଜମା ବିବାଦୀୟ ମାମଲାର ଶୁଣାଣି କରୁଛନ୍ତି। ଏଣୁ ଆମ ନ୍ୟାୟିକ ବ୍ୟବସ୍ଥା ଯେଉଁ ଭାବେ ଗଠିତ ହୋଇଥିଲା ତାହା ଏବେ ଭିନ୍ନ ପ୍ରକାରେ ପ୍ରକାଶ ପାଇଆସୁଛି।

ଏବେ ବିଚାରପତି କ'ଣ କହିଥିଲେ ତା' ପ୍ରତି ଦୃଷ୍ଟି ଦେବା। ଭାରତରେ ନ୍ୟାୟିକ ବ୍ୟବସ୍ଥା ନାଗରିକ କାର୍ଯ୍ୟକଳାପ ସହ ଅଧିକ ଜଡ଼ିତ ରହୁଥିବା ସତ୍ତ୍ୱେ, ଅନ୍ତତପକ୍ଷେ ସଂଖ୍ୟା ଦୃଷ୍ଟିରୁ ବର୍ଦ୍ଧିତ ବିବାଦୀୟ ଧାରା ଏବଂ ରାଜନୈତିକ ପ୍ରକ୍ରିୟା ସହ ଏହା ପର୍ଯ୍ୟାପ୍ତ ଭାବେ ଜଡ଼ିତ ହେଉନାହିଁ ବୋଲି ବିଚାରପତିମାନେ ଅନୁଭବ କରିବା ଉଚିତ। ମୋ ମତରେ, ବିଚାରପତିଙ୍କ ସମୀକ୍ଷା ଠିକ୍। ପ୍ରଶ୍ନ ହେଉଛି, ଏହା କାହିଁକି ଘଟୁଛି। କୁହାଯାଇପାରେ ଯେ, ଭାରତରେ ସ୍ଥିତି ଅନିୟନ୍ତ୍ରିତ ଓ ବିଘଟନକାରୀ। ଯଦି ସରକାର ଏବଂ ରାଜନୈତିକ ଦଳଗୁଡ଼ିକ ଏହାକୁ ନିୟନ୍ତ୍ରଣ କରି ବିନା ବିଚାର ଓ ଦଣ୍ଡରେ ଲୋକଙ୍କ ଘର ଭାଙ୍ଗିବାକୁ ଚାହୁଁଛନ୍ତି, ତେବେ ସେମାନେ କେଉଁଠିକୁ ଯିବେ? କାର୍ଯ୍ୟପାଳିକାକୁ ଯାଇପାରନ୍ତି ସେମାନେ, କିନ୍ତୁ ତାହା ହିଂସାର ମୂଳ କାରଣ। ସେମାନେ ମଧ୍ୟ ବିଧି ବ୍ୟବସ୍ଥାକୁ ଯାଇପାରନ୍ତି। ଅର୍ଥାତ୍ ବିରୋଧୀଙ୍କ ସହ ମିଶି ସରକାରଙ୍କୁ ଏହାର କାରଣ ଜଣାଇବା ଲାଗି କହିପାରନ୍ତି। ଏହା ଏବେ ଭାରତରେ ହେଉ ନାହିଁ କି? ନିର୍ଦ୍ଦିଷ୍ଟ ଭାବେ ନାଗରିକ, ସିଭିଲ ସୋସାଇଟି ଗ୍ରୁପ, ଆକ୍ଟିଭିଷ୍ଟ ଯେଉଁମାନେ କୋର୍ଟ ଯାଉଛନ୍ତି ସେମାନେ ସରକାରଙ୍କ ସହ ନିଶ୍ଚିତ ଭାବେ ଜଡ଼ିତ ରହୁଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ରାଜନୈତିକ ଦଳକୁ ଅତ୍ୟନ୍ତ କ୍ରୁର ଓ ଅନ୍ୟାୟ ବ୍ୟବହାର କରିବାକୁ ପ୍ରେରିତ କରାଗଲେ କ'ଣ କରାଯାଇପାରିବ? ବିଚାରପତି ଜଣଙ୍କ ଏହା ଉପରେ କିଛି ପ୍ରକାଶ ନ କରି କହିଲେ ଯେ, ସୁପ୍ରିମକୋର୍ଟ ନାଗରିକମାନଙ୍କ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା କରୁଥିବାବେଳେ ଏହାଠାରୁ ତଳକୁ ଖସି ନିର୍ବାଚିତ ପ୍ରତିନିଧିମାନେ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେବା ଉଚିତ ନୁହେଁ। ଏହା କରିବା ଦ୍ୱାରା କେବଳ ସାମ୍ବିଧାନିକ କାର୍ଯ୍ୟରୁ କୋର୍ଟ ଦୂରେଇ ଯାଉନାହିଁ, ବରଂ ଗଣତାନ୍ତ୍ରିକ ସମାଜର ସେବା ବି କରୁନାହିଁ ବୋଲି ବୁଝିବାକୁ ହେବ।

ଏକ ସୁସ୍ଥ ଗଣତନ୍ତ୍ରରେ ନାଗରିକମାନେ ଉତ୍ତମ ବ୍ୟବହାର କରିବାକୁ ସକ୍ଷମ ହେବା ଦରକାର ଏବଂ ବ୍ୟବସ୍ଥାର ସବୁ ଅଙ୍ଗ ସହ ଜଡ଼ିତ ହେବା ଉଚିତ। ତେବେ କୁହାଯାଇପାରେ ଯେ, ନ୍ୟାୟପାଳିକାର ଏକ ପ୍ରାଥମିକ କାର୍ଯ୍ୟ ରହିଛି। ଏହା କାର୍ଯ୍ୟପାଳିକାର ମାତ୍ରାଧିକ କାର୍ଯ୍ୟ ବନ୍ଦ କରିବା ଓ ତାହା ସହ ଏକପାଖିଆ ଏକମତ ନ ହେବା ଦରକାର। ବିଶେଷ କରି ଅଧିକାର ବାହାରେ କାର୍ଯ୍ୟପାଳିକାର ଅତ୍ୟଧିକ କାର୍ଯ୍ୟ ଭାରତର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହାର ଆବଶ୍ୟକତା ରହିଛି। ଏବେ ସ୍ଥିତି ଏଭଳି ହୋଇଛି ଯେ, ନାଗରିକତ୍ୱକୁ ନେଇ ମାମଲା ଏବଂ ନିର୍ବାଚନୀ ରାଜନୀତିରେ ବେନାମୀ ପାଣ୍ଠିଯୋଗାଣ ମାମଲା କୋର୍ଟ ଦ୍ୱାରା ବିଚାର ହୋଇପାରିନାହିଁ। କଶ୍ମୀରରେ ଅଟକ ବା ବନ୍ଦୀ ଥିବା ଲୋକଙ୍କ ଜାମିନ ଲାଗି ଆବେଦନ ମଧ୍ୟ କୋର୍ଟରେ ପଡ଼ିରହିଲା। ସମାଲୋଚକ ଓ ଆକ୍ଟିଭିଷ୍ଟମାନେ ନ୍ୟାୟପାଳିକା ଉପରେ ଏ ପ୍ରକାର ଚାପ ପକାଇଛନ୍ତି ଯେ, ବିଚାରପତି ଜଣଙ୍କୁ ସମ୍ଭବତଃ ପ୍ରତିକ୍ରିୟା ରଖିବାକୁ ପଡ଼ିଲା। ଅଧିକାଂଶଙ୍କୁ ଏହା ମନେହେଉଛି ଯେ, ଜଣେ ନିର୍ବିବାଦୀୟ ନେତା ଓ ଗୋଟିଏ ରାଜନୈତିକ ଦଳ ଦ୍ୱାରା ନିୟନ୍ତ୍ରିତ ସରକାରଙ୍କ ଦ୍ୱାରା ଭାରତ ଏକ ଭିନ୍ନ ଦିଗରେ ଯାଉଛି। କିନ୍ତୁ ଭାରତର ସମ୍ବିଧାନ କିମ୍ବା ପରମ୍ପରା ବା ଆଧୁନିକତା ସହ ତାଳଦେଇ ତାହା ସେହି ଦିଗରେ ଯାଉନାହିଁ। ବୈଧାନିକ ଓ କାର୍ଯ୍ୟପାଳିକା ସହ ଦେଶର ଆଉ ଯେଉଁ ଅଙ୍ଗ ରହିଲା ସେସବୁ ଠିକ୍ ରହିବା ଦରକାର, ଯେଉଁଠିକୁ ନାଗରିକମାନେ ଯାଇପାରିବେ ଓ ଦେଶର ଅଧିକାରଗୁଡ଼ିକ ଦାବି କରିପାରିବେ। କିନ୍ତୁ ଏହା ନିର୍ବିବାଦୀୟ ହେବା ଦରକାର। ଏହି ଯୁଦ୍ଧର ପ୍ରାଥମିକ ରଣଭୂମି ନ୍ୟାୟିକ ବ୍ୟବସ୍ଥାରେ ରହିବା ଦରକାର, ଯେଉଁଠି ବିଚାରପତିମାନେ ଏକ ଅନିୟନ୍ତ୍ରିତ ଏବଂ କ୍ଷତିକାରକ ଦେଶ ବିରୋଧରେ ନାଗରିକମାନଙ୍କ ପାଇଁ ଠିଆ ହେବେ।

Email:aakar.patel@gmail.com

# ଐରାବତର ଆର୍ତ୍ତନାଦ



ରାଧାମୋହନ ମହାପାତ୍ର

ସ୍ଥଳଭାଗର ବୃହତ୍ତମ ଜୀବ ତଥା ଐତିହ୍ୟ ପ୍ରାଣୀ ହାତୀ ବା ହସ୍ତୀ ବଂଶର ଜୀବନ ଆଜି ସଙ୍କଟାପନ୍ନ। ରାଜ୍ୟରେ ଗତ ଅଢ଼େଇ ବର୍ଷରେ ଅର୍ଥାତ୍ ୨୦୨୦ ବର୍ଷ ଆରମ୍ଭରୁ ଏପର୍ଯ୍ୟନ୍ତ ୧୭୫ ହାତୀଙ୍କ ମୃତ୍ୟୁ ଘଟିଲାଣି। ଅର୍ଥାତ୍ ପ୍ରତି ୫ ଦିନରେ ଗୋଟିଏ ହାତୀ ମରୁଛି। ୧୭୫ ମୃତ ହାତୀଙ୍କ ମଧ୍ୟରୁ ୩୯ ହାତୀକୁ ଶିକାର କରାଯାଇଛି। ଶିକାରୀମାନେ ଗୁଳି, ବିଷ ଓ ବିଦ୍ୟୁତ୍ ଆଘାତ ଦେଇ ହାତୀ ମାରୁଛନ୍ତି। କମ୍ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାରରେ ଲାଗି ୫ ହାତୀଙ୍କ ଜୀବନଯାଇଛି। ଟ୍ରେନ୍ ଧକ୍କାରେ ୧୩ ହାତୀଙ୍କ ଜୀବନ ଯାଇଥିବା ବେଳେ ୭୦ ହାତୀ ବିଭିନ୍ନ ରୋଗ, ବୟସାଧିକ ଓ ଖାତରେ ପଡ଼ି ମରିଛନ୍ତି। ୪୧ ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ତେବେ ଏହି ୪୧ ହାତୀଙ୍କ ମଧ୍ୟରୁ ଅଧିକାଂଶ ଶିକାର କରାଯାଇଥିବା ପ୍ରାଣୀ ପ୍ରେମୀମାନେ ମତ ଦିଅନ୍ତି।

ଏଇ ଚଳିତ ମାସ ଜୁନ ପ୍ରଥମ ସପ୍ତାହରେ ଆଠଗଡ଼ ବନଖଣ୍ଡ ନରସିଂହପୁର ପଶ୍ଚିମାଞ୍ଚଳରୁ ଗୋଟିଏ ଦନ୍ତାହାତୀକୁ ଗୁଳିବିଦ୍ଧ କରିବାର ଘଟଣା ଆମ ନଜରକୁ ଆସିଛି। ସୋସିଆଲ ମିଡିଆ ଆକାଉଣ୍ଟରେ ଗୁଳିବିଦ୍ଧ ହାତୀ ସମ୍ପର୍କରେ ପୋଷ୍ଟ କରିବାରୁ ଘଟଣା ପ୍ରଘଟ ହେଲା। କୌଣସି ଜଣେ ଦୁର୍ବୃତ୍ତ ଶିକାରୀ ୧୫/୧୭ ବର୍ଷର ଏହି ହାତୀଟିକୁ ଖୁବ୍ ନିକଟରୁ ରାଇଫଲ ନୁହେଁ, ଛରରା ବନ୍ଧୁକରୁ ଗୁଳି କରିଥିଲା। ଏହା ୧ ଏଲ୍.ଜି. କାଟ୍ରିଜ୍ .୧୨ ବୋର ବନ୍ଧୁକ, ଯେଉଁଥିରେ ୬ଟି କିମ୍ବା ୯ଟି ଗୁଳିଥାଏ। ହାତୀ ନିକଟତର ହୋଇଥିବାରୁ ୬ଟିଯାକ ଗୁଳି ତାଲୁର ଅଗ୍ରଭାଗରେ ବାଜିଛି। ଛରରା .୧୨ ବୋର ବନ୍ଧୁକରେ ହାତୀ ମରାଯାଏ ନାହିଁ। ଏଥିପାଇଁ ଦରକାର ହୁଏ ଶକ୍ତିଶାଳୀ ୪୦୫ ବା ୫୦୦ ବୋର ଏକ୍ସପ୍ରେସର ରାଇଫଲ୍ ଗୁଳି। ହାତୀଟି ଛରରା ବନ୍ଧୁକରେ ଆଘାତପ୍ରାପ୍ତ ହେବାରୁ ସଙ୍ଗେ ସଙ୍ଗେ ନ ମରି ଯନ୍ତ୍ରଣାରେ ଛଟପଟ ହେଲା, ଗଜ ଗର୍ଜନରେ ବନଭୂଇଁ ପ୍ରକମ୍ପିତ ହେଲା ଏବଂ ଶେଷରେ ସେ ଗୋଟିଏ ନାଳରେ ପଡ଼ିଗଲା, ଆଉ ଉଠି ପାରିନଥିଲା। ଘଟଣା ଜଣାପଡ଼ିବା ପରେ ନନ୍ଦନକାନନ ଓ ସାତକୋଶିଆର ଡାକ୍ତରୀ ଦଳ ପହଞ୍ଚି ହାତୀର ଚିକିତ୍ସା କରିଥିଲେ। ତା' ମୁଣ୍ଡରେ ସୃଷ୍ଟ କ୍ଷତ ୧୫ ଦିନ ତଳର ହୋଇଥିବାରୁ ସେ ଅତ୍ୟନ୍ତ ଦୁର୍ବଳ ଏବଂ କ୍ଷତଗୁଡ଼ିକ ସେପ୍ଟିସେମିଆ ହୋଇଯାଇଥିଲା। ପ୍ରାୟ ସପ୍ତାହେ ଧରି ଚିକିତ୍ସିତ ହେବା ପରେ ହାତୀଟି ଶେଷରେ ଆଖି ବୁଜିଛି। ଏହାପରେ ମଧ୍ୟ ରାଜ୍ୟରେ ହାତୀ ମୃତ୍ୟୁ ବଢିଚାଲିଛି।

ସବୁଠୁ ଉଦ୍‌ବେଗର ବିଷୟ ଯେ, ଆଠଗଡ଼ ବନଖଣ୍ଡରେ ବିଭିନ୍ନ ସମୟରେ ହାତୀ ମୃତ୍ୟୁ ଘଟିବା ଏବଂ ଏହାକୁ ଲୁଚାଇବାରେ ବିଭାଗୀୟ ଅଧିକାରୀମାନେ ଭରପୂର ପ୍ରୟାସ କରୁଥିବା ନଜିର ରହିଛି। ନିକଟ ଅତୀତରେ ଏହି ବନଖଣ୍ଡ ଅଧୀନରେ ବିଭିନ୍ନ ସ୍ଥାନରୁ ହାତୀକଙ୍କାଳ ମାଟିତଳୁ ଉଦ୍ଧାର ହେବା, ଆଉ ଏକ ହାତୀକୁ ବ୍ୟବଚ୍ଛେଦ ନ କରି ଲୁଣ ପକାଇ ପୋତା ହେଉଥିବା ଭିଡିଓ ଭାଇରାଲ ହେବା ଘଟଣା ବିଭାଗୀୟ କାର୍ଯ୍ୟକଳାପକୁ ପଦାରେ ପକାଇଛି। ଏବେ ଏହାର ତନାଘନା ତଦନ୍ତ ଏବଂ ଟିମ୍ ଗଠନ ଓ ଆକ୍ସନ ଟେକେନ ରିପୋର୍ଟ କେତେଦୂର କାର୍ଯ୍ୟକାରୀ ହେବ ଓ ଅପରାଧ ରୋକିବ ତାହା ଭବିଷ୍ୟତ ହିଁ କହିବ। ଦୁଃଖର ବିଷୟ ଏହିକି ଯେ, ରାଜ୍ୟରେ ୫ ବର୍ଷ ହେଲା ହାତୀଗଣନା ହୋଇନାହିଁ। ଶେଷ ଥର ୨୦୧୭ରେ ରାଜ୍ୟରେ ହାତୀଗଣନା ହୋଇଥିଲା। ସେତେବେଳେ ରାଜ୍ୟରେ ସମୁଦାୟ ହାତୀସଂଖ୍ୟା ୧୯୭୬ ଥିଲା। ଓଡ଼ିଶାରେ ହାତୀମୃତ୍ୟୁ ହାର ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ଅଧିକ। ଯେତିକି ହାତୀ ଓଡ଼ିଶାରେ ମରିଛନ୍ତି, ସେମାନଙ୍କ ହିସାବ ଦେଖିଲେ ୧୯୯୦ରୁ ୨୦୦୦ (୧୦ ବର୍ଷ) ଭିତରେ ବର୍ଷକୁ ହାରାହାରି ୪୬ ହାତୀ ମୃତ୍ୟୁବରଣ କରିଛନ୍ତି। ୨୦୧୦ରୁ ଏପର୍ଯ୍ୟନ୍ତ ବର୍ଷକୁ ହାରାହାରି ୭୮ ହାତୀ ମରିଛନ୍ତି। ଏଭଳି ଭାବେ ହାତୀମୃତ୍ୟୁ ଗ୍ରାଫ୍ ବଢ଼ିଚାଲିଲେ ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ଜଙ୍ଗଲୀ ହାତୀ ଆଉ ଦେଖିବାକୁ ମିଳିବେନି ବୋଲି ଆଶଙ୍କା ଅମୂଳକ ନୁହେଁ।



ଟ୍ରାଙ୍କୁଲାଇଜ୍ କରି ହତ୍ୟା ଏବଂ ରେଳ ଧକ୍କା ହାତୀମୃତ୍ୟୁର ଅନ୍ୟ କାରଣ ପାଲଟିଛି। ଅସୁସ୍ଥ ହାତୀକୁ ସୁସ୍ଥ କରିବା କିମ୍ବା ଉପୃତିଆ ହାତୀକୁ କାବୁ କରିବା ପାଇଁ ବନ ବିଭାଗ ନିଶ୍ଚେତକ ଇଞ୍ଜେକ୍ସନ ଜାଇଲାଜାଇନ + କୋଟାମାଇନ ବ୍ୟବହାର କରୁଛି। ଫଳରେ ମାତ୍ରାଧିକ ଡୋଜ ଯୋଗୁ ଅନେକ ସମୟରେ ହାତୀ ମୃତ୍ୟୁମୁଖରେ ପଡୁଛନ୍ତି। ନିକଟରେ ଚନ୍ଦକା ଡମପଡ଼ା ଅଭୟାରଣ୍ୟରେ 'କୁମ୍‌କୀ' ପ୍ରଶିକ୍ଷଣ ନେଉଥିବା 'ନନ୍ଦ' ହାତୀକୁ ବାରମ୍ବାର ଟ୍ରାଙ୍କୁଲାଇଜ୍ କରିବାରୁ ତା'ର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ଉଠିଛି। ୨୦୨୧ ମାର୍ଚ୍ଚରେ ଯାଜପୁରର ନରହନ୍ତା 'ନରସିଂହ'କୁ କୁମ୍‌କୀ ପ୍ରଶିକ୍ଷଣ ସମୟରେ ବାରମ୍ବାର ଟ୍ରାଙ୍କୁଲାଇଜ୍ କରିବା ଦ୍ୱାରା ତା'ର ମୃତ୍ୟୁ ଘଟିଛି। ଏବେ ଚନ୍ଦକାର 'ଶଙ୍କର'କୁ ମଧ୍ୟ ବାରମ୍ବାର ଟ୍ରାଙ୍କୁଲାଇଜ୍ କରାଯାଉଛି। ଫଳରେ ସେ ଦୁର୍ବଳ ହୋଇ ଗଲାଣି ଏବଂ କେତେବେଳେ ତା'ର ମୃତ୍ୟୁ ଘଟିବ କହି ହେଉ ନାହିଁ। ମୃତ୍ୟୁ ସର୍ବଦା ହାତୀପଲ ପଛରେ ଗୋଡ଼େଇଛି। ଗତ ଅଢ଼େଇ ବର୍ଷରେ କେବଳ ରେଳ ଧାରଣାରେ ୧୩ ହାତୀଙ୍କ ଜୀବନ ଗଲାଣି।

ଦନ୍ତାହାତୀର ଦାନ୍ତ ଶିକାରୀର ବିଶେଷ ଆକର୍ଷଣ। ହାତୀଦାନ୍ତର ବଡ଼ ବଜାର ହେଉଚି ଚାଇନା। ସେଠାରେ ହାତୀଦାନ୍ତରୁ ପ୍ରସ୍ତୁତ ହେଉଥିବା ଏକ ଔଷଧ ପାଇଁ ଏହାର ଚାହିଦା ରହିଛି। ଗୃହର ଆସବାବପତ୍ରରେ ହାତୀଦାନ୍ତର କଳାକୃତି ବ୍ୟବହାର ଦନ୍ତାହାତୀ ହତ୍ୟାର ମୁଖ୍ୟ କାରଣ। ଚାଇନାର କିଛି ମାଫିଆ ଉତ୍ତର-ପୂର୍ବ ଭାରତକୁ ଟାର୍ଗେଟ୍ କରିଛନ୍ତି। ଆସାମ, ମଣିପୁର, ମିଜୋରାମ ଓ ଓଡ଼ିଶାକୁ ଲକ୍ଷ୍ୟକରି ହାତୀଦାନ୍ତ ବେପାରୀମାନେ ଜାଲ ବିଛାଇ ବସିଛନ୍ତି। ବିଭାଗୀୟ ଧରପଗଡ଼ ଯୋଗୁ ଅନେକ ହାତୀଦାନ୍ତ ଜବତ କରାଯାଉଛି, କିନ୍ତୁ ଅପରାଧ ରୋକିବା ପାଇଁ ଯଥେଷ୍ଟ ନୁହେଁ। ଦୋଷୀକୁ ଦଣ୍ଡ ଦେବା ଅପେକ୍ଷା ଦୋଷ ନ ଘଟାଇବାର ଆଶୁ ପଦକ୍ଷେପ ସର୍ବଦା ସ୍ୱାଗତଯୋଗ୍ୟ।

ଆମ ସମାଜରେ ଅନ୍ୟ ବନ୍ୟଜନ୍ତୁ ଅପେକ୍ଷା ହାତୀର ସ୍ଥାନ ସ୍ୱତନ୍ତ୍ର। ସଭ୍ୟତାର ଉନ୍ମେଷକାଳରୁ ହାତୀ ଜନଜୀବନ ସହିତ ଜଡ଼ିତ। ଖ୍ରୀ.ପୂ. ୬ ହଜାର ବର୍ଷ ତଳେ ହରପ୍ପା ସିନ୍ଧୁ ସଭ୍ୟତା କାଳରେ ସମାଜରେ ପୋଷ୍ୟ ହାତୀର ସୂଚନା ମିଳେ। ଅଧୁନା ହାତୀକୁ ଗଜରାଜ ବୋଲି ସମ୍ବୋଧନ କରାଯାଏ। ଗଜଲକ୍ଷ୍ମୀ ପୂଜା ହିନ୍ଦୁ ସମାଜରେ ନିଷ୍ଠାର ସହିତ ପାଳିତ ହୁଏ। ହିନ୍ଦୁ ଦେବତା ବିଘ୍ନନାଶନ ଗଣେଶଙ୍କର ମୁଣ୍ଡ ହେଉଛି ହାତୀମୁଣ୍ଡ। ଇନ୍ଦ୍ର ଦେବତାଙ୍କ ପ୍ରିୟ ହସ୍ତୀର ନାମ ଐରାବତ। ମହାପ୍ରଭୁ ଜଗନ୍ନାଥଙ୍କର ମାଘ ପୂର୍ଣ୍ଣିମା ଦିନ 'ଗଜ ଉଦ୍ଧାରଣ ଗଣେଶ ବେଶ' ଦେଖିବାକୁ ମିଳିଥାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ମଣ୍ଡପରେ ଜଗନ୍ନାଥ ଦିବ୍ୟ 'ଗଜବେଶ'ରେ ଜାତି ଧର୍ମ ନିର୍ବିଶେଷରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଆମ ରାଜ୍ୟର ରାଜାଙ୍କୁ ଗଜପତି ବୋଲି ସମ୍ବୋଧନ କରାଯାଏ 'ବୀରଶ୍ରୀ ଗଜପତି'। କିନ୍ତୁ ପରିତାପର ବିଷୟ, ଆଜି ମର୍ତ୍ତ୍ୟର ଐରାବତ ବଞ୍ଚିବା ପାଇଁ ସଂଘର୍ଷ କରୁଛି ପ୍ରତି ମୁହୂର୍ତ୍ତରେ। ହାତୀ ଏକ ଶାକାହାରୀ ଜୀବ। ଜଙ୍ଗଲ, ବଣ, ନଟାର ସବୁଜ ପତ୍ର ହେଉଛି ତା'ର ଜୀବନ। ଆଜିର ଦ୍ରୁତ ଜନବୃଦ୍ଧି ଓ ବନକ୍ଷୟ ବନ୍ୟପ୍ରାଣୀ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ହାତୀମାନଙ୍କ ପାଇଁ ଅରଣ୍ୟରେ ଯଥେଷ୍ଟ ଖାଦ୍ୟ ମିଳୁନାହିଁ। ଫଳରେ ସେମାନେ ଗାଁ ଓ ସହରମୁହାଁ ହେଉଛନ୍ତି। ଯଦ୍ୱାରା ସେମାନେ ମଣିଷର ଶିକାର ହେଉଛନ୍ତି ଓ ମଣିଷ ମଧ୍ୟ ସେମାନଙ୍କ ଦ୍ୱାରା ମୃତ୍ୟୁ ଲଭୁଛି। ମଣିଷ-ହାତୀ ଲଢ଼େଇ ନିତିଦିନିଆ ଘଟଣା ପାଲଟିଲାଣି। ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ୨୦୦୮ରେ ସ୍ପେସାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ ପାଇଁ ଘୋଷଣା କରିଥିଲେ। ଘୋଷଣାକୁ ୧୪ ବର୍ଷ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ଏହା ଗଠନ ହୋଇପାରିଲା ନାହିଁ। ଘୋଷଣା ବା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ତରିକତା ଓ ସଚେତନତାର ଆବଶ୍ୟକତା ରହିଛି।

ମୋ: ୯୮୬୧୧୮୯୯୩୬

# ବରିଷ୍ଠଙ୍କ ପରାମର୍ଶଦାତ୍ରୀ

ବ୍ୟକ୍ତିତ୍ୱ



ଅଞ୍ଜଳି ଚତୁର୍ବେଦୀ

ବିଶ୍ୱବ୍ୟାପୀ ଅନ୍ୟତମ ସାମାଜିକ ସମସ୍ୟା ଭାବେ ବୟସ୍କଙ୍କ ପ୍ରତି ହତାଦର ବଢ଼ିଥିବା ଲକ୍ଷ୍ୟ କରାଯାଉଛି। ଜୀବନସାରା ପିଲାମାନଙ୍କ ପାଇଁ ପରିଶ୍ରମ କରି ସେମାନଙ୍କୁ ଭଲରେ ରଖିବାକୁ ଅହରହ ଉଦ୍ୟମରତ ବ୍ୟକ୍ତି ଜୀବନର ସାୟାହ୍ନରେ ପହଞ୍ଚିଲା ବେଳେ ଯଦି ଅସ୍ୱାଭାବିକତାର ସମ୍ମୁଖୀନ ହୁଅନ୍ତି, ସେହି ସମୟରେ ତାଙ୍କୁ ଦୁଃଖ ମାଡ଼ିବସେ। ନିଜ ସନ୍ତାନଙ୍କଠାରୁ ଦୁର୍ବ୍ୟବହାର ମିଳିଲେ ସେ ହତବାକ୍ ହୋଇପଡ଼ନ୍ତି। ଏପରି କି ଅତି ଧନୀ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ମଧ୍ୟ ଜୀବନର ଶେଷ ସମୟରେ ପିଲାଙ୍କଠାରୁ ଆଦର ନ ପାଇଲେ ଭାଙ୍ଗିପଡ଼ନ୍ତି। ଏତେ ସତ୍ତ୍ୱେ ସେ କଦାପି ନିଜ ଆତ୍ମୀୟଙ୍କଠାରୁ ପାଉଥିବା ଯନ୍ତ୍ରଣାକୁ ଅନ୍ୟ କାହାଠାରେ ବାଣ୍ଟିବାକୁ ଚାହାନ୍ତି ନାହିଁ। ତେବେ କେତେକଙ୍କ ଧୈର୍ଯ୍ୟର ସୀମା ଅତିକ୍ରମ କରିଗଲେ ସେମାନେ ଆଇନର ଆଶ୍ରୟ ନେବାକୁ ବାଧ୍ୟ ହୁଅନ୍ତି। ଆଜି ଅସଂଖ୍ୟ ବୃଦ୍ଧାବୃଦ୍ଧ ନ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ପିଲାମାନେ ଜରାନିବାସରେ ଛାଡ଼ିଦେଇ ଆସୁଛନ୍ତି। ତେଣୁ ଅନ୍ତର୍ଜାତୀୟ ସ୍ତରରେ ବୟସ୍କଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଏହି ସାମାଜିକ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ରାଷ୍ଟ୍ର ଆଇନ ଆଣିଥିବା ବେଳେ ସେମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା ଲାଗି ବ୍ୟବସ୍ଥା କରୁଛନ୍ତି। ଭାରତରେ ଏ ଦିଗରେ ବହୁବିଧ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଅନେକ ବୟସ୍କ ବ୍ୟକ୍ତିଙ୍କ ତିଷ୍ଠିବା ଅସହଜ ହୋଇପଡୁଛି।

ଏବେ ଭାରତୀୟ-ଆମେରିକୀୟ ଆଇନ ବିଶେଷଜ୍ଞ ଅଞ୍ଜଳି ଚତୁର୍ବେଦୀ ଆମେରିକାର ବରିଷ୍ଠ ବ୍ୟାପାର ବିଭାଗର ଜେନେରାଲ କାଉନ୍‌ସେଲ ଭାବେ ମନୋନୀତ ହୋଇଛନ୍ତି। ବୟସ୍କ ବ୍ୟକ୍ତିଙ୍କୁ କିଭଳି ନ୍ୟାୟ ମିଳିବ ତାହା ତାଙ୍କ ପାଇଁ ପ୍ରମୁଖ କାର୍ଯ୍ୟ ହେବ ବୋଲି କହିଛନ୍ତି। ତୁଳନାତ୍ମକ ଭାବେ ଦେଖିଲେ ଆମେରିକାରେ ଆଇନ କାର୍ଯ୍ୟକାରିତାରେ କଠୋର ଆଭିମୁଖ୍ୟ ଅନୁପାଳନ କରାଯାଇଥାଏ। ତେବେ ଅଞ୍ଜଳି ତାଙ୍କ ବିଭାଗରେ ମାନବୀୟ ଗୁଣାବଳୀକୁ ଅଗ୍ରାଧିକାର ଦେବେ ବୋଲି କହିଛନ୍ତି। ତାଙ୍କ ମତରେ କୌଣସି ସମସ୍ୟାର ସମାଧାନ କରାଯିବା ପୂର୍ବରୁ ଘଟଣାକୁ ଭଲ ଭାବେ ବୁଝି ଠିକ୍ ଭାବେ ତର୍ଜମା କରାଯିବା ଦରକାର। ଅନ୍ୟ ଜଣଙ୍କ କାହାଣୀ ଶୁଣିବା ଲାଗି ପ୍ରଚଣ୍ଡ ଧୈର୍ଯ୍ୟ ଧାରଣ କରୁଥିବା ବ୍ୟକ୍ତି ଏ ଦିଗରେ ସଫଳତା ପାଇଥାଆନ୍ତି ବୋଲି ସେ କହିଛନ୍ତି।

କେନ୍ଦ୍ରୀୟ ନ୍ୟୁୟର୍କର ଏକ ଛୋଟିଆ ସହରରେ ଅଞ୍ଜଳିଙ୍କ ଜନ୍ମ। ସେଠାରେ ଦୁଇଟି ବଡ଼ ଶିକ୍ଷାନୁଷ୍ଠାନ ଓ ଗୋଟିଏ ସ୍ଥାନୀୟ କଲେଜ ଉକ୍ତ ଅଞ୍ଚଳକୁ ପରିଚୟ ଦେଇଥାଏ। ସେହି କଲେଜରେ ଅଧ୍ୟାପକ ଥିଲେ ଅଞ୍ଜଳିଙ୍କ ବାପା। ସେଠାରେ ସେ ନ୍ୟୁକ୍ଲିୟର ଫିଜିକ୍ସ ପଢ଼ାଉଥିଲେ। ହେଲେ ଅଞ୍ଜଳି ପିଲାଦିନୁ ଜୀବନରେ କିଛି ନୂଆ କରିବାକୁ ଚାହିଁଥିଲେ ଓ ଆଇନ ପାଠକୁ ବାଛିଥିଲେ। ଜର୍ଜଟାଉନ୍ ୟୁନିଭର୍ସିଟି ଲ' ସ୍କୁଲରୁ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଜଣେ ଯୋଗ ଶିକ୍ଷୟିତ୍ରୀ ଭାବେ ମଧ୍ୟ ତାଙ୍କ ସୁନାମ ରହିଛି। ମେରିଲାଣ୍ଡର ଚେଭି ଚେଜ୍‌ରେ ସ୍ୱାମୀ ଓ ପୁଅ ସହ ରହୁଛନ୍ତି। ଆମେରିକାର ଅନ୍ୟତମ ପ୍ରଖ୍ୟାତ ଆଇନ ବିଶେଷଜ୍ଞ ଭାବେ ନାମ ଅର୍ଜନ କରିଥିବା ଅଞ୍ଜଳିଙ୍କ କ୍ୟାରିୟର ଫେଡେରାଲ ପ୍ରସିକ୍ୟୁଟରରୁ ଆରମ୍ଭ ହୋଇଥିଲା। ସରକାରୀ ସେବାକୁ ଆସିବା ପୂର୍ବରୁ ସେ ଇନ୍‌ଭେଷ୍ଟିଗେଶନ୍ସ ଫର୍ ନର୍ଥରୋପ୍ ଗ୍ରୁମାନ୍ କର୍ପୋରେଶନର ଆସିଷ୍ଟାଣ୍ଟ ଜେନେରାଲ କାଉନ୍‌ସେଲ ତଥା ନିର୍ଦ୍ଦେଶକ ରହିଥିଲେ। ଏହାର ଅନ୍ତର୍ଜାତୀୟ ତଦନ୍ତ ଟିମ୍‌ର ସେ ନେତୃତ୍ୱ ନେଉଥିଲେ। ଏହା ପୂର୍ବରୁ ଅଞ୍ଜଳି ବ୍ରିଟିଶ ପେଟ୍ରୋଲିୟମ୍(ବିପି)ର ଆସିଷ୍ଟାଣ୍ଟ ଜେନେରାଲ କାଉନ୍‌ସେଲ ଏବଂ ୱାଶିଂଟନ୍ ଡିସିଭିତ୍ତିକ ଲ' ଫାର୍ମ 'ନିକ୍ସନ୍ ପିବଡି'ର ପାର୍ଟନର ମଧ୍ୟ ଥିଲେ। ଅର୍ଥାତ୍ କର୍ପୋରେଟ୍ ଦୁନିଆରେ ମାମଲା ପରିଚାଳନା କରି ପୋଖତ ହୋଇଥିବା ଅଞ୍ଜଳି ସରକାରୀ କାର୍ଯ୍ୟକୁ ଠିକ୍ ଭାବେ ତୁଲାଇ ପାରିବେ ବୋଲି ବିଶ୍ୱାସ ରଖି ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କୁ ବରିଷ୍ଠ ବ୍ୟାପାର ବିଭାଗରେ ଏଭଳି ଗୁରୁଦାୟିତ୍ୱ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବରିଷ୍ଠମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଓ ସେବା ପହଞ୍ଚାଇବା ଦିଗରେ ଏହା କାର୍ଯ୍ୟ କରୁଛି। ଅଞ୍ଜଳି କହିଛନ୍ତି, ବରିଷ୍ଠଙ୍କୁ ସର୍ବାଧିକ ଅନୁକମ୍ପା ଦେବା, ପ୍ରତିଶ୍ରୁତି ପାଳନ, ଉତ୍କର୍ଷ ପ୍ରତିପାଦନ, ପେସାଗତ ବୈଶିଷ୍ଟ୍ୟ, ସଚ୍ଚୋଟତା, ଦାୟିତ୍ୱବୋଧତା ଓ ତତ୍ତ୍ୱାବଧାନ କ୍ଷେତ୍ରରେ ଯେତେସମ୍ଭବ ସେତେ ସୁଯୋଗ ଓ ପରିବେଶ ସୃଷ୍ଟି କରାଯିବା ଲାଗି ସେ କାର୍ଯ୍ୟ କରିବେ। ଜର୍ଜଟାଉନ୍ ୟୁନିଭର୍ସିଟି ଆଣ୍ଡ୍ ହଷ୍ଟିଙ୍ଗ୍‌ସ କଲେଜ ଅଫ୍ ଲ'ରେ ସେ ଆଡ୍‌ଜଙ୍କଟ ପ୍ରଫେସର ଭାବେ ଟ୍ରାଏଲ୍ ଆଡଭୋକେସି ଆଣ୍ଡ୍ କ୍ରିମିନାଲ ପ୍ରୋସିଜିଓର ପଢ଼ାଇଥିବାରୁ ବରିଷ୍ଠଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ଠିକ୍ ଭାବେ ଚିହ୍ନଟ କରି ପ୍ରତିକାର କରିପାରିବେ ବୋଲି ଆଶା କରାଯାଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଫାଇନାନ୍ସ ସମ୍ପର୍କରେ ଶିକ୍ଷା କରିବା ଲାଗି ୫ମ ଶ୍ରେଣୀର ପିଲାମାନେ ଏକ ନିଜସ୍ୱ ବ୍ୟାଙ୍କ ଚଳାଇବା କିଛି କମ୍ କଥା ନୁହେଁ। ଏଭଳି ଏକ ବ୍ୟାଙ୍କ ଖୋଲାଯାଇଛି କର୍ନାଟକ ମୁଲର୍‌ର ଏକ ସରକାରୀ ସ୍କୁଲରେ। ଏହି ବ୍ୟାଙ୍କ ସ୍କୁଲ ଶିକ୍ଷକ ସି.ଏସ୍ ସତୀଶ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଏହାର ନାମ ରଖାଯାଇଛି ବ୍ୟାଙ୍କ ଅଫ୍ ମୁଲର୍। ଏହି ବ୍ୟାଙ୍କରେ ପଞ୍ଚମ ଶ୍ରେଣୀର ୩୭ ପିଲାଙ୍କ ଆକାଉଣ୍ଟ ଖୋଲାଯାଇଛି। ପ୍ରତି ପିଲାଙ୍କର ନିଜସ୍ୱ ଲକର ରହିଛି, ଯେଉଁଠି ସେମାନେ ଟଙ୍କା ରଖୁଛନ୍ତି। ସେମାନଙ୍କୁ ହାତତିଆରି ପାସ୍‌ବୁକ୍ ଦିଆଯାଇଛି। ସେଥିରେ ସଞ୍ଚିତ ଟଙ୍କାର ପରିମାଣ ଶିକ୍ଷକ ଉଲ୍ଲେଖ କରିଥାଆନ୍ତି। ପିଲାମାନେ ହାତତିଆରି ଚାଲାଣ କିମ୍ବା ଏକ ଚେକ୍ ମାଧ୍ୟମରେ ଟଙ୍କା ଉଠାଇବାର ବ୍ୟବସ୍ଥା ହୋଇଛି। ବ୍ୟାଙ୍କ ଚଳାଇବା ଲାଗି ପିଲାମାନଙ୍କ ମଧ୍ୟରେ ମ୍ୟାନେଜର, ଆକାଉଣ୍ଟାଣ୍ଟ ଏବଂ କ୍ୟାଶିୟର ବି ରହିଛନ୍ତି। ଆକାଉଣ୍ଟରେ ୧୦୦ ଟଙ୍କା ସଞ୍ଚୟ ହେଲେ ପେନ୍‌ସିଲ, ୨୦୦ ଟଙ୍କା ହେଲେ ପେନ୍, ୩୦୦ ଟଙ୍କାରେ ନୋଟ୍‌ବୁକ ବୋନସ ଆକାରରେ ପାଉଛନ୍ତି। ୫୦୦ ଟଙ୍କା ସଞ୍ଚୟରେ ସେମାନଙ୍କୁ ୫ ପ୍ରତିଶତ ସୁଧ ଦିଆଯାଉଛି ଏବଂ ୧୦୦୦ ଟଙ୍କା ସଞ୍ଚୟ ହୋଇଗଲେ ସେ ଟଙ୍କା ସେମାନଙ୍କ ପ୍ରକୃତ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି। ପରେ ପିଲାମାନେ ସେହି ସଞ୍ଚିତ ଟଙ୍କାକୁ ପାଠ୍ୟ ଉପକରଣ କିଣିବା, ପିକ୍‌ନିକ୍ ଯିବା ଆଦିରେ ଖର୍ଚ୍ଚ କରିପାରିବେ ବୋଲି କହିଛନ୍ତି ସତୀଶ୍।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁନ୍ ୧୯୯୭

- ଶ୍ରୀଲଙ୍କାର ଓମାନତାଇଠାରେ ସେନା ଓ ତାମିଲ ଗେରିଲା ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗି ଉଭୟ ପକ୍ଷରୁ ୩୦୦ ନିହତ।
- ଆଲଜିୟର୍ସର ୩୦୦ କି.ମି. ଦକ୍ଷିଣ-ପୂର୍ବରେ ଅବସ୍ଥିତ ଏମ୍.ସିଲା ଡିପାର୍ଟମେଣ୍ଟ ସମେତ ବିଭିନ୍ନ ସ୍ଥାନରେ ମୁସ୍‌ଲିମ୍ ଆତଙ୍କବାଦୀମାନେ ଗଣହତ୍ୟାକାଣ୍ଡ ଚଳାଇ ୭୦ ଜଣଙ୍କୁ ମାରିଦେଇଛନ୍ତି।
- ସନ୍ତ୍ରାସବାଦର ମୂଳୋତ୍ପାଟନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଅଭେଦ ପାଚେରି ତୋଳି ଚଉପାଶେ ସଦା ସେ
ଥିଲେ ହେଁ ନିକଟେ ଯଥା ଅଛି ଦୂର ପ୍ରବାସେ
ନିଭୃତ ମାନସର ସୁନିବିଡ଼ ପରାସ
କ୍ଷତ ଅନ୍ତରେ ମମ ରକ୍ତର ଯବା ସେ !
(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 9 | | 3 | 6 |
| | | 5 | | 2 | | | | |
| | | | | 8 | | 4 | | |
| | 4 | | | | 1 | | | |
| | 9 | | | | 3 | 8 | 1 | 2 |
| | | | | | 8 | | | 4 |
| | | | | | 2 | | | |
| 1 | | | | | | 3 | | |
| 7 | 3 | | 4 | | | | 5 | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 6 | 7 | 9 | 1 | 2 | 4 | 3 |
| 9 | 1 | 7 | 2 | 4 | 3 | 5 | 8 | 6 |
| 3 | 2 | 4 | 6 | 8 | 5 | 7 | 1 | 9 |
| 8 | 6 | 3 | 5 | 1 | 9 | 4 | 2 | 7 |
| 4 | 7 | 5 | 3 | 6 | 2 | 1 | 9 | 8 |
| 1 | 9 | 2 | 8 | 7 | 4 | 3 | 6 | 5 |
| 6 | 4 | 8 | 1 | 3 | 7 | 9 | 5 | 2 |
| 2 | 3 | 9 | 4 | 5 | 8 | 6 | 7 | 1 |
| 7 | 5 | 1 | 9 | 2 | 6 | 8 | 3 | 4 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଯୁବଶକ୍ତି ଦେଶ ବିକାଶର ମେରୁଦଣ୍ଡ

ମହାଶୟ,

ଦେଶର ମୋଟ ଜନସଂଖ୍ୟାର ୨୮% ହେଉଛନ୍ତି ଯୁବଗୋଷ୍ଠୀ, ଯେଉଁମାନଙ୍କର ଜାତୀୟ ଆୟରେ ୩୪% ଅବଦାନ ରହିଛି। ଦେଶର ପ୍ରଗତି ଓ ଅଭିବୃଦ୍ଧି ଯୁବଶକ୍ତିର ଦକ୍ଷତା, ଶୃଙ୍ଖଳ ଏବଂ ମାନସିକତା ଉପରେ ନିର୍ଭରଶୀଳ। କିନ୍ତୁ ଆଜିକାଲି ଯୁବଗୋଷ୍ଠୀଙ୍କ ଦ୍ୱାରା ଛାତ୍ର ଆନ୍ଦୋଳନ, ରାସ୍ତାରୋକୋ, ହରତାଳ, ଛୋଟ ଛୋଟ କଥାରେ ସରକାରୀ କିମ୍ବା ବେସରକାରୀ ସମ୍ପତ୍ତି ନଷ୍ଟ ଏବଂ ଧନଜୀବନ ନଷ୍ଟ ଯେଉଁ ପରିମାଣରେ ବୃଦ୍ଧି ପାଇଛି ତାହା ଅକଳ୍ପନୀୟ। ବେକାର ଯୁବକମାନଙ୍କର ନୈରାଶ୍ୟବାଦ ହିଁ ଏହାର ପ୍ରମୁଖ କାରଣ। ତେବେ କିଛି ଉପାୟ ଆପଣାଇଲେ ଏହାର ସମାଧାନ ହେବାର ସମ୍ଭାବନା ରହିଛି। ସର୍ବପ୍ରଥମେ ଯୁବକମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ରୋଜଗାର ମାର୍ଗ ପାଇଗଲେ ସେମାନେ ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କରିବାରୁ କ୍ଷାନ୍ତ ରହିବେ; ଯାହାକି ନିଜର, ନିଜ ପରିବାର ତଥା ଦେଶର ପ୍ରଗତିରେ ସହାୟକ ହେବ, ଏହା ନିଃସନ୍ଦେହ। ବର୍ଦ୍ଧିତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ ନ କଲେ ବେକାରି ସମସ୍ୟାର ସମାଧାନ କେବଳ ସ୍ୱପ୍ନ ମଧ୍ୟରେ ସୀମିତ ରହିଯିବ। ଶିକ୍ଷା ସମାପ୍ତି ପରେ କେବଳ ଚାକିରିର ପଶ୍ଚାତ୍‌ଧାବନ ନ କରି କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଗୁଣାତ୍ମକ ଓ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବା ସହିତ ଯେଉଁମାନେ କୃଷି, ବ୍ୟବସାୟ, ବାଣିଜ୍ୟ, ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନଙ୍କୁ ବିନା ସୁଧରେ ଋଣ ତଥା ବୈଷୟିକ ସହାୟତା ପ୍ରଦାନ କରିବା ଆବଶ୍ୟକ। ଯୁବକମାନଙ୍କୁ ଶୃଙ୍ଖଳିତ କରି ଦେଶର ପ୍ରଗତି ପଥରେ ଆଗେଇନେବାକୁ ହେଲେ, ମୋବାଇଲରେ ପ୍ରଦର୍ଶିତ ଅଶ୍ଳୀଳ ୱେବ୍‌ସାଇଟ ଉପରେ ରୋକ ଲଗାଇବା ଜରୁରୀ। ଅର୍ଥନୈତିକ ସଂରକ୍ଷଣର ପ୍ରଚଳନ ତଥା ନିୟୋଜନ କ୍ଷେତ୍ରରେ ସ୍ୱଚ୍ଛତା ଅନେକ ପରିମାଣରେ ଯୁବକମାନଙ୍କର ନୈରାଶ ଦୂରୀକରଣରେ ସହାୟକ ହୋଇପାରିବ।

– ସୁଧାକର ଦାସ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦ୍ରୌପଦୀଙ୍କୁ ସମର୍ଥନ ଜଣାଇଲା ବିଏସ୍‌ପି

ନୂଆଦିଲ୍ଲୀ/ଲକ୍ଷ୍ନୌ,୨୫।୬

ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଶନିବାର ସମର୍ଥନ ଜଣାଇଛି। ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ମୁର୍ମୁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରଥମ ଥର ଲାଗି ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ବିଏସ୍‌ପିର ଆନ୍ଦୋଳନରେ ଆଦିବାସୀ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଦଳ ସୁପ୍ରିମୋ ମାୟାବତୀ କହିଛନ୍ତି। ସେଥିପାଇଁ ବିଏସ୍‌ପି ମୁର୍ମୁଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛି। ତେବେ ଭାଜପା କିମ୍ବା ଏନ୍‌ଡିଏକୁ ସମର୍ଥନ କି ଉପାକୁ ବିରୋଧ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇ ନ ଥିବା ମାୟାବତୀ କହିଛନ୍ତି।

ବିରୋଧୀ ଦଳ ମିଳିତ ରାଷ୍ଟ୍ରପତି ପ୍ରାର୍ଥୀ ଦେବା ବେଳେ ତାଙ୍କ ସହ ଯୋଗାଯୋଗ କରାଯାଇ ନ ଥିବାରୁ ଏହାକୁ ବିଏସ୍‌ପି ଅଧ୍ୟକ୍ଷା ସମାଲୋଚନା କରିଛନ୍ତି। ଗତ ୧୫ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକତରଫା ଭାବେ ଏବଂ ନିଜ ଇଚ୍ଛାରେ କେତେକ ନିର୍ଦ୍ଦିଷ୍ଟ ବିରୋଧୀ ଦଳଙ୍କୁ ବୈଠକକୁ ଡାକିଥିଲେ। ଏହା ପରେ ୨୧ ତାରିଖରେ ଏନ୍‌ସିପି ନେତା ଶରଦ ପାଓ୍ୱାର ଡାକିଥିବା ମିଳିତ ବିରୋଧୀ ଦଳ ବୈଠକକୁ ମଧ୍ୟ ବିଏସ୍‌ପିକୁ ଡକାଯାଇ ନ ଥିଲା। ଏହା ସେମାନଙ୍କ ଜାତିଆଣ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ମାୟାବତୀ କହିଛନ୍ତି। ତେଣୁ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ଦଳ ନିଜସ୍ୱ ନିଷ୍ପତ୍ତିନେବବୋଲିମାୟାବତୀସ୍ପଷ୍ଟକରିଛନ୍ତି।

ଦ୍ରୌପଦୀ ମୁର୍ମୁ ବିରୋଧୀ ଦଳଗୁଡ଼ିକର ସମର୍ଥନ ହାସଲ ଲାଗି ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ସେ ଶନିବାର ଜେଏମ୍‌ଏମ୍ ସୁପ୍ରିମୋ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଫୋନ୍ କରି ତାଙ୍କ ସମର୍ଥନ ଲୋଡ଼ିଛନ୍ତି। ଜେଏମ୍‌ଏମ୍ ମୁଖ୍ୟତଃ ଏକ ଆଦିବାସୀ ଦଳ ହୋଇଥିବାବେଳେ ରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ ଆଲୋଚନା ଲାଗି ଶନିବାର ଦଳୀୟ ଏମ୍‌ପି ଓ ବିଧାୟକମାନଙ୍କ ବୈଠକ ଡାକିଛି। ଶୁକ୍ରବାର ମୁର୍ମୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାଓ୍ୱାର, ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଫୋନ୍ କରି ସେମାନଙ୍କ ଦଳର ସମର୍ଥନ ଲୋଡ଼ିଥିଲେ। ସେମାନେ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ମାୟାବତୀ

# କଂଗ୍ରେସରେ ମତଭେଦ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ନ କରିବାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବାରମ୍ବାର କହୁଥିବା ବେଳେ ଦଳର ବରିଷ୍ଠ ବିଧାୟକ ସୁରେଶ ରାଉତରାୟ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଦ୍ରୌପଦୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିବା ପାଇଁ ସୋନିଆ ଗାନ୍ଧୀଙ୍କ ପାଖରେ ପ୍ରସ୍ତାବ ରଖିବେ ବୋଲି ମଧ୍ୟ କହିଛନ୍ତି। ସୁରେଶଙ୍କ ଏଭଳି ମତକୁ ନେଇ ରାଜ୍ୟ କଂଗ୍ରେସରେ ମତଭେଦ ସୃଷ୍ଟି ହୋଇଛି। ମାଟିର ଝିଅ ଆଗ ନା ପାର୍ଟିର ନିର୍ଦ୍ଦେଶ। ଏମିତି ପ୍ରଶ୍ନରେ ଘାଣ୍ଟି ହେଉଛନ୍ତି କଂଗ୍ରେସ ନେତା। ଦ୍ରୌପଦୀଙ୍କୁ ନିର୍ଦ୍ୱନ୍ଦ୍ୱରେ ଜିତାଇବାକୁ ସୋନିଆଙ୍କୁ ସୁର ପ୍ରସ୍ତାବ ଦେବା ମନ୍ତବ୍ୟକୁ ବ୍ୟକ୍ତିଗତ ନିଷ୍ପତ୍ତି କହି ଦଳ ଏଡ଼ାଇ ଯାଇଛି। ପିସିସି ସଭାପତି କହିଛନ୍ତି ଯେ ଆମେ ଏକ ଜାତୀୟ ଦଳରେ ରହିଛୁ। ଦଳୀୟ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଯାହା ଆସିବ ଆମେ ତାହା ପାଳନ କରିବୁ। ରାଷ୍ଟ୍ରପତି ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ଏ ପ୍ରସଙ୍ଗକୁ ନେଇ କଂଗ୍ରେସ ରାଜନୀତି ସରଗରମ ହେବାରେ ଲାଗିଛି।

## ଦ୍ରୌପଦୀଙ୍କୁ ସମର୍ଥନ ପ୍ରସଙ୍ଗ



### ସୁର କହିଲେ ସୋନିଆଙ୍କୁ ଚିଠି ଲେଖିବେ

ଏନ୍‌ଡିଏ ପ୍ରାର୍ଥୀଙ୍କୁ କଂଗ୍ରେସ କେବେ ସମର୍ଥନ କରିବ ନାହିଁ ବୋଲି ପିସିସି ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତା ଯୁକ୍ତି ବାଢ଼ୁଛନ୍ତି। କିନ୍ତୁ ଏହାକୁ ନେଇ ଦଳର ନେତାଙ୍କ ମଧ୍ୟରେ ସହମତି ହୋଇପାରୁନାହିଁ। ସୁରେଶ ରାଉତରାୟଙ୍କ ଯୁକ୍ତି ହେଉଛି ଦ୍ରୌପଦୀ ନିର୍ଦ୍ୱନ୍ଦ୍ୱରେ ଜିତିବା ନିଶ୍ଚିତ। ତେଣୁ ଓଡ଼ିଆ ଝିଅକୁ ସର୍ବସହମତିରେ ଜିତାଇବା ପାଇଁ ସେ ସୋନିଆ ଗାନ୍ଧୀଙ୍କୁ ପ୍ରସ୍ତାବ ଦେବେ ବୋଲି କହିଛନ୍ତି। ତେବେ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାହା ସେ ଅକ୍ଷରେ ଅକ୍ଷରେ ପାଳନ କରିବେ ବୋଲି ମଧ୍ୟ କହିଛନ୍ତି। ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଧାନସଭାର ୧୪୭ ଜଣ ବିଧାୟକଙ୍କୁ ଦଳମତ ନିର୍ବିଶେଷରେ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ କରିଛନ୍ତି। ଏହାକୁ ଯଦି ଅନ୍ୟ ଦଳର ବିଧାୟକମାନେ ଗ୍ରହଣ କରନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି ବିଜେଡି କହିଛି। ଅନ୍ୟପଟେ ପିସିସି ସଭାପତି କିନ୍ତୁ ସୁରଙ୍କ ମନ୍ତବ୍ୟକୁ ବ୍ୟକ୍ତିଗତ ବୟାନ କହି ଭାଜପାର ମାଟି ଓ ପାର୍ଟି ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସୁରେଶ ରାଉତରାୟ ନିଜ ପୁତ୍ରର ରାଜନୈତିକ ଭବିଷ୍ୟତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ପ୍ରଭାବିତ ହୋଇଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଆମକୁ ଥରେ ସୁଯୋଗ ଦିଆଯାଉ: କେଜ୍‌ରିୱାଲ

ନୂଆଦିଲ୍ଲୀ,୨୫।୬

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶନିବାର ହିମାଚଳ ପ୍ରଦେଶର କୁଲ୍ଲୁରେ ରୋଡ ଶୋ' କରିଛନ୍ତି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି କେଜ୍‌ରିୱାଲ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରି ଦେଲେଣି। ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ କହିଥିଲେ ଏତେ ଟାଣ ଖରାରେ ବି ଆପଣମାନେ ଆସି ଥିବାରୁ ଧନ୍ୟବାଦ। ମୋ ସାନ ଭାଇ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱତ ମାନଙ୍କ ସ୍ୱରରେ ସ୍ୱର ମିଳାଇ କହୁଛି ଆମେ ରାଜନୀତି କରିବାକୁ ଆସିନୁ। ଆମେ ଆନ୍ନା ଆନ୍ଦୋଳନରୁ ବାହାରିଛୁ। ଆମେ ଶପଥ ନେଇଥିଲୁ କି ଆମେ ଦେଶରୁ ଭ୍ରଷ୍ଟାଚାର ହଟାଇବୁ। ଆମେ ଆମର ମନ୍ତ୍ରୀଙ୍କୁ ହିଁ ହଟାଇଛୁ। ଭଗୱନ୍ତ ମାନ ତାଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜେଲ ପଠାଇଛନ୍ତି। କାହାକୁ ଜଣା ନ ଥିଲା କ ଜିରୋ ଟଲରାନ୍ସ ଅଛି। ନା ନିଜକୁ ଛାଡନ୍ତି ନା ଅନ୍ୟକୁ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ କହିଛନ୍ତି ହିମାଚଳର ହଜାର କୋଟିର ବଜେଟ ରହିଛି। ହେଲେ ଏତେ ବର୍ଷ ହେଲା କିଛି ସ୍କୁଲ, କଲେଜ ଅବା ହସ୍ପିଟାଲ ତିଆରି ହୋଇ ନାହିଁ। ତେବେ ହଜାର କୋଟି ଗଲା କୁଆଡେ। ଏଠାକାର ଶାସନ ୫ ବର୍ଷ ଭାରତୀୟ ଜନତା ପାର୍ଟି(ଭାଜପା) ଆଉ ୫ ବର୍ଷ କଂଗ୍ରେସ ନିକଟରେ ଥିଲା। ହେଲେ ଦିଲ୍ଲୀରେ ଆମେ ସ୍କୁଲ ଗୁଡିକୁ ସୁନ୍ଦର କରି ଗଢିଛୁ। ଏବେ ଲୋକେ ପିଲାମାନଙ୍କୁ ସରକାରୀ ସ୍କୁଲରେ ପାଠ ପଢାଉଛନ୍ତି। ଯଦି ଆପଣମାନଙ୍କୁ ଲାଗୁଛି ଭାଜପା ଅବା କଂଗ୍ରେସ ଆପଣଙ୍କ ପିଲାମାନଙ୍କୁ ଭଲ ସ୍କୁଲ ଦେଇ ପାରିବେ ତେବେ ତାଙ୍କୁ ଆପଣମାନେ ଭୋଟ ଦିଅନ୍ତୁ। ଯଦି ଆପଣ ଦୁଇଟି ଯାକ ଦଳକୁ ଦେଖି ସାରିଛନ୍ତି ତେବେ ଆମକୁ ଥରେ ସୁଯୋଗ ଦିଅନ୍ତୁ ବୋଲି ଉପସ୍ଥିତ ଜନତାଙ୍କୁ କେଜ୍‌ରିୱାଲ କହିଥିଲେ।


ତ୍ରିରଙ୍ଗା ଯାତ୍ରା ଅବସରରେ କୁଲ୍ଲୁଠାରେ ରୋଡ ଶୋ' କରୁଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱତ ମାନ।

## ୨୯ରେ ଭାଜପା କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଆସନ୍ତା ୨୯ ତାରିଖରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଫୁଲନଖରା, କୁରାଙ୍ଗସ୍ଥିତ 'ମୀରା କୋର୍ଟୟାର୍ଡ'ଠାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ୨୮ତାରିଖ ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କର ବୈଠକ ଅନୁଷ୍ଠିତ ହେବ । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସମସ୍ତ ଏମପି ଓ ବିଧାୟକ, ରାଷ୍ଟ୍ରୀୟ ପଦାଧିକାରୀ, ରାଜ୍ୟ ପଦାଧିକାରୀ ପ୍ରମୁଖ ଯୋଗ ଦେବେ।

**P.G./U.G. ADMISSION (2022-23)**
**(SELF FINANCE)**
**PRANANATH COLLEGE (AUTONOMOUS), KHORDHA**

After remarkable performances by previous batches not just in terms of academic pursuits and placement drives but also across seminars, workshops, internships, industry visit etc. our institute is pleased to announce that Admission are open through SAMS for upcoming Academic Session 2022-23 in following courses.

1. M.A. in PM & IR
2. M.Sc. in Computer Science
3. M.Sc. in Applied Geology
4. M.A. in Education
5. M. Com
6. BBA (Admission through College Admission Committee)

Teachers of superior caliber with Ph.D/NET qualification and highly experienced guest faculties have been continuing to nurture these academic programmes. Candidates with high aspiration are invited to apply.
Further details are available on **www.pnautonomouscollege.in**.

Sd./- Principal
Prananath College (Autonomous), Khordha

# ହୋଟେଲ ବିଲ୍ କିଏ ପୈଠ କରୁଛି

ମୁମ୍ବାଇ,୨୫।୬

ଶିବସେନାର ବିଦ୍ରୋହୀ ବିଧାୟକମାନେ ମହାରାଷ୍ଟ୍ରରୁ ସୁରଟ ଯାଇ ପଞ୍ଚତାରକା ହୋଟେଲରେ ରହିଥିଲେ। ପରେ ସେମାନେ ଆସାମର ଗୁଆହାଟୀ ସ୍ଥିତ ଆଉ ଏକ ହୋଟେଲରେ ଅବସ୍ଥାନ କରୁଛନ୍ତି। ଉଭୟ ଗୁଜରାଟ ଓ ଆସାମ ଭାଜପା ଶାସିତ ରାଜ୍ୟ ହୋଇଥିବାରୁ ଶିବସେନାରେ ବିଦ୍ରୋହ ପଛରେ ଗୈରିକ ଦଳର ହାତ ଥିବା ସନ୍ଦେହ କରାଯାଉଛି। ଏହି ଦୁଇ ବିଳାସପୂର୍ଣ୍ଣ ହୋଟେଲରେ ରହଣି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଅସନ୍ତୁଷ୍ଟ ବିଧାୟକମାନଙ୍କୁ ନେବା ଆଣିବା ପାଇଁ ଚାର୍ଟର୍ଡ ଫ୍ଲାଇଟ୍ ବ୍ୟବହାର କରାଯାଉଛି। ଏତେ ପରିମାଣର ଟଙ୍କା କେଉଁଠୁ ଆସୁଛି ବୋଲି ଶରଦ ପାଓ୍ୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରଶ୍ନ କରିଛି। ବିରୋଧୀମାନଙ୍କ ମୁହଁ ବନ୍ଦ କରିବା ଲାଗି କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବାନେଇ ଅଭିଯୋଗ ହେଉଥିବାବେଳେ ଶିବସେନା ବିଦ୍ରୋହୀଙ୍କ ପାଇଁ ଖର୍ଚ୍ଚ ହେଉଥିବା ବିପୁଳ ପରିମାଣର ଅର୍ଥ କେଉଁ ସୂତ୍ରରୁ ଆସୁଛି ତାହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର (ଆଇଟି) ବିଭାଗ କାହିଁକି ତଦନ୍ତ କରୁ ନାହାନ୍ତି ବୋଲି ଏନ୍‌ସିପି ପ୍ରଶ୍ନ କରିଛି। ଏନ୍‌ସିପି ମୁଖପାତ୍ର ମହେଶ ତାପ୍‌ସେ କହିଛନ୍ତି, ବିଧାୟକମାନଙ୍କୁ କିଣିବା ପାଇଁ ଘୋଡ଼ା ବେପାର କରାଯାଇଛି। ମୁଣ୍ଡପିଛା ୫୦ କୋଟି ଟଙ୍କା ଦିଆଯାଉଥିବା ନେଇ ହେଉଥିବା ଅଭିଯୋଗ ସତ କି? ଇଡି ଏବଂ ଆଇଟିକୁ ତତ୍ପର କରାଇପାରିଲେ ଏହି କଳାଧନର ଉତ୍ସ ଧରାପଡ଼ିବ।

### ଇଡି, ଆଇଟି ତଦନ୍ତ କରନ୍ତୁ: ଏନ୍‌ସିପି


ମହେଶ ତାପ୍‌ସେ

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**LOWER SUKTEL R.R.C&B DIVISION, BOLANGIR**
e-mail id- lsrrcbdbgr@gmail.com

**'e' Procurement Notice**

**Bid identification NO.-LSRRC&BD-BGR-05/2022-23**

**No.A-343:**The Superintending Engineer, Lower Suktel RRC&B Division, Bolangir on behalf of the Governor of Odisha invites online percentage rate tender to be received in online mode only for the work as detailed below.

| WORK-1 | | |
|---|---|---|
| 1 | Name of the Work | Construction of Sub-Base formation for main road and branch road including cross drainage works (Box Culverts) in RR Colony of LSIP, Balangir at Uchhabahal. |
| 2 | Estimated Cost | : Rs.47,37,595.00 |
| 3 | Cost of Tender Paper | : Rs. 6,000.00 |
| 4 | Class of Contractor | : 'B' and 'A' Class |
| 5 | Period Of Completion | : 4 (Four) Months |
| 6 | Date and Time of Bid availability in The Portal | : From Dt. 27.06.2022 at 10:00 AM. To Dt.11.07.2022 up to 5:00 PM. |
| 7 | Last date and time of receipt of Bid in the Portal | : Dt. 11.07.2022 up to 5:00 PM. |
| 8 | Date and time of opening of Bid in the portal | :Dt. 12.07.2022 at 11:00 AM |
| 9 | Name and address of the officer inviting the Bid | : Superintending Engineer, Lower Suktel R.R.C & B Division, Bolangir, At-Laltikra, P.O-R.College, Dist-Bolangir 767002. |
| 10 | Any corrigendum / Addendum will be displayed in the Govt. website only. | |
| 11 | Further details can be seen from the e-procurement portal- **www.tendersodisha.gov.in** | |

Sd./-SUPERINTENDING ENGINEER
LOWER SUKTEL R.R.C&B DIVISION, BOLANGIR
OIPR-32182/11/0008/2223

# ମୋଦି, ରାଜନାଥଙ୍କୁ ଫୋନ୍ କଲେ ଯଶୱନ୍ତ


ଯଶୱନ୍ତ ସିହ୍ନା

**ନୂଆଦିଲ୍ଲୀ,୨୫।୬:** ରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଯଶୱନ୍ତ ସିହ୍ନା ସୋମବାର ନାମାଙ୍କନପତ୍ର ଦାଖଲ କରିବେ। ଏନ୍‌ଡିଏ ପ୍ରତିପକ୍ଷ ଦ୍ରୌପଦୀ ମୁର୍ମୁଙ୍କ ପଲା ଭାରି ଥିବାବେଳେ ନିଜ ବିଜୟ ସୁନିଶ୍ଚିତ କରିବା ସକାଶେ ଯଶୱନ୍ତ ସବୁଦଳର ନେତାଙ୍କ ସମର୍ଥନ ଯୋଗାଡ଼ କରିବାରେ ବ୍ୟସ୍ତ। ଏହି କ୍ରମରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଫୋନ୍ କରି ସମର୍ଥନ ଲୋଡ଼ିଛନ୍ତି। ଯଶୱନ୍ତ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଜେଏମ୍‌ଏମ୍ ନେତା ହେମନ୍ତ ସୋରେନଙ୍କୁ ମଧ୍ୟ କଲ୍ କରି ନିଜ ପ୍ରାର୍ଥିତ୍ୱକୁ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି। ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଥିବା ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିପାରନ୍ତି।

**ନିୟନ୍ତ୍ରିତ ବଜାର କମିଟି, କୋରାପୁଟ କାର୍ଯ୍ୟାଳୟ**
**ଜିଲ୍ଲାପାଳ, କୋରାପୁଟଙ୍କ କାର୍ଯ୍ୟାଳୟ ପରିସର**
ଦୂରଭାଷ- ୦୬୮୫୨-୨୫୨୦୦୭

**ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା ୩୧୧/୨୦୨୨ ତା୨୪।୦୬।୨୦୨୨ରିଖ

ଏତଦ୍ଦ୍ୱାରା କୋରାପୁଟ ରାଜସ୍ୱ ଉପଖଣ୍ଡର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କୋରାପୁଟ ନିୟନ୍ତ୍ରିତ ବଜାର କମିଟିଙ୍କ ଅଧୀନରେ ଥିବା ସେମିଳିଗୁଡ଼ା ବଜାର ପ୍ରାଙ୍ଗଣରେ ୬୬ଟି ଦୋକାନଗୃହ ଓ ଚାରିଗୋଟି ଗୋଦାମ ଗୃହ ମାସିକ ଭଡ଼ା ସୂତ୍ରରେ କୋରାପୁଟ ରାଜସ୍ୱ ଉପଖଣ୍ଡର ସର୍ବସାଧାରଣଙ୍କ ଆବଣ୍ଟନ ନିମନ୍ତେ ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ବ୍ୟକ୍ତିବିଶେଷ ତା୨୭।୦୬।୨୦୨୨ରିଖ ପୂର୍ବାହ୍ନ ୧୦ ଘଟିକାଠାରୁ ତା୦୮।୦୭।୨୦୨୨ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି କୋରାପୁଟଙ୍କ କାର୍ଯ୍ୟାଳୟରେ ଟ୫୦୦.୦୦ (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ କରି ଦରଖାସ୍ତ ଫର୍ମ ପାଇପାରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ତା୦୮।୦୭।୨୦୨୨ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ। ପ୍ରାପ୍ତ ଦରଖାସ୍ତଗୁଡିକ ତା୧୧।୦୭।୨୦୨୨ରିଖ ସୋମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଉପଜିଲ୍ଲାପାଳ, କୋରାପୁଟଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀମାନଙ୍କ ଉପସ୍ଥିତିରେ ଖୋଲାଯିବ ଓ ମନୋନୀତ ହୋଇ ନ ଥିବା ଆବେଦନକାରୀମାନଙ୍କର ଅମାନତ ଟଙ୍କା ଫେରସ୍ତ କରିଦିଆଯିବ । ପୁନଶ୍ଚ ଜଣାଇ ଦିଆଯାଉଅଛି ଯେ, ମାଛ, ମାଂସ (ଛେଳି ଓ କୁକୁଡ଼ା), ଶୁଖୁଆ ବ୍ୟବସାୟ କରିବା ପାଇଁ ଅନୁମତି ଦିଆଯିବ ନାହିଁ।

| କ୍ର. ନଂ. | ଜାଗା ବା ସ୍ଥାନର ନାମ | ବିଷୟର ବିବରଣୀ | ଅମାନତ ବାବଦକୁ ଡିପୋଜିଟ |
|---|---|---|---|
| ୧ | ସେମିଳିଗୁଡ଼ା ବଜାର ପ୍ରାଙ୍ଗଣ | ତଳ ଦୋକାନ ଗୃହ | ଟ୫୦,୦୦୦/- (ପଚାଶ ହଜାର ଟଙ୍କା) |
| ୨ | ସେମିଳିଗୁଡ଼ା ବଜାର ପ୍ରାଙ୍ଗଣ | ଉପର ଦୋକାନ ଗୃହ | ଟ୩୦,୦୦୦/- (ତିରିଶ ହଜାର ଟଙ୍କା) |
| ୩ | ସେମିଳିଗୁଡ଼ା ବଜାର ପ୍ରାଙ୍ଗଣ | ଗୋଦାମ ଗୃହ | ଟ୨,୦୦,୦୦୦/- (ଦୁଇ ଲକ୍ଷ ଟଙ୍କା) |

ପ୍ରକାଶ ଥାଉକି, ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତାଙ୍କର କ୍ଷମତା ବଳରେ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ବଣ୍ଟନ ବ୍ୟବସ୍ଥାକୁ ବାତିଲ କରିପାରିବେ ।

ସ୍ୱା./- ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

**Government of Odisha**
**Higher Education Department**

**Dateline for Common PG Entrance Test (CPET - 2022) & P.G. e-Admission for the Session 2022-23 for State Public Universities and Colleges**

No. N-11: Dateline for Common PG e-Admission for the Session 2022-23 & Entrance Test (CPET - 2022) for State Public Universities and Colleges with PG Courses under project 'Student Academic Management System (SAMS)' is given below. Any change in the dateline will be published in the Newspapers as well as in the website **www.samsodisha.gov.in**. Common Prospectus (CP) for CPET - 2022 will be available in the said website. Kindly refer the CP before filling up the CAF.

| SL # | Activites | Timeline |
|---|---|---|
| 1 | Availability of Online Common Application Form (CAF) in the website **www.samsodisha.gov.in** | 27 June 2022 |
| 2 | Last date of applying Online CAF through **www.samsodisha.gov.in** | 12 July 2022 |
| 3 | Opening of correction Window for editing the CAF, which is already submitted before (No fresh CAF will be entertained) | 13 July 2022 & 14 July 2022 |
| 4 | Available of Hall Ticket in existing Student login (applicant's e-Space) for downloading | 20 July 2022 (2.00 P.M.) |
| 5 | Commencement of Entrance Examination (CPET - 2022) | 01 Aug. 2022 to 13 Aug. 2022 (Except 07th Aug., 09th Aug. & 11th Aug.) |
| 6 | Handing over the entrance marks to OCAC by the Entrance Examination Conducting University by | 22 Aug. 2022 |
| 7 | Updation of Graduation/Equivalent marks by the applicant | From 12 Aug. 2022 to 20 Aug. 2022 (5.00 P.M.) |
| 8 | Publication of subject-wise and State-wide merit list | 25 August 2022 (2.00 P.M.) |
| 9 | Choice filling by eligible applicants | 25 Aug. 2022 to 30 Aug. 2022 |
| 10 | Provisional allotment of Seats (First Round) | 05 Sept. 2022 (4.00 P.M.) |
| 11 | Reporting at allotted Institutions, admission and data updation in the University/College e-Space (First Round) | 06 Sept. 2022 & 07 Sept. 2022 (5.00 P.M.) |
| 12 | Updation of Slide-Up Option Form online by the Students taken admission in First Round of Selection | 08 Sept. 2022 (3.00 P.M.) |
| 13 | Data updation in the e-Space of the Students, admitted from the First Round Merit List by the respective Institutions | 08 Sept. 2022 (7.00 P.M.) |
| 14 | Publication of Provisional Allotment of Seats (Second Round) | 13 Sept. 2022 (12.00 Noon) |
| 15 | Reporting at allotted institutions, admission and data updation in the university/college e-Space (Second Round) | 14 Sept. 2022 & 15 Sept. 2022 (5.00 P.M.) |
| 16 | Data updation in the e-Space of the Students, admitted from the Second Round Merit List by the respective Institutions | 16 Sept. 2022 (5.00 P.M.) |
| 17 | Publication of Provisional Vacant Seats in SAMS website | 20 Sept. 2022 |
| 18 | Publication of Spot Merit List | 23 Sept. 2022 |
| 19 | Reporting of the candidates for Spot Selection at the Institutions | 24 Sept. 2022 & 26 Sept. 2022 (5.00 P.M.) |
| 20 | Updation of the selected candidate's name by the Institutions out of the reported candidates for the Spot Selection | 27 Sept. 2022 (5.00 P.M.) |
| 21 | Publication of Final selected Spot Merit List for admission | 28 Sept. 2022 (12.00 Noon) |
| 22 | Admission and Data updation of the Candidates, reported from the Spot Merit List | 29 Sept. 2022 & 30 Sept. 2022 |
| 23 | Collection of Admission Fees at the respective HEIs (After completion of e-Admission Process for the Session 2022-23) | Dates will be notifed by the Higher Education Department Later |

**For more details please Contact: e-Admission Helpline (Toll Free) Number 155335 / 1800-345-6770**

**N.B.:** Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET - 2022. But, they must upload their marks prior to preparation of "Subject wise and State wide provisional rank" within the dateline, failing which, their applications will not be considered.

OIPR-11001/11/0010/2223 Sd./- Deputy Director, PTC Section

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରିଟାୟାର୍ଡ ପୋଲିସ ଅଫିସର ସଂଘ ପକ୍ଷରୁ ପୁସ୍ତକ ଉନ୍ମୋଚନ, କମିଶନରେଟ୍ ପୋଲିସ କନ୍‌ଫରେନ୍ସ ହଲ୍, ପୂର୍ବାହ୍ନ ୧୧ଟା।
- ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ରାଜ୍ୟସ୍ତରୀୟ ବୈଠକ, ବାଣୀବିହାରସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।
- ଉତ୍କଳିକା ପକ୍ଷରୁ ଜାତୀୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ଅପରାହ୍ନ ୩ଟା।
- ୧୪ତମ ଆନନ୍ଦ ଉତ୍ସବ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୫ଟା ୩୦।
- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୨ତମ ବାର୍ଷିକୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ୧୦ମ ବସନ୍ତ ଶତପଥି ସ୍ମାରକୀ ବକ୍ତୃତା, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬.୩୦।

**କଟକ**

- ଜରୁରୀ ପରିସ୍ଥିତିରେ କାରାବରଣ କରିଥିବା ରାଜବନ୍ଦୀମାନଙ୍କ ସମାବେଶ, ଟାଉନ ହଲ୍, ପୂର୍ବାହ୍ନ ୧୦ଟା।
- ରେଜ୍ ଫାଉଣ୍ଡେଶନର ପ୍ରଥମ ପ୍ରତିଷ୍ଠା ଦିବସ, ଶହୀଦ ଭବନ, ପୂର୍ବାହ୍ନ ୧୧ଟା।
- ବସୁଧୈବ କୁଟୁମ୍ବକମ୍ ମିଶନର ୭୪ତମ ଅଧିବେଶନ, ଦି ଲିଙ୍କ୍ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ଲିଙ୍କ୍‌ରୋଡ୍, ଅପରାହ୍ନ ୪ଟା ୩୦।

# କୋର୍ଟ ପରିସରରୁ ଦୋଷୀ ସାବ୍ୟସ୍ତ ନିଶାବେପାରୀ ଚମ୍ପଟ

- ୧୦ବର୍ଷ ଦଣ୍ଡାଦେଶ ଦେଲେ ଏଡିଜେ ୩
- ହାତରେ ପଡ଼ିଛି ହ୍ୟାଣ୍ଡକଫ୍


ବିଜୟ ମାଣିଆ

ଭୁବନେଶ୍ୱର,୨୫ା୬(ବ୍ୟୁରୋ)

ନିଶା କାରବାର ମାମଲାରେ ଦଣ୍ଡିତ ହେବାପରେ ଜଣେ ଅଭିଯୁକ୍ତ ଭୁବନେଶ୍ୱର କୋର୍ଟ ପରିସରରୁ ଫେରାର ହୋଇଯାଇଛନ୍ତି। ଶନିବାର ଅପରାହ୍ନରେ ଏହି ଘଟଣା ଘଟିଛି। ସେ ହେଲେ ନିଶା ବେପାରୀ ବିଜୟ ମାଣିଆ। ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରା ଜଜ୍ (ତୃତୀୟ) ଅଭିଯୁକ୍ତ ବିଜୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଥିଲେ। ଜରିମାନା ଅର୍ଥ ଅନାଦେୟ ହେଲେ ବିଜୟଙ୍କୁ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସସ୍ମିତା ପାଢୀ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ। ଦଣ୍ଡାଦେଶ ପରେ ଏସ୍କର୍ଟ ଟିମ୍ ବିଜୟଙ୍କୁ ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରକୁ ନେବା ଲାଗି କୋର୍ଟରୁ ବାହାରିଥିଲେ। ଅଭିଯୁକ୍ତଙ୍କ ହାତରେ ହ୍ୟାଣ୍ଡକଫ୍ ମଧ୍ୟ ପଡିଥିଲା। ହେଲେ ଦୁଇଜଣିଆ ଏସ୍କର୍ଟ ଟିମ୍‌ରେ ଥିବା ଯବାନଙ୍କ କୋହଳ ସୁରକ୍ଷା ବ୍ୟବସ୍ଥାର ଫାଇଦା ଉଠାଇ ଅଭିଯୁକ୍ତ କୋର୍ଟ ପରିସରରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ତାଙ୍କୁ ଧରିବାକୁ ବହୁ ଖୋଜାଖୋଜି କରି ମଧ୍ୟ ପୋଲିସ ବିଫଳ ହୋଇଛି। ଶୁକ୍ରବାର ଭୁବନେଶ୍ୱର କୋର୍ଟ ପରିସରରୁ ଜଣେ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଖାଇ ଫେରାର ହୋଇଯିବା ଘଟଣାର ୨୪ ଘଣ୍ଟା ମଧ୍ୟରେ ଆଉଜଣେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଚମ୍ପଟ ମାରିବା ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅପରପକ୍ଷରେ ଅଭିଯୁକ୍ତ ବିଜୟଙ୍କ ଫଟୋ କମିଶନରେଟ ପୋଲିସର ସମସ୍ତ ଥାନାକୁ ପଠାଯିବା ସହ ଆଲର୍ଟ କରାଯାଇ ଖୋଜାଖୋଜି ଚାଲିଛି। ଖୁବ୍‌ଶୀଘ୍ର ସେ ଧରାପଡିବେ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ସେପ୍ଟେମ୍ବର ୧୧ରେ କଟକ ଜିଲା ଅବକାରୀ ବିଭାଗର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳରେ ଚଢ଼ାଉ କରି ୧୦୫ କେଜିର ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତ ବିଜୟଙ୍କୁ ଗିରଫ କରିଥିଲା। ଏଥିସହ ତାଙ୍କଠାରୁ ନଗଦ ୪୨ ହଜାର ଟଙ୍କା ମଧ୍ୟ ଜବତ କରାଯାଇଥିଲା। ଏହି ମାମଲା ଭୁବନେଶ୍ୱର ଅତିରିକ୍ତ ଜିଲା ଜଜ୍ (ତୃତୀୟ)ଙ୍କ କୋର୍ଟରେ ବିଚାରାଧୀନ ଥିଲା। ଶନିବାର ଏହାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା। ଅବକାରୀ ବିଭାଗ ପକ୍ଷରୁ ୩ ଜଣ ଅଧିକାରୀଙ୍କ ସାକ୍ଷ୍ୟ ପ୍ରଦାନ କରାଯିବା ସହ ୫ଟି ଦସ୍ତାବିଜ କୋର୍ଟରେ ଦାଖଲ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।

# ରାଇମୋହନଙ୍କ ଘରେ ପୋଲିସର ତଦନ୍ତ

## ଆତ୍ମହତ୍ୟା ଘଟଣା

- ପରିବାରବର୍ଗଙ୍କୁ ପଚରାଉଚରା କଲେ ୪ ମହିଳା ଅଧିକାରୀ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା


ପୋଲିସ ଟିମ୍ ରାଇମୋହନଙ୍କ ଘରୁ ଫେରୁଛନ୍ତି।

ଭୁବନେଶ୍ୱର,୨୫ା୬(ବ୍ୟୁରୋ)

ଓଲିଉଡ୍‌ର ଚର୍ଚ୍ଚିତ ଖଳନାୟକ ତଥା ଲୋକପ୍ରିୟ ଅଭିନେତା ରାଇମୋହନ ପରିଡ଼ାଙ୍କ ମୃତଦେହ ଶୁକ୍ରବାର ଘରର ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଡିସିପି ପ୍ରତୀକ ସିଂ କହିଥିଲେ। ହେଲେ ଘଟଣାର ଦିନକ ପରେ ବି ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ଏପଟେ ରାଇମୋହନଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହିଁ ସିନେ, ଯାତ୍ରା ଓ ମଞ୍ଚ ଜଗତ। ଘଟଣାଦିନ କେତେଜଣ ଅଭିନେତା ଓ କଳାକାର ତଦନ୍ତ ଦାବି କରିଥିଲେ। ପାରିବାରିକ ଅଶାନ୍ତି କଥା ଉଠିଥିଲା। ତାଙ୍କ ଭଉଣୀ ମଧ୍ୟ ଗଣମାଧ୍ୟମ ଆଗରେ ରାଇମୋହନଙ୍କୁ ହତ୍ୟା କରାଯାଇଥିବା ଆଶଙ୍କା ପ୍ରକାଶ କରିଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ମୃତ୍ୟୁ ପଛର କାରଣ ଖୋଜିବାରେ ଲାଗିଛି। ଶନିବାର ୪ ଜଣିଆ ମହିଳା ଅଧିକାରୀଙ୍କୁ ନେଇ ଏକ ପୋଲିସ ଟିମ୍ ସନ୍ଧ୍ୟାରେ ରାଇମୋହନଙ୍କ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି। ସ୍ତ୍ରୀ ରଞ୍ଜିତା ପରିଡା, ୨ ଝିଅ, ଜ୍ୱାଇଁ, ୨ ଡ୍ରାଇଭରଙ୍କଠାରୁ କିଛି ତଥ୍ୟ ହାସଲ କରି ବହୁ ସମୟ ପରେ ବାହାରିଥିଲା। କିନ୍ତୁ କୌଣସି ଅଧିକାରୀ ଗଣମାଧ୍ୟମ ଆଗରେ କିଛି ବି ମୁହଁ ଖୋଲି ନ ଥିଲେ। ପୋଲିସର ତଦନ୍ତ ଆଗେଇ ଚାଲିଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ରାଇମୋହନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ୮ ମିନିଟ୍ ମଧ୍ୟରେ ୨ ଝିଅ, ସ୍ତ୍ରୀଙ୍କୁ 'ବାଏ' ମେସେଜ



ରାଇମୋହନଙ୍କ ବଡ଼ ଝିଅ ଶେଫାଳି ଓ ସ୍ତ୍ରୀ ରଞ୍ଜିତା ଶପିଂ କରିବାକୁ ଶୁକ୍ରବାର ସକାଳ ୧୦.୪୦ରେ ଘରୁ ବାହାରିଥିଲେ। ପ୍ରଥମେ କମ୍ପ୍ୟୁଟର କ୍ଲାସ୍‌ରୁ ସାନ ଝିଅ ଲିଟୁଙ୍କୁ କଲେଜରେ ଛାଡ଼ି କଟକ ଅଭିମୁଖେ ଯାଇଥିଲେ। ଏହି ସମୟରେ ରାଇମୋହନ ଘରେ ଏକାକୀ ଥିଲେ। ବଡ଼ ଝିଅ ଓ ସ୍ତ୍ରୀଙ୍କୁ ଫୋନ କଲ୍ କରି କଟକରେ ପହଞ୍ଚିଲଣି କି? ଗାଡ଼ି କେଉଁଠି ପାର୍କିଂ କରିଛ? କ'ଣ ଖାଇଛ ଏଭଳି ଅନେକ କଥା ପଚାରିଥିଲେ। ହେଲେ ୧୧ଟା ପରେ ୨ ଝିଅ ଓ ସ୍ତ୍ରୀଙ୍କୁ ୮ ମିନିଟ ମଧ୍ୟରେ 'ବାଏ' ମେସେଜ କରିଥିଲେ। ଶେଷ ମେସେଜ୍ ୧୧ଟା ୧୯ରେ ଯାଇଥିଲା। ସେପଟେ ଲିଟୁ କଲେଜରେ ଥିବା ବେଳେ ବାପାଙ୍କୁ କୌଣସି କାମରେ କଲ୍ କରିଥିଲେ। ହେଲେ ରାଇମୋହନ ଫୋନ୍ ଉଠାଇ ନ ଥିଲେ। ବାପା ଫୋନ୍ ନ ଉଠାଇବାରୁ ଲିଟୁ ପଳାଶୁଣିରେ ରହୁଥିବା ତାଙ୍କର ୨ୟ ଡ୍ରାଇଭର ଚାଲୁଙ୍କୁ ଫୋନ୍ କରି ଘରକୁ ଯିବାକୁ କହିଥିଲେ। ଡ୍ରାଇଭର ଚାଲୁ ସଙ୍ଗେ ସଙ୍ଗେ ଘରକୁ ଆସି କଲିଂ ବେଲ୍ ମାରିଥିଲେ। ପରେ କବାଟରେ ହାତ ମାରିବାରୁ ଭିତରୁ ଲକ ନ ଥିବାରୁ ତାହା ଖୋଲି ଯାଇଥିଲା। ଘର ଭିତରକୁ ପଶିବା ବେଳକୁ ରାଇମୋହନ ଫ୍ୟାନରେ ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ଚାଲୁ ସଙ୍ଗେ ସଙ୍ଗେ ଲିଟୁଙ୍କୁ ଫୋନ କରି ଘଟଣା ସମ୍ପର୍କରେ କହିବାରୁ ଘଟଣା ଲୋକଲୋଚନକୁ ଆସିଥିଲା।

## ୩୦ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ

ଭୁବନେଶ୍ୱର, ୨୫ା୬ (ବ୍ୟୁରୋ)



ଖଳନାୟକ ସାଜି ପରଦା ତଥା ମଞ୍ଚରେ ନାଲି ଆଖି ଦେଖାଇ ଡରାଉଥିବା ରାଇମୋହନ ପରିଡ଼ା ବାସ୍ତବରେ ଜଣେ ସରଳ ଓ ଅମାୟିକ ମଣିଷ ଥିଲେ। ନିଜର ନିଆରା ଡାଏଲଗ୍ ଓ ବଳିଷ୍ଠ ଅଭିନୟ ପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ଚଳଚ୍ଚିତ୍ର, ଯାତ୍ରାରେ ସବୁବେଳେ ପ୍ରେମରେ ବାଧକ ସାଜୁଥିବା ରାଇମୋହନ ନିଜେ କିନ୍ତୁ ପ୍ରେମ ବିବାହ କରିଥିଲେ। ରାଇମୋହନ ଏବଂ ରଞ୍ଜିତା ସେନାପତିଙ୍କ ଜାତି ଅଲଗା ଥିବାରୁ ସେମାନଙ୍କ ପ୍ରେମକୁ ପରିବାର ପକ୍ଷରୁ ଘୋର ବିରୋଧ କରାଯାଇଥିଲା। ମାତ୍ର ଘର ଲୋକଙ୍କ ବାରଣକୁ ଭ୍ରୂକ୍ଷେପ ନ କରି ଦୁହେଁ ବିବାହ କରିଥିଲେ। ଭୁବନେଶ୍ୱରରେ ଥିବା ଆମଫୋଇ ସଂସ୍ଥାଠାରେ ୧୯୯୨ ଏପ୍ରିଲ ୯ରେ ୨୯ ବର୍ଷୀୟ ରାଇମୋହନ ଏବଂ ୨୦ ବର୍ଷୀୟା ରଞ୍ଜିତାଙ୍କ ବିବାହ ହୋଇଥିଲା। ବିବାହ ଦିନ ଦୁହେଁ ବନ୍ଧୁ ତଥା ଅଭିନେତା ଅଶ୍ରୁମୋଚନ ଏବଂ ଅନ୍ୟ କେତେଜଣ ବନ୍ଧୁଙ୍କ ସହ ସଂସ୍ଥାରେ ଆସି ପହଞ୍ଚିଥିଲେ। ଉଭୟଙ୍କ ବିବାହଯୋଗ୍ୟ ବୟସ ହୋଇ ସାରିଥିବାରୁ ସେହିଠାରେ ହିଁ ସେମାନଙ୍କ ବିବାହ ହୋଇଥିଲା। ଏ ସମ୍ପର୍କରେ ସଂସ୍ଥାର ସମ୍ପାଦକ ବି. ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର କହିଛନ୍ତି, ନିଜ ଭଲପାଇବାକୁ ସ୍ୱୀକୃତି ଦେବାକୁ ସେ ଏଠାକୁ ଆସିଥିଲେ। ବିବାହ ପରେ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୨୦୦୫ରେ ସଂସ୍ଥାର ୨୫ ବର୍ଷ ପୂର୍ତ୍ତି ଉତ୍ସବରେ ସେ ତାଙ୍କ ପରିବାର ସହିତ ଉତ୍ସବରେ ଯୋଗ ଦେଇଥିଲେ। ତେବେ ଏଭଳି ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରି ହେଉନି ବୋଲି ଭୋଲ୍‌ଟେୟାର କହିଛନ୍ତି।

# ଲେଖିକାଙ୍କ ପୁସ୍ତକରେ ଭାଷା, ଭାବର ଛଳନା ନାହିଁ

ଭୁବନେଶ୍ୱର,୨୫ା୬(ବ୍ୟୁରୋ): କୌଣସି କଥା ଆମ ଆୟତ୍ତରେ ନ ଥାଏ। କୌଣସି ସମସ୍ୟା ସୃଷ୍ଟି ହେଲେ ଏହାର ସମାଧାନର ବାଟ ସମସ୍ୟା ସୃଷ୍ଟି କରିଥିବା ବ୍ୟକ୍ତି ପାଖରେ ହିଁ ଥାଏ। ଯାହା ଘଟିବାର ଥିବ ଘଟିବ। ଜୀବନରେ ଘଟୁଥିବା ଘଟଣାକୁ ସାମ୍ନା କରି ଆଗକୁ ବଢ଼ିବାରେ ହିଁ ଜୀବନର ଅସଲି ସ୍ୱାଦ ରହିଛି। ଲେଖିକା ଆରତି ମହାନ୍ତିଙ୍କ ଗଳ୍ପ ସଂକଳନ 'ଅଶାନ୍ତ ଆତ୍ମା'ର ଲୋକାର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ଏଭଳି କହିଛନ୍ତି। ସେ କହିଛନ୍ତି, ଲେଖିକାଙ୍କ ପୁସ୍ତକରେ ଭାଷା, ଭାବର ଛଳନା ନାହିଁ। ଏହା କେବଳ ଗଳ୍ପ ସଂକଳନ ନୁହେଁ ବରଂ ଏକ ଅଖଣ୍ଡ ଉପନ୍ୟାସ। ଅନ୍ୟତମ ଅତିଥି କଥାକାର ଗୌରହରି ଦାସ କହିଛନ୍ତି, ସ୍ମୃତି, ସ୍ୱପ୍ନ ଓ କଳ୍ପନାକୁ ନେଇ ଗଳ୍ପ ଲେଖାଯାଏ। ମଣିଷ ଜାତିର ସାମୂହିକ ସ୍ୱପ୍ନ ହେଲା ସାହିତ୍ୟ। ଲେଖିକା ଅନେକଗୁଡ଼ିଏ ବାସ୍ତବ ଘଟଣାକୁ ପୁସ୍ତକ ମାଧ୍ୟମରେ ପ୍ରକାଶ କରିଛନ୍ତି। ଏଥିସହ ପୁସ୍ତକରେ ଥିବା ପ୍ରତୀକ୍ଷା ନାମ୍ନୀ ଗଳ୍ପ ସଂକଳନ ଉପରେ ଆଲୋଚନା କରିଥିଲେ। ଲେଖିକା ମହାନ୍ତି ପୁସ୍ତକର ପୃଷ୍ଠଭୂମି ଦେବାକୁ ଯାଇ କହିଛନ୍ତି, ଜୀବନର ଅତି ସରଳ ଅନୁଭୂତିକୁ ସରଳ କରି ଦେଖାଇବାର ପ୍ରୟାସ ଏହି ପୁସ୍ତକ ମାଧ୍ୟମରେ କରିଛି। ପୁସ୍ତକଟି ଉତ୍ତରପିଢ଼ିଙ୍କ ପାଇଁ କରାଯାଇଛି। ପିଲାମାନେ କିଭଳି ବାପା, ମା'ଙ୍କୁ ସମ୍ମାନ ଦେବେ, ଆତ୍ମହତ୍ୟାରୁ ନିଜକୁ କିଭଳି ଅଟକାଇବେ, କର୍ମ, ଦୁଃଖ, ଯନ୍ତ୍ରଣା ସର୍ବୋପରି ଜୀବନକୁ ସହଜରେ ଜୟ କରିବାକୁ ଏହା ସାହାଯ୍ୟ କରିବ ବୋଲି ଲେଖିକା କହିଛନ୍ତି। ପୁସ୍ତକଟିରେ ଲେଖିକା ମୁଁ ଶବ୍ଦର ବ୍ୟବହାର କରିଛନ୍ତି। ଯେମିତି ସେ ଲେଖିବାବେଳେ ନିଜକୁ ସଂଶ୍ଳିଷ୍ଟ କରୁଥିଲେ ପାଠକ ଏହାକୁ ପଢ଼ିବାବେଳେ ନିଜକୁ ଏହି ପୁସ୍ତକ ସହ ଯୋଡ଼ିପାରିବେ ବୋଲି ସେ ଆଶା ରଖିଛନ୍ତି। ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ବୈଜ୍ଞାନିକ ଓମ୍‌କାର ନାଥ ମହାନ୍ତି ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରମୋଦ


@ ତେଜସ୍ମିତା


@ ପ୍ରସାଦ


@ ସିପୁନ୍


@ ସଂଗ୍ରାମ

# ନିଜାମୀ ବ୍ରଦର୍ସଙ୍କ ସୁଫି କୱାଲି ମନମୋହିଲା

ଭୁବନେଶ୍ୱର,୨୫ା୬(ବ୍ୟୁରୋ)

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ରାଜ୍ୟସ୍ତରୀୟ ସୁଫି କୱାଲି କାର୍ଯ୍ୟକ୍ରମ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିଜାମୀ ବ୍ରଦର୍ସ ଫେଜାନ ନିଜାମୀ, ଜିଶାନ ନିଜାମୀ ଏବଂ ହଶାନ ନିଜାମୀ ଗୋଟିଏ ପରେ ସୁଫି ଓ କୱାଲି ପରିବେଷଣ କରି ଶ୍ରୋତାଙ୍କ ମନକୁ ବାନ୍ଧି ରଖିଥିଲେ। ଇଣ୍ଡିଆ ଗଟ୍ ଟ୍ୟାଲେଣ୍ଟରେ ପରିବେଷଣ କରିଥିବା ଏହି ଶିଳ୍ପୀମାନେ ଚମତ୍କାର ଢଙ୍ଗରେ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ। ବାଦ୍ୟ ଯନ୍ତ୍ରରେ ଗୁଫ୍ରାନ ନିଜାମ, ଅମନ ହାସନ, ମହମ୍ମଦ ଅରସଦ, ମହମ୍ମଦ ନଦିମ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ନଦୀମ ଗୁଲ୍‌ଶାନ ସଂଯୋଜନା କରିଥିଲାବେଳେ ଏକାଡେମୀ ସଚିବ ଡ. ସୟଦ ମୁଶିର ଆଲମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂସ୍କୃତି ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ସବୁ ଧର୍ମ ଓ ଜାତି ମଧ୍ୟରେ ସମନ୍ୱୟ ଆଣିବ। ମୁଖ୍ୟମନ୍ତ୍ରୀ ଖ୍ରୀଷ୍ଟ ଧର୍ମଗୁରୁ ପୋପଙ୍କୁ ଭେଟି ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ନିଶ୍ଚିତ ଆମକୁ ଗୌରବାନ୍ୱିତ କରିଛି। ଏଭଳି ଭାବେ ଓଡିଶାରେ ଭାଇଚାରା ଅକ୍ଷୁଣ୍ଣ ରହୁ। ଅନ୍ୟତମ ଅତିଥିଭାବେ ରାଜ୍ୟସଭା ସଦସ୍ୟ ମୁନ୍ନା ଖାନ୍ ଏକାଡେମୀର ବିଭିନ୍ନ ଅସୁବିଧାକୁ ନେଇ ପରବର୍ତ୍ତୀ ସମୟରେ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ।


ଭୁବନେଶ୍ୱର ପାନ୍ଥନିବାସଠାରେ ଶନିବାର ଲେଖିକା ଆରତି ମହାନ୍ତିଙ୍କ ଗଳ୍ପ ସଂକଳନ 'ଅଶାନ୍ତ ଆତ୍ମା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁଫି କୱାଲି କାର୍ଯ୍ୟକ୍ରମରେ ନିଜାମୀ ବ୍ରଦର୍ସଙ୍କ ସଙ୍ଗୀତ ପରିବେଷଣ।

## ସଂକ୍ଷେପରେ

### ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ପିପିଲି,୨୫।୬(ଡି.ଏନ୍.ଏ.): ଉତ୍ତରାସ୍ଥିତ ଦୁଲ୍ଲାଦେଇ ମନ୍ଦିର ନିକଟରୁ ଶନିବାର ଅବକାରୀ ବିଭାଗ ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୩୦୦ଗ୍ରାମର ବ୍ରାଉନସୁଗାର ଜବତ କରିଛି। ବଜାରରେ ଏହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗିରଫ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ସାଗରଦିଘି ଥାନା ଅନ୍ତର୍ଗତ ହରହରି ସାଗର ଗ୍ରାମର ଖୋକନ ଦାସ (୨୨)। ଏନେଇ ସଦରରେ ଏକ ମାମଲା (କେସ ନଂ. ୧୯/୨୨) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ମୁଖ୍ୟ କାରାଗାରକୁ ପଠାଇଦିଆଯାଇଛି।

ସୂଚନା ମୁତାବକ, ଖୋକନ ଦୀର୍ଘ ଦିନ ହେଲା ଉତ୍ତରା ଅଞ୍ଚଳରେ ବ୍ରାଉନସୁଗାର ବେପାର କରିଆସୁଥିଲେ। ପୁରୀ ଅବକାରୀ ବିଭାଗ ପକ୍ଷରୁ ଖୋକନ ସମ୍ପର୍କରେ ଜାଣିବା ପରେ ବିଭାଗ ତାଙ୍କ ଉପରେ କଡା ନଜର ରଖିଥିଲା। ତେବେ ଶନିବାର ସକାଳ ସମୟରେ ତଥ୍ୟ ପାଇବା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଖୋକନଙ୍କୁ ବିଭାଗ ଗିରଫ କରିଥିଲା। ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ଅଧକ୍ଷତାରେ ଜିଲା ସଦରରେ ନିରୀକ୍ଷିକା ମାନସୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସକାଳ ୮ଟା ସମୟରେ ଚଢାଉ କରିଥିଲା। ଚଢାଉରେ ଅବକାରୀ ଏସ୍ଆଇ ରଙ୍କନିଧି ମଲ୍ଲିକ୍, ବିନୋଦ ବାସ୍କେ,ଏଏସ୍ଆଇ ସନ୍ତୋଷ ନାୟକ, ମାନସ ମିଶ୍ର, ଏବଂ ଅନ୍ୟ କର୍ମଚାରୀ ଏସ୍‌କେ ୱାରିସ, ପ୍ରବୀଣ ବିରାଜ କିରୋ, ଶିବ ହସ୍ତୀ, ପ୍ରଦୀପ୍ତ ପଣ୍ଡା ଓ ଭିକ୍ଟୋରିଆ ତୁଙ୍ଗ ପ୍ରମୁଖ ସାମିଲ ଥିଲେ।

### ୨ ଖବରଦାତାଙ୍କୁ ଆକ୍ରମଣ

ପୁରୀ ଅଫିସ ୨୫।୬- ପୁରୀ ସହରର ୨ଜଣ ଖବରଦାତା ଶନିବାର ରାତିରେ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ କେତେଜଣ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୧୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଖବରକାଗଜର ପ୍ରତିନିଧି ଶଙ୍କର ସରକାର ଓ ଅନନ୍ତ ପ୍ରସାଦ ସିଂ ବାଇକ୍ ଯୋଗେ ଲବଣିଖିଆ ଛକରୁ ମରିଚିକୋଟ ଦେଇ ବଡ଼ଦାଣ୍ଡକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଡି୦୭ଜେ ୭୭୭୯ ନମ୍ବର ବିଶିଷ୍ଟ ଗୋଟିଏ ଚାରିଚକିଆ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ତଳେ ପଡି ଆହତ ହୋଇଥିଲେ। ତେବେ କାର୍‌ଟି ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ଅନନ୍ତ ଗାଡିକୁ ଅଟକାଇ ଧକ୍କା ସମ୍ପର୍କରେ ପଚାରିବାରୁ ଡ୍ରାଇଭର ସମେତ ଗାଡ଼ିରୁ ଜଣେ ବ୍ୟକ୍ତି ଆସି ଗାଳିଗୁଲଜ କରି ସେମାନଙ୍କୁ ଆକ୍ରମଣ କରିଥିଲେ। ଏପରିକି ଆକ୍ରମଣ ସମୟରେ ଅନନ୍ତଙ୍କ ବେକରେ ଥିବା ଅଢେଇ ଭରି ଓଜନର ସୁନାଚେନ, ପକେଟରେ ୬ ହଜାର ଟଙ୍କା ଡ୍ରାଇଭର ଜଣକ ଛଡାଇ ନେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଗାଡି ଓ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଆହତ ହୋଇଥିବା ଅନନ୍ତଙ୍କୁ ପୋଲିସ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ରୁପା ଛାଉଣି ହେବ କଳାହାଟ ଦ୍ୱାର

ପୁରୀ ଅଫିସ,୨୫।୬

■କୋଷାଗାରରୁ ବାହାରିଲା ୫ଶହ କିଲୋ ରୁପା

■ରଥଯାତ୍ରା ପରଦିନଠାରୁ କାର୍ଯ୍ୟ ଆରମ୍ଭ

ଶ୍ରୀମନ୍ଦିରର ୮ ଦ୍ୱାର ମଧ୍ୟରୁ ବାକି ଗୋଟିଏ ରହିଯାଇଥିବା କଳାହାଟ ଦ୍ୱାର ଖୁବ୍‌ଶୀଘ୍ର ରୁପା ଛାଉଣି ହେବାକୁ ଯାଉଛି। ଏଥିପାଇଁ ଆବଶ୍ୟକ ରୁପାକୁ କଡ଼ା ସୁରକ୍ଷା ମଧ୍ୟରେ ଶନିବାର ଭକ୍ତନିବାସକୁ ପଠାଯାଇଛି। ଜିଲା କୋଷାଗାରରେ ରଖାଯାଇଥିବା ୫ଶହ କିଲୋଗ୍ରାମ୍‌ର ରୁପାକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପୋଲିସ ଅଧିକାରୀ ଓ ଫୋର୍ସଙ୍କ ଉପସ୍ଥିତିରେ ରୁପାକୁ ଭକ୍ତନିବାସକୁ ଅଣାଯାଇଛି। ଗତବର୍ଷ ନଭେମ୍ବର ୨୬ରେ ରୁପାକୁ କୋଷାଗାରରେ ଆଣି ରଖାଯାଇଥିଲା। ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପା ଛାଉଣି କାର୍ଯ୍ୟ ମଧ୍ୟରୁ ୭ଟି ଦ୍ୱାରର କାର୍ଯ୍ୟ ଗତବର୍ଷ ରଥଯାତ୍ରା ବେଳେ ଶେଷ ହୋଇଯାଇଥିଲା। ତନ୍ମଧ୍ୟରେ ବେହରଣ ଦ୍ୱାର, ସାତପାହାଚ ଦ୍ୱାର, ଭୋଗମଣ୍ଡପ ଦ୍ୱାର, ଜୟବିଜୟ ଦ୍ୱାର, ଲକ୍ଷ୍ମୀ, ଆଦି ନୃସିଂହ ଓ ବିମଳା ମନ୍ଦିର ଦ୍ୱାରର ରୁପା ଛାଉଣି ଶେଷ ହୋଇଥିଲା। କେବଳ କଳାହାଟ ଦ୍ୱାରର ରୁପା ଛାଉଣି ହୋଇପାରି ନ ଥିଲା। କଳାହାଟ ଦ୍ୱାର ଶ୍ରୀମନ୍ଦିର ଗର୍ଭଗୃହ ଭିତରେ ହୋଇଥିବା ହେତୁ ମହାପ୍ରଭୁ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିବା ପରେ ଏହାର ରୁପା ଛାଉଣି କାର୍ଯ୍ୟ କରାଯିବ। ଏ ନେଇ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତବର୍ଷ କଳାହାଟ ଦ୍ୱାର ରୁପା ଛାଉଣି ହୋଇପାରି ନ ଥିଲା। ଶ୍ରୀଗୁଣ୍ଡିଚା ପରଦିନଠାରୁ କାଠ କାମ ଓ ରୁପା କାମ କରାଯିବ। ତେବେ ରୁପା ଛାଉଣି ପୂର୍ବରୁ ଅନେକ କାର୍ଯ୍ୟ କରାଯିବାର ଆବଶ୍ୟକ ଥାଏ। ସମ୍ପୃକ୍ତ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ରୁପା ଟ୍ରେଜେରିରୁ ବାହାର କରାଯାଇ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍ ନୀଳାଦ୍ରି ଭକ୍ତନିବାସରେ ରଖିଛୁ। ଆସନ୍ତା ୩୧ ପର୍ଯ୍ୟନ୍ତ ରୁପା କାର୍ଯ୍ୟ କରାଯିବ। ଏହା ପରେ ନବଦିନାତ୍ମକ ଯାତ୍ରା ସମୟରେ ରୁପା ଶ୍ରୀମନ୍ଦିର ଭିତରକୁ ଯାଇ କଳାହାଟ ଦ୍ୱାରରେ ଛାଉଣି ହେବ। ନୀଳାଦ୍ରି ଭକ୍ତନିବାସ ମଧ୍ୟରେ ସୁରକ୍ଷା କର୍ମୀମାନଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟ ସୃଷ୍ଟି କରାଯାଇଥିଲା। ରୁପା ଟ୍ରଙ୍କରେ ଭର୍ତ୍ତିହୋଇ ଭକ୍ତନିବାସରେ ପହଞ୍ଚିବା ପରେ ସୁରକ୍ଷାକର୍ମୀଙ୍କ ତତ୍ତ୍ୱାବଧାନରେ ଏହା ନୀଳାଦ୍ରି ଭକ୍ତନିବାସର ଷ୍ଟ୍ରଙ୍ଗ୍‌ରୁମ୍‌କୁ ନିଆଯାଇଥିଲା। ତେବେ ରୁପା କାମ ୩୫ ଜଣ କାରିଗର କରିବେ। ଫ୍ରେମ୍ ନିର୍ମାଣ ସରିଛି, ଏବେ କେବଳ ରୁପାରେ ସୂକ୍ଷ୍ମକାର୍ଯ୍ୟ କରାଯିବା ସହ ଶେଷ ସ୍ପର୍ଶ ଦିଆଯିବ ବୋଲି ପ୍ରଶାସନ ଜଣାଇଛି।


ରୁପା ଭର୍ତ୍ତି ବାକ୍ସକୁ ଭକ୍ତନିବାସକୁ ନିଆଯାଉଛି।

# ରଥଯାତ୍ରା ପ୍ରସ୍ତୁତି ତଦାରଖ କଲେ ଆଇଜି, ଡିଆଇଜି

ପୁରୀ ଅଫିସ,୨୫।୬

**ରଥଯାତ୍ରା ପ୍ରସ୍ତୁତି**

ମହାପ୍ରଭୁଙ୍କ ରଥଯାତ୍ରାକୁ ଆଉ ଅଳ୍ପଦିନ ବାକି ଥିବାବେଳେ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆଇଜି ଏସ୍. ଦେବଦତ୍ତ ସିଂ ଓ ଏସ୍‌ଟିଏଫ୍ ଡିଆଇଜି ଜେ.ଏନ୍ ପଙ୍କଜ ଶନିବାର ପୁରୀ ଆସି ରଥଯାତ୍ରା ପ୍ରସ୍ତୁତିର ତଦାରଖ କରିଛନ୍ତି। ରଥଯାତ୍ରା କର୍ଡନ ଓ ରଥଟଣା ଦାୟିତ୍ୱରେ ଏହି ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ହେତୁ କିଭଳି ସୁରକ୍ଷିତ ଭାବେ ରଥଟଣା ସମ୍ପାଦନ ହେବ ସେନେଇ ସ୍ଥିତି ପରଖିଛନ୍ତି। ପୁରୀ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଉକ୍ତ ଦୁଇ ଅଧିକାରୀଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ରଥ ରହୁଥିବା ସ୍ଥାନ ବୁଲାଇ ଦେଖାଇବା ସହ ରଥ କାର୍ଯ୍ୟ ଓ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ବିଶେଷ ଭାବେ ରଥ ଭିତର କର୍ଡନ ମଧ୍ୟରେ ଯେଉଁଭଳି କେହି ପ୍ରବେଶ କରିପାରିବେ ନାହିଁ ସେନେଇ କଡ଼ା ସୁରକ୍ଷା ବ୍ୟବସ୍ଥା କରିବା ଉପରେ ଜୋର ଦିଆଯାଉଛି। ରଥଟଣା ପୂର୍ବରୁ ଜଣେ ପୋଲିସ ଅଧିକାରୀ ଓ ଅଭିଜ୍ଞ ଦଇତାପତି ସେବକ ଚାରମାଳାର ସୁଦୃଢ଼ତା ତନଖି କରିବେ। ରଥଗୁଡ଼ିକୁ ଶ୍ରୀମନ୍ଦିର ଓ ସରକାରୀ ପୋଲିସ ଜଗିରହିବେ। ରଥ ଉପରେ ଯେପରି କୌଣସି ଲୋକ ନ ଚଢ଼ନ୍ତି, ସେମାନେ ସେଥିପାଇଁ ଦୃଷ୍ଟି ଦେବେ। ସିଂହଦ୍ୱାର ଓ ଗୁଣ୍ଡିଚାମନ୍ଦିର ନିକଟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥାନ ପାଇଁ ତିନିଗୋଟି ଲେଖାଏ ବର୍ଗାକାର କ୍ଷେତ୍ର ଧଳା ଏନାମେଲ୍ ରଙ୍ଗରେ ଚିହ୍ନିତ କରାଯିବ ତଥା ରଥଟଣାକୁ ସୁନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ବଡ଼ଦାଣ୍ଡର ମଧ୍ୟଭାଗରେ ଏକ କେନ୍ଦ୍ର ରେଖା ଓ ଏହାର ଉଭୟ ପାର୍ଶ୍ୱରେ ଧଳା ଏନାମେଲ୍ ରଙ୍ଗରେ ଚିହ୍ନିତ ହେବାର ବ୍ୟବସ୍ଥା କରାଯାଇଛି। ରଥ ଟାଣୁଥିବା ଭକ୍ତମାନଙ୍କ ସହ ରଥ ଘେରରେ ଥିବା ଆରକ୍ଷୀ ଓ ନିର୍ଦ୍ଦେଶକ ଦଳର ଯୋଗାଯୋଗ ପାଇଁ ପ୍ରତ୍ୟେକ ଘେର ମଧ୍ୟରେ ଉଚ୍ଚ ଶକ୍ତି ସମ୍ପନ୍ନ ଡାକବାଜି ଯନ୍ତ୍ର ବ୍ୟବହାର କରାଯିବ। ସେ ସମୟରେ ଅନ୍ୟ ସମସ୍ତ ଡାକବାଜି ଯନ୍ତ୍ର ବନ୍ଦ ରହିବ ବୋଲି ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ସମୀକ୍ଷା ବେଳେ ଅନ୍ୟ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।


ଶ୍ରୀମନ୍ଦିର ନିକଟରେ ରଥଯାତ୍ରା ପ୍ରସ୍ତୁତି ନେଇ ଚାଲିଥିବା କାର୍ଯ୍ୟକୁ ଆଇଜି ଓ ଡିଆଇଜି ତଦାରଖ କରୁଛନ୍ତି।

### ଜଗନ୍ନାଥ ବନ ପ୍ରକଳ୍ପ ଚାଲିଲେ କାଠ ସଙ୍କଟ ରହିବନି

**ପୁରୀ ଅଫିସ, ୨୫।୬:** ରଥ ନିର୍ମାଣ ପାଇଁ କାଠ ସଙ୍କଟ ନେଇ ଆଶଙ୍କା ଦେଖାଦେଇଥିବା ବେଳେ ରାଜ୍ୟ ସରକାର ଜଗନ୍ନାଥ ବନ ପ୍ରକଳ୍ପର ସୁରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରତିବର୍ଷ ନୂଆ ରଥ ନିର୍ମାଣ ଆମ ପରମ୍ପରା। ଏହା ଭଙ୍ଗ ହେବା ଉଚିତ ନୁହେଁ ବୋଲି ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଛନ୍ତି। ସେ କହିଛନ୍ତି ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ସମେତ ଅନ୍ୟ କିଛି ଜଙ୍ଗଲ ଡିଭିଜନକୁ ନେଇ ଏହି ବନ ପ୍ରକଳ୍ପ ଚାଲିଛି। ସ୍ଥାନୀୟ ଲୋକମାନେ ମଧ୍ୟ ଜଙ୍ଗଲ ସୁରକ୍ଷାରେ ଅଛନ୍ତି। ଏହି ଜଙ୍ଗଲରେ ଗଛ ସୁରକ୍ଷିତ ରହିବା ଦିଗରେ ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ ବୋଲି ଗଜପତି କହିଛନ୍ତି। ଜଗନ୍ନାଥ ବନ ପ୍ରକଳ୍ପ ଯଦି ଚାଲେ ତାହେଲେ ଆଗକୁ ରଥ ନିର୍ମଣ ନେଇ କାଠ ସଙ୍କଟ ରହିବ ନାହିଁ ବୋଲି ସେ ମତ ରଖିଛନ୍ତି।


ଶନିବାର ଦଇତାପତିମାନେ ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଭେଟି ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ଜଣାଉଛନ୍ତି।

# ଗଜପତିଙ୍କୁ ଜଣାଇଲେ ଦଇତାପତି

ପୁରୀ ଅଫିସ,୨୫।୬

**ଜ୍ୱରରୁ ସୁସ୍ଥ ହେଲେ ମହାପ୍ରଭୁ**

ଆଷାଢ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ଶନିବାର ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଜ୍ୱରରେ ପଡ଼ିଥିବା ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଏହି ଖବର ଶ୍ରୀନଅରରେ ଆଦ୍ୟ ସେବକ ଗଜପତି ମହାରାଜଙ୍କୁ ସୂଚନା ଦେବା ସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଯାହାକୁ ରାଜ ପ୍ରସାଦ ବିଜେ ନୀତି ବୋଲି କୁହାଯାଇଥାଏ। ସୂଚନାଯୋଗ୍ୟ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦୀରେ ଶ୍ରୀବିଗ୍ରହମାନେ ୧୦୮ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ଅଣସରରେ ଚିକିତ୍ସିତ ହେବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ଓ ପତିମହାପାତ୍ର ଗୁପ୍ତ ସେବା କରୁଥିଲେ। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରି ତେଲ ମହାପ୍ରଭୁ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଔଷ ତିନିଦିନ ଧରି ଲାଗି ହୋଇଥିଲେ। ପରେ ଦଶମ ତିଥିରେ ଶ୍ରୀବିଗ୍ରହଙ୍କ ଚକାବିଜେ ନୀତି ସମ୍ପନ୍ନ ହେବା ସହ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ତେବେ ଶୁକ୍ରବାର ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହଙ୍କୁ ଖଳି ଲାଗି କରାଯିବା ସହ ତୁଳସୀ ଲାଗି କରାଯାଇଥିଲା। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ମଧ୍ୟ ଲାଗି ହେବା ପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି।

ଶନିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ପ୍ରବେଶ କରିଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡିଥିବା ରୂପାଥାଳ ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡିଆରୀ ପକାଇଥିବା ପାହାଡା ବା କପଡ଼ା ଉପରେ ଏହି ଥାଳିକୁ ସଜାଇଥିଲେ। ପରେ ଘଣ୍ଟ, ଛତା, କାହାଳି ସହ ଥାଳିଗୁଡ଼ିକୁ ଦଇତାପତି ଓ ପତିମହାପାତ୍ର ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ଏକ ପଟୁଆରରେ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ଦେଇଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଦାରୁ ବିଗ୍ରହ ସୁସ୍ଥ ହେବା ଖବର ଜଣାଇଥିଲେ। ରଥଯାତ୍ରା କିପରି ଶୃଙ୍ଖଳାର ହେବ ସେ ବିଷୟରେ ମଧ୍ୟ ଗଜପତି ଦଇତାପତିଙ୍କ ସହ ଆଲୋଚନା କରିଥିଲେ। ପରେ ଦଇତାପତି ସେବକ ମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ।

# ବଡ଼ଦାଣ୍ଡର ୫୦ ସ୍ଥାନରେ ସିସିଟିଭି

ପୁରୀ ଅଫିସ,୨୫।୬:

**ପୋଲିସ, ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ**

ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ ଓ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ପୁରୀ ସଦ୍‌ଭାବନା ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରି କହିଛନ୍ତି, ଚଳିତ ରଥଯାତ୍ରାରେ ବହୁ ଜନସମାଗମ ହେବ। ପୋଲିସ ଓ ପ୍ରଶାସନର ମିଳିତ ଉଦ୍ୟମରେ ରଥଯାତ୍ରା ସୁପରିଚାଳିତ ହୋଇପାରିବ। ଯେଉଁ ଅଧିକାରୀମାନଙ୍କୁ ଯେଉଁ ଦାୟିତ୍ୱ ମିଳିଛି ଓ ଯେଉଁ ପୋଲିସ ଅଧିକାରୀଙ୍କୁ ଯେଉଁ ସ୍ଥାନରେ ନିୟୋଜିତ କରାଯିବ, ସେଠାରେ ଠିକ୍ ଭାବେ ଦାୟିତ୍ୱ ସମ୍ପନ୍ନ କରିବାର ଆବଶ୍ୟକତା ରହିଛି। ରଥଯାତ୍ରା ଦିନ ପ୍ରତ୍ୟୁଷରୁ ବଡ଼ଦାଣ୍ଡରେ କୌଣସି ଗାଡ଼ି ନ ରଖିବା, ଅଯଥା ଗହଳି ନ ହେବା, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଆଶୁ ଚିକିତ୍ସା ବ୍ୟବସ୍ଥା ଓ ଆମ୍ବୁଲାନ୍ସ ଭଳି ବ୍ୟବସ୍ଥାର ସୁପରିଚାଳନା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପ୍ରଶାସନିକ ଅଧିକାରୀମାନେ ଦାୟିତ୍ୱ ସମ୍ପାଦନରେ ଅବହେଳା ନ କରନ୍ତୁ ବୋଲି ଜିଲାପାଳ ନିବେଦନ କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ମିହିର ପଣ୍ଡା, ଗୋଇନ୍ଦା ଏସ୍‌ପି ଜ୍ଞାନ ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ପୋଲିସ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଏସ୍‌ପି କନୱର ବିଶାଲ ସିଂ ଯୋଗଦେଇ କହିଛନ୍ତି, ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଭକ୍ତଙ୍କ ସୁବିଧାକୁ ପ୍ରାଥମିକତା ଦିଆଯାଉଛି। ୧୮୦ ପ୍ଲାଟୁନ୍‌ରୁ ଊର୍ଦ୍ଧ୍ୱ ଫୋର୍ସ ମୁତୟନ ହେବେ। ଏକ ହଜାର ଅଫିସର ଓ ୧୮ ଜଣ କମାଣ୍ଡାଣ୍ଟ ଅଫିସର ନିୟୋଜିତ ହେଉଛନ୍ତି। ସିନିୟର ସୁପରଭାଇଜର ଭାବେ ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହେବ। ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏକକ କଣ୍ଟ୍ରୋଲ୍ ରୁମ୍ ପରିଚାଳିତ କରାଯିବ। ଟୋଲ୍ ଫ୍ରି ହେଲ୍ପଲାଇନ୍ ନମ୍ବର ଜାରି କରାଯିବ। ପୁରୀବାସୀଙ୍କ ସହଯୋଗରେ ରଥଯାତ୍ରା ଶୃଙ୍ଖଳାରେ ହୋଇପାରିବ। ଆମ୍ବୁଲାନ୍ସ ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା ହୋଇଛି। ମେଡିକାଲ ଟିମ୍ ମହଜୁଦ ରହିବେ। ବିଭିନ୍ନ ଗଳି ଚିହ୍ନଟ ହୋଇଛି, ଜରୁରିକାଳୀନ ସ୍ଥିତିରେ ଗଳିକୁ ଯାତାୟାତ ଲାଗି ବ୍ୟବହାର କରାଯାଇପାରିବ। ପାର୍କିଂ ସ୍ଥଳରେ ପୋଲିସ କର୍ମଚାରୀ ରହିବେ। ଅଟୋରେ ଦର ସାରଣୀ ଲାଗିଛି। ଯାତ୍ରୀମାନେ ଠକାମିର ଶିକାର ହେବେନି। ସିସିଟିଭି ଇନ୍‌ଷ୍ଟାଲେଶନ୍ ଚାଲିଛି। ବଡ଼ଦାଣ୍ଡର ୫୦ଟି ଜାଗାରେ ସିସିଟିଭି ଲାଗୁଛି। ସହରର ସମସ୍ତ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବା ଉପରେ ପୋଲିସ ପ୍ରଶାସନ ଧ୍ୟାନ ଦେଉଛି ବୋଲି ଏସ୍‌ପି କହିଛନ୍ତି।

# ରାହୁଲ ରେସ୍କ୍ୟୁ ଅପରେଶନ: ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୫।୬ (ବ୍ୟୁରୋ)

ଛତିଶଗଡ଼ରେ ଏକ ବୋର୍ ୱେଲ୍‌ର ୮୦ଫୁଟ ତଳକୁ ଖସି ପଡିଥିବା ରାହୁଲଙ୍କ ରେସ୍କ୍ୟୁ ଅପରେଶନରେ ନିୟୋଜିତ ଥିବା ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବୀର ସାମାଜିକ ସଂଗଠନର ସମ୍ପାଦକ ମିଳନ କୁମାର ପାଇକରାୟଙ୍କ ନେତୃତ୍ୱରେ ସାମାଜିକ କର୍ମୀ ଚିନ୍ମୟ କୁମାର ଦାସ ଏବଂ ରୋଟାରୀ ଗାଲାକ୍ସିର ମିଳିତ ସହଯୋଗରେ ଶନିବାର ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ହଲ୍‌ରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଟିମ୍‌ର ମୁଖ୍ୟ ତଥା ଥାର୍ଡ ବାଟାଲିୟନ୍ ଏନ୍‌ଡିଆର୍‌ଏଫ୍‌ର କମାଣ୍ଡର ବର୍ଦ୍ଧମାନ ମିଶ୍ର, ହେଡ୍ କନ୍‌ଷ୍ଟେବଲ ରାଜେଶ କୁମାର ମୀନା, ହେଡ୍ କନ୍‌ଷ୍ଟେବଲ ସୁରେଶ ସୋରେନ, କନ୍‌ଷ୍ଟେବଲ ବାଟ୍ଟା ରାମୁ, କନ୍‌ଷ୍ଟେବଲ ସନ୍ଦୀପ କୁମାରଙ୍କ ସମେତ ୩୩ଜଣିଆ ଟିମ୍‌କୁ ଉତ୍ତରୀୟ ଫୁଲତୋଡା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଦ୍ୱାରା ସେମାନଙ୍କ ମନୋବଳ ଆହୁରି ବୃଦ୍ଧି ହେବ ବୋଲି ସାମାଜିକ କର୍ମୀ ଚିନ୍ମୟ ଦାସ ଓ ମିଳନ ପାଇକରାୟ କହିଛନ୍ତି। କାର୍ଯ୍ୟକ୍ରମରେ ରାଜକିଶୋର ମଲ୍ଲିକ, ରଜନୀ ରାଣୀ ରାଜହଂସ, ଉମା ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।


ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସମ୍ବର୍ଦ୍ଧନା ଅବସରରେ ମହାବୀର ସାମାଜିକ ସଂଗଠନର କର୍ମକର୍ତ୍ତା।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ମାରିଦେଲେ

ବାରଙ୍ଗ,୨୫।୬(ଡି.ଏନ୍.ଏ.)

**ଜଙ୍ଗଲରୁ ମୃତଦେହ ମିଳିବା ଘଟଣା**

■ ସ୍ତ୍ରୀ, ପ୍ରେମିକ ଗିରଫ

■ ଘଟଣାସ୍ଥଳକୁ ଯାଇ ଡେମୋ ଦେଖାଇଲେ

ପ୍ରେମ ପାଇଁ ନିଜ ମଥାର ସିନ୍ଦୂର ପୋଛିଲା ସ୍ତ୍ରୀ। ଭୁଲିଗଲା ସାତଜନ୍ମର ସମ୍ପର୍କକୁ। ପ୍ରେମିକ ସହ ମିଶି ଅଗ୍ନିକୁ ସାକ୍ଷୀ ରଖି ବିବାହ କରିଥିବା ସ୍ୱାମୀକୁ ହତ୍ୟା କଲା। ବାରଙ୍ଗ ଥାନା ଅନ୍ତର୍ଗତ ନେତଲଗାଁ ନିକଟ କାଜୁ ଜଙ୍ଗଲରୁ ବୁଧବାର ଗୋପାଳ ନାୟକଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ କରି ଏହି ସୂଚନା ଦେଇଛି କମିଶନରେଟ ପୋଲିସ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଗୋପାଳଙ୍କ ସ୍ତ୍ରୀ ଝୁମୁରୀ ନାୟକ ଓ ତାଙ୍କ ପ୍ରେମିକ ପୁରୀ ଜିଲା କାକଟପୁର ଥାନା ଅଞ୍ଚଳର ଜଗନ୍ନାଥ ଜେନାଙ୍କୁ ପୋଲିସ ଶନିବାର ଗିରଫ କରିଛି। ଏଥିସହ ଉଭୟଙ୍କୁ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ଗୋପାଳଙ୍କୁ କିଭଳି ହତ୍ୟା କରିଥିଲେ ତାହାର ଡେମୋ ସେମାନେ ଦେଖାଇଥିଲେ।

ଅତିରିକ୍ତ ଡିସିପି ପ୍ରମୋଦ ରଥ ଘଟଣା ସମ୍ପର୍କରେ ଖବରଦାତା ସମ୍ମିଳନୀ ଜରିଆରେ ଦେଇଥିବା ସୂଚନା ଅନୁଯାୟୀ, ବାରଙ୍ଗ ଗୋଡ଼ିସାହି ଫାଣ୍ଡି ଅଧୀନ ଓମ୍‌ଫେଡ୍ ପଛପଟ କାଜୁ ଜଙ୍ଗଲରୁ ବୁଧବାର ଏକ ମୃତଦେହ ଉଦ୍ଧାର କରିଥିଲା ପୋଲିସ। ମୃତଦେହଟି ବାଙ୍କୀ ଗୟଳବାଙ୍କ ଗ୍ରାମରେ ଘରଜ୍ୱାଇଁ ଭାବେ ରହୁଥିବା ଜଟଣୀ ନୂଆଗାଁର ଗୋପାଳ ନାୟକଙ୍କ ବୋଲି ଜଣାପଡ଼ିଥିଲା। ମୃତଦେହ ନିକଟରେ ମହିଳାଙ୍କ ଗୋଟିଏ ଚପଲ ଓ ଏକ ରକ୍ତଛିଟା ଲାଗିଥିବା ପଥର ମିଳିଥିଲା। ତେବେ ଗୋପାଳଙ୍କ ଭାଇ ଗୋବିନ୍ଦ ଗତ ୨୧ ତାରିଖରେ ଭାଇ ନିଖୋଜ ଥିବା ନେଇ ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ମୃତଦେହ ମିଳିବା ପରେ ଗୋପାଳଙ୍କୁ ତାଙ୍କ ସ୍ତ୍ରୀ ଝୁମୁରୀ ହତ୍ୟା କରିଥିବା ପୁନର୍ବାର ଅଭିଯୋଗ କରିବା ପରେ ବାରଙ୍ଗ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ତଦନ୍ତ ଚଳାଇଥିଲା। ଅନ୍ୟପଟେ ସ୍ତ୍ରୀ ଝୁମୁରୀ ଗତ ୨୩ ତାରିଖରେ ସ୍ୱାମୀ ମୃତ ଖବର ପାଇ ଫାଣ୍ଡିରେ ପହଞ୍ଚିଥିଲେ। ଏହାପରେ ପୋଲିସ ଝୁମୁରୀଙ୍କୁ ପଚରାଉଚରା କରିବା ପରେ ସେ ଦୋଷ ମାନିଥିଲେ। ପ୍ରେମ ପାଇଁ ପ୍ରେମିକ ସହ ମିଶି ସ୍ୱାମୀଙ୍କ ଜୀବନ ନେଇଥିବା କଥା ପୋଲିସ ଆଗରେ ବଖାଣିଥିଲେ ।

ସୂଚନାଥାଉ କି, ପୂର୍ବରୁ ପାରିବାରିକ କଳହକୁ ନେଇ ଗୋପାଳ ଗାଳିଗୁଲଜ, ମାର୍‌ପିଟ କରୁଥିବାରୁ ଝୁମୁରୀ ନିକଟସ୍ଥ ତାଙ୍କ ସାଙ୍ଗ ଘରେ ଆଶ୍ରୟ ନେଉଥିଲେ। ସେ ପାଖରେ ରହୁଥିବା ଜଗନ୍ନାଥ ସହ ଦେଖାହୋଇ ପ୍ରେମସମ୍ପର୍କ ବଢ଼ିଥିଲା। ଏପରି କି ଗତ ୨୧ ତାରିଖରେ ଝୁମୁରୀ ଓ ଜଗନ୍ନାଥ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଉଭୟେ ତ୍ରିଶୂଳିଆ ଛକରେ ଥିବା ଜାଣି ଗୋପାଳ ଏକ ସ୍କୁଟି ଧରି ସେଠାରେ ପହଞ୍ଚିଥିଲେ। ସେଠାରେ ୩ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରି ଗାଁକୁ ଯାଇ ଭଦ୍ରଲୋକଙ୍କ ଉପସ୍ଥିତିରେ ଘଟଣା ସମାଧାନ କରିଥିଲେ। ଏହାପରେ ୩ ଜଣ ଯାକ ସେହି ସ୍କୁଟିରେ ସେଠାରୁ ଆସିଥିଲେ। ହେଲେ ବାଟରେ ଗୋପାଳଙ୍କୁ ମାରିବା ପାଇଁ ଉଭୟେ ଯୋଜନା କରିଥିଲେ। ଶ୍ରୀ ଶ୍ରୀ ୟୁନିଭର୍‌ସିଟି ପାଖ ଓମ୍‌ଫେଡ୍ ନିକଟରେ ପହଞ୍ଚିବାବେଳେ ଝୁମୁରୀ ସ୍କୁଟି ରୋକିବାକୁ ସ୍ୱାମୀଙ୍କୁ କହିବା ସହ ଏକ ଜରୁରୀ କଥା ଅଛି କହି କାଜୁ ଜଙ୍ଗଲକୁ ନେଇଥିଲେ। ସେଠାରେ ପୁଣି ପାଟିତୁଣ୍ଡ ହେବାରୁ ପ୍ରେମିକ ଜଗନ୍ନାଥ ସହ ମିଶି ଝୁମୁରୀ ଏକ ପଥରରେ ଗୋପାଳଙ୍କ ଶରୀରକୁ ଛେଚି ହତ୍ୟା କରିଥିଲେ। ହତ୍ୟା କରିବା ପରେ ଭୟରେ ସେହି ସ୍ଥାନରୁ ଉଭୟ ଫେରାର ହୋଇଯାଇଥିଲେ।


ଡେମୋ ଦେଖାଇବା ପାଇଁ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ଘଟଣାସ୍ଥଳକୁ ନେଉଛି।

# ମସ୍ତିଷ୍କ ବିକାଶରେ ବାଧକ ଜିନ୍‌ଗତ ରୋଗ

**ୱାଶିଂଟନ:** ଆମେରିକୀୟ ବୈଜ୍ଞାନିକମାନେ ଏକ ଆନୁବଂଶିକ ରୋଗ ଚିହ୍ନଟ କରିଛନ୍ତି, ଯାହା ଶିଶୁମାନଙ୍କ ମସ୍ତିଷ୍କ ବିକାଶରେ ବାଧକ ସାଜିଥାଏ। ଏହି ରୋଗ କାରଣରୁ ଅନେକ ଶିଶୁ ଅସ୍ୱାଭାବିକ ବ୍ୟବହାର କରିବା ସହ ସମୟ କ୍ରମେ ସେମାନେ ମାନସିକ ବିକାରଗ୍ରସ୍ତ ମଧ୍ୟ ହୋଇଯାଉଛନ୍ତି। ବୈଜ୍ଞାନିକଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଜେନେଟିକ୍ ଡିଜିଜ୍‌ର ନାମକରଣ ଅଦ୍ୟାବଧି କରାଯାଇ ନାହିଁ। ପୋର୍ଟସ୍‌ମାଉଥ୍, ସାଉଥ୍‌ହାମ୍ପଟନ ଏବଂ କୋପେନହାଗେନ୍ ୟୁନିଭର୍ସିଟିର ବିଶେଷଜ୍ଞ ରୋଗ ଚିହ୍ନଟ ନେଇ ଗବେଷଣା ଜାରି ରଖିଛନ୍ତି। ବିଶ୍ୱରେ ପ୍ରତି ୧୭ ଜଣଙ୍କ ମଧ୍ୟରୁ ଜଣଙ୍କଠାରେ ଏହି ବିରଳ ରୋଗ ଦେଖାଯାଏ। ଗୁଣସୂତ୍ର ପରିବର୍ତ୍ତନ ଦ୍ୱାରା ସୃଷ୍ଟ ରୋଗ ମନୁଷ୍ୟର ଜୀବନଶୈଳୀକୁ ଅଧିକମାତ୍ରାରେ ପ୍ରଭାବିତ କରୁଥିବା ବୈଜ୍ଞାନିକ କହିଛନ୍ତି। ଏହାର ଏକ ରିପୋର୍ଟ ଆମେରିକାନ ଜର୍ନାଲ ଅଫ୍ ହ୍ୟୁମାନ ଜେନେଟିକ୍ସରେ ପ୍ରକାଶ ପାଇଛି।



ମସ୍ତିଷ୍କରେ ଥିବା ପ୍ରୋଟିନ୍ କୋଡିଙ୍ଗ୍ ଜିନ୍ ଗ୍ଲୁଟାମେଟ୍ ଆଇନୋଟ୍ରୋପିକ୍ ରିସେପ୍ଟର ଏମ୍‌ପିଏ ଟାଇପ୍ ସବ୍‌ୟୁନିଟି-୧ (ଜିଆର୍‌ଆଇଏ ୧) ଏ ପ୍ରକାର ରୋଗ ଶିଶୁ ଶରୀରରେ ସୃଷ୍ଟି କରୁଥିବା ବୈଜ୍ଞାନିକ ଦାବି କରିଛନ୍ତି। ଜିଆର୍‌ଆଇଏ-୧ ଜିନ୍ ବା ଗୁଣସୂତ୍ର ବ୍ରେନ୍‌ରେ ଇଲେକ୍ଟ୍ରିକାଲ୍ ସିଗ୍‌ନାଲ ସୃଷ୍ଟି କରିଥାଏ। କୌଣସି ଶିଶୁ ମସ୍ତିଷ୍କରେ ଇଲେକ୍ଟ୍ରିକାଲ୍ ସିଗ୍‌ନାଲ ନ ପହଞ୍ଚିଲେ ବା ଏହି ପ୍ରକ୍ରିୟାରେ ବାଧା ସୃଷ୍ଟି ହେଲେ ବ୍ରେନକୁ ଠିକ୍ ସୂଚନା ଯାଇ ପାରି ନ ଥାଏ। ଫଳରେ ଶିଶୁର ବ୍ୟବହାରରେ ଅସ୍ୱାଭାବିକତା ପରିଲକ୍ଷିତ ହୋଇଥାଏ। ଏହି ଜିନ୍‌ଗତ ରୋଗ ଚିହ୍ନଟ ପାଇଁ କରାଯାଇଥିବା ଅଧ୍ୟୟନରେ ବାୟୋକେମିଷ୍ଟିସ୍ ଓ କ୍ଲିନିକାଲ ଜେନେଟିକ୍ସମାନେ ବେଙ୍ଗର ଟାଡ୍‌ପୋଲ (ବେଙ୍ଗପୁଟା)ଓ ବେଙ୍ଗ ଡିମ୍ବାଣୁର ବ୍ୟବହାର କରୁଛନ୍ତି। ତେବେ ଆଗାମୀ ପିଢ଼ିର ଡିଏନ୍‌ଏ ସିକ୍ୱେନ୍ସିରେ ପରିବର୍ତ୍ତନ ଦେଖିବାକୁ

### ୧୭ ଜଣରେ ଜଣେ ଆକ୍ରାନ୍ତ

ମିଳୁଥିବାବେଳେ ଏଥିଯୋଗୁ ଶିଶୁଙ୍କ ମସ୍ତିଷ୍କର ବିକାଶ ହୋଇପାରୁ ନ ଥିବା ପୋର୍ଟସ୍‌ମାଉଥ୍ ୟୁନିଭର୍ସିଟିର ଲାବରେଟୋରି ରିସର୍ଚ୍ଚ ମୁଖ୍ୟ ପ୍ରଫେସର୍ ମାଟ୍ ଗୁଇଲ୍ କହିଛନ୍ତି। ଗବେଷଣାରେ ସାମିଲ୍ ପ୍ରଫେସର ଆନ୍ନି ଗୁଡ୍‌ୱିନ୍ କହିଛନ୍ତି, ଟାଡ୍‌ପୋଲକୁ ନେଇ କରାଯାଉଥିବା ଏହି ଅଧ୍ୟୟନ ଦ୍ୱାରା ମନୁଷ୍ୟ ବ୍ରେନ୍‌ରେ ଦେଖାଯାଉଥିବା ରୋଗକୁ ସହଜରେ ଚିହ୍ନଟ କରାଯାଇପାରିବ। ଜିନ୍ ସମ୍ବନ୍ଧୀୟ ରୋଗଗୁଡ଼ିକର ଚିହ୍ନଟ ପାଇଁ ପୂର୍ବରୁ ମୂଷାଙ୍କଠାରେ ଅଧ୍ୟୟନ କରାଯାଇଛି। କିନ୍ତୁ ମୂଷା ଅପେକ୍ଷା ବେଙ୍ଗପୁଟାରେ କରାଯାଉଥିବା ବର୍ତ୍ତମାନର ଗବେଷଣା ସ୍ପଷ୍ଟ ଫଳାଫଳ ଦେଇଥିବା ପ୍ରଫେସର ଗୁଇଲ୍ କହିଛନ୍ତି।

# ସୁପର ଓମ୍ୟାନ୍‌ରେ ମୀରା

**ମୁମ୍ବାଇ:** ନିଜ ବୋଲ୍ଡ ଅନ୍ଦାଜ୍ ପାଇଁ ବେଶ୍ ଜଣାଶୁଣା ନାୟିକା ମୀରା ଚୋପ୍ରା। ତାଙ୍କ ଆଗାମୀ ଫିଲ୍ମକୁ ନେଇ ବି.ଟାଉନ୍‌ରେ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ସମଲିଙ୍ଗୀ ସମ୍ପର୍କ ଉପରେ ନିର୍ମାଣ ହେବାକୁ ଥିବା ଫିଲ୍ମ 'ସୁପର ଓମ୍ୟାନ୍'ରେ ମୁଖ୍ୟ ଭୂମିକାରେ ମୀରା ଅଭିନୟ କରିବେ। ଦେଶରେ ଅନେକ ମହିଳା ସମଲିଙ୍ଗୀ ସମ୍ପର୍କରେ ଥିବାବେଳେ ସମାଜ ଭୟରେ ସେମାନେ ବାହାରେ ନିଜ ରିଲେସନ୍ ବିଷୟରେ କହିପାରୁ ନ ଥିବା ମୀରା କହିଛନ୍ତି। ସୁପର ଓମ୍ୟାନ୍ ଏକ ସ୍ୱତନ୍ତ୍ରଧରଣର ଫିଲ୍ମ ବୋଲି ଏହାର ପ୍ରଯୋଜକ କହିଛନ୍ତି। ନିକଟରେ ମୀରାଙ୍କ ଅଭିନୀତ ଆଉ ଏକ ଫିଲ୍ମ 'ଶଫେଦ'ର ଫାଷ୍ଟ ଲୁକ୍ ଉନ୍ମୋଚନ କରିଛନ୍ତି ଏଆର୍ ରେହମାନ।




# ନିଶାଦ୍ରବ୍ୟ ଭବିଷ୍ୟତ ନଷ୍ଟର କାରକ

ନିଶାଦ୍ରବ୍ୟର ବ୍ୟବହାର ଯୋଗୁ ବହୁବିଧ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏହାର ଅପବ୍ୟବହାର ଏବଂ ବେଆଇନ କାରବାର ନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୨୬ରେ ଅନ୍ତର୍ଜାତୀୟ ଡ୍ରଗ୍ ଅପବ୍ୟବହାର, ବେଆଇନ କାରବାର ନିରୋଧୀ ଦିବସ ପାଳିତ ହୋଇଥାଏ। ନିଶାଦ୍ରବ୍ୟର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ମିଳିତ ଜାତିସଂଘ ପକ୍ଷରୁ ନିଶାଦ୍ରବ୍ୟ ସେବନ ତଥା ବେଆଇନ ଡ୍ରଗ୍ କାରବାର ବିରୋଧରେ ୧୯୮୯ଠାରୁ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚାଇନାର ପ୍ରଥମ ଅଫିମ ଯୁଦ୍ଧ ଶେଷ ପରେ ୨୫ ଜୁନ୍ ୧୮୩୯ ଗୁଆଙ୍ଗଡୋଙ୍ଗର ହୁମେନରେ ଲିନ ଜେକ୍ସୁଙ୍କ ପକ୍ଷରୁ ଅଫିମ ବାଣିଜ୍ୟକୁ ବନ୍ଦ କରିବା ପାଇଁ ଜୁନ୍ ୨୬ରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହାକୁ ସ୍ମରଣୀୟ କରିବା ଲାଗି ଜାତିସଂଘ ସାଧାରଣ ସଭାରେ ୭ ଡିସେମ୍ବର ୧୯୮୭ରେ

### ଅନ୍ତର୍ଜାତୀୟ ଡ୍ରଗ୍ ଅପବ୍ୟବହାର, ବେଆଇନ କାରବାର ନିରୋଧୀ ଦିବସ

ଏହି କକକକକକଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ୨୬ ଜୁନ୍ ୧୯୮୭ରେ ଭିଏନାରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଡ୍ରଗ୍ ଅପବ୍ୟବହାର ନିୟନ୍ତ୍ରଣ ଏବଂ ବେଆଇନ କାରବାର ଉପରେ ରୋକ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସ ପାଳନ ପାଇଁ ଜୁନ୍ ୧୭ ଏବଂ ୨୬ ତାରିଖ ଚୟନ କରାଯାଇଥିଲା। ପରବର୍ତ୍ତୀ ବୈଠକରେ ୨୬ ଜୁନ୍‌କୁ ଚୟନ କରାଯାଇଥିଲା। ପୃଥିବୀରେ ପ୍ରତିବର୍ଷ ୩୨୨ ବିଲିୟନ ଡଲାରର ବେଆଇନ ଡ୍ରଗ୍ କାରବାର ହୋଇଥାଏ।

# ଘରକୁ ଫେରିଲେ ରାହୁଲ



### ଗ୍ରାମବାସୀ କଲେ ଭବ୍ୟ ସ୍ୱାଗତ

**ଛତିଶଗଡ଼:** ଛତିଶଗଡ ଜାଞ୍ଜଗିର ଚାମ୍ପାର ପିହରିଡ ଗ୍ରାମର ୧୧ ବର୍ଷୀୟ ରାହୁଲ ସାହୁ ଶନିବାର ଡାକ୍ତରଖାନାରୁ ଘରକୁ ଫେରିଛନ୍ତି। ବୋର୍‌ୱେଲରେ ଖସି ପଡ଼ିବା ପରେ ରାହୁଲ ସାରା ଦେଶବାସୀଙ୍କ ପାଇଁ ଚର୍ଚ୍ଚିତ ଚେହେରା ପାଲଟିଥିଲେ । ୫ ଦିନ ପର୍ଯ୍ୟନ୍ତ ବୋର୍‌ୱେଲ୍‌ରେ ରହିବା କାରଣରୁ ଜୀବାଣୁମାନେ ତାଙ୍କ ଶରୀରରେ ପ୍ରବେଶ କରିଥିଲେ। ଏ ନେଇ ତାଙ୍କ ଶରୀରରେ ଇନ୍‌ଫେକ୍ସନ ହୋଇଥିବା ରାହୁଲଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ରାହୁଲ ଘରକୁ ଫେରିବା ନେଇ ସାରା ଗ୍ରାମରେ ଏବେ ଖୁସିର ଲହରି। ଶନିବାର ଏକ ବିରାଟ ଶୋଭାଯାତ୍ରାରେ ରାହୁଲଙ୍କୁ ଏକ ରଥରେ ବସାଇ ଗ୍ରାମବାସୀ ତାଙ୍କୁ ଘରକୁ ପାଛୋଟି ଆଣିଥିଲେ। ରାହୁଲଙ୍କୁ ଉଦ୍ଧାର ପରେ ଆପୋଲୋ ହସ୍ପିଟାଲରେ ତାଙ୍କ ଚିକିତ୍ସା କରାଯାଇଥିଲା। ତେବେ ଏ ନେଇ ତାଙ୍କ ବାପା ରାମକୁମାର ସାହୁ ରାଜ୍ୟ ସରକାର, ଉଦ୍ଧାରକାରୀ ଦଳ ଏବଂ ଡାକ୍ତରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୧୦ ତାରିଖ ଦିନ ଅପରାହ୍ନ ୨ଟା ବେଳେ ଘରବାହାରେ ଖେଳୁଥିବା ସମୟରେ ରାହୁଲ ୮୦ ଫୁଟ ବୋର୍‌ୱେଲରେ ଖସିପଡ଼ିଥିଲେ। ଘଟଣାର ସୂଚନା ପାଇ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେସ୍କ୍ୟୁ ଅପରେସନ୍ ଆରମ୍ଭ କରିଥିଲେ। ଦୀର୍ଘ ୧୦୬ ଘଣ୍ଟାର ଲମ୍ବା ଅପରେଶନ୍ ପରେ ରାହୁଲଙ୍କୁ ସେନା ଯବାନ ବୋର୍‌ୱେଲ୍‌ରୁ ବାହାର କରିଥିଲେ। ରେସ୍କୁ ଅପରେଶନ୍‌ରେ ସାମିଲ ଉଦ୍ଧାକାରୀ ଦଳକୁ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ସମ୍ମାନିତ କରିବା ସହ ଦେଶର ଏହି ଦୀର୍ଘତମ ରେସ୍କ୍ୟୁ ଅପରେଶନ୍ ଉପରେ ଡକ୍ୟୁମେଣ୍ଟାରୀ ଫିଲ୍ମ ତିଆରି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଲୋକେ ସଚେତନ ହେବା କଥା ସେ କହିଛନ୍ତି।

## ରାଜ୍ୟ ଖବର

# ଦେଓ ନଦୀ ଜାମୁଘାଟ ପୋଲରେ ଫାଟ

ଉଦଳା/କୁଆମରା,୨୫।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳାରୁ କୁଆମରାକୁ ସଂଯୋଗ କରୁଥିବା ଦେଓନଦୀ ଜାମୁଘାଟ ପୋଲରେ ଫାଟ ସୃଷ୍ଟି ହୋଇଛି। ବିପଦ ଆଶଙ୍କାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ପୋଲ ଉପରେ ଯାନବାହନ ଚଳାଚଳ ବନ୍ଦ କରି ଦିଆଯାଇଛି। ପୋଲର ଦୁଇ ପାର୍ଶ୍ୱରେ ପୋଲିସ ମୁତୟନ ହୋଇଛନ୍ତି। ଉଦଳା ଓ ଗୋପବନ୍ଧୁନଗର ବ୍ଲକ ସୀମା କଇଁସାରୀର ଜାମୁଘାଟଠାରେ ପ୍ରାୟ ୨୫ ବର୍ଷ ତଳେ ଦେଓ ନଦୀ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା।

ଶୁକ୍ରବାର ଅଞ୍ଚଳରେ ଲଗାଣ ବର୍ଷା ହୋଇଥିଲା। ଶନିବାର ସକାଳେ ପୋଲର ୪ଟି ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଭାରିଯାନ ଚଳାଚଳ ବେଳେ ପୋଲଟି ଦୋହଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଲରେ ଫାଟ ସୃଷ୍ଟି ହେବା ଖବର ପ୍ରଚାରିତ ହେବା



ଜାମୁଘାଟ ପୋଲରେ ହୋଇଥିବା ଫାଟ।

ପରେ ଶତାଧିକ ଲୋକ ସେଠାରେ ଭିଡ଼ ଜମାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୂର୍ତ୍ତ ବିଭାଗ ଅଧିକାରୀ ଓ ସ୍ଥାନୀୟ ପୋଲିସ ପହଞ୍ଚି ଲୋକଙ୍କ ସୁରକ୍ଷା ପାଇଁ ପୋଲର ଦୁଇ ମୁଣ୍ଡରେ ଅସ୍ଥାୟୀ ବାଡ଼ ବସାଇବା ସହ କ୍ରଶର ଗୁଣ୍ଡ ଜମା କରି ଗାଡ଼ି ଚଳାଚଳ ବନ୍ଦ କରିଥିଲେ।

ଏହି ରାସ୍ତା ଉପରେ ଠାକୁରମୁଣ୍ଡା,ଡଙ୍ଗାଡିହା,ପୋଡ଼ାଡ଼ିହା, ଉଦଳା, ମାଣତ୍ରୀ, ବୈଶିଙ୍ଗା ଓ ରୂପ୍‌ସା ଅଞ୍ଚଳର ଲୋକେ ମଧ୍ୟ ନିର୍ଭର କରିଥାନ୍ତି। ତେବେ ବର୍ଷାଦିନ ଆରମ୍ଭରୁ ପୋଲର ଅବସ୍ଥା ବିପଦସଙ୍କୁଳ ହୋଇ ପଡ଼ିବାରୁ ଯାତାୟାତରେ ଘୋର ବାଧା ସୃଷ୍ଟି ହୋଇଛି। ଏହି ରାସ୍ତା ମୁଖ୍ୟତଃ ଉଦଳା – ଜୟପୁର ଦେଇ ବାଲେଶ୍ୱରକୁ ସଂଯୋଗ କରୁଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ଅନ୍ୟପକ୍ଷେ ଗୋପବନ୍ଧୁ ନଗର ବ୍ଲକର ଉଦଳା ହେଉଛି ମୁଖ୍ୟ ହେଡ୍‌କ୍ୱାର୍ଟର୍ସ।

### ଉଦଳା- କୁଆମରା ଯାତାୟାତ ବନ୍ଦ

ଏଠାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଥାନା, ଡାକ୍ତରଖାନା, ପୋଲିସ ଉପଖଣ୍ଡ କାର୍ଯ୍ୟାଳୟ ପ୍ରଭୃତି କାର୍ଯ୍ୟ କରୁଛି। କୌଣସି କାର୍ଯ୍ୟ ପାଇଁ ଉଦଳା ଯିବାକୁ ହେଲେ ଏବେ ଗୋପବନ୍ଧୁନଗର ବ୍ଲକ ଏବଂ ଅନ୍ୟାନ୍ୟ ଅଞ୍ଚଳର ଲୋକମାନଙ୍କୁ କନ୍ହେଇବନ୍ଧ କିମ୍ବା ବୈରାଟପୁର ଦେଇ ୧୫ କି.ମି. ରାସ୍ତା ଅଧିକ ବୁଲିବାକୁ ପଡ଼ିବ। ଏହା ନିକଟରେ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଏଣୁ ଉକ୍ତ ପୋଲକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ତେବେ ଫାଟ ହୋଇଥିଲେ ମଧ୍ୟ ପୋଲର ସେଭଳି କୌଣସି କ୍ଷତି ହୋଇ ନ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

# ବିଷାକ୍ତଛତୁ ଖାଇ ପରିବାରର ୫ ଗୁରୁତର

କୁଡୁମୁଲୁଗୁମ୍ମା,୨୫।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ କଣ୍ଟାସାରୁ ଗ୍ରାମରେ ବିଷାକ୍ତଛତୁ ଖାଇ ଗୋଟିଏ ପରିବାରର ୫ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତିଲାଇ ହନ୍ତାଳ, ଚେମ୍ମୁ ହନ୍ତାଳ, ଘାସି ହନ୍ତାଳ, ଜେରୁକୁ ହନ୍ତାଳ ଓ ମାଣିକ ହନ୍ତାଳ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତିଲାଇ ଶନିବାର ବନ୍ୟଦ୍ରବ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେ କିଛି ଛତୁ ସଂଗ୍ରହ କରି ଘରକୁ ଆଣିଥିଲେ। ଏହି ଛତୁ ରାନ୍ଧି ପରିବାରର ସମସ୍ତେ ଖାଇଥିଲେ। ଖାଇବାର କିଛି ସମୟ ପରେ ସମସ୍ତଙ୍କ ଦେହ ହାତ ଅବଶ ଲାଗି ବାନ୍ତି ହୋଇଥିଲା। ସମସ୍ତଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। କିଛି ବିଷାକ୍ତ ଜିନିଷ ଖାଇବା ଦ୍ୱାରା ଏପରି ଘଟିଛି। ଆବଶ୍ୟକ ହେଲେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର କହିଛନ୍ତି।

# ଜାଲ ପ୍ରମାଣପତ୍ର ଦେଇ ୧୧୪ ଶିକ୍ଷକ ନିଯୁକ୍ତ

ଛତ୍ରପୁର,୨୫।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ବିଭିନ୍ନ ନକଲି ପ୍ରମାଣପତ୍ର ଦେଇ କେତେକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ଅହେତୁକ ବିଳମ୍ବ ହୋଇଛି। ଏବେ ବି ୮୫ ଶିକ୍ଷକଙ୍କ ଉପରେ ହୋଇଥିବା ଅଭିଯୋଗ ସମ୍ପର୍କରେ ଯାଞ୍ଚ ରିପୋର୍ଟ ରାଜ୍ୟ ଶିକ୍ଷା ବିଭାଗ ନିକଟକୁ ପଠାଯାଇନି। ଅପରପକ୍ଷରେ ପୁଣି ୧୧୪ ଜଣ ଜାଲ ପ୍ରମାଣପତ୍ର ଦାଖଲ କରି ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ନେଇ ରାଜ୍ୟ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଏହାର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଛତ୍ରପୁର, କବିସୂର୍ଯ୍ୟନଗର, ବେଗୁନିଆପଡା, ଆସିକା, ଜଗନ୍ନାଥପ୍ରସାଦ, ଶେରଗଡ, ପୋଲସରା, ବ୍ରହ୍ମପୁର, ହିଞ୍ଜିଳି, ବୁଗୁଡା ଓ ସୋରଡା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରିବାକୁ ଚିଠି ଆସିଛି। ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତି

### ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଲାଗି ୧୧ ବିଇଓଙ୍କୁ ନିର୍ଦ୍ଦେଶ

ପାଇଥିବା ୧୧୪ ଶିକ୍ଷକଙ୍କ ବିଭିନ୍ନ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଓ ମାର୍କଶିଟ୍, ଜାତି ଓ ମାଇଗ୍ରେଶନ ପ୍ରମାଣପତ୍ର ଯାଞ୍ଚ କରିବାକୁ କୁହାଯାଇଛି। ଯାହାର ପ୍ରମାଣପତ୍ର ଜାଲ ଜଣାପଡିବ ସେମାନଙ୍କୁ ବହିଷ୍କୃତ କରିବା, ବିଭାଗୀୟ ପ୍ରୋସିଡିଂ ସହ ସେମାନଙ୍କ ନାଁରେ ସ୍ଥାନୀୟ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜିଲାର ୯୯ ଶିକ୍ଷକଙ୍କ ଉପରେ ଏହି ଅଭିଯୋଗ ଆସିଥିଲା। ସେଥିରୁ ୭ ଜଣଙ୍କୁ ବହିଷ୍କୃତ କରାଯାଇଥିବା ବେଳେ ଜଣଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଏଥିସହ ୧୯ ଶିକ୍ଷକଙ୍କ ନାଁରେ ଥାନାରେ ଏତଲା ହୋଇଥିଲା। କେତେକ କ୍ଷେତ୍ରରେ ସ୍ଥାନୀୟ ଥାନାରେ ଏତଲା ଦେଇ ବ୍ଲକ ଶିକ୍ଷା ଅଧିକାରୀମାନେ ନୀରବରେ ବସିଛନ୍ତି। ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ କେତେକ କୋର୍ଟକୁ ଯାଇ ସ୍ଥଗିତାଦେଶ ଆଣି ଶିକ୍ଷକତା କରୁଛନ୍ତି।

# ୨ ଫରେଷ୍ଟର ନିଲମ୍ବିତ, ୩ ଶିକାରୀ ଗିରଫ

ଅନୁଗୋଳ ଅଫିସ୍/ବନ୍ତଳା(ଡି.ଏନ.ଏ), ୨୫।୬

ସାତକୋଶିଆ ଅଭୟାରଣ୍ୟରୁ ହାତୀ କଙ୍କାଳ ଜବତ ଘଟଣାରେ ଅନୁଗୋଳ ଜିଲା ବନ ବିଭାଗ ପକ୍ଷରୁ ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ଫରେଷ୍ଟର ସହଦେବ ସୋରେନ୍ ଏବଂ ଅନୁପମା ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥିସହ ଜିଳିଣ୍ଡା ରେଞ୍ଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିସ୍ କରାଯାଇଥିବା ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ହାତୀ ଶିକାର କରିଥିବା ଅଭିଯୋଗରେ ନଥପଡ଼ା ଗ୍ରାମର ସୁରେଶ ଚନ୍ଦ୍ର ପ୍ରଧାନ, ଶିଶୁପଥର ଗ୍ରାମର ଅମର ଅମାନ୍ତ ଏବଂ ପ୍ରମୋଦ ବେହେରା ପ୍ରମୁଖ ୩ ଶିକାରୀଙ୍କୁ ଅପରାହ୍ନରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ସାତକୋଶିଆ ଅଭୟାରଣ୍ୟ ଅଧୀନ ଜିଳିଣ୍ଡା ରେଞ୍ଜ୍ ଜୁଡୁମ ସେକ୍ସନ ସତ୍ୟଜୟପୁର ଡିପିଏଫ୍ ଜଙ୍ଗଲରୁ ଗତ ଗୁରୁବାର ଏକ ହାତୀ

### ସାତକୋଶିଆରୁ ହାତୀ କଙ୍କାଳ ଜବତ ଘଟଣା

କଙ୍କାଳ ଜବତ ହୋଇଥିଲା। ୨୦୨୧ ମେ'ରେ ଶିକାରୀମାନେ ଉକ୍ତ ହାତୀ ଶିକାର କରିଥିଲେ। ଦାନ୍ତ ବାହାର କରିନେବା ପରେ ହାତୀ ମୃତଦେହକୁ ପୋତି ଦେଇଥିଲେ। ବନ ବିଭାଗର କେତେଜଣ କର୍ମଚାରୀ ଏହାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ଗତ ୨୩ ତାରିଖରେ ହାତୀ କଙ୍କାଳ ଜବତ ହେବା ପରେ ହାତୀ ଶିକାର ଘଟଣା ପଦାକୁ ଆସିଥିଲା। ମୃତହାତୀର ଆନୁମାନିକ ବୟସ ୧୫ବର୍ଷ ହେବ। ଶିକାରୀମାନେ ହାତୀ ଶିକାର କରିଥିବା ବନ ବିଭାଗ ଆଗରେ ସ୍ୱୀକାର କରିଛନ୍ତି। ସାତକୋଶିଆ ପ୍ରାଣୀ ଚିକିତ୍ସକ କିଶୋର ସାହୁ, ନରସିଂହପୁର ପ୍ରାଣୀ ଚିକିତ୍ସକ ହାତୀ କଙ୍କାଳରୁ ନମୁନା ସଂଗ୍ରହ କରି ଫରେନ୍‌ସିକ୍ ଲାବୋରେଟୋରିକୁ ପଠାଇଛନ୍ତି। ଡିଏଫ୍‌ଓ, ଏସ୍‌ଏଫ୍ ଶୁଭେନ୍ଦୁ ବେହେରା ବନ କର୍ମଚାରୀଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି।



ଜର୍ମାନୀରେ ଜୁନ୍ ୨୬ରୁ ୨୮ ଜି-୭ ସମିଟ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଶନିବାର ଅକ୍ସଫାମ୍ କର୍ମୀମାନେ ମ୍ୟୁନିକ୍‌ଠାରେ ଉକ୍ତ ସମ୍ମିଳନୀରେ ଯୋଗଦେବାକୁ ଥିବା ଜି-୭ ରାଷ୍ଟ୍ରମୁଖ୍ୟମାନଙ୍କ ମୁଖା ପିନ୍ଧି ଓ ଏକ ବିଶାଳ ସିରିଞ୍ଜ ଧରି ପ୍ରତିବାଦ ଜଣାଉଛନ୍ତି। ଏଥିରେ ବାମରୁ ଫ୍ରାନ୍ସ ରାଷ୍ଟ୍ରପତି ଏମାନ୍ୱେଲ୍ ମାକରଁ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଇଟାଲି ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁ, ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଏବଂ ଜର୍ମାନ ଚାନ୍‌ସେଲର ଓଲଫ୍ ସ୍କୋଲ୍‌ଜଙ୍କୁ ଦର୍ଶାଯାଇଛି।

# 'ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ'

### ଭାଜପା ରାଜ୍ୟ କାର୍ଯ୍ୟାଳୟରେ କଳାଦିବସ ପାଳିତ

ଭୁବନେଶ୍ୱର, ୨୫।୬(ବ୍ୟୁରୋ)



ସମୀର ମହାନ୍ତି

କେବଳ ଶାସନ କ୍ଷମତା ଏବଂ ପଦବୀ ଲୋଭରେ କୋଟି କୋଟି ଲୋକଙ୍କ ସାମ୍ବିଧାନିକ ଅଧିକାରକୁ କଂଗ୍ରେସ ଦଳ ଜଳାଞ୍ଜଳି ଦେଇଆସିଛି। ସମ୍ବିଧାନରେ ଦିଆଯାଇଥିବା ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱତନ୍ତ୍ରତା, ନ୍ୟାୟପାଳିକାର ସ୍ୱତନ୍ତ୍ରତାକୁ ମଧ୍ୟ ହତ୍ୟା କରିବାକୁ ପଛାଇ ନାହିଁ। ୧୯୭୫ ଜୁନ୍ ୨୫ ମଧ୍ୟରାତ୍ରରେ କଂଗ୍ରେସ ସମ୍ବିଧାନକୁ ହତ୍ୟା କରିବା ସହ ଗଣତନ୍ତ୍ରର କଣ୍ଠରୋଧ କରି ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଉକ୍ତ ଅତ୍ୟାଚାର ବିରୋଧରେ ଯିଏ ସ୍ୱର ଉଠାଇଥିଲେ ସେମାନଙ୍କ ବିରୋଧରେ ମିଥ୍ୟା ଏତଲା ଦାଏର କରାଯାଇ ଗିରଫ କରାଯାଇଥିଲା। ଗଣତନ୍ତ୍ରର ହତ୍ୟା କରିବାକୁ ଯାଇ ଆଇନକୁ ହତ୍ୟା କରି ସୁପ୍ରିମକୋର୍ଟରେ କନିଷ୍ଠ ବିଚାରପତିଙ୍କୁ ମୁଖ୍ୟ ବିଚାରପତି କରାଯାଇଥିଲା। ସେହି ଦିନଠାରୁ ଭାରତୀୟ ଗଣତନ୍ତ୍ରରେ ଏହି ଦିବସକୁ କଳା ଦିବସର ଆଖ୍ୟା ଦିଆଯାଇଛି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଅଗଣିତ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ପକ୍ଷରୁ ଗଣତନ୍ତ୍ରର ସୁରକ୍ଷା ଦିବସ ପାଳନ କରାଯିବା ସହିତ ଜରୁରିକାଳୀନ ପରିସ୍ଥିତିରେ କାରାବରଣ କରିଥିବା ସଂଗ୍ରାମୀ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝି, ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସଜ୍ଜନ ଶର୍ମା ଓ ଭୁବନାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଛାତ୍ର ମୃତ, ଛାତ୍ରୀ ଆହତ

**ଭୁବନେଶ୍ୱର,୨୫।୬(ବ୍ୟୁରୋ):** ଚନ୍ଦକା ଥାନା ପଥରଗାଡ଼ିଆ ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨ଛାତ୍ରୀଛାତ୍ର ବାଇକ୍ ଯୋଗେ ସ୍କୁଲରୁ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ହେଲେ ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାରର ଦିଗନ୍ତ ଦାସ। ସେହିପରି ବାଇକ୍‌ରେ ଯାଉଥିବା ଛାତ୍ରୀ ଜଣକ ଆହତ ହୋଇଛନ୍ତି। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ ଶନିବାର ଅପରାହ୍ନରେ ସ୍କୁଲ ଛୁଟି ହେବାପରେ ଦିଗନ୍ତ ତାଙ୍କର ଜଣେ ଝିଅ ସାଙ୍ଗଙ୍କ ସହ ବାଇକ ଯୋଗେ ଘରକୁ ଫେରୁଥିଲେ। ପଥରଗାଡ଼ିଆ ନିକଟରେ ଏକ ହମ୍ପ ପଡ଼ିବାରୁ ଭାରସାମ୍ୟ ହରାଇ ସେଠାରେ ଥିବା ଏକ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଚନ୍ଦକା ଥାନାକୁ ଖବର ଦେବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦିଗନ୍ତଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ୨୯ରେ ଏସ୍ଆଇଟି ବୈଠକ

**କଟକ ଅଫିସ, ୨୫।୬:** କରୋନା ମହାମାରୀ ଯୋଗୁ ଦୁଇବର୍ଷ ହେବ ବନ୍ଦ ରହିଥିବା ଏସ୍ଆଇଟି ବୈଠକ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏହି ବୈଠକ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧକ୍ଷତାରେ କଟକସ୍ଥିତ ତାଙ୍କ ବାସଭବନରେ ହେବ। ଏଥିରେ କଳାଧନ ଉପରେ ଅଙ୍କୁଶ ଲଗାଯିବା ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏଥିରେ ପୋଲିସ ଡିଜି, କ୍ରାଇମବ୍ରାଞ୍ଚ ଡିଜି, ସିବିଆଇ, ଇନ୍‌କମ୍ ଟ୍ୟାକ୍ସ, ଇଡି ଅଧିକାରୀ, ନାର୍କୋଟିକ୍ସ ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ରାହୁଲ ରେସ୍କ୍ୟୁ ଅପରେଶନ: ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୫।୬ (ବ୍ୟୁରୋ):** ଛତିଶଗଡ଼ରେ ଏକ ବୋର୍ ୱେଲ୍‌ର ୮୦ଫୁଟ ତଳକୁ ଖସି ପଡିଥିବା ରାହୁଲଙ୍କ ରେସ୍କ୍ୟୁ ଅପରେଶନରେ ନିୟୋଜିତ ଥିବା ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବୀର ସାମାଜିକ ସଂଗଠନର ସମ୍ପାଦକ ମିଲନ କୁମାର ପାଇକରାୟଙ୍କ ନେତୃତ୍ୱରେ ସାମାଜିକ କର୍ମୀ ଚିନ୍ମୟ କୁମାର ଦାସ ଏବଂ ରୋଟାରି ଗାଲାକ୍ସିର ମିଳିତ ସହଯୋଗରେ ଶନିବାର ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ହଲ୍‌ରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଟିମ୍‌ର ମୁଖ୍ୟ ତଥା ଥାର୍ଡ ବାଟାଲିୟନ୍ ଏନ୍‌ଡିଆର୍‌ଏଫ୍‌ର କମାଣ୍ଡର ବର୍ଦ୍ଧମାନ ମିଶ୍ର, ହେଡ୍ କନ୍‌ଷ୍ଟେବଲ ରାଜେଶ କୁମାର ମୀନା, ହେଡ୍ କନ୍‌ଷ୍ଟେବଲ ସୁରେଶ ସୋରେନ, କନ୍‌ଷ୍ଟେବଲ ବାଙ୍କା ରାମୁ, କନ୍‌ଷ୍ଟେବଲ ସନ୍ଦୀପ କୁମାରଙ୍କ ସମେତ ୩୩ଜଣିଆ ଟିମ୍‌କୁ ଉତ୍ତରୀୟ ଫୁଲତୋଡା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଦ୍ୱାରା ସେମାନଙ୍କ ମନୋବଳ ଆହୁରି ବୃଦ୍ଧି ହେବ ବୋଲି ସାମାଜିକ କର୍ମୀ ଚିନ୍ମୟ ଦାସ ଓ ମିଲନ ପାଇକରାୟ କହିଛନ୍ତି। କାର୍ଯ୍ୟକ୍ରମରେ ରାଜକିଶୋର ମଲ୍ଲିକ, ରଜନୀ ରାଣୀ ରାଜହଂସ, ଉମା ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ବର୍ଷରେ ସ୍ମାର୍ଟ ସିଟିଜ୍ ମିଶନ

**ଭୁବନେଶ୍ୱର, ୨୫।୬ (ବ୍ୟୁରୋ)**

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ସ୍ମାର୍ଟ ସିଟିଜ୍ ମିଶନର ସପ୍ତମ ବର୍ଷ ପୂର୍ତ୍ତି ଅବସରରେ 'ସାତ୍ ବର୍ଷ କା ହର୍ଷ' କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ରହିଥିବା 'ସବ୍‌କା ଭାରତ ନିଖରତା ଭାରତ' ଅଭିଯାନ କ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଏସ୍‌ସିଏଲ୍ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ୱାର୍ଡ଼ ନଂ.୬୭, ୧୨, ୧୪ ଏବଂ ୮ କର୍ପୋରେଟରଙ୍କ ସମେତ ବହୁ ସାମାଜିକ କର୍ମୀ ସାମିଲ ହୋଇଥିଲେ। ସେହିପରି ୨୦୦ରୁ ଊର୍ଦ୍ଧ୍ୱ ସ୍କୁଲ ଛାତ୍ରୀଛାତ୍ର ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରି ଜ୍ଞାନ ଆହରଣ କରିବାର ସୁଯୋଗ ପାଇଛନ୍ତି। ତେବେ ସ୍ମାର୍ଟ ସିଟି ମିଶନ ଦ୍ୱାରା ନାଗରିକମାନେ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କିତ କାର୍ଯ୍ୟକ୍ରମ ରେଡ଼ିଓ ଓ କ୍ଷୁଦ୍ର ଡକ୍ୟୁମେଣ୍ଟାରି ମାଧ୍ୟମରେ ପରିବେଷିତ ହୋଇଥିଲା। ସେହିପରି 'ସ୍ମାର୍ଟ ଭୁବନେଶ୍ୱର' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରାଯାଇଥିଲା। ବିଏମ୍‌ସି କମିଶନର ତଥା ବିଏସ୍‌ସିଏଲ୍ ସିଇଓ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ସ୍ମାର୍ଟସିଟି ପକ୍ଷରୁ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହରର ଉନ୍ନତୀକରଣରେ ସହାୟକ ହେଉଛି। ହାତପାହାନ୍ତାରେ ସହରବାସୀ ସବୁ ସୁବିଧା ପାଇପାରୁଛନ୍ତି। ବିଏସ୍‌ସିଏଲ୍ ଜେନେରାଲ ମ୍ୟାନେଜର୍ କମଲଜିତ୍ ଦାସ କହିଛନ୍ତି, ରାଜଧାନୀବାସୀ ଘରେ ବସି ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ ସୁବିଧା ପାଇପାରୁଛନ୍ତି, ଯାହାକି ସେମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନ ଆଣିଛି।


ବିଏସ୍‌ସିଏଲ୍ ପକ୍ଷରୁ ଅନୁଷ୍ଠିତ 'ସ୍ମାର୍ଟ ଭୁବନେଶ୍ୱର' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା।

# ରାସ୍ତାପାର୍ଶ୍ୱକୁ ଓଲଟିଲା ସ୍କୁଲ ବସ୍

**ଚୌଦ୍ୱାର, ୨୫।୬ (ଡି.ଏନ୍.ଏ.)**

ଚୌଦ୍ୱାରରୁ ମଣ୍ଡାପଡା ଯାଇଥିବା ବିରୂପା ନଦୀକୂଳ ରାସ୍ତାର ପୋଟଳେଇ ମନ୍ଦିର ନିକଟରେ ଶନିବାର ସକାଳେ ଏକ ଘରୋଇ ସ୍କୁଲବସ୍ ଓଲଟି ପଡିଛି। ହେଲେ ଏଥିରେ ଥିବା ଚାଳକ ଓ ୬ ଜଣ ଛାତ୍ରୀଛାତ୍ର ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାରସ୍ଥିତ ଇଡ୍‌କୋ ଶିଳ୍ପାଞ୍ଚଳ ନିକଟରେ ଥିବା ଉକ୍ତ ଘରୋଇ ସ୍କୁଲ ବସ୍ (ନଂ. ଓଡ଼ି୦୫ବିଇ-୭୫୯୧) ସକାଳେ ଜଗତ୍‌ପୁର ଓ ଚୌଦ୍ୱାରରୁ ୬ଜଣ ଛାତ୍ରୀଛାତ୍ରଙ୍କୁ ଆଣିବା ପରେ ମଣ୍ଡାପଡ଼ା ଓ ହରିନାଥପୁରକୁ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଆଣିବାକୁ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଦୁଇଜଣ ସାଇକେଲ ଆରୋହୀଙ୍କୁ ବଞ୍ଚାଇବା ପାଇଁ ଚାଳକ ରାସ୍ତା କଡ଼କୁ କାଟି ଦେଇଥିଲେ। ଫଳରେ ଭାରସାମ୍ୟ ହରାଇ ବସ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଖବରପାଇ ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ବସ୍ ଭିତରୁ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଘରକୁ ପଠାଇଥିଲେ। ସୂଚନାଯୋଗ୍ୟ, ମହାନଦୀ ଜଳସେଚନ ନର୍ଥ ଡିଭିଜନ ଅଧୀନରେ ଏହି ଅଣଓସାରିଆ ନଦୀକୂଳ ରାସ୍ତା ରହିଛି। ହେଲେ ଏହା ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡିଛି। ରାସ୍ତା ମରାମତି ସହ ଏହାକୁ ୨ ଥାକିଆ କରିବା ପାଇଁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଚୌଦ୍ୱାର ପୌରପାଳିକା ପକ୍ଷରୁ ଜଳସେଚନ ବିଭାଗକୁ ଲିଖିତ ଆକାରରେ ଅବଗତ କରାଯାଇଛି। ହେଲେ ଏ ଦିଗରେ ପଦକ୍ଷେପ ନିଆ ନ ଯିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।




**ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର, ଚାଳକ**

# ନାରୀ ଶିକ୍ଷିତ ହେଲେ ଭବିଷ୍ୟତ ପିଢ଼ିର ବିକାଶ ହୁଏ: ମନ୍ତ୍ରୀ

**ଭୁବନେଶ୍ୱର, ୨୫।୬ (ବ୍ୟୁରୋ)**

ଜନ୍ମମାଟି ଓ ଶିକ୍ଷାନୁଷ୍ଠାନ ବ୍ୟକ୍ତି ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ନାରୀ ଶିକ୍ଷା ଦ୍ୱାରା ଭବିଷ୍ୟତ ପିଢ଼ିର ବିକାଶ ହୁଏ। ତେଣୁ ରାଜ୍ୟ ସରକାର ନାରୀ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି ଓ ଏଥିପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସୃଷ୍ଟି ହୋଇଛି। ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀ ସଂଘର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହା କହିଛନ୍ତି। ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ କହିଲେ, ମା' ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରୀମାନେ, ବିଶେଷ କରି ପୁରାତନ ଛାତ୍ରୀମାନେ ଏହି ଶିକ୍ଷାନୁଷ୍ଠାନକୁ ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବେ ନିର୍ମାଣ କରିପାରିବେ। ଆମ ରାଜ୍ୟର ଛାତ୍ରୀଛାତ୍ରମାନେ କେବଳ ଦେଶରେ ନୁହେଁ, ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହେବା ଆବଶ୍ୟକ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଜୀବନରେ ସଫଳ ହେବା ସହ ଭଲ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ପୁରାତନ ଛାତ୍ରୀମାନେ ଅନେକ ସଫଳତା ପାଇଲେଣି ଓ ଏହି ଅନୁଷ୍ଠାନର ଛାତ୍ରୀ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଛନ୍ତି। ଏହା ଗର୍ବ ଓ ଗୌରବର ବିଷୟ ବୋଲି ମେୟର କହିଥିଲେ। କୁଳପତି ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରି କହିଲେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଆହୁରି ଆଗକୁ ନେବାରେ ପୁରାତନ ଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୁଳସଚିବ ଶ୍ୟାମଳୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପୁରାତନ ଛାତ୍ରୀ ସଂଘ ଉପସଭାପତି ସୁଦୀପା ରାୟ, ପ୍ରଫେସର ମଧୁସ୍ମିତା ପତି ପ୍ରମୁଖ ବିଶ୍ୱବିଦ୍ୟାଳୟ, ପାଠପଢ଼ା ବିଷୟରେ କହିବା ସହ ଛାତ୍ରୀମାନଙ୍କୁ କେତେକ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀ ତଥା ପ୍ରସିଦ୍ଧ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦ, ଭାଲିନା ଭାଲେଣ୍ଟିନାଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରୀ ସଂଘ ସଭାପତି ଈପ୍‌ସିତା ସାହୁ ଓ ଅନ୍ୟମାନେ ସଭା ପରିଚାଳନା କରିଥିଲେ। ସଂଘ ପକ୍ଷରୁ 'ମୋ କଲେଜ' ଅଭିଯାନକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଡ. ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ।



ବୈଠକରେ ମନ୍ତ୍ରୀ ରୋହିତ ପୂଜାରୀ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରୀ ସଂଘ ସାଧାରଣ ପରିଷଦ ବୈଠକ**

# ସୁଷମା ଲେଙ୍କାଙ୍କୁ ଶ୍ରେଷ୍ଠ ଓଡ଼ିଆଣୀ ସମ୍ମାନ

**ଭୁବନେଶ୍ୱର,୨୫।୬ (ବ୍ୟୁରୋ)**

ପ୍ରଶାନ୍ତି ଚ୍ୟାରିଟେବଲ୍ ଟ୍ରଷ୍ଟ ଓ ଅସ୍ତିତ୍ୱ ଅନୁଷ୍ଠାନ ପକ୍ଷରୁ 'ଶ୍ରେଷ୍ଠ ଓଡ଼ିଆଣୀ-୨୦୨୨'ର ପୁରସ୍କାର ବିତରଣ ଉତ୍ସବ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଶା ମାଟିର କଳା, ସଂସ୍କୃତି ଓ ଐତିହ୍ୟ ମହାନ୍। ଏହି ମାଟିରେ ଜନ୍ମ ନେଇଥିବା ବ୍ୟକ୍ତି ଗର୍ବ ଅନୁଭବ କରିବା ଉଚିତ୍। ଆମେ ଆମ ସଂସ୍କୃତିକୁ ନ ଭୁଲି ଏହାକୁ ଉଜ୍ଜୀବିତ ରଖିବା ଓ ପରପିଢ଼ିଙ୍କ ନିକଟରେ ଏହାକୁ ପହଞ୍ଚାଇବା ପିତାମାତାଙ୍କ ଦାୟିତ୍ୱ। ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଚଳଣି ଉପରେ ପର୍ଯ୍ୟବସିତ ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଥିବାବେଳେ ୮୭ଜଣ ଓଡିଆଣୀ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରେଷ୍ଠ ଓଡ଼ିଆଣୀ ଭାବେ ବିବେଚିତ ହୋଇଥିବା ସୁଷମା ଲେଙ୍କାଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ଏମ୍‌ପି ସୁଲତା ଦେଓ, କଳିଙ୍ଗ ପୁସ୍ତକ ମେଳା କମିଟିର ସମ୍ପାଦିକା ରେଣୁକା ମିଶ୍ର, ଡ. ସୃଷ୍ଟି ମହାପାତ୍ର, ସାମାଜିକ କର୍ମୀ ସୁଚରିତା ପୃଷ୍ଟି, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନମିତା ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାନ୍ତି ଟ୍ରଷ୍ଟ ଅଧ୍ୟକ୍ଷା ତପସ୍ୱିନୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଅସ୍ତିତ୍ୱର ସମ୍ପାଦିକା ମମତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତି ଏଜୁକେଶନ ଚାରିଟେବଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତପସ୍ୱିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କବିତାବୃତ୍ତି, ଝୋଟି ପ୍ରତିଯୋଗିତା, ରନ୍ଧନ, କୁଇଜ୍ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଷ୍ଟ୍ରିଟ୍ ଭେଣ୍ଡର୍ସଙ୍କ ପାଇଁ ଟାଉନ୍ ଭେଣ୍ଡିଂ କମିଟି ଗଠିତ

**ଭୁବନେଶ୍ୱର, ୨୫।୬ (ବ୍ୟୁରୋ)**

ରାସ୍ତାକଡ ଉଠା ଦୋକାନୀଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଷ୍ଟ୍ରିଟ୍ ଭେଣ୍ଡର୍ସ (ପ୍ରୋଟେକ୍ସନ ଅଫ୍ ଲାଇଭ୍‌ଲିହୁଡ୍ ଆଣ୍ଡ ରେଗୁଲେଶନ୍ ଅଫ୍ ଷ୍ଟ୍ରିଟ୍ ଭେଣ୍ଡିଂ) ଆଇନ୍ ୨୦୧୫ କାର୍ଯ୍ୟକାରୀ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜଧାନୀର ବିଭିନ୍ନ ରାସ୍ତାକଡ଼ରେ ଥିବା ଉଠାଦୋକାନୀଙ୍କୁ ସୁବ୍ୟବସ୍ଥିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ଆଇନ୍‌ର ରୁଲ୍-୩ ଅନୁଯାୟୀ ବିଏମ୍‌ସି ପକ୍ଷରୁ ଟାଉନ୍ ଭେଣ୍ଡିଂ କମିଟି ଗଠନ କରାଯାଇଛି। ଏଥିରେ ବିଏମ୍‌ସି କମିଶନର ଅଧ୍ୟକ୍ଷ ରହିଥିବାବେଳେ ପୋଲିସ, କର୍ପୋରେଟର, ଉଠାଦୋକାନୀ ସଂଘ, ଆବାସିକ କଲ୍ୟାଣ ସଂଘ, ବ୍ୟବସାୟୀ ସଂଘ, ଏନ୍‌ଜିଓ, ଉଠାଦୋକାନୀ ସଂଘର ପ୍ରତିନିଧି ପ୍ରମୁଖ ମୋଟ ୧୨ଜଣ ସଦସ୍ୟ ରହିଛନ୍ତି। ଭୁବନେଶ୍ୱର ଡିସିପି, ବିଏମ୍‌ସି ମ୍ୟୁନିସିପାଲ ପ୍ଲାନର, ଖୋର୍ଦ୍ଧା ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର କିମ୍ବା ତାଙ୍କ ନୋମିନି, ୱାର୍ଡ ନଂ. ୧୨ କର୍ପୋରେଟର ଜୟନ୍ତୀ ସାହୁ, କଳିଙ୍ଗ ନଗର ରେସିଡେନ୍ସିଆଲ୍ ଆସୋସିଏଶନ ସଭାପତି ଡ. ସୁଶାନ୍ତ କୁମାର ଦାସ, ୟୁନିଟ-୧ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ସଭାପତି ଗୟାଧର ସ୍ୱାଇଁ, ଆଇଆର୍‌ସି ଭିଲେଜ ଗଜଲକ୍ଷ୍ମୀ ଭେଣ୍ଡିଂ ଜୋନ୍‌ର ମନୋଜ କୁମାର ସ୍ୱାଇଁ, ୟୁନିଟ୍-୯ ଗଜଲକ୍ଷ୍ମୀ ଭେଣ୍ଡିଂ ଜୋନ୍‌ର ସନ୍ଧ୍ୟା ସେଠୀ, ସିଆର୍‌ପି ଛକ ଲୋକନାଥ ଭେଣ୍ଡିଂ ଜୋନ୍‌ର ବିଜୟ କୁମାର ଦାସ ଏବଂ ସ୍ମାର୍ଟ ଜନପଥ କିଓସ୍କ ୧, ୨ ଓ ୫ର ଧୀରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। କମିଟି ଦ୍ୱାରା ରାସ୍ତାକଡ଼ ଉଠାଦୋକାନୀମାନେ ବିଭିନ୍ନ ସୁବିଧା ପାଇବା ସହିତ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଶନିବାର ଅକ୍ଷର ଓ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ 'ଜଜ୍ ଲୋୟାଙ୍କ ହତ୍ୟାର ପର୍ଦ୍ଦାଫାସ୍' ପୁସ୍ତକ ସମ୍ପର୍କିତ ଆଲୋଚନାଚକ୍ରରେ ଏହାର ଲେଖକ ତଥା ମୁମ୍ବାଇର ବରିଷ୍ଠ ସାମ୍ବାଦିକ ନିରଞ୍ଜନ ଟକ୍‌ଲେ ବକ୍ତବ୍ୟ ପ୍ରଦାନ କରୁଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି ଅଭିରାମ ମଲ୍ଲିକ, ଅନୀଲ କୁମାର ମଲ୍ଲିକ, ସତୀଶ ମିଶ୍ର, ଅମୀୟ ପାଣ୍ଡବ, ଜ୍ୟୋତିରଞ୍ଜନ ମହାପାତ୍ର ଓ ସାୟାଦ ବରକତ ଅଲ୍ଲୀ ତନ୍‌ଭୀର।

# ଦିବ୍ୟାଙ୍ଗ ବାଳକଙ୍କ ରଥଗଢ଼ା

ବୟସ ମାତ୍ର ୧୫ ବର୍ଷ। କଥା କହିପାରନ୍ତିନି। ଏପରି କି ଟିକେ କମ୍ ଶୁଣାଯାଏ। ହେଲେ ବିନା କାହା ସାହାଯ୍ୟରେ ଆଙ୍କୁଛନ୍ତି ଚିତ୍ର। ଘରକୁ ଆଣୁଛନ୍ତି ଅନେକ ପୁରସ୍କାର। ସେ ହେଉଛନ୍ତି ଭୁବନେଶ୍ୱର ବମିଖାଲ ଅଞ୍ଚଳରେ ରହୁଥିବା ସସ୍ମିତା ସାହୁ ଏବଂ ଶ୍ୟାମସୁନ୍ଦର ସାହୁଙ୍କ ଏକମାତ୍ର ପୁତ୍ର ସୁବ୍ରତ। ଜନ୍ମରୁ ଦିବ୍ୟାଙ୍ଗ ହୋଇ ମଧ୍ୟ ପଞ୍ଚମ ଶ୍ରେଣୀରୁ ତାଙ୍କର ଏପରି ଚିତ୍ର ପ୍ରତି ଆଗ୍ରହ ସୃଷ୍ଟି ହେବା ଏକ ଅନନ୍ୟ ପ୍ରତିଭା। ଚିତ୍ରାଙ୍କନ ପାଇଁ କୌଣସି ଶିକ୍ଷକ ଗ୍ରହଣ ନ କରି ମଧ୍ୟ ସୁନ୍ଦର ଚିତ୍ର ଆଙ୍କିପାରୁଛନ୍ତି। ସେ ତାଙ୍କ କୁନି ହାତରେ ଅବିକଳ ତିନି ଠାକୁର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ମାଟିରେ ମୂର୍ତ୍ତି ଗଢ଼ି ସେଥିରେ ରଙ୍ଗ ଭରିଛନ୍ତି। ଏବେ ସେ କାର୍ଟୁନ୍(କାଗଜ ପେଟି) ସାହାଯ୍ୟରେ ରଥ ତିଆରିରେ ଲାଗିପଡ଼ିଛନ୍ତି। ୩ଦିନ ହେବ ରଥ ଗଢ଼ିବା ଆରମ୍ଭ କରିଛନ୍ତି। ରଥଯାତ୍ରା ପୂର୍ବରୁ ରଥ କାର୍ଯ୍ୟ ଶେଷ କରି ସାହି ରାସ୍ତାରେ ସାଙ୍ଗମାନଙ୍କ ସହ ଗଡ଼ାଇବେ ବୋଲି ସେ ସ୍ଥିର କରିଛନ୍ତି।

ସୁବ୍ରତ ବମିଖାଲସ୍ଥିତ ଦେବରାଜ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ତାଙ୍କୁ ବେଶ୍ ଭଲ ପାଆନ୍ତି। ଆଉ ସେ ସମସ୍ତଙ୍କ ଠାରୁ ଭଲ ଚିତ୍ର ମଧ୍ୟ ଆଙ୍କିଥାନ୍ତି। ବିଦ୍ୟାଳୟ ପକ୍ଷରୁ ସେ ଅନେକ ସ୍ଥାନରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କାର ମଧ୍ୟ ପାଇଛନ୍ତି। ସେ କଥା କହିପାରୁ ନ ଥିବା ଏବଂ କମ୍ ଶୁଣିପାରୁଥିବାରୁ ପାଠ ପଢ଼ିବାରେ ଟିକେ ଅସୁବିଧା ହୋଇଥାଏ। ବିଦ୍ୟାଳୟରେ ଶିକ୍ଷୟିତ୍ରୀମାନେ ତାଙ୍କୁ ପାଠ ପଢ଼ିବାରେ ସାହାଯ୍ୟ କରନ୍ତି। ଘରେ ଚିତ୍ର ଆଙ୍କିବା ସମୟରେ ତାଙ୍କ ମା' ତାଙ୍କୁ ବୁଝାଇବାରେ ସାହାଯ୍ୟ କରନ୍ତି। ସେ ଚିତ୍ରର ବିଷୟ ବୁଝି ଖୁବ୍ ସୁନ୍ଦର ଭାବେ ଆଙ୍କିଦିଅନ୍ତି। ସେ ତାଙ୍କର ଅଧିକାଂଶ ସମୟ ଚିତ୍ର ଆଙ୍କିବାରେ ହିଁ ବିତାଇଥାନ୍ତି।

**କଥା କହିପାରୁ ନ ଥିଲେ ବି ସୁବ୍ରତ ଦେଖାଉଛନ୍ତି ଅନନ୍ୟ ପ୍ରତିଭା**



# କୁଳପତିଙ୍କ ବାସଭବନ ଘେରିଲେ ଛାତ୍ର

**ଭୁବନେଶ୍ୱର,୨୫।୬ (ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର କ୍ୟାମ୍ପସ ପରିସରରେ ଶୁକ୍ରବାର ୧୦ରୁ ଊର୍ଦ୍ଧ୍ୱ ଅଣଛାତ୍ର ଖଣ୍ଡା ଓ ଭୁଜାଲି ବୁଲାଇ ଆତଙ୍କ ଖେଳାଇବା ପରେ ଛାତ୍ରଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅଣଛାତ୍ରଙ୍କ ମନଇଚ୍ଛା କ୍ୟାମ୍ପସ ପରିସରରେ ପ୍ରବେଶ, ନିଶା ସେବନ, ଝିଅଙ୍କୁ କମେଣ୍ଟ ମାରିବା ସୀମା ଟପିବାରେ ଲାଗିଛି। ତେଣୁ ଏହାର ପ୍ରତିବାଦରେ ଶନିବାର ଛାତ୍ରମାନେ କୁଳପତି(ଭିସି)ଙ୍କ ବାସଭବନ ଘେରାଉ କରିଥିଲେ। ଏଥିସହ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କ୍ୟାମ୍ପସ ପରିସର ଚାରିଆଡ଼େ ସିସିଟିଭି ଲଗାଇବା ଭଳି ବିଭିନ୍ନ ଦାବିରେ ଦୀର୍ଘ ୩ଘଣ୍ଟାରୁ ଅଧିକ ସମୟ ଘେରାଉ କରି ଦାବିପତ୍ର ଭିସିଙ୍କୁ ଦେଇଥିବା ଛାତ୍ରମାନେ କହିଛନ୍ତି। ଆନ୍ଦୋଳନକାରୀ ଛାତ୍ରଙ୍କ ସୂଚନାନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଦୀର୍ଘଦିନ ଧରି ଅଣଛାତ୍ରମାନେ ମନଇଚ୍ଛା ପ୍ରବେଶ କରୁଛନ୍ତି। କେତେଜଣ ଛାତ୍ର ମଧ୍ୟ ସେମାନଙ୍କ ସହ ସାମିଲ ହୋଇ ଶିକ୍ଷାୟତନକୁ ଆଡ୍ଡାସ୍ଥଳରେ ପରିଣତ କରୁଛନ୍ତି। ଝିଅଙ୍କୁ କମେଣ୍ଟ ମାରି ହଇରାଣ କରିବା ସହ କ୍ୟାମ୍ପସ ପରିସରରେ ମଦ ପିଉଛନ୍ତି। ଶୁକ୍ରବାର ପୂର୍ବାହ୍ନରେ କ୍ୟାମ୍ପସ ପରିସରରେ ଜଣେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଛାତ୍ରୀଙ୍କୁ ଅଣଛାତ୍ରମାନେ କମେଣ୍ଟ ମାରିବାରୁ ଉପସ୍ଥିତ ଛାତ୍ରମାନେ ବିରୋଧ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ହେଲେ ଅପରାହ୍ନରେ ଅଣଛାତ୍ରମାନେ ସଂଘବଦ୍ଧ ହୋଇ ପୁଣି କ୍ୟାମ୍ପସକୁ ଆସି ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହ ଆତଙ୍କ ଖେଳାଇଥିଲେ। ଏହାର ପ୍ରତିବାଦରେ ଛାତ୍ରମାନେ ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ।


ଧାରଣାରେ ବସିଥିବା ଛାତ୍ରମାନେ।

**ବାଣୀବିହାର କ୍ୟାମ୍ପସରେ ଅଣଛାତ୍ରଙ୍କ ଆତଙ୍କରାଜ ଘଟଣା**

**ସୁନା ୧୦୦୦ ଟଙ୍କା କମିଛି**

ନୂଆଦିଲ୍ଲୀ: ଚଳିତ ସପ୍ତାହରେ ସୁନା ଦର ପାଖାପାଖି ୧୦୦୦ ଟଙ୍କା ହ୍ରାସ ପାଇଛି। ସୁନାର ଅଗଷ୍ଟ ଫ୍ୟୁଚର୍ସ ୧୦ ଗ୍ରାମ୍ ପିଛା ୫୦,୬୦୩ ଟଙ୍କା ରହିଛି। ବିଦେଶରେ ସୁନାର ଦର ୧୮୨୬ ଟଙ୍କା ପ୍ରତି ଆଉନ୍ସ ରହିଛି। ଏହାଛଡ଼ା ସପ୍ତାହ ଶେଷ ସୁଦ୍ଧା ଏମ୍‌ସିଏକ୍ସରେ ରୁପା ଦର କିଲୋଗ୍ରାମ୍ ପିଛା ୫୯,୭୪୯ ଟଙ୍କାରେ ବନ୍ଦ ହୋଇଛି। ଏନେଇ ସ୍ୱସ୍ତିକା ଇନ୍‌ଭେଷ୍ଟମାର୍ଟର ସିନିୟର କମୋଡିଟି ରିସର୍ଚ୍ଚ ଆନାଲିଷ୍ଟ ନୃପେନ୍ଦ୍ର ଯାଦବ କହିଛନ୍ତି, ସୁନା ଦରରେ ଆଗକୁ ମଧ୍ୟ ହ୍ରାସ ଜାରି ରହିବ। ଆମେରିକୀୟ ଡଲାରରେ ଦୃଢ଼ ସ୍ଥିତି ଏବଂ ଟ୍ରେଜେରି ୟିଲ୍ଡର ପ୍ରଭାବ ସୁନା ଦର ଉପରେ ଦେଖିବାକୁ ମିଳୁଛି।

## ସଂକ୍ଷେପରେ

### ୪ର୍ଥ ଥର ପାଇଁ ଋଣ ଖିଲାପ କଲା ଏଫ୍‌ଇଏଲ୍

**ନୂଆଦିଲ୍ଲୀ,୨୫।୬:** ଋଣ ଭାରରେ ବୁଡି ରହିଥିବା ଫ୍ୟୁଚର ଗ୍ରୁପ୍‌ର ଫ୍ୟୁଚର ଏଣ୍ଟରପ୍ରାଇସେସ୍ ଲିମିଟେଡ୍ (ଏଫ୍‌ଇଏଲ୍) ୪.୧୦ କୋଟି ଟଙ୍କାର ଋଣ ଶୁଝିବା ଦିଗରେ ଖିଲାପକାରୀ ସାବ୍ୟସ୍ତ ହୋଇଛି। ଋଣ ପରିଶୋଧ ଧାର୍ଯ୍ୟ ତାରିଖ ଜୁନ୍ ୨୪ରେ ଥିବା ବେଳେ ଏଫ୍‌ଇଏଲ୍ ଏଥିରେ ବିଫଳ ରହିଥିବା ଏକ ନିୟାମକ ଫାଇଲିଂରେ କହିଛି। କମ୍ପାନୀ ଚଳିତ ବର୍ଷ ଜୁନ୍ ୨୪ରେ ଅଣପରିବର୍ତ୍ତନୀୟ ଋଣ ସ୍ୱୀକାରପତ୍ର ଉପରେ ସୁଧ ସମ୍ବନ୍ଧିତ ନିଜ ଦାୟିତ୍ୱ ପୂରା କରିବାକୁ ଅସଫଳ ରହିଛି। କିଶୋର ବିୟାନୀଙ୍କର ଏହି ଫ୍ୟୁଚର ଗ୍ରୁପ୍ ଫାର୍ମ ଦ୍ୱାରା ଜୁନ୍ ମାସରେ ଏହା ୪ର୍ଥ ଋଣ ଖିଲାପ । ଚଳିତ ସପ୍ତାହ ଆରମ୍ଭରେ ଏଫ୍‌ଇଏଲ୍ ନିଜ ଅଣପରିବର୍ତ୍ତନୀୟ ଋଣ ସ୍ୱୀକାରପତ୍ର ପାଇଁ ୮୫.୭୧ ଲକ୍ଷ ଏବଂ ୬.୦୭ କୋଟି ଟଙ୍କାର ଋଣ ପରିଶୋଧ ପାଇଁ ୨ଥର ଡିଫଲ୍ଟ ସାବ୍ୟସ୍ତ ହୋଇଛି। ଏହାଛଡ଼ା ଚଳିତ ମାସ ଆରମ୍ଭରେ ଏଫ୍‌ଇଏଲ୍ ୧.୪୧ କୋଟି ଟଙ୍କାର ଋଣ ପରିଶୋଧରେ ଖିଲାପୀ କରିଥିଲା। ବର୍ତ୍ତମାନ ସୁଦ୍ଧା ଏଫ୍‌ଇଏଲ୍‌କୁ ୪୦ କୋଟି ଟଙ୍କାର ସୁଧ ଅର୍ଥ ଶୁଝିବା ବାକି ରହିଛି।

### ପୁଣି ଉଡ଼ିବ ଜେଟ୍ ଏୟାରୱେଜ୍

**ନୂଆଦିଲ୍ଲୀ,୨୫।୬:** ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ୍ ପୁଣି ଥରେ ଯାତ୍ରୀ ସେବା ଯୋଗାଇବ ବୋଲି ସୂଚନା ମିଳିଛି। ଏପରିକି କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ପରିଚାଳନାଗତ ନିଯୁକ୍ତି ମଧ୍ୟ ଆରମ୍ଭ ହୋଇଯାଇଛି। ଏହା ସହ ବିମାନ କମ୍ପାନୀ କ୍ୟାବି କ୍ରୁ ଓ ପୂର୍ବତନ କର୍ମଚାରୀଙ୍କୁ ପୁଣି ଥରେ ଏୟାରଲାଇନ୍ସକୁ ଫେରିବା ନିମନ୍ତେ ଯୋଗାଯୋଗ କରାଯାଇଛି। ଜେଟ୍ ଏୟାରୱେଜର ପରିଚାଳନା ନିଯୁକ୍ତି ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଏହା ପୂର୍ବରୁ ବିମାନକ୍ଷେତ୍ରର ନିୟାମକ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ମେ ୨୦ରୁ ଏୟାରଲାଇନକୁ କମର୍ସିଆଲ ପରିଚାଳନା ଆରମ୍ଭ କରିବାକୁ ଅନୁମତି ଦେଇଥିଲେ। ଏୟାରଲାଇନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସଞ୍ଜୀବ କପୁର ଏ ସମ୍ପର୍କରେ ଟୁଇଟ କରିଛନ୍ତି। ଏୟାରଲାଇନ୍ସ ଆଗାମୀ ଦିନରେ ପାଇଲଟ ଓ ଇଞ୍ଜିନିୟର ନିଯୁକ୍ତି ଆରମ୍ଭ କରିବ। ଏୟାରଲାଇନ୍ସର ବାଣିଜ୍ୟିକ ପରିଚାଳନା ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକରେ ଆରମ୍ଭ ହୋଇପାରେ ବୋଲି ଅନୁମାନ କରାଯାଉଛି।

### ୨ ପ୍ରଶିକ୍ଷଣ କେନ୍ଦ୍ର ବନ୍ଦକଲା ଡିଜିସିଏ

**ନୂଆଦିଲ୍ଲୀ,୨୫।୬:** ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏଶନ (ଡିଜିସିଏ) ପକ୍ଷରୁ ମଧ୍ୟପ୍ରଦେଶ ଏବଂ ଗୁଜରାଟରେ ଥିବା ଦୁଇଟି ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ କରିଦିଆଯାଇଛି। ଶନିବାର ଏନେଇ ସୂଚନା ଦିଆଯାଇଛି। ଡିଜିସିଏ ବୟାନ ଅନୁସାରେ, ଗୋଟିଏ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ରରେ ଉଡ଼ାଣ ପାଇଁ ରନ୍‌ୱେର ସ୍ଥିତି ଭଲ ନ ଥିବା କାରଣରୁ ତାକୁ ବନ୍ଦ କରିଦିଆଯାଇଛି। ଯାଞ୍ଚରୁ ଜଣାଯାଇଛି ଯେ, ରନ୍‌ୱେର ଗେଟି ଉଠିଯାଇଥିଲା। ଫଳରେ ଏହା ଅସମତଳ ଥିବାକୁ ଉଡ଼ାଣ ପାଇଁ ଡିଜିସିଏ ପକ୍ଷରୁ ସୁରକ୍ଷିତ ମନେ କରାଯାଇ ନ ଥିଲା। ୨ୟ ମାମଲାରେ ଉଡ଼ାଣ କେନ୍ଦ୍ରର ୩ ବିମାନରେ କିଛି ତ୍ରୁଟି ରହିଥିଲା। ଏହାସତ୍ତ୍ୱେ ପ୍ରଶିକ୍ଷଣ କେନ୍ଦ୍ର ପରିଚାଳିତ ହେଉଥିଲା। ଫଳରେ ଡିଜିସିଏ ପକ୍ଷରୁ ଏହି ପ୍ରଶିକ୍ଷଣ କେନ୍ଦ୍ରକୁ ୩ସପ୍ତାହ ପାଇଁ ବନ୍ଦ କରାଯାଇଛି।

# ୨୦୨୬ ପର୍ଯ୍ୟନ୍ତ ମିଳିବ ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୨୫।୬**




### ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ବଡ଼ ଉପହାର

ଜିଏସ୍‌ଟି କାଉନ୍‌ସିଲ ବୈଠକ ପୂର୍ବରୁ ସରକାରଙ୍କ ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଉପରେ କ୍ଷତିପୂରଣ ସେସ୍ ଲଗାଇବା ସମୟସୀମାକୁ ପ୍ରାୟ ୪ ବର୍ଷ ବୃଦ୍ଧିକରି ୩୧ ମାର୍ଚ୍ଚ ୨୦୨୬ କରିଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଚଳିତ ବର୍ଷ ଜୁଲାଇ ୧ରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଜିଏସ୍‌ଟି କ୍ଷତିପୂରଣ ସେସ୍ ଲଗାଇବା ଜାରି ରହିବ। ସୂଚନାଯୋଗ୍ୟ, ପୂର୍ବରୁ ଏହାର ସମୟସୀମା ଚଳିତ ମାସ ୩୦ ତାରିଖରେ ଶେଷ ହେବାକୁ ରହିଥିଲା। ଆସନ୍ତା ସପ୍ତାହରେ ହେବାକୁ ଥିବା ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏହାର ସମୟସୀମା ବଢ଼ାଇବା ନେଇ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ ମହାମାରୀ ସମୟରେ ଗତ ୨ବର୍ଷ ପାଇଁ କରିଥିବା ଋଣର ପରିଶୋଧ ଲାଗି ଏହାର ସମୟସୀମାକୁ ବୃଦ୍ଧି କରାଯାଇଛି। ପୂର୍ବ ବର୍ଷ ଅନୁଷ୍ଠିତ ହୋଇଥିବା ଜିଏସ୍‌ଟି ପରିଷଦର ୪୫ ତମ ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ, ରାଜ୍ୟଗୁଡ଼ିକର ବିଭିନ୍ନ କରକୁ ଭାଟ୍ ସହିତ ରାଷ୍ଟ୍ରୀୟ କର ଜିଏସ୍‌ଟିକୁ ସାମିଲ କରିବାର ପରିଣାମ ସ୍ୱରୂପ ରାଜସ୍ୱରେ ହ୍ରାସ ଭରଣା କରିବା ବ୍ୟବସ୍ଥାକୁ ୨୦୨୨ରେ ସମାପ୍ତ କରାଯିବ। ଏହି ବିଜ୍ଞପ୍ତି ପରେ ବିଳାସପୂର୍ଣ୍ଣ ଜିନିଷଗୁଡ଼ିକ ଉପରେ ଲଗାଯାଇଥିବା କ୍ଷତିପୂରଣ ସେସ୍ ସମୟସୀମାକୁ ବୃଦ୍ଧି କରାଯାଇ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ କରାଯିବ। ଅନ୍ୟ କିଛି ସାମଗ୍ରୀ ଏବଂ ସେବା ଉପରେ ଜିଏସ୍‌ଟି କ୍ଷତିପୂରଣକୁ ଏହା ପୂର୍ବରୁ ହିଁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହି ସମୟସୀମା ମଧ୍ୟରେ ରାଜ୍ୟଗୁଡ଼ିକ ଯେଉଁ ଋଣ ନେଇଥିଲେ ତାକୁ ଶୁଝିବାକୁ ହେବ। ଏଥିପାଇଁ ତମାଖୁ, ସିଗାରେଟ୍, ହୁକ୍କା, ହାଇ ଏଣ୍ଡ ମୋଟରସାଇକେଲ, ଏୟାରକ୍ରାଫ୍ଟ ଏବଂ ମୋଟର ଭେହିକିଲ୍ ଉପରେ ସେସ୍ ଲଗାଇବା ଜାରି ରହିବ। ଫଳରେ ଏହିସବୁ ଜିନିଷ କ୍ରୟ କରିବାକୁ ହେଲେ ବର୍ତ୍ତମାନ ଉପଭୋକ୍ତାଙ୍କୁ ପୂର୍ବାପେକ୍ଷା ଅଧିକ ଖର୍ଚ୍ଚ କରିବାକୁ ହେବ। ସୂଚନାଯୋଗ୍ୟ, ଆସନ୍ତା ସପ୍ତାହରେ ଚଣ୍ଡିଗଡ଼ଠାରେ ଜିଏସ୍‌ଟି କାଉନ୍‌ସିଲର ୪୭ ତମ ବୈଠକ ଅନୁଷ୍ଠିତ ହେବ।

# ନ୍ୟୁ ଷ୍ଟାର୍ଟଅପ୍ 'ବନ୍ ଭି ଟେକ୍ନୋଲୋଜି'




**ଭୁବନେଶ୍ୱର,୨୫।୬**

ଭାରତୀୟ ଏରିଏଲ୍ ମୋବିଲିଟି ଷ୍ଟାର୍ଟଅପ୍ ବନ୍-ଭି ଟେକ୍ନୋଲୋଜି ସମ୍ପର୍କରେ ଘୋଷଣା କରାଯାଇଛି। ନିକଟରେ ପ୍ୟାରିସରେ ଅନୁଷ୍ଠିତ ଭିଭା ଟେକ୍ ୨୦୨୨ରେ ଏହାର କାର୍ଗୋ ଲଜିଷ୍ଟିକ୍ସ କନ୍‌ସେପ୍ଟ ପ୍ଲାଟ୍‌ଫର୍ମ (ଫ୍ଲାଇଂ)ର ସଫଳତା ଷ୍ଟାର୍ଟଅପ୍‌କୁ ନୂଆ ଦିଶା ଦେଖାଇଛି। ଆଇଆଇଟି ମଣ୍ଡିର ପ୍ରୋତ୍ସାହନ ଏବଂ ଏଆଇସି ସିଭିରମଣ ଓ ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜର ସହଯୋଗରେ ବନ୍ ଭି ଭାରତର ପ୍ରଥମ ଏଆଇ-ପାୱାର୍ଡ ମଲ୍ଟି-ୟୁଟିଲିଟି ଇଲେକ୍ଟ୍ରିକ୍ ଏୟାର ଭେଇକିଲ, ଆର୍‌ଏମ୍୦୦୧ ନିର୍ମାଣ କରିଛି। ଓଡ଼ିଶାଭିତ୍ତିକ ଏହି ଷ୍ଟାର୍ଟଅପ୍ ଗ୍ଲୋବାଲ ପ୍ଲାଟ୍‌ଫର୍ମରେ ଭାରତକୁ ପ୍ରତିନିଧିତ୍ୱ କରିବା ସହ ଏରୋ ସ୍ପେସ୍ ସଲ୍ୟୁସନ୍ କ୍ଷେତ୍ରରେ ପ୍ରଶଂସନୀୟ ଇନୋଭେସନ ପ୍ରଦର୍ଶନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ସତ୍ୟବ୍ରତ ଶତପଥୀ (କୋ-ଫାଉଣ୍ଡର,ସିଇଓ), ଗୌରବ ଅଗ୍ରା (କୋ-ଫାଉଣ୍ଡର,କୋ-ସିଇଓ), ଅବିନାଶ ସାହୁ (କୋ-ଫାଉଣ୍ଡର,ସିଟିଓ) ଏବଂ ରାହୁଲ କୁମାର (କୋ-ଫାଉଣ୍ଡର,ହେଡ୍ ଅଫ୍ ଡିଜାଇନ୍) ପ୍ରମୁଖ ଯୋଗ ଦେଇଥିଲେ।

# ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ ପକ୍ଷରୁ ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୫।୬**

ଦୀର୍ଘ ମାସ ଧରି କହୁଣି ଯନ୍ତ୍ରଣା ସାଙ୍ଗକୁ ଆର୍ଥିକ ସମସ୍ୟା ଯୋଗୁ ଯାଜପୁର ନିବାସୀ ଚନ୍ଦ୍ରମୋହନ ଟିଉ ଭଲ ଡାକ୍ତରଖାନା ନ ଯାଇ ଯନ୍ତ୍ରଣାରେ ପୀଡିତ ହେଉଥିଲେ। ନିକଟରେ ତାଙ୍କର ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଯାଜପୁର ଜିଲା ଡୁବୁରିଠାରେ ଅବସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୭୦ବର୍ଷୀୟ ଚନ୍ଦ୍ରମୋହନଙ୍କ ସମ୍ପୂର୍ଣ୍ଣ କହୁଣିର ପ୍ରତ୍ୟାରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ହସ୍ପିଟାଲ ଆଉ ଏକ ବିରଳ ଅସ୍ତ୍ରୋପଚାର ସାଙ୍ଗକୁ ସଫଳତା ମଧ୍ୟ ହାସଲ କରିଛି। ଯାଜପୁରର ଗୋବରଘାଟିଠାରେ ଅବସ୍ଥିତ ବିଶ୍ରା ମୁଣ୍ଡା କଲୋନିରେ ରହୁଥିବା ଟିଉଙ୍କ କହୁଣି ଫ୍ୟାକ୍ଚର ହୋଇଥିଲା। ଅସ୍ତ୍ରୋପଚାର ଭୟରେ ସେ ସ୍ଥାନୀୟ ବଇଦଙ୍କ ନିକଟରୁ ଔଷଧ ଓ ଚିକିତ୍ସା ହେଉଥିଲେ। ଫଳରେ ତାଙ୍କର ଯନ୍ତ୍ରଣା କମିବା ବଦଳରେ ବଢିଯିବା ସହ କହୁଣି ହଲାଇବା କଷ୍ଟକର ହୋଇଯାଇଥିଲା। ଏପରିକି ସେ ନିଜ ହାତରେ ଖାଇବା ମଧ୍ୟ ସମ୍ଭବପର ହେଉ ନ ଥିଲା। ସମସ୍ତ ଆଶା ହରାଇବା ପରେ ଯେପରି ନିଜର ଦୈନନ୍ଦିନ କାର୍ଯ୍ୟ ନିଜେ କରିପାରିବେ ଏଇ ଗୋଟିଏ ମାତ୍ର ଇଚ୍ଛା ନେଇ ସେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ଜଏଣ୍ଟ ରିପ୍ଲେସ୍‌ମେଣ୍ଟ ବିଶେଷଜ୍ଞ ଡ. ସୁଧାଂଶୁ ଶେଖର ଦାସ ସମ୍ପୂର୍ଣ୍ଣ କହୁଣି ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ବିଷୟରେ ରୋଗୀଙ୍କୁ ପରାମର୍ଶ ସହ ପ୍ରାୟ ୩ ଘଣ୍ଟାର ଅସ୍ତ୍ରୋପଚାର ପରେ କହୁଣିକୁ ପ୍ରତ୍ୟାରୋପଣ କରାଯାଇଥିଲା। ଅସ୍ତ୍ରୋପ୍ରଚାରର ୨ ଦିନ ପରେ ସେ ଆରୋଗ୍ୟ ଲାଭ କରିବା ସହ ନିଜ ହାତକୁ ପୁନର୍ବାର ବ୍ୟବହାର କରିପାରିଥିଲେ। ଅପରପକ୍ଷରେ ଡ. ସୁଧାଂଶୁ କହିଛନ୍ତି, କହୁଣି ପ୍ରତ୍ୟାରୋପଣ ମାମଲା ଖୁବ୍ ବିରଳ, ଓଡ଼ିଶାରେ ପ୍ରତିବର୍ଷ ସାଧାରଣତଃ ଏପରି ୫ରୁ ୧୦ ମାମଲା ଦେଖିବାକୁ ମିଳିଥାଏ। ଠିକ୍ ସମୟରେ ରୋଗୀକୁ ହସ୍ପିଟାଲରୁ ଛଡ଼ାଯାଇଥିବାରୁ ଅସ୍ତ୍ରୋପଚାରର ସଫଳତା ଓ ରୋଗୀର ଅବସ୍ଥାକୁ ନେଇ ଆମେ ଅତ୍ୟନ୍ତ ଖୁସି ଅନୁଭବ କରୁଛୁ।

# ସନ୍‌ଫ୍ଲାୱାର ଅଏଲ ବର୍ଗରେ ଫ୍ରିଡମ ଭାରତରେ ୧ ନଂ.

**ନୂଆଦିଲ୍ଲୀ,୨୫।୬**

ଦେଶର ପ୍ରମୁଖ ଖାଇବାତେଲ ଫ୍ରିଡମ୍ ରିଫାଇନ୍ଡ ସନ୍‌ଫ୍ଲାୱାର ଅଏଲ୍ ଭାରତରେ ୧ ନମ୍ବର ସ୍ଥାନ ହାସଲ କରିଛି। ଜେମିନି ଏଡିବଲ୍ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡ୍ (ଜିଇଏଫ୍ ଇଣ୍ଡିଆ)ର ଫ୍ରିଡମ୍ ରିଫାଇନ୍ଡ ସନ୍‌ଫ୍ଲାୱାର ଅଏଲ୍ ବ୍ରାଣ୍ଡ ସନ୍‌ଫ୍ଲାୱାର ଅଏଲ୍ ବର୍ଗରେ ଏହି ସ୍ଥାନ ହାସଲ କରିଛି। କମ୍ପାନୀରେ ଏହି ରିଫାଇନ୍ଡ ତେଲ ଏବେ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ଏବଂ ଓଡ଼ିଶାରେ ଉପଲବ୍ଧ ହେଉଛି। ଏପରି ର୍ୟାଙ୍କ୍ ହାସଲ କରିବାରେ ଗ୍ରାହକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଗ୍ରାହକ ଏହି ବ୍ରାଣ୍ଡର ଗୁଣବତ୍ତା, ସ୍ଥିରତା, ଉପଲବ୍ଧତା ଏବଂ ବିଶ୍ୱସନୀୟତା ଉପରେ ଭରସା କରିଛନ୍ତି। ଫଳରେ ଫ୍ରିଡମ୍ ୧ନମ୍ବର ହୋଇପାରିଛି। ଫ୍ରିଡମ୍ ସନ୍‌ଫ୍ଲାୱାର ଅଏଲ ଛଡ଼ା ରାଇସ୍ ବ୍ରାନ୍ ତେଲ, ବାଦାମତେଲ, ସୋରିଷତେଲ ଆଦି ଉତ୍ପାଦନ କରୁଛି ଏହି କମ୍ପାନୀ। ଜିଇଏଫ୍ ଇଣ୍ଡିଆ ବୃହତ୍ କମ୍ପାନୀ ଭାବେ କଞ୍ଚା ସନ୍‌ଫ୍ଲାୱାର ଅଏଲ୍ ଆମଦାନୀ କରିବାରେ ଗ୍ଲୋବାଲ୍ ଆୱାର୍ଡ ୨୦୨୧ ଜିତିଥିଲା। ୨୦୧୮ରେ ଗ୍ଲୋବାଲ ଇଣ୍ଡିଆ ଏମର୍ଜିଂ ବ୍ରାଣ୍ଡ ଆୱାର୍ଡରେ ଫ୍ରିଡମକୁ ପୁରସ୍କୃତ କରାଯାଇଥିଲା। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ 'ଇସ୍‌ପସ୍ ଅର୍ବାନ କଞ୍ଜୁମର ସେଣ୍ଟିମେଣ୍ଟ ସର୍ଭେ-୨୦ ରେ ଫ୍ରିଡମ୍ ଟପ୍ ୫ କୁକିଙ୍ଗ୍ ଅଏଲ ବ୍ରାଣ୍ଡ୍ ମଧ୍ୟରେ ସ୍ଥାନ ପାଇଥିଲା । ସେହିପରି ଜିଇଏଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଚୌଧୁରୀ କହିଛନ୍ତି, ନିଲ୍‌ସେନ ଆଇ କ୍ୟୁ ମ୍ୟାଟ୍ ମାର୍ଚ୍ଚ-୨୦୨୨ର ସର୍ଭେ ଅନୁସାରେ ସାରା ଦେଶରେ ଫ୍ରିଡମ୍ ୨୦.୫% ଶେୟାର ହାସଲ କରିଛି। ଏହା ଆମକୁ ୧ ନମ୍ବର କରାଇପାରିଥିବା ସେ କହିଛନ୍ତି। ଏହା ଆମ ପରିଶ୍ରମର ଫଳ, ଗ୍ରାହକଙ୍କ ଆଦୃତି, ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱର୍କ ଏବଂ ଗୁଣବତ୍ତା ଉପରେ କମ୍ପାନୀ ଧ୍ୟାନ ଦେଉଛି। ଆଗକୁ ତାମିଲନାଡୁ ଏବଂ କେରଳରେ ଫ୍ରିଡମ୍ ଲଞ୍ଚ କରିବା ନେଇ କମ୍ପାନୀ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।




# ଜୁଗ୍ ଜୁଗ୍ ଜିୟୋ ସହ ଡା. ଅର୍ଥୋର ସହବନ୍ଧନ

**ନୂଆଦିଲ୍ଲୀ,୨୫।୬**

ରାଜ ମେହେଟାଙ୍କ ଦ୍ୱାରା ନିର୍ଦ୍ଦେଶିତ ହିନ୍ଦୀ ଫିଲ୍ମୀ 'ଜୁଗ୍ ଜୁଗ୍ ଜିୟୋ' ସହ ଡା. ଅର୍ଥୋର ସହବନ୍ଧନ ହୋଇଛି। ଉକ୍ତ ହିନ୍ଦୀ ଫିଲ୍ମ ହେଉଛି ଏକ ପାରିବାରିକ କମେଡି ଓ ଡ୍ରାମା। ଏଥିରେ ବରୁଣ ଧାୱନ, କିଆରା ଆଡଭାନୀ, ଅନିଲ କପୁର ଏବଂ ନିତୁ କପୁର ପ୍ରମୁଖ ଭୂମିକାରେ ରହିଛନ୍ତି। ଫିଲ୍ମର କାହାଣୀ ଅନୁସାରେ, ଭିନ୍ନଭିନ୍ନ ଦୁଇଟି ପିଢ଼ିର ଦୁଇ ଦମ୍ପତି ଅଲଗା ଅଲଗା ଘଟଣାକୁ ସାମ୍ନା କରନ୍ତି। ଫିଲ୍ମର କାହାଣୀକୁ ଦେଖି ଦିବିସା ହର୍ବଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିଜର ଲୋକପ୍ରିୟ ପ୍ରଡକ୍ଟ ଡା. ଅର୍ଥୋ ଆୟୁର୍ବେଦିକ୍ ତେଲକୁ ଫିଲ୍ମ ସହ ସାମିଲ ହେବାକୁ ସ୍ଥିର ହୋଇଥିଲା।




ଫିଲ୍ମର ସଫଳତା ପାଇଁ ଶୁଭକାମନା ଜଣାଇବା ସହ ପ୍ରସିଦ୍ଧ ଉଦ୍ୟୋଗପତି ତଥା କମ୍ପାନୀର ସିଏମ୍‌ଡି ଡା. ସଞ୍ଜୀବ ଜୁନେଜା କହିଛନ୍ତି, ସମ୍ପର୍କ ମଧ୍ୟରେ ଥିବା ଦୁଃଖ କଷ୍ଟକୁ ଚିହ୍ନଟ କରାଯିବା ସହ ଏଥିରୁ କିଭଳି ମୁକ୍ତି ମିଳିବ ସେନେଇ ଏହା ଜରିଆରେ ମଧ୍ୟ ସମାଜକୁ ପ୍ରେରିତ କରାଯାଇଛି। ଏହି ପ୍ରତିବଦ୍ଧତା ଡା. ଅର୍ଥୋରେ ମଧ୍ୟ ରହିଥିବା କାରଣରୁ ଫିଲ୍ମ ସହ ଏହାକୁ ସହବନ୍ଧ କରିବାକୁ ସ୍ଥିର କରାଯାଇଥିବା ଜୁନେଜା କହିଛନ୍ତି। ଡା.ଅର୍ଥୋର ମଧ୍ୟ ଲୋକଙ୍କ କଷ୍ଟ ଦୂର କରିବାର ଯଥେଷ୍ଟ କ୍ଷମତା ରହିଛି। ଡା. ଅର୍ଥୋ ଆୟୁର୍ବେଦିକ୍ ତୈଳ ୮ ଗୁଣକାରୀ ଆୟୁର୍ବେଦିକ୍ ତତ୍ତ୍ୱର ସମାହାରରେ ତିଆରି ହୋଇଛି ଏବଂ ଏହା ଗଣ୍ଠି ଯନ୍ତ୍ରଣା ଦୂର ପାଇଁ ସର୍ବଶ୍ରେଷ୍ଠ ଔଷଧି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଆମେରିକାର ଅଭିବୃଦ୍ଧି ଆକଳନ ହ୍ରାସ

**ନୂଆଦିଲ୍ଲୀ,୨୫।୬**

ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ (ଆଇଏମ୍‌ଏଫ୍) ପକ୍ଷରୁ ଆମେରିକାର ଆର୍ଥିକ ଅଭିବୃଦ୍ଧି ଆକଳନ ହ୍ରାସ କରିଦିଆଯାଇଛି। ଫେଡେରାଲ୍ ରିଜର୍ଭର ସୁଧ ହାର ବୃଦ୍ଧି କାରଣରୁ ଏଭଳି ଘଟିଛି। ଆମେରିକାର ଆର୍ଥିକ ନୀତିର ବାର୍ଷିକ ମୂଲ୍ୟାଙ୍କନରେ ଆଇଏମ୍‌ଏଫ୍ କହିଛି, ଆମେରିକାର ସମଗ୍ର ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ମାତ୍ର ୨.୯% ବୃଦ୍ଧି ହେବ। ଏହା ପୂର୍ବରୁ ଆଇଏମ୍‌ଏଫ୍ ପକ୍ଷରୁ ଗତ ଏପ୍ରିଲରେ ଆମେରିକାର ଜିଡିପି ଅଭିବୃଦ୍ଧି ଆକଳନ ୩.୭% ରହିବ ବୋଲି କୁହାଯାଇଥିଲା। ସେହିପରି ୨୦୨୩ ବର୍ଷ ପାଇଁ ଆମେରିକାର ଅଭିବୃଦ୍ଧି ଅନୁମାନକୁ ୨.୩%ରୁ ହ୍ରାସକରି ୧.୭% କରିଦେଇଛି ଆଇଏମ୍‌ଏଫ୍।

# ସମନ୍ୱିତ ସେବା ଯୋଗାଇବ ସାଭେକ୍ସ

**ଭୁବନେଶ୍ୱର, ୨୫।୬**

ଦେଶର ପ୍ରମୁଖ ଇନ୍‌ଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି ଡିଷ୍ଟ୍ରିବ୍ୟୁଟର ସାଭେକ୍ସ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ୩ ମାର୍କେଟ୍ ଇନୋଭେଟର୍ସ ଏବଂ ଲିଡର୍ସ ଜୁମ୍, ପଲି ଏବଂ ଫ୍ରେସ୍‌ଓର୍କକୁ କମ୍ପାନୀ ଏକତ୍ର କରିଛି। ଏପରିକି ଉପରୋକ୍ତ ଆପ୍‌ଗୁଡିକ ଦ୍ୱାରା ସମନ୍ୱିତ ସେବା ଯୋଗାଇବା ନେଇ କୋଲାବୋରେଟିଭ୍ ସୁଟ୍ ସଲ୍ୟୁସନ୍‌କୁ ପ୍ରଦର୍ଶନ କରିବ। ମୁମ୍ବାଇରେ ମୁଖ୍ୟାଳୟ ଥିବା ଏହି କମ୍ପାନୀର ୩୯ଟି ନିଜସ୍ୱ ଅଫିସ୍ ରହିଥିବା ବେଳେ ୪୨ ଷ୍ଟକ୍ ସ୍ଥାନ ରହିଛି। ଏହାଛଡ଼ା ୭୦୦ରୁ ଅଧିକ ସହରରେ ଏହାର ୬୦୦ରୁ ବେଶି ସେଲ୍ସ ଫୋର୍ସ ରହିଥିବା ବେଳେ ୧୦,୦୦୦ରୁ ଊର୍ଦ୍ଧ୍ୱ ସହଯୋଗୀ ରହିଛନ୍ତି। ଅନିଲ ଜାଗାସିଆଙ୍କୁ ନେଇ ଗଠିତ ଦଳର ମାର୍ଗଦର୍ଶନରେ ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ଜୟନ୍ତ ଗୋରାଡିଆ, ପରିଚାଳନା ନିର୍ଦ୍ଦେଶକ ଦେବାଙ୍ଗ ପାଣ୍ଡ୍ୟା, ସିଟିଓ ଏବଂ ନିର୍ଦ୍ଦେଶକ ରୋନକ ଜାଗାସିଆ, ବ୍ୟବସାୟ ଏବଂ ଆଲିଆନ୍ସ ଏଣ୍ଟରପ୍ରାଇସ୍ ନିର୍ଦ୍ଦେଶକ ମହେନ୍ଦ୍ର ୱାହିଲେ, ନିର୍ଦ୍ଦେଶକ ସୌରଭ ନାଏକଙ୍କ ସୁପରିଚାଳନା ଦ୍ୱାରା କମ୍ପାନୀ ବଜାରରେ ବିଶ୍ୱାସ ଏବଂ ଅଖଣ୍ଡତା ବଜାୟ ରଖିବାରେ ସକ୍ଷମ ହୋଇଛି। କମ୍ପାନୀର ସହଯୋଗ ୩ଟି ମାର୍କେଟ୍ ଲିଡରଙ୍କୁ ସହଯୋଗ ପ୍ରଦାନ କରିଥାଏ।

# ହିରୋ ପ୍ୟାସନ 'ଏକ୍ସଟେକ୍'ର ବଜାର ପ୍ରବେଶ

**ନୂଆଦିଲ୍ଲୀ,୨୫।୬**

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ହିରୋ ପ୍ୟାସନ 'ଏକ୍ସଟେକ୍'ର ବଜାର ପ୍ରବେଶ ହୋଇଯାଇଛି। ବିଶେଷକରି ଏହାର ଡିଜାଇନିଂ ଶୈଳୀ, ନିରାପତ୍ତା, ସଂଯୋଗୀକରଣ ଏବଂ ଆରାମଦାୟକର ଏକ ସମ୍ପୂର୍ଣ୍ଣ ମିଶ୍ରଣ। କମ୍ପାନୀ ଉକ୍ତ ସେଗ୍‌ମେଣ୍ଟରେ ପ୍ରଥମ ପ୍ରୋଜେକ୍ଟର ଏଲଇଡି ହେଡ୍ ଲ୍ୟାମ୍ପ, ବ୍ଲୁ ଟୁଥ୍ କନେକ୍ଟିଭିଟି ସହ ସମ୍ପୂର୍ଣ୍ଣ ଡିଜିଟାଲ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର,ଏସ୍‌ଏମ୍‌ଏସ୍ ଏବଂ କଲ୍ ଆଲର୍ଟ, ବାସ୍ତବ ସମୟ ମାଇଲେଜ ସୂଚକ, ନିମ୍ନ ଇନ୍ଧନ ସୂଚକ, ସାଇଡ ଷ୍ଟାଣ୍ଡ ଇଞ୍ଜିନ କଟ୍‌ଅଫ୍ ଏବଂ ସେବା ସ୍ମାରକ ଭଳି ଅନେକ ବୈଶିଷ୍ଟ୍ୟ ସହ ଯୁବବର୍ଗଙ୍କୁ ଆକୃଷ୍ଟକଲା ଭଳି ଲୁକ୍ ମଧ୍ୟ ରହିଛି। ସେହିଭଳି ଏହାର ବୈଶିଷ୍ଟ୍ୟ ଏବଂ ପ୍ୟାସନ ବ୍ରାଣ୍ଡର ଭରସା ଓ ବିଶ୍ୱସନୀୟତା ପ୍ୟାସନ ଏକ୍ସଟେକ୍‌କୁ ଅନ୍ୟମାନଙ୍କ ଠାରୁ ଆଗରେ ରଖିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




ଏ ସମ୍ପର୍କରେ ହିରୋ ମୋଟୋକର୍ପର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ରଞ୍ଜୀବଜିତ ସିଂହ କହିଛନ୍ତି, ହିରୋ ପ୍ୟାସନ ଏକ ପ୍ରତିଷ୍ଠିତ ବ୍ରାଣ୍ଡ ଏବଂ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ହେବ ଗ୍ରାହକଙ୍କ ଭଲ ପାଇବା ଓ ବିଶ୍ୱାସଭାଜନ ହୋଇପାରିଛି। ଏହାର ନୂତନ ଶୈଳୀ ଏବଂ ମନୋଭାବ ସହ ପ୍ୟାସନ ଏକ୍ସଟେକ୍ ନୂତନ ଯୁଗର ଚାଳକମାନଙ୍କୁ ଆକର୍ଷିତ କରିବ। ସେହିପରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବୈଶିଷ୍ଟ୍ୟ ସହ ଏହାର ବଜାରର ମାନଦଣ୍ଡ ସ୍ଥିର କରିବ। ଆମେ ନିଶ୍ଚିତ ଯେ ପ୍ୟାସନ ଏକ୍ସଟେକ୍ ଦେଶର ମୋଟରସାଇକେଲ ବିଭାଗରେ ଆମର ନେତୃତ୍ୱକୁ ଆହୁରି ଦୃଢ଼ କରିବାକୁ ସକ୍ଷମ ହେବ। ଅପରପକ୍ଷରେ ସାରା ଦେଶରେ ହିରୋ ମୋଟୋକର୍ପ ଡିଲର ପଏଣ୍ଟଗୁଡ଼ିକରେ ଏହା ଉପଲବ୍ଧ ରହିଛି। ଏହାର ଏକ୍ସ ଶୋରୁମ୍ ମୂଲ୍ୟ ୭୪,୫୯୦ ଟଙ୍କା (ଡ୍ରମ୍ ପ୍ରକାର) ଏବଂ ୭୮,୯୯୦ ଟଙ୍କା (ଡିସ୍କ ପ୍ରକାର) ରହିଛି।

# ୫ମ ରାଷ୍ଟ୍ରୀୟ ଡାକ, ଦୂରସଞ୍ଚାର ବିଭାଗୀୟ ଅଧିବେଶନ

**ଭୁବନେଶ୍ୱର, ୨୫।୬**



ସର୍ବଭାରତୀୟ ଡାକ ଓ ଦୂରସଞ୍ଚାର ବିଭାଗୀୟ ଲେଖା ଏବଂ ବିତ୍ତ ଅଧିକାରୀ ସଂଘର ତ୍ରି-ଦିବସୀୟ ୫ମ ରାଷ୍ଟ୍ରୀୟ ଅଧିବେଶନ ୨୩ଜୁନରୁ ୨୫ଜୁନ୍ ପର୍ଯ୍ୟନ୍ତ କିଟ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଡାକ ବିଭାଗର ବରିଷ୍ଠ ଉପ-ମହାନିର୍ଦ୍ଦେଶକ ଗୋପାଳକୃଷ୍ଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ଅଧିକାରୀମାନଙ୍କୁ ଆଧ୍ୟାତ୍ମିକ ଜ୍ଞାନ ମାଧ୍ୟମରେ କର୍ତ୍ତବ୍ୟ ସମ୍ପାଦନ ସମ୍ପର୍କରେ ସୂଚନା ଦେଇଛନ୍ତି। ୨୪ ଜୁନରେ ଅନୁଷ୍ଠିତ ଖୋଲା ଅଧିବେଶନରେ ଦିଲ୍ଲୀସ୍ଥିତ ଦୂରସଞ୍ଚାର ବିଭାଗର ସଭ୍ୟ (ବିତ୍ତ) ଦିଲୀପ ପାଧେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧିକାରୀମାନଙ୍କ ସମସ୍ୟାକୁ ବିଚାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସଞ୍ଚାର ନିୟନ୍ତ୍ରକ ଲୋପାମୁଦ୍ରା ମହାନ୍ତି ଓ ଡାକଲେଖା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦକ୍ଷତା ବୃଦ୍ଧି ଓ ସମ୍ମିଳନୀ ଦିବସର ଐତିହାସିକ ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଂଘର ସର୍ବ ଭାରତୀୟ ମହାସଚିବ ଧୂନାରାମ ଯାଦବ ଅଧିକାରୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ଓଡ଼ିଶା ଶାଖା ସମ୍ପାଦକ ଶ୍ରୀକାନ୍ତ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ସର୍ବଭାରତୀୟ ସଂଗଠନ ସମ୍ପାଦକ ତଥା ସମ୍ମିଳନୀର ଆବାହକ ଗଦାଧର ରଥ ଉପସ୍ଥିତ ଅତିଥି ଓ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସଭାପତି ବିନୋଦ ନିଝାୱନ ସଭା ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଯୋଗଦେଇଥିବା ୨୨ଟି ରାଜ୍ୟର ପ୍ରତିନିଧିଙ୍କ ମଧ୍ୟରୁ ଆସନ୍ତା ଦୁଇବର୍ଷ ପାଇଁ ସର୍ବଭାରତୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବ ଭାରତୀୟ ଅତିରିକ୍ତ ମହାସଚିବ ଭାବେ ଓଡ଼ିଶା ଶାଖାରୁ ଗଦାଧର ରଥ, ସର୍ବଭାରତୀୟ ସାଙ୍ଗଠନିକ ସମ୍ପାଦକ ଭାବେ ଶ୍ରୀକାନ୍ତ ମହାପାତ୍ର ଓ ସଂଘର କେନ୍ଦ୍ରୀୟ ସଚିବାଳୟର ସଦସ୍ୟା ଭାବେ ପାର୍ବତୀ ପ୍ରସାଦ ମିଶ୍ର ନିର୍ବାଚିତ ହୋଇଛନ୍ତି।

## ସଂକ୍ଷେପରେ

### ମାଓବାଦୀଙ୍କ ଯୋଜନା ପଣ୍ଡ: ୫ ଆଇଇଡି ଜବତ

ମାଲକାନଗିରି,୨୫।୬(ଡି.ଏନ୍.ଏ.): ଯବାନଙ୍କୁ ଟାର୍ଗେଟକରି ମାଓବାଦୀମାନେ କରିଥିବା ଯୋଜନାକୁ ପୋଲିସ ପଣ୍ଡ କରିଦେଇଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍ମା ଜିଲା ଚିନ୍ତଲନାର ଥାନା ଅନ୍ତର୍ଗତ ଫୁଲମପାଡ଼ ଗ୍ରାମାଞ୍ଚଳରେ ମାଓବାଦୀମାନେ ଏହି ଆଇଇଡି ଖଞ୍ଜିଥିଲେ। ଖବରରୁ ଜଣାପଡ଼ିଛି ଶନିବାର ୨୦୧ କୋବ୍ରା ବାହିନୀ ଓ ଡିଆର୍‌ଜି ଯବାନ ଚିନ୍ତଲନାର ଥାନା ଅନ୍ତର୍ଗତ ଫୁଲମପାଡ଼ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ୫ଟି ଆଇଇଡିର ସନ୍ଧାନ ପାଇଥିଲେ। ଏହାକୁ ବୋମା ନିଷ୍କ୍ରିୟକାରୀ ଟିମ୍ ଉଦ୍ଧାର କରି ଘଟଣାସ୍ଥଳରେ ସତର୍କତାର ସହ ନିଷ୍କ୍ରିୟ କରିଦେଇଥିଲେ। ଘଟଣାସ୍ଥଳରୁ ଇଲେକ୍ଟ୍ରିକ୍ ଡିଟୋନେଟର, କ୍ୟାମେରା,୧୨ ଭୋଲ୍ଟ ବ୍ୟାଟେରି, ଇଲେକ୍ଟ୍ରିକ ତାର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।

### ଭିମ୍‌ସାରରେ ଚିକିତ୍ସାଧୀନ ଶିଶୁ ମୃତ

ସମ୍ବଲପୁର,୨୫।୬ (ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲାର ଭିମ୍‌ସାରରେ ଚିକିତ୍ସାଧୀନ ଯୁଯୁମୁରା ଥାନା ଅଞ୍ଚଳର ୩ବର୍ଷର ଶିଶୁ ରାହୁଲ ପ୍ରଧାନଙ୍କ ଜୀବନ ଚାଲିଯାଇଛି। ଏଥିପାଇଁ ତାଙ୍କ ମାଆ, ବାପା ଡାକ୍ତରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଗତ ୬ତାରିଖରେ ରାହୁଲଙ୍କୁ ସାପ କାମୁଡ଼ିବାରୁ ତାଙ୍କୁ ଭିମ୍‌ସାର ଆଣିଥିଲେ। ୩ ଦିନ ପରେ ରାହୁଲ ସୁସ୍ଥ ଥିବା ଦର୍ଶାଇ ଡାକ୍ତର ଜୁନ ୯ରେ ଡିସ୍‌ଚାର୍ଜ କରିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ନିୟମିତ ଔଷଧ ଦେଉଥିଲେ। ହେଲେ ଜୁନ ୧୯ରେ ରାହୁଲଙ୍କ ଅବସ୍ଥା ପୁଣି ଗୁରୁତର ହେବାରୁ ଭୀମସାର ଆଣି ଶିଶୁ ବିଭାଗରେ ଭର୍ତ୍ତି କରାଯାଇଥିଲା। ଶିଶୁ ବିଭାଗ ମୁଖ୍ୟ ଡାକ୍ତର ଓ ଦୁଇଜଣ ଆସିଷ୍ଟାଣ୍ଟ ପ୍ରଫେସର ଶିଶୁର ଚିକିତ୍ସା କରୁଥିଲେ। ୨୩ରେ ରାହୁଲଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ସାପ କାମୁଡା ରୋଗୀ ହୋଇଥିଲେ ମଧ ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରାଇଲେ ନାହିଁ। ଚିକିତ୍ସା ଅବହେଳାରୁ ଏକ ପରିବାର କୋଳଶୂନ୍ୟ ହୋଇଯାଇଛି। ସରକାରୀ ସୁବିଧାରୁ ମଧ ବଞ୍ଚିତ ହୋଇଛନ୍ତି।

# ଦୁର୍ବୃତ୍ତଙ୍କ ହାତରେ ଏକେ-୪୭

ରାଉରକେଲା ଅଫିସ,୨୫।୬

ରାଉରକେଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଣ୍ଡାସାହି ଛକରେ ଶନିବାର ପୋଲିସ ଏନ୍‌କାଉଣ୍ଟରରେ ଜଣେ ଦୁର୍ବୃତ୍ତ ଆହତ ହୋଇଛନ୍ତି। ସେ ହେଲେ ବାସିଲ ଅଞ୍ଚଳର ବିଶ୍ୱଜିତ ସାହୁ(୨୪)। ଅନ୍ୟ ଜଣେ ଦୁର୍ବୃତ୍ତ ଟୁଟୁ ଇନ୍ଦୁଆର(୨୮)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସେମାନଙ୍କଠାରୁ ଗୋଟିଏ ଏକେ-୪୭, ୨୦ଟି ଅଫୁଟା ଗୁଳି, ୯ ଏମ୍‌ଏମ୍ ଅଟୋମେଟିକ୍ ପିସ୍ତଲ, ୫ଟି ଗୁଳି, ଗୋଟିଏ ଦେଶୀ ବନ୍ଧୁକ ଓ ୪ଟି ଗୁଳିକୁ ଜବତ କରାଯାଇଛି। ଏ ନେଇ ଚାନ୍ଦିପୋଷ ଥାନାରେ ଏକ ମାମଲା (ନଂ.୩୪।୨୨) ରୁଜୁ ହୋଇଛି। ସେମାନେ ରାଉରକେଲାକୁ କେଉଁ ଉଦ୍ଦେଶ୍ୟରେ ମାରଣାସ୍ତ୍ର ଧରିଆସିଥିଲେ ସେ ନେଇ ତନାଘନା ଚାଲିଛି ବୋଲି ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ବୃତ୍ତମାନଙ୍କ ହାତରେ ଏକେ-୪୭ ଭଳି ମାରଣାସ୍ତ୍ର କିଭଳି ଆସିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଝାଡ଼ଖଣ୍ଡର ଗୋଟିଏ ଗୋଷ୍ଠୀ ଏଭଳି ମାରଣାସ୍ତ୍ର ଚାଲାଣ କରିବା ସହ ଆପରାଧିକ କାର୍ଯ୍ୟ କରିବାରେ ବ୍ୟବହାର କରୁଥିବା ଆଲୋଚନା ହେଉଛି।

ପୋଲିସ ସୂଚନା ଅନୁସାରେ, ଶନିବାର ସକାଳ ସାଢ଼େ ୧୦ଟାରେ ଝାଡ଼ଖଣ୍ଡ ରାଜ୍ୟ ଗୁମଲା ଜିଲାର ବସିଆ ଗ୍ରାମର ବିଶ୍ୱଜିତ ଓ ଟୁଟୁ ଏକ କାର୍ (ନଂ.ଜେଏଚ୍.୦୨ଏଡି/୫୩୮୧) ଯୋଗେ ରାଉରକେଲା ଆସୁଥିଲେ। ଉକ୍ତ କାର୍‌ରେ ବହୁ ମାରଣାସ୍ତ୍ର ଥିବା ରାଉରକେଲା ଚାନ୍ଦିପୋଷ ପୋଲିସ କୌଣସି ବିଶେଷ ସୂତ୍ରରୁ ସୂଚନା ପାଇ ଉକ୍ତ ଗାଡ଼ିକୁ ପିଛା କରିଥିଲା। ଗାଡିରେ ବସିଥିବା ବିଶ୍ୱଜିତ ଓ ଟୁଟୁ ମୁଣ୍ଡାସାହି ଦେଇ ଝାଡ଼ଖଣ୍ଡ ସୀମାନ୍ତ ରେଲାହାଟୁ ଜଙ୍ଗଲକୁ



ଦୁର୍ବୃତ୍ତଙ୍କଠାରୁ ଜବତ ହୋଇଥିବା ମାରଣାସ୍ତ୍ର।

### ଏନ୍‌କାଉଣ୍ଟରରେ ଆହତ

ଫେରାର ହେବା ପାଇଁ ଚେଷ୍ଟା କରିବା ବେଳେ ପୋଲିସ ସେମାନଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିଥିଲା। ଏହି ସମୟରେ ବିଶ୍ୱଜିତ ପୋଲିସ ଉପରକୁ ଆଖିବୁଜା ଗୁଳି ଚଳାଇଥିଲା। ଫଳରେ ସେଠାରେ ପୋଲିସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ କିଛି ସମୟ ଗୁଳି ବିନିମୟ ହୋଇଥିଲା। ପୋଲିସର ପାଲଟା ଗୁଳିଚାଳନାର ସମ୍ମୁଖୀନ ହୋଇ ନ ପାରି ବିଶ୍ୱଜିତ ଫେରାର ହେଉଥିବା ବେଳେ ପୋଲିସ ତାଙ୍କ ବାମ ଗୋଡ଼କୁ ଗୁଳି କରିଥିଲା। ଫଳରେ ସେ ତଳେ ପଡିଯାଇଥିଲେ। ପରେ ଘଟଣାସ୍ଥଳରେ ରାଉରକେଲା ଏସ୍‌ପି ଭାମୁ, ଡିଏସ୍‌ପି ବିକ୍ରମ କେଶରୀ ଭୋଇ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ କାବୁ କରିଥିଲେ। ପୋଲିସ ବିଶ୍ୱଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛି।

# କୋଷ୍ଟଗାର୍ଡ ପକ୍ଷରୁ ଉପକୂଳ ସୁରକ୍ଷା ସଚେତନତା ରାଲି


କୋଷ୍ଟଗାର୍ଡର ସଚେତନତା ରାଲିକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଜେନା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପାରାଦୀପ,୨୫।୬(ସ୍ୱ.ପ୍ର.)

କୋଷ୍ଟଗାର୍ଡ ଓଡ଼ିଶା ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ଦୁଇଦିନିଆ ଉପକୂଳ ସୁରକ୍ଷା ସଚେତନତା ରାଲି ଶନିବାର ଆରମ୍ଭ ହୋଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି (ଆଜାଦ୍ କି ଅମୃତ ମହୋତ୍ସବ) ଉପଲକ୍ଷେ ଆୟୋଜିତ ଏହି ରାଲିରେ ୭୫ ଜଣ ଅଂଶଗ୍ରହଣ କରିଛନ୍ତି। ଏଥିରେ ଇଣ୍ଡିଆନ ଅଏଲ, ସିଆର୍‌ପିଏଫ୍, ସିଆଇ୍‌ଏସ୍‌ଏଫ୍, ସାମୁଦ୍ରିକ ମତ୍ସ୍ୟ ବିଭାଗ, ସାମୁଦ୍ରିକ ପୋଲିସ, ଏନ୍‌ସିବି, ଆଦିର କର୍ମଚାରୀ ସାମିଲ ହୋଇଛନ୍ତି। ରାଲି ୧୪୦ ଉପକୂଳବର୍ତ୍ତୀ ଗାଁକୁ ଗସ୍ତ କରିବା ପରେ ପୁରୀ ଜିଲା ଚନ୍ଦ୍ରଭାଗାଠାରେ ରବିବାର ଉଦ୍‌ଯାପିତ ହେବ। ଏହି ସମୟ ମଧ୍ୟରେ ଏକାଧିକ ଜାଗାରେ ମତ୍ସ୍ୟଜୀବୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହାକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାହିଁକିରେ**
**ଶାକର ପଟକ ଚୂନା ହୋଇଗଲା**
**ତାହାର ମଧୁର ଯାଇକିରେ ?**

ଶାକର ଏକ ମିଠା ଜାତୀୟ ପଦାର୍ଥ ହୋଇଥିବା ବେଳେ ଏହାର ଯେକୌଣସି ଅଂଶକୁ ଚାଖିଲେ ମଧ ତାହା ମିଠା ବା ମଧୁର ଲାଗିଥାଏ। ପରୋକ୍ଷରେ ଗୁଣିଜ୍ଞାନୀ ବ୍ୟକ୍ତି ଯେତେ ଦାରିଦ୍ର୍ୟର ତାଡ଼ନାରେ ଚାପିହେଲେ ମଧ ତାଙ୍କ ଗୁଣ ଗରିମା କେବେହେଲେ ନଷ୍ଟ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚାଲୁଣି କହୁଛି ଛୁଞ୍ଚିକି**
**ତୋ ପଛରେ ଗୋଟିଏ କଣା।**

ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କେବଳ ଅନ୍ୟର ଦୋଷ ହିଁ ଦେଖିଥାନ୍ତି। ନିଜର ଦୋଷ ନ ଦେଖି ଅନ୍ୟର ଭୁଲ୍‌ଭଟକା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି ବା ଉଖାରିଥାନ୍ତି। ନିଜର ଅସଂଖ୍ୟ ଦୋଷ ଥାଇ ଅନ୍ୟର ଦୋଷ ଦର୍ଶାଇବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# ଖବରଦାତାଙ୍କ ଘର ଝରକା ତାଡ଼ି ନେଇଗଲେ ସାଢ଼େ ୭ ଲକ୍ଷର ସୁନାଗହଣା


ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

ଭୁବନେଶ୍ୱର,୨୫।୬(ବ୍ୟୁରୋ)

କିଛି ଦିନର ନୀରବତା ପରେ ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ପୁଣି ମାତିଛନ୍ତି ରାତିଅଧିଆ ଲୁଟେରା। କମିଶନରେଟ ପୋଲିସ ଯେତେ ସଜାଗ ରହିଲେ ବି ଦୁଇପାଦ ଆଗରେ ଯାଉଛନ୍ତି ଲୁଟେରା। ୨୪ ଘଣ୍ଟା ପାଟ୍ରୋଲିଂ ସତ୍ତ୍ୱେ ବାଲକାଟି ଫାଣ୍ଡିଠୁ ମାତ୍ର ୧୦୦ ମିଟର ଦୂରରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ସାମ୍ବାଦିକଙ୍କ ଘରର ଝରକା ଭାଙ୍ଗି ଏକ ବଡ଼ଧରଣର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ୨ଟି ସୁନାହାର, ୬ ହଳ କାନଫୁଲ, ଗୋଟିଏ ମଙ୍ଗଳସୂତ୍ର, ୩ଟି ସୁନାମୁଦି, ଗୋଟିଏ ସୁନାଚୁଡ଼, ଗୋଟିଏ ଘଣ୍ଟା, ନଗଦ ୬୦ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି। ଏନେଇ ଲୁଟର ଶିକାର ହୋଇଥିବା ସାମ୍ବାଦିକ ମନୋଜ କୁମାର ମଣ୍ଡଳ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଶନିବାର ଉକ୍ତ ଘରକୁ ଯାଇ ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରିଥିବା ସୂଚନା ମିଳିଛି।

ସୂଚନାନୁଯାୟୀ ମନୋଜ ବାଲକାଟି ଫାଣ୍ଡି ଅନ୍ତର୍ଗତ ଜଗନ୍ନାଥ କଲୋନୀରେ ପରିବାର ସହ ରୁହନ୍ତି। ଶୁକ୍ରବାର ରାତିରେ ଖାଇପିଇ ସାରିବା ପରେ ତଳମହଲା ଘରେ ତାଲା ପକାଇ ଉପର ମହଲାକୁ ଶୋଇବାକୁ ଯାଇଥିଲେ। ଶନିବାର ସକାଳେ ତଳ ଘର ତାଲା ଖୋଲିବା ବେଳକୁ ତାହା ଖୋଲି ନ ଥିଲା। ବହୁ ଚେଷ୍ଟା ପରେ କବାଟ ତାଲା ନ ଖୋଲିବାରୁ ଝରକା ପାର୍ଶ୍ୱକୁ ଯାଇ ଦେଖିବା ବେଳକୁ ଝରକା ତଡ଼ା ଯାଇଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଏନେଇ ମନୋଜ ବାଲକାଟି ଫାଣ୍ଡି ଏବଂ ବାଲିଅନ୍ତା ଥାନାକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘରର ଭିତରେ ପଶି ତଦନ୍ତ ଆରମ୍ଭ କରିଥିଲେ। ଦୁର୍ବୃତ୍ତମାନେ ଘରର ବିଭିନ୍ନ ଆସବାବପତ୍ର ଫିଙ୍ଗା ଫୋପାଡ କରିବା ସହ ଆଲ୍‌ମିରା ଭାଙ୍ଗି ସୁନା ଗହଣା ଲୁଟ କରି ଫେରାର ହୋଇଯାଇଥିଲେ। ଚୋରି ହୋଇଥିବା ଟଙ୍କା ଏବଂ ସୁନା ଗହଣାର ଆନୁମାନିକ ମୂଲ୍ୟ ସାଢ଼େ ୭ଲକ୍ଷ ଟଙ୍କା ହେବ ବୋଲି ମନୋଜ ଅଭିଯୋଗ କରିଛନ୍ତି।

# ନକଲି ସିମେଣ୍ଟ କାରଖାନା ଠାବ: ୭ କୋର୍ଟଚାଲାଣ

ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.), ୨୫।୬

ଯାଜପୁର ଜିଲାରେ ଆଉ ଏକ ନକଲି ସିମେଣ୍ଟ କାରଖାନା ଠାବ ହୋଇଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ-ଚଣ୍ଡିଖୋଲ ଜାତୀୟ ରାଜପଥ ରାସ୍ତାକଡ଼ ଗୋଲାଗାଁରେ ଏହି ନକଲି ସିମେଣ୍ଟ କାରଖାନା ଉପରେ ପୋଲିସ ଚଢ଼ାଉ କରି ବିଭିନ୍ନ ନାମୀ ବ୍ରାଣ୍ଡ ଲାଗିଥିବା ୪୨୦ ବସ୍ତା ନକଲି ସିମେଣ୍ଟ ସହ ୧୨୦୦ ଖାଲି ଅଖା ଜବତ କରାଯାଇଛି। ଏହାବାଦ ୧ ଜେନେରେଟର, ଓଜନ ମେସିନ, ୧ ଟ୍ରକ, ୨୦୦ ବ୍ୟାଗ ଡ୍ୟାମେଜ ସିମେଣ୍ଟ, ଗ୍ରାଇଣ୍ଡିଂ ମେସିନକୁ ପୋଲିସ ନିଜ ଅକ୍ତିଆରକୁ ନେଇଛି। ଏଥିରେ ସମ୍ପୃକ୍ତ ୭ ଅଭିଯୁକ୍ତ କାର୍ତ୍ତିକ ଚନ୍ଦ୍ର ବେହେରା, ଆର୍ତ୍ତବନ୍ଧୁ ଖଟୁଆ, ଭଜମନ ନାଏକ, ସୁଶାନ୍ତ କୁମାର ସାହୁ, ମନୋଜ କୁମାର ଶତପଥୀ, ଅମ୍ରେଶ ପଣ୍ଡା ଓ ଉଦୟନାଥ ସାହୁ। ଏମାନଙ୍କ ମଧ୍ୟରେ ଗାଡ଼ି ମାଲିକ, ଅପରେଟର, ସୁପରଭାଇଜର, ଟ୍ରକ ମାଲିକ ଓ ସିମେଣ୍ଟ କିଣିଥିବା ଲୋକ ରହିଛନ୍ତି। ଏମାନଙ୍କ ବିରୋଧରେ ପୋଲିସ ଆଇପିସି ଦଫା ୪୨୦, ୪୮୨, ୪୬୮, ୪୬୫, ୪୭୧, ୧୨୦, ବି-୪୧, ୩୪ ଅନୁଯାୟୀ ମାମଲା (ନଂ୧୩୮/୨୦୨୨) ରୁଜୁ କରିଛି। ତେବେ ଏହି ନକଲି ସିମେଣ୍ଟ କାରଖାନାର ମାଲିକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ପୋଲିସ ତାଙ୍କୁ ଏଯାଏ ଗିରଫ କରି ପାରିନାହିଁ। ସେ ଅନ୍ୟଜଣେ ବ୍ୟକ୍ତିଙ୍କ ନାମରେ କାରବାର କରି ଖୋଲାରେ ବୁଲୁଥିବା ଚର୍ଚ୍ଚା ଜୋର ଧରିଛି।


ନକଲି ସିମେଣ୍ଟ କାରଖାନା।

ଅନ୍ୟପକ୍ଷେ ଦଶରଥପୁର ବ୍ଲକ ନନ୍ଦିପୁରଠାରେ ୨ ବର୍ଷ ବନ୍ଦ ହେବା ପରେ ପୁଣି ନକଲି ସିମେଣ୍ଟ କାରଖାନା ଚାଲିଥିବା ଅଭିଯୋଗ ହୋଇଛି। ଯାଜପୁର-ପ୍ରୀତିପୁର ମୁଖ୍ୟ ରାସ୍ତାକଡ଼ରେ ଓ ଯାଜପୁର ଜିଲା ସଦର ମହକୁମାଠାରୁ ମାତ୍ର ୮ କିମି ଦୂରରେ ନନ୍ଦିପୁର-ଚଣ୍ଡିଖୋଲ ହାଟ ନିକଟରେ ଏହି କାରଖାନା ଚାଲିଛି। ଏଠାରେ ନାମୀ ବ୍ରାଣ୍ଡ ଅଖାରେ ସିମେଣ୍ଟ ପ୍ୟାକିଂ ହୋଇ ଆଖପାଖ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ବିଡମ୍ବନା ଯେ, ଉକ୍ତ ନକଲି କାରଖାନାକୁ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ମଧ ଦିଆଯାଇଛି। ଗତ ୨୦୨୦ ଫେବୃୟାରୀରେ ଏହି ନକଲି ସିମେଣ୍ଟ କାରଖାନାକୁ ପୋଲିସ ଚଢାଉ କରି ସିଲ୍ କରିଥିଲା। ଏହାର ୨ ବର୍ଷ ପରେ କେତେଜଣ ଅଧିକାରୀ ଓ ପ୍ରଭାବଶାଳୀ ନେତାଙ୍କୁ ହାତ କରି ପୁଣି ଜୋରସୋର ନକଲି ସିମେଣ୍ଟ ପ୍ରସ୍ତୁତ ହେଉଛି।

# ବନ୍ଦର ଭିତର କୋଇଲା ପ୍ଲଟରେ ନିଆଁ

ପାରାଦୀପ,୨୫।୬(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଥିବା କୋଇଲା ପ୍ଲଟରେ ଶୁକ୍ରବାର ରାତିରୁ ନିଆଁ ଜଳୁଛି। ବନ୍ଦର ୩ ନଂ. ଗେଟ୍‌ଠାରୁ ବହୁମୁଖୀ ବର୍ଥ ପର୍ଯ୍ୟନ୍ତ କୋଇଲା ଗଦାରେ ଏହି ନିଆଁ ଅଧିକ ଦେଖାଯାଉଛି। ଉକ୍ତ ନିଆଁକୁ ଆୟତ୍ତ କରିବାକୁ ବନ୍ଦର ଅଗ୍ନିଶମ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାତି ସମୟରେ ନିଆଁର ପ୍ରକୋପ ଦୃଶ୍ୟମାନ ହେଉଛି। ବନ୍ଦର କୋଇଲା ପ୍ଲଟରେ ଅଧିକାଂଶ ସମୟରେ ନିଆଁ ଆପଣାଛାଏଁ ଲାଗିଥାଏ। ଶନିବାର ଅଧିକ ଅଞ୍ଚଳରେ ଲାଗିଛି ବୋଲି ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖରାରେ କୋଇଲା ଶୁଖିଲା ଥାଏ। ବର୍ଷା ପାଣି ପଡିଲା ମାତ୍ରେ ତାହା ନିଆଁ ଲାଗିଯାଏ। ଏହା ସେତେ ଗୁରୁତର ନୁହେଁ ବୋଲି କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପ୍ରହସନ ପାଲଟିଛି ...

ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣି ବୋତଲ, ଥର୍ମୋକୁଲ, ସାଜସଜ୍ଜା ପାଇଁ ବ୍ୟବହୃତ ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ ମଧ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ସହରାଞ୍ଚଳଗୁଡ଼ିକରେ ଅବାଧରେ ପଲିଥିନ ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବହୁଳ ମାତ୍ରାରେ ବଢ଼ିଚାଲିଛି। ବିଡ଼ମ୍ବନା ଯେ ପୌର ସଂସ୍ଥା କର୍ତ୍ତୃପକ୍ଷ କିମ୍ବା ଏସ୍‌ପିସିବି କଟକଣା ଉପରେ ନଜର ଦେଉ ନ ଥିବାରୁ ୩ ବର୍ଷ ପରେ ମଧ ସହରାଞ୍ଚଳରେ ପଲିଥିନ ଭରା ହୋଇ ରହିଛି। ପରିବା ବ୍ୟବସାୟ କରୁଥିବା ରତ୍ନାକର ନାୟକ କହିଛନ୍ତି ଯେ ସରକାର ପଲିଥିନ ନିଷେଧ କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ଆମ ପାଖକୁ ଅଧିକାଂଶ ଗରାଖ ଖାଲି ହାତରେ ଆସୁଛନ୍ତି। ଯଦି ପଲିଥିନ ନାହିଁ ତେବେ ସେମାନେ ଅନ୍ୟ ଜାଗାରୁ ନେଉଛନ୍ତି। ବାଧ୍ୟ ହୋଇ ଆମକୁ ରଖିବାକୁ ପଡୁଛି। ସରକାର ପଲିଥିନ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। ନଚେତ୍ ପଲିଥିନ ବ୍ୟବହାର ବନ୍ଦ ହୋଇପାରିବ ନାହିଁ। କ୍ୟାଟରିଂ ବ୍ୟବସାୟ କରୁଥିବା ପ୍ରମୋଦ ସାହୁ କହିଛନ୍ତି, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ପରିବେଶ ପାଇଁ କ୍ଷତିକାରକ। ମାତ୍ର ଏହାର ବିକଳ୍ପ ନ ଥିବା ଏବଂ ଶସ୍ତାରେ ଉପଲବ୍ଧ ହେଉଥିବାରୁ ଏହାକୁ ଆମେ ବ୍ୟବହାର କରୁଛୁ। ଏହା ବଦଳରେ ବଜାରରେ ବିକଳ୍ପ ବ୍ୟବସ୍ଥା କରାଗଲେ ପ୍ଲାଷ୍ଟିକ ବ୍ୟବହାର କମିପାରିବ। ରାଜ୍ୟ ପରିବେଶ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ କହିଛନ୍ତି ଯେ ୨୦୧୯ରୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ପଲିଥିନ ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ଉପରେ କଟକଣା ରହିଛି। ବ୍ୟବହାରକାରୀଙ୍କ ଉପରେ ଜରିମାନା କରାଯିବା ସହ ସ୍ୱତନ୍ତ୍ର ସ୍କ୍ୱାଡ ଜରିଆରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଆସନ୍ତା ଜୁଲାଇ ପହିଲାରୁ ସାରା ରାଜ୍ୟରେ ଏହି କଟକଣା ଲାଗୁ କରାଯିବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏ ନେଇ ସମସ୍ତ ଜିଲାକୁ ଗାଇଡ୍‌ଲାଇନ ପଠାଇ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିବାକୁ କୁହାଯାଇଛି ।

### ଦ୍ରୌପଦୀ ରାଷ୍ଟ୍ରପତି ହେଲେ...

ସମାଲୋଚନା କରିଛନ୍ତି। ବିବାଦୀୟ ହେବା ପରେ ଫିଲ୍ମ ନିର୍ମାତା ବର୍ମା ଆଉ ଏକ ଟୁଇଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ତାଙ୍କ ଟୁଇଟ୍ କେବଳ ଏକ ମଜାଳିଆ ଢଙ୍ଗରେ ଥିଲା। ଏହା ପଛରେ ତାଙ୍କର ଅନ୍ୟ କୌଣସି ଉଦ୍ଦେଶ୍ୟ ନ ଥିଲା। ମହାଭାରତର ଦ୍ରୌପଦୀ ତାଙ୍କ ପ୍ରିୟ ଚରିତ୍ର। ଏକ ବିରଳ ନାଁ ସହ ସାମଞ୍ଜସ୍ୟ ଥିବା କାହାଣୀ ମନେ ପଡ଼ି ଯିବାରୁ ତାଙ୍କ ଭାବନାକୁ ସେ ପ୍ରକାଶ କରିଥିଲେ। କାହାର ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ସେ ଟୁଇଟ୍‌ରେ ଦର୍ଶାଇଛନ୍ତି।

### ସାମାଜିକ କର୍ମୀ ତୀସ୍ତା ...

କରାଇଯାଇଛି। ତତ୍କାଳୀନ ଗୁଜରାଟ ସରକାର ଦଙ୍ଗାବେଳେ ପୋଲିସକୁ ତା' କାର୍ଯ୍ୟ କରିବାରୁ ରୋକିଥିଲେ ବୋଲି ଶ୍ରୀକୁମାର ଅଭିଯୋଗ ଆଣିଥିଲେ। ସେହିପରି ଦଙ୍ଗାରେ ମୋଦିଙ୍କ ଭୂମିକା ଥିବା ନେଇ ସଞ୍ଜୀବ ଭଟ୍ଟ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଫାଇଲ୍ କରିଥିଲେ। ଏହି ଗିରଫଦାରି ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ସାକ୍ଷାତକାରରେ ତୀସ୍ତା ଦଙ୍ଗା ବାବଦରେ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରିଥିବା କହିଥିଲେ। ତିସ୍ତାଙ୍କ ଏକ ଏନ୍‌ଜିଓ ପକ୍ଷରୁ କେତେଜଣ ଭାଜପା କର୍ମୀଙ୍କ ବିରୋଧରେ ମିଛ ଦସ୍ତାବିଜ ପୋଲିସକୁ ଦିଆଯାଇଥିଲା ବୋଲି ଶାହା ଅଭିଯୋଗ କରିଥିଲେ। ସେମାନଙ୍କ ନାଁରେ ଠକିବା ଉଦ୍ଦେଶ୍ୟରେ ଜାଲିଆତି, ଜାଲ ଦସ୍ତାବିଜ୍ ଓ ପ୍ରମାଣପତ୍ର ଦେବା, ସରକାରୀ କର୍ମଚାରୀ ହୋଇ ମଧ ଭୁଲ୍ ରେକର୍ଡ ପ୍ରସ୍ତୁତ, ଆପରାଧିକ ଷଡ଼ଯନ୍ତ୍ର ଆଦି ଅଭିଯୋଗରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ବିଭିନ୍ନ ଦଫା ବଳରେ ମାମଲା ରୁଜୁ ହୋଇଛି।

### ଖାଦ୍ୟାଭାବ ଆଶଙ୍କା...

ଫଳରେ ମୌସୁମୀ ବର୍ଷା ସ୍ୱାଭାବିକ ହୋଇପାରୁ ନାହିଁ। ସୂର୍ଯ୍ୟମୁଖୀ ଚାଷ କରୁଥିବା କେନ୍ଦ୍ରାପଡ଼ାର ଚାଷୀ ବଳରାମ ଲେଙ୍କା କହିଛନ୍ତି ଯେ ଗତ କିଛିବର୍ଷ ହେବ ବର୍ଷା ଅଭାବରୁ ଆଉ ଭଲ ଧାନ ଅମଳ ହେଉନାହିଁ। ମୌସୁମୀ ବର୍ଷା ସ୍ୱାଭାବିକ ହେଉ ନ ଥିବାରୁ ଧାନ ବୁଣିବା ବିଳମ୍ବ ହେଉଛି। ଅଧିକ ବର୍ଷା ଯୋଗୁ ତାହା ନଷ୍ଟ ହୋଇଯାଉଛି। ସୂର୍ଯ୍ୟମୁଖୀ, ପନିପରିବା କରି ପରିବାର ଚଳାଉଛି। କୃଷି ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟର ଚାଷୀମାନେ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଆନ୍ତି। ଯଦି ଠିକ୍ ସମୟରେ ବର୍ଷା ନ ହେବ ତେବେ ଧାନ ଚାଷ ପ୍ରଭାବିତ ହେବ। ଏଥିଯୋଗୁ କୃଷି ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ରହିଛି। ଜଳବାୟୁକୁ ଦୃଷ୍ଟିରେ ରଖି ଜଳସେଚନ ବ୍ୟବସ୍ଥା ହେବା ଦରକାର ।

# ପୁଡୁଚେରୀରେ କୋରାପୁଟର ବ୍ରାଉନ ଭ୍ୟାଲି କଫି

- କୋରାପୁଟ ଆସି କଫି ବଗିଚା ଦେଖିଲେ ଆଇଡିଆସ୍ ପରିଚାଳକ
- ପୂର୍ବରୁ ଆମାଜାନ ନେଇଥିଲା ବଜାର ଦାୟିତ୍ୱ

କୋରାପୁଟ,୨୫।୬(ସ୍ୱ.ପ୍ର.)

କୋରାପୁଟ କଫିର ଚାହିଦା ସାରା ବିଶ୍ୱରେ ଦିନକୁ ଦିନ ବୃଦ୍ଧିପାଉଛି। ଏହାକୁ ପ୍ରମାଣିତ କରିଛି ଅନ୍ତର୍ଜାତୀୟ ସଂସ୍ଥା ଆମାଜାନ। ଆମାଜାନ କିଛି ମାସ ତଳେ ଏହାର ମାର୍କେଟିଂ ଦାୟିତ୍ୱ ନେଇଥିଲା। ଏବେ ପୁଣି ଭାରତର ପଡୁଚେରି ଆରୋଭିଲରେ ଥିବା 'କଫି ଆଇଡିଆସ' ନାମକ ଏକ ଅନ୍ତର୍ଜାତୀୟ କଫି ବ୍ୟବସାୟିକ ଉଦ୍ୟୋଗ କୋରାପୁଟର ବ୍ରାଉଦ ଭ୍ୟାଲି କଫି ପ୍ରକ୍ରିୟାକରଣ କରି ଅନ୍ତର୍ଜାତୀୟ ବଜାର ସୃଷ୍ଟି କରିବାକୁ ଆରମ୍ଭ କରିଛି।

କୋରାପୁଟ ଜିଲା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଦିବାସୀଙ୍କ ପାଇଁ ପରିଚିତ ଥିବାବେଳେ ଏବେ କଫି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପୁଡୁଚେରୀର ଏହି ଉଦ୍ୟୋଗ କୋରାପୁଟ କଫି ପ୍ରତି ଆକୃଷ୍ଟ ହୋଇଛି। ଜିଲାର ଛୋଟାଗୁଡାରେ ଥିବା ବ୍ରାଉନଭ୍ୟାଲି କଫି ବଗିଚାରୁ ଅମଳ କଫି ଫଳକୁ ନେଇ ପ୍ରକ୍ରିୟାକରଣ କେନ୍ଦ୍ରରେ ବ୍ୟବହାର କରି ଅନ୍ତର୍ଜାତୀୟ ବଜାର ସୃଷ୍ଟି କରିବାକୁ ଉଦ୍ୟମ ଆରମ୍ଭ କରିଛି । ଆଇଡିଆସ ସଂସ୍ଥାର ମୁଖ୍ୟ ପରିଚାଳକ ମାର୍କସ ଗତ କିଛି ଦିନ ତଳେ କୋରାପୁଟ ଜିଲା ଗସ୍ତ କରି ବିଭିନ୍ନ କଫି ବଗିଚା ବୁଲି ଦେଖିଥିଲେ। ବ୍ରାଉନ ଭ୍ୟାଲି କଫି ବଗିଚାରେ ଚାଷ ହେଉଥିବା ଆରବିକା କଫି ଫଳର ନମୁନା ସଂଗ୍ରହ କରି ନେଇଥିଲେ । ନିଜ କଫି ଉଦ୍ୟୋଗରେ ଏହାକୁ ପରୀକ୍ଷା ନୀରିକ୍ଷା କରି ଏହା ଉଚ୍ଚମାନର ଓ ଗୁଣାବତାଯୁକ୍ତ ଜାଣିବା ପରେ କୋରାପୁଟରୁ ପ୍ରଥମ ଥର ପାଇଁ ୫ କୁଇଣ୍ଟାଲ ବ୍ରାଉନ ଭ୍ୟାଲି କଫି ନେଇଥିଲେ। ଏହାର ପ୍ରକ୍ରିୟାକରଣ କରି ଅନ୍ତର୍ଜାତୀୟ ବଜାରରେ ବିକ୍ରି ଉପଲବ୍ଧ କରାଯାଇଥିବା ସଂସ୍ଥାର ୱେବସାଇଟରେ ଉଲ୍ଲେଖ ରହିଛି।



# ଅଭିଷେକ-ଜ୍ୟୋତିଙ୍କୁ ସ୍ୱର୍ଣ୍ଣ ପଦକ

## ତୀରନ୍ଦାଜୀ ବିଶ୍ୱକପ୍



ଜ୍ୟୋତି ସୁରେଖା ଭେନ୍ନାମ ଓ ଅଭିଷେକ ବର୍ମା।

**ପ୍ୟାରିସ,୨୫।୬(ପିଟିଆଇ)**

ତୀରନ୍ଦାଜୀ ବିଶ୍ୱକପ୍‌ର ଷ୍ଟେଜ ୩ରେ ଭାରତୀୟ ତୀରନ୍ଦାଜମାନେ ଶନିବାର ୨ଟି ପଦକ ହାସଲ କରିଛନ୍ତି। କମ୍ପାଉଣ୍ଡ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଅଭିଷେକ ବର୍ମା ଓ ଜ୍ୟୋତି ସୁରେଖା ଭେନ୍ନାମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ୩ ନମ୍ବର ଜ୍ୟୋତି ବ୍ୟକ୍ତିଗତ ବିଭାଗରେ ରୌପ୍ୟ ପଦକ ପାଇଛନ୍ତି। ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଜ୍ୟୋତି ଶୁଟ୍-ଅଫ୍‌ରେ ଇଲା ଗିବସନଙ୍କଠାରୁ ହାରି ଯାଇଥିଲେ। ଉଭୟଙ୍କ ସ୍କୋର ୧୪୮-୧୪୮ ରହିବାରୁ ଶୁଟ୍‌ଅଫ୍‌ର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ଉଭୟଙ୍କ ସ୍କୋର ୧୦-୧୦ ରହିଥିଲା। ତେବେ ଗିବସନ ସେଣ୍ଟରର ନିକଟବର୍ତ୍ତୀ ସ୍ଥାନରେ ଅଧିକ ତୀର ମାରିଥିବାରୁ ଫାଇଦାରେ ରହିଥିଲେ। କମ୍ପାଉଣ୍ଡ ମିକ୍ସଡ୍ ଦଳଗତ ଫାଇନାଲରେ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିବା ଭାରତୀୟ ତୀରନ୍ଦାଜ ଫ୍ରେଞ୍ଚ ଯୋଡ଼ି ଜିନ ବୋଲଚ ଏବଂ ୪୮ ବର୍ଷୀୟା ଅଲିମ୍ପିକ୍ ପଦକଧାରୀ ସୋଫି ଡୋଡେମଣ୍ଟଙ୍କୁ ୧୫୧-୧୪୯ରେ ହରାଇ ଦେଇଥିଲେ। କମ୍ପାଉଣ୍ଡ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଭାରତ ପାଇଁ ଏହା ପ୍ରଥମ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ। ପ୍ରଥମ ରାଉଣ୍ଡରେ ୩ୟ ସିଡ୍ ଭାରତୀୟ ଯୋଡ଼ି ଆରମ୍ଭରୁ ୪ ଥର ୧୦ ପଏଣ୍ଟ ହାସଲ କରି ଫ୍ରେଞ୍ଚ ତୀରନ୍ଦାଜଙ୍କଠାରୁ ୩ ପଏଣ୍ଟ ଆଗରେ ରହିଥିଲା। ଦ୍ୱିତୀୟ ରାଉଣ୍ଡରେ ଭାରତ କେବଳ ଥରେ ୧୦ ପଏଣ୍ଟ ହାସଲ କରିଥିବା ବେଳେ ଭାରତର ଅଗ୍ରଣୀ ବ୍ୟବଧାନକୁ ୧ ପଏଣ୍ଟକୁ ନେଇ ଆସିଥିଲେ। ତୃତୀୟ ରାଉଣ୍ଡ ଡ୍ର’ ରହିବା ପରେ ଚତୁର୍ଥ ରାଉଣ୍ଡରେ ଅଭିଷେକ ଓ ଜ୍ୟୋତି ୨ ପଏଣ୍ଟରେ ଫ୍ରେଞ୍ଚ ଯୋଡ଼ିକୁ ହରାଇବା ସହ ସ୍ୱର୍ଣ୍ଣ ପଦକ ହାସଲ କରି ନେଇଥିଲେ। ମହିଳା ରକର୍ଭ ଦଳଗତ ଇଭେଣ୍ଟରେ ଭାରତକୁ ଅତିକମ୍‌ରେ ରୌପ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି।

# ଭାରତ ସିରିଜ ବିଜୟୀ

**ଡାମ୍ବୁଲା,୨୫।୬:** ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୫ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ୨-୦ରେ ଆଗୁଆ ରହିବା ସହ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ବିଜୟୀ ହୋଇଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୨୬ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତୀୟ ଦଳ ୧୯.୧ ଓଭରରେ ହାସଲ କରି ନେଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଅଧିନାୟିକା ହରମନପ୍ରୀତଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୨୫ ରନ କରିଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିବା



ଶଟ୍ ଖେଳିବା ଅବସରରେ ହରମନପ୍ରୀତ କୌର।

ବେଳେ ଅଧିନାୟିକା ହରମନପ୍ରୀତ, ପୂଜା ବସ୍ତ୍ରକାର, ରାଧା ଯାଦବ ଓ ରେଣୁକା ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ ଶେଫାଳୀ ବର୍ମା (୧୭ ରନ୍, ୨ ଚୌକା ଓ ୧ ଛକା) ଏବଂ ସ୍ମୃତି ମନ୍ଧାନା (୩୯ ରନ୍, ୮ ଚୌକା)। ଦୁଇ ଓପନର ୩.୩ ଓଭରରେ ଦଳୀୟ ସ୍କୋରକୁ ୩୦ରେ ପହଞ୍ଚାଇଥିଲେ। ତା’ ପରେ ସାବିନେନି ମେଘନା ୪ ଚୌକା ସହାୟତାରେ ୧୦ ବଲରେ ୧୭ ରନ କରି ଆଉଟ ହୋଇଥିଲେ। ଏଥିଯୋଗୁ ପାୱରପ୍ଲେ ୬ ଓଭର ମଧ୍ୟରେ ଭାରତୀୟ ଦଳ ୨ ଉଇକେଟ ହରାଇ ୫୨ ରନ କରିଥିଲା। ଏହାସତ୍ତ୍ୱେ ବିଜୟଲକ୍ଷ୍ୟ ହାସଲ କରିବା ଲାଗି ଭାରତୀୟ ଦଳକୁ ୧୯.୧ ଓଭର ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥିଲା। ଭାରତୀୟ ଦଳ ୫ ଉଇକେଟ ହରାଇ ୧୨୭ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଅଧିନାୟିକା ହରମନପ୍ରୀତ ଅପରାଜିତ ୩୧ (୨ ଚୌକା) ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୨୫/୭(ଭିଶ୍ମୀ ଗୁଣାରତ୍ନେ-୪୫, ଆଟାପାଟୁ-୪୩, ଦୀପ୍ତି ଶର୍ମା-୨/୩୪, ହରମନପ୍ରୀତ କୌର-୧/୧୨)। ଭାରତ ୧୯.୧ ଓଭରରେ ୧୨୭/୫ (ସ୍ମୃତି ମନ୍ଧାନା-୩୯, ହରମନପ୍ରୀତ କୌର-୩୧, ଇନୋକା ରାଣାୱିରା-୨/୧୮, ଓଶାଡି ରାଣାସିଙ୍ଘେ-୨/୩୨)।

13th Happy Marriage Anniversary



Sudhir (Lulu) &
Madhumita (Geeta)
Wish you both a Happy
Marriage Anniversary.
-:With Best Compliments from:-
Family, Friends & Relatives.
D-73705

ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



‘‘ଆଭ୍ୟା’’
ଜନମ ଦିନର ଅନନ୍ତ ଅଭିନନ୍ଦନ
ଦିବ୍ୟଗୁଣେ ପୂରିଉଠୁ ତୁମ୍ଭ ଜୀବନ
ପୁଷ୍ପାକୀର୍ଣ୍ଣ ହେଉ ତୁମ୍ଭ ଚଲାପଥ
ଛତ୍ରଛାୟା ତଳେ ରଖିଥାନ୍ତୁ ପ୍ରଭୁ
ଜଗନ୍ନାଥ ।
ଶୁଭେଚ୍ଛା ସହ: ବନ୍ଧୁ, ପରିବାରବର୍ଗ
ଓ ଆତ୍ମୀୟସ୍ୱଜନ ।
ଧ-୮୨୯

ଜନ୍ମଦିନ ଶୁଭେଚ୍ଛା



(ଓମ୍)
ସତ୍ୟଜିତ୍ ଖମାରୀ
ବୁଗବୁଗା (ଅତାବିରା), ବରଗଡ଼
ମାଁ ସମଲେଶ୍ୱରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ
ତୋର ଚଲାପଥ କୁସୁମିତ କରନ୍ତୁ। ଆଜି ତୋର
ପଞ୍ଚମ ଜନ୍ମବାର୍ଷିକୀରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ପ୍ରିୟାଂଶା, ଅଭିଜିତ୍,
ଅଭିଳାଷା, ଅଭିଲିପ୍‌ସା, ସୋନାଲିସା,
ରୋଜାଲିସା, ଆଲିସା, ଲିପ୍‌ସା ।
ଧ-୮୨୮

# ବାଳିକା ବିଭାଗରେ ମଦର୍ସ-କିସ୍ ଫାଇନାଲ

## ସପ୍ତାହାନ୍ତ ଆନ୍ତଃ ବିଦ୍ୟାଳୟ ବାସ୍କେଟବଲ

**ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୧ ଇନ୍‌ଡୋର ହଲ୍‌ରେ ଚାଲିଥିବା ସପ୍ତାହାନ୍ତ ଆନ୍ତଃ-ବିଦ୍ୟାଳୟ ବାସ୍କେଟବଲ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ମଦର୍ସ ପବ୍ଲିକ୍ ସ୍କୁଲ ଓ କିସ୍ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଏବଂ ଖୋର୍ଦ୍ଧାଜିଲା ବାସ୍କେଟବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାର ଶନିବାର ପ୍ରଥମ ସେମିଫାଇନାଲରେ ମଦର୍ସ ୩୦-୧୨ ପଏଣ୍ଟରେ ସେଣ୍ଟ ଯୋସେଫ୍‌କୁ ପରାସ୍ତ କରିଛି। ବିଜୟୀ ଦଳର ଅନନ୍ୟା ମହାନ୍ତି ୧୦ ଏବଂ ସେଣ୍ଟ ଯୋସେଫ ପକ୍ଷରୁ ପ୍ରଜ୍ଞାଶ୍ରୀ ୯ ପଏଣ୍ଟ ସ୍କୋର କରିଥିଲେ। ୨ୟ ସେମରେ କିସ୍ ସ୍କୁଲ ୪୦-୧୦ ପଏଣ୍ଟରେ ବିଜେଇଏମ୍‌କୁ ହରାଇ ଦେଇଛି। କିସ୍ ପକ୍ଷରୁ ସଞ୍ଜିଲା କୁଜୁର ୨୦ ଏବଂ ସରିତା ସିଂ ଓ ମମତା ପୂଜାରୀ ୬ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ବାଳକ ବିଭାଗରେ ମଦର୍ସ ଓ ଭେଙ୍କଟେଶ୍ୱର ସ୍କୁଲ ଫାଇନାଲରେ ପହଞ୍ଚିଛନ୍ତି। ପ୍ରଥମ ସେମିରେ ମଦର୍ସ ୫୭-୧୨ ପଏଣ୍ଟରେ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳର ଶଶାଙ୍କ ଶେଖର ୧୯ ଓ କୁନାଲ ଶାହା ୧୪ ପଏଣ୍ଟ ଏବଂ ଓଡିଏମ୍‌ର ପ୍ରୀତିକାନ୍ତ ୯ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ସେମିରେ ଭେଙ୍କଟେଶ୍ୱର ୬୦-୪୨ରେ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟକୁ ହରାଇ ଦେଇଛି। ଭେଙ୍କଟେଶ୍ୱରର ଓମ୍ ସ୍ଥିତପ୍ରଜ୍ଞ ୨୯ ଓ ୟୁନିଟ-୧ର ଦୀନେଶ ୨୭ ପଏଣ୍ଟ ସ୍କୋର କରିଥିଲେ।

# ୯୬ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ



ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷକଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

**ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଡିଗ୍ରୀ କଲେଜ ଛାତ୍ରୀମାନଙ୍କୁ ଉତ୍କଳ କରାଟେ ସ୍କୁଲ୍‌ରେ ଦିଆଯାଉଥିବା ଆତ୍ମରକ୍ଷା କୌଶଳ ରିଆକ୍ଟର ଦଶମ ବ୍ୟାଚ୍‌ରେ ମୋଟ ୯୬ ଛାତ୍ରୀ ପ୍ରଶିକ୍ଷଣ ଲାଭ କରିଛନ୍ତି। ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଡିଗ୍ରୀ କଲେଜର ଏହି ଛାତ୍ରୀମାନଙ୍କୁ ଶିବିରରେ ୪୨ ଘଣ୍ଟାର ଶାରୀରିକ ଓ ମାନସିକ ଶିକ୍ଷା ପ୍ରଦାନ କରାଯାଇଥିଲା। ଶନିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ଅନୁଶାସନ ସଚିବ ତଥା ଏସଏନ୍‌ଓ ରମେଶ ଚନ୍ଦ୍ର ବେହେରା, ପ୍ରଶିକ୍ଷକ ଗୋପାଳ ଦାସ, ନିରଞ୍ଜନ ପଟ୍ଟନାୟକ, ଅନୁପମା ସ୍ୱାଇଁ, ସୁସ୍ମିନୀ ପାଲଟାସିଂ, କୃଷ୍ଣ ଚନ୍ଦ୍ର ନାୟକ, ମଧୁପ୍ରିୟା, ନ୍ୟାସା କୁମାରୀ ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ରିଆକ୍ଟ ଓ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

# କଡ଼ା ଚ୍ୟାଲେଞ୍ଜ ଅପେକ୍ଷାରେ ନୀରଜ

## ଡାଇମଣ୍ଡ ଲିଗ୍

**ନୂଆଦିଲ୍ଲୀ,୨୫।୬(ପିଟିଆଇ)**

ଅଲିମ୍ପିକ୍ ଜାଭେଲିନ ଥ୍ରୋୟର ଚାମ୍ପିୟନ ନୀରଜ ଚୋପ୍ରା ଆସନ୍ତା ୩୦ ତାରିଖରୁ ଷ୍ଟକହୋମଠାରେ ଆରମ୍ଭ ହେବାକୁ ଥିବା ଡାଇମଣ୍ଡ ଲିଗ୍ ପ୍ରତିଯୋଗିତାରେ ଭାଗ ନେବେ। ଆସନ୍ତା ମାସରେ ଆମେରିକାରେ ହେବାକୁ ଯାଉଥିବା ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଏହା ସର୍ବବୃହତ୍ ଇଭେଣ୍ଟ। ଫିନଲାଣ୍ଡର କୁଅର୍ଟାନେ ଗେମ୍ସରେ ଚଳିତ ସିଜନର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ୨୪ ବର୍ଷୀୟ ନୀରଜ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ସମ୍ମାନଜନକ ଡାଇମଣ୍ଡ ଲିଗ୍‌ରେ ଭାଗ ନେବେ। ଏହି ଇଭେଣ୍ଟରେ ସେ ଗ୍ରେନାଡାର ବିଶ୍ୱ ଚାମ୍ପିୟନ ଆଣ୍ଡରସନ ପିଟର୍ସଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାରତୀୟ ସୁପରଷ୍ଟାର ଫିନଲାଣ୍ଡର ଟୁର୍କୁଠାରେ ଆୟୋଜିତ ପାଭୋ ନୁର୍ମି ଗେମ୍ସରେ ୮୯.୩୦ ମିଟର ଦୂରତା ହାସଲ କରି ଜାତୀୟ ରେକର୍ଡ ଭାଙ୍ଗିବା ସହ ରୌପ୍ୟ ପଦକ ଜିତିଥିଲେ। ଚୋପ୍ରା କୁଅର୍ଟାନେ ଗେମ୍ସରେ ୩ୟ ଉଦ୍ୟମ ବେଳେ ପଡ଼ିଯାଇଥିଲେ। ହେଲେ ଏଥିଯୋଗୁ ସେ ଆହତ ହୋଇନାହାନ୍ତି। ତାଙ୍କ ସହିତ ଟୋକିଓ ଅଲିମ୍ପିକ୍ ରୌପ୍ୟ ପଦକଧାରୀ ଚେକ୍ ଗଣତନ୍ତ୍ରର ଜ୍ୟାକବ ଭାଡଲେକ ଓ ବ୍ରୋଞ୍ଜ ପଦକ ବିଜେତା ଭିଟେସାଲଭ ଭେସେଲି ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ରଥମ ଥର ପାଇଁ ଟୋକିଓ ଅଲିମ୍ପିକ୍ସର ସମସ୍ତ ପଦକ ବିଜେତାଙ୍କୁ ଏକାଠି ଆକ୍‌ଶନରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ଜର୍ମାନୀର ଜୁଲିଆନ ୱେବର, ଜୋହାନେସ ଭେଟର, ପାଭୋ ନୁର୍ମି ଗେମ୍ସ ବିଜେତା ଫିନଲାଣ୍ଡର ଓଲିଭର ହିଲାଣ୍ଡର, ଭାରତର ଅନ୍ୟତମ ଜାଭେଲିନ ଥ୍ରୋୟର ମୁରଲୀ ଶ୍ରୀଶଙ୍କର ପ୍ରତିଦ୍ୱନ୍ଦ୍ୱୀଙ୍କ ତାଲିକାରେ ରହିଛନ୍ତି।

# ଦୂତୀଙ୍କୁ ୨ ରୌପ୍ୟ ପଦକ



ପଦକ ସହ ଦୂତୀ ଚାନ୍ଦ

**ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)**

କିଛି ଦିନର ନୀରବତା ପରେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ ପୁଣି ପଦକ ହାସଲ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। କାଜାଖସ୍ତାନର ଅଲ୍‌ମାଟିଠାରେ ଅନୁଷ୍ଠିତ ୩୧ତମ କୋସାନୋଭ ମେମୋରିଆଲ୍ ଅନ୍ତର୍ଜାତୀୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ୧୦୦ ମିଟର ଫାଇନାଲରେ ଦୂତୀ ୧୧.୪୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଅନୁଷ୍ଠିତ ହିଟ୍‌ରେ ସେ ୧୧.୩୮ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୪x୧୦୦ ମିଟର ରିଲେ ରେସ୍‌ରେ ମଧ୍ୟ ସେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଭାରତୀୟ ଦଳ ୪୫.୨୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲା।

# ଭାରତର ଦ୍ୱିତୀୟ ବିଜୟ

## ମହିଳା ଚ୍ୟାଲେଞ୍ଜ କପ୍ ଭଲିବଲ

**ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)**

ଥାଇଲାଣ୍ଡର ନାଖୋନ୍‌ଠାରେ ଚାଲିଥିବା ୨୧ତମ ପ୍ରିନ୍‌ସେସ୍ କପ୍ ୩ୟ ଏଭିସି ମହିଳା ଚ୍ୟାଲେଞ୍ଜ କପ୍ ଭଲିବଲ ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶୁକ୍ରବାର ପ୍ରଥମ ଲିଗ୍ ମ୍ୟାଚରେ ସିଙ୍ଗାପୁରକୁ ୩-୦ରେ ହରାଇଥିବା ଭାରତ ଶନିବାର ଉଜ୍‌ବେକିସ୍ତାନକୁ ୩-୦ ସେଟ୍‌ରେ ବିଜୟ ହାସଲ କରିଛି। ପୂରା ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଭାରତୀୟ ଦଳ ୨୫-୧୬, ୨୫-୧୩, ୨୫-୧୬ ପଏଣ୍ଟରେ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ବ୍ଲକର ସୋର୍ୟ୍ୟା ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଭାରତ ଏହାର ପରବର୍ତ୍ତୀ ଲିଗ୍ ମ୍ୟାଚ ରବିବାର ମାଲେସିଆ ବିପକ୍ଷରେ ଖେଳିବ।



ବିଜୟ ହାସଲରେ ଉଲ୍ଲସିତ ଭାରତୀୟ ଖେଳାଳି।

# ୩୬୬ ରନ୍‌ରେ ଭାରତ ଆଗୁଆ

**ଲିସେଷ୍ଟର,୨୫।୬**

ଗ୍ରେସ ରୋଡଠାରେ ଲିସେଷ୍ଟରଶାୟାର ବିପକ୍ଷରେ ଚାଲିଥିବା ୪ ଦିନିଆ ୱାର୍ମଅପ୍ ମ୍ୟାଚ୍‌ରେ ଭାରତୀୟ ଦଳ ତୃତୀୟ ଦିନ ଶେଷ ସୁଦ୍ଧା ୩୬୬ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଇନିଂସରେ ୨୪୬/୮ରେ ପାଳି ଘୋଷଣା କରିଥିବା ବେଳେ ଲିସେଷ୍ଟରଶାୟାର ୨୪୪ ରନ୍‌ରେ ସୀମିତ ରହିଥିଲା। ଏହାପରେ ଟିମ୍ ଇଣ୍ଡିଆ ତା’ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଶନିବାର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୩୬୪ ରନ୍ କରିଛି। ଦ୍ୱିତୀୟ ଇନିଂସରେ ଭାରତୀୟ ଦଳ ପାଇଁ ଶ୍ରୀକର ଭରତ (୪୩) ଓ ଶୁବମାନ ଗିଲ (୩୮) ଓପନିଂ କରିଥିଲେ। ଶ୍ରେୟାସ ଆୟାର (୬୨), ରବୀନ୍ଦ୍ର ଜାଡେଜା (୫୬*), ବିରାଟ କୋହଲି (୬୭) ଅର୍ଦ୍ଧଶତକ ହାସଲ କରିଥିବା ବେଳେ ହନୁମା ବିହାରୀ (୨୦) ଓ ଚେତେଶ୍ୱର ପୂଜାରା (୨୨) ବିଫଳ ହୋଇଛନ୍ତି। ଲିସେଷ୍ଟର ପାଇଁ ଖେଳୁଥିବା ନବଦୀପ ସାଇନୀ ୩ ଓ କମଲେଶ ନାଗରକୋଟି ୨ ଉଇକେଟ ନେଇଛନ୍ତି।

# ସୂରଜ-ଯୁବରାଜ ଫାଇନାଲ

**ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଟେନିସ୍ ଆସୋସିଏଶନ ଅନୁମୋଦନକ୍ରମେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ଚାଲିଥିବା କଷ୍ଟୋମାଇଜ୍ ଅଲ ଓଡିଶା ଜୁନିୟର ଟେନିସ ଚାମ୍ପିୟନଶିପ୍‌ର ୧୦ ବର୍ଷରୁ କମ୍ ବର୍ଗର ଫାଇନାଲରେ ସୂରଜ ଦାସ ଓ ଯୁବରାଜ ମୁଦୁଲି ପ୍ରବେଶ କରିଛନ୍ତି। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏହି ଦିନ ୧୨ ଓ ୧୪ ବର୍ଷରୁ କମ୍ ବର୍ଗର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ। ୧୨ ବର୍ଷରୁ କମ୍ ବର୍ଗର ପ୍ରଥମ ସେମିଫାଇନାଲ ରୌନକ ଗିଲା ଓ ବୈଭବ ଅଗ୍ରୱାଲ ଏବଂ ଦ୍ୱିତୀୟ ସେମିଫାଇନାଲ ଅର୍ଣବ ବେହେରା ଓ ସ୍ୱୟଂ ସାହୁଙ୍କ ମଧ୍ୟରେ ଖେଳାଯିବ। ସେହିପରି ୧୪ ବର୍ଷରୁ କମ୍ ବର୍ଗର ପ୍ରଥମ ସେମିଫାଇନାଲ ଆୟୁଷ ପଟ୍ଟନାୟକ ଓ ଅରୁନ୍ଧତୀ ଏବଂ ଦ୍ୱିତୀୟ ସେମିଫାଇନାଲ ସ୍ୱୟଂ ସାହୁ ଓ ରୌନକ ଗିଲାଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

# ଏଟିକେ ମୋହନ ବାଗାନ ପାଇଁ ଖେଳିବେ ପଲ୍ ପୋଗ୍‌ବାଙ୍କ ବଡ଼ ଭାଇ

**କୋଲକାତା,୨୫।୬**



ଫ୍ଲୋରେଣ୍ଟିନ ପୋଗ୍‌ବା

ଇଣ୍ଡିଆନ ସୁପର ଲିଗ୍ (ଆ।ଇ ଏ ସ୍ ଏ ଲ୍) ହେଭିୱେଟ୍ ଏଟିକେ ମୋହନ ବାଗାନ ଶନିବାର ସେଣ୍ଟର ବ୍ୟାକ୍ ଫ୍ଲୋରେଣ୍ଟିନ ପୋଗ୍‌ବାଙ୍କ ସହ ଚୁକ୍ତି କରିଛି। ଫ୍ଲୋରେଣ୍ଟିନ ହେଉଛନ୍ତି ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଷ୍ଟାର ମିଡ୍‌ଫିଲ୍ଡର ପଲ ପୋଗ୍‌ବାଙ୍କ ବଡ଼ ଭାଇ। ‘‘ଏଟିକେ ମୋହନ ବାଗାନ ଭଳି ବଡ଼ କ୍ଲବ ସହ ଯୋଡ଼ି ହେବା ଗର୍ବର ବିଷୟ। ଏହା ମୋ ପାଇଁ ଏକ ନୂଆ ଚ୍ୟାଲେଞ୍ଜ। ଏହା ମୋତେ ଭାରତ ସହିତ ନୂଆ ଚାମ୍ପିୟନଶିପ୍ସ ଓ ଅନେକ କ୍ଲବ ବିଷୟରେ ଜାଣିବାକୁ ସୁଯୋଗ ଦେବ’’ ବୋଲି ୩୧ ବର୍ଷୀୟ ଖେଳାଳି ଏଟିକେଏମ୍‌ବି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କହିଛନ୍ତି। ଏଥିପୂର୍ବରୁ ଏଟିକେ ମୋହନ ବାଗାନ ଅଷ୍ଟ୍ରେଲିଆନ ଏ-ଲିଗ୍ ଷ୍ଟାର ଡିଫେଣ୍ଡର ବ୍ରେଣ୍ଡନ ହାମିଲଙ୍କ ସହ ଚୁକ୍ତି କରିଛି। ଏହା ଦ୍ୱାରା ସେପ୍ଟେମ୍ବରରେ ହେବାକୁଥିବା ଏଏଫ୍‌ସି କପ୍ ଇଣ୍ଟର-ଜୋନ ସେମିଫାଇନାଲ ପୂର୍ବରୁ ଦଳର ଡିଫେନ୍ସ ଭାଗର ଶକ୍ତି ବୃଦ୍ଧି ପାଇବ। ଫ୍ଲୋରେଣ୍ଟିନ ଅନ୍ତିମ ଥର ଫ୍ରେଞ୍ଚ ଲିଗ୍ ୨ କ୍ଲବ ଏଫ୍‌ସି ସୋଚାଅକ୍ସମଣ୍ଟ ବେଲିଆର୍ଡ ପାଇଁ ଖେଳିଥିଲେ। ସାନ ଭାଇ ପଲ ପୋଗ୍‌ବା ଫ୍ରାନ୍ସ ପକ୍ଷରୁ ଖେଳୁଥିବା ବେଳେ ଫ୍ଲୋରେଣ୍ଟିନ ଗିନି ପାଇଁ ୧୯ ବର୍ଷ ବୟସରେ ୨୦୧୦ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ।

ମନେ ପଡ଼ନ୍ତି

ଏକାଦଶାହର ଶ୍ରଦ୍ଧାଞ୍ଜଳି



୰ସୁରେନ୍ଦ୍ର କୁମାର ରାଉତରାୟ
ପୂର୍ବତନ ସରପଞ୍ଚ, ପାହଳ
ଜୟପୁର (କରଣ ସାହି), ଭୁବନେଶ୍ୱର
ଆବିର୍ଭାବ: ୧୯୩୬
ତିରୋଧାନ: ୧୬।୦୬।୨୦୨୨
ଆଜି ଏକାଦଶାହ ପାଳନ ଅବସରରେ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି
ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ
ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସଞ୍ଜୟ, ଜୟନ୍ତ,
ସୁବ୍ରତ, କଳ୍ପତରୁ ଓ ସୁନୀଲ, ବନ୍ଧୁ ଓ
ପରିବାରବର୍ଗ ।
ଧ-୭୧୨୧୨

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବନମାଳୀ ମେକାପ
ବରିଷ୍ଠ ସେବାୟତ ସାକ୍ଷୀଗୋପାଳ
ଗୋପାଳଜୀ ମନ୍ଦିର
(ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର)
ଆବିର୍ଭାବ ତା. ୦୪/୦୧/୧୯୩୮
ତିରୋଧାନ ତା. ୧୭/୦୬/୨୦୨୨
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି
ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ
ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ଧର୍ମପତ୍ନୀ- କିଶୋରୀ,
ପୁତ୍ର- ଛନ୍, ଜନ୍, ତପସି, ପୁତ୍ରବଧୂ-
ଶ୍ରୀୟା, ଜୟା, ପ୍ରିୟା, ନାତିନାତୁଣୀ-ଛନ୍ଦା,
ରାଜୀବ, ପିଙ୍କୁ, ସିନ୍ତୁ, ଜଗମୋହନ,
ଭଉଣୀ, ଭିଣୋଇ, ଭାଣେଜୀ-ଆଦିବ୍ର ।
ଧ-୭୩୮୩୪



ଅତିଥିଙ୍କ ସହ ପଦକ ହାସଲକାରୀ କୃତୀ ପ୍ରତିଯୋଗୀ।

# ଜାତୀୟ ଭୋବିନାମ ମାର୍ଶାଲ ଆର୍ଟ୍ସ: ଓଡ଼ିଶାକୁ ୧୧ ପଦକ

**ଭୁବନେଶ୍ୱର,୨୫।୬(ସ୍ପୋର୍ଟ୍ସ ବ୍ୟୁରୋ):** ପଞ୍ଜାବର ଜଳନ୍ଧରସ୍ଥିତ ସିଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଅଡିଟୋରିୟମରେ ଚଳିତ ମାସ ୧୭ରୁ ୨୩ ପର୍ଯ୍ୟନ୍ତ ଏକାଦଶ ଜାତୀୟ ଭୋବିନାମ ମାର୍ଶାଲ ଆର୍ଟ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ୧୧ ପଦକ ମିଳିଛି। କୃତୀ ପ୍ରତିଯୋଗୀମାନେ ହେଲେ ଜଗନ୍ନାଥ ଓଝା(ସ୍ୱର୍ଣ୍ଣ ପଦକ, କନିଷ୍ଠ) ସାଇସତ୍ୟମ୍ ସେଠୀ (ଦୁଇଟି ରୌପ୍ୟ ପଦକ), ଦୀପକ କୁମାର ସେଠୀ (ଦୁଇଟି ରୌପ୍ୟ ପଦକ), ଚିତ୍ତରଞ୍ଜନ ପ୍ରଧାନ (ଦୁଇଟି ରୌପ୍ୟ ପଦକ), ଶ୍ରୀଲିପ୍ତା ଆଚାର୍ଯ୍ୟ (ରୌପ୍ୟ, ୭୫ କେଜି), ଶୁଭଲକ୍ଷ୍ମୀ ସାହୁ(ରୌପ୍ୟ, ୫୨ କେଜି)। ଭିଏତ୍‌ନାମରୁ ଆସିଥିବା ମୁଖ୍ୟ କୋଚ୍ ନୁଏନ୍ ତାନ ଘିଆ, ଭାରତୀୟ ମୁଖ୍ୟ ଡାକ୍ତର ବିଷ୍ଣୁ ମହାୟ, ସମ୍ପାଦକ ପି.ଆର. ପାଣ୍ଡେଙ୍କ ନେତୃତ୍ୱରେ ପୂରା ଦେଶରୁ ଆସିଥିବା ୬ ଶହରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ଆତ୍ମହତ୍ୟା ହେଲେ କାହିଁକି???







**ଦିନକୁ ଦିନ ବଢିବାରେ ଲାଗିଛି ଆତ୍ମହତ୍ୟା ଜନୀତ ମୃତ୍ୟୁ ସଂଖ୍ୟା। ବିଶେଷ କରି ଏଭଳି ମୃତ୍ୟୁ ଘଟଣାରେ ଯୁବ ବୟସ୍କଙ୍କ ସଂଖ୍ୟା ଅଧିକ ଥିବା ଅତ୍ୟନ୍ତ ପରିତାପର ବିଷୟ। ଏହି ଆତ୍ମହତ୍ୟା ପ୍ରବଣତା ଏକ ପ୍ରକାରର ମାନସିକ ବ୍ୟାଧି। ତେବେ କ'ଣ ଏହାର କାରଣ ଏବଂ କିପରି ଏହାର ନିରାକରଣ କରାଯାଇ ପାରିବ ତା'କୁ ନେଇ ଏଥରର ବିଶେଷ ଉପସ୍ଥାପନା...**



ଡା. ଅଶ୍ରୁମୋଚନ ସାହୁ
ମାନସିକ ରୋଗ ବିଶେଷଜ୍ଞ



ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଆତ୍ମହତ୍ୟା ହେଉଛି ଏକ ଜଣାଶୁଣା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। ତଥ୍ୟ ଅନୁଯାୟୀ, ବିଶ୍ୱର ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରନ୍ତି। ମାନସିକ ବିଷାଦ ଓ ମାନସିକ ରୋଗ ଆତ୍ମହତ୍ୟାର ପ୍ରମୁଖ କାରଣ।

ଆତ୍ମହତ୍ୟା ବା ସୁଇସାଇଡ୍ ୨ ପ୍ରକାର ହୋଇଥାଏ।

ଯଥା:

**୧– ସୁଇସାଇଡ୍:** ଯେକୌଣସି ଉପାୟରେ ନିଜେ ନିଜର ଜୀବନ ନେବା।

**୨– ପାରା–ସୁଇସାଇଡ:** ଅନ୍ୟକୁ ଆତ୍ମହତ୍ୟା କରିବା ପାଇଁ ବାଧ କରାଇବା। ତଥ୍ୟ ଅନୁଯାୟୀ, ଆତ୍ମହତ୍ୟା ପ୍ରବଣତା ନାରୀମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ।

**ଆତ୍ମହତ୍ୟାର ମୁଖ୍ୟ କାରଣ:**

**୧. ମାନସିକ ରୋଗ ଓ ବିଷାଦ ରୋଗ:** ଡିପ୍ରେସନ, ସ୍କିଜୋଫ୍ରେନିଆ, ଉନ୍ମାଦ ରୋଗ, ନିଶା ପ୍ରତି ଅତ୍ୟଧିକ ଆସକ୍ତ ବ୍ୟକ୍ତିମାନେ ଆତ୍ମହତ୍ୟା କରିବାକୁ ପଛେଇ ନଥା'ନ୍ତି। ବିଷାଦ ରୋଗ ରହିଲେ ବ୍ୟକ୍ତିର ମନ ଖରାପ ହେବା, କାମରେ ଅନାଗ୍ରହ ପ୍ରକାଶ କରିବା, ଏକା ରହିବା ଭଳି ଲକ୍ଷଣସବୁ ଦେଖାଯାଇଥାଏ। ବ୍ୟକ୍ତି ଏହି ରୋଗରେ ଧୀରେ ଧୀରେ ଆକ୍ରାନ୍ତ ହୋଇ ଆତ୍ମହତ୍ୟାକୁ ଆପଣାଇଥାଏ।

**୨. ଛାନିଆ ରୋଗ:** ଏହି ରୋଗରେ ରୋଗୀକୁ ବ୍ୟସ୍ତ ଲାଗିବା, ଛାତି ଧଡ଼ ଧଡ଼ ହେବା, ଶରୀରର ବିଭିନ୍ନ ଜାଗାରେ ଯନ୍ତ୍ରଣା ଆଦି ହୋଇଥାଏ। ଅନେକ ଚିକିତ୍ସା ସତ୍ତ୍ୱେ ରୋଗ ଭଲ ନ ହେଲେ ବ୍ୟକ୍ତିଟି ଶେଷରେ ଆତ୍ମହତ୍ୟା ପନ୍ଥା ଆପଣାଇଥାଏ।

**୩. ସ୍କିଜୋଫ୍ରେନିଆ:** ଏହି ରୋଗରେ ପୀଡ଼ିତ ହେଲେ ଅନ୍ୟକୁ ସନ୍ଦେହ କରିବା, ମନେମନେ କଥା ହେବା, ହସିବା ଏବଂ ମନରେ ଅତ୍ୟଧିକ ଡର ଆସିବା ଆଦି ଲକ୍ଷଣ ଦେଖା ଦେଇଥାଏ। ଫଳରେ ଜଣେ ଆତ୍ମହତ୍ୟା କରିଥାଏ।

**୪. ଉନ୍ମାଦ ରୋଗ:** ଏହି ରୋଗରେ ରୋଗୀ ଅତ୍ୟଧିକ ଫୂର୍ତ୍ତି ହେବା, ନିଜକୁ ବଡ଼ ଭାବିବା, ସବୁ କ୍ଷେତ୍ରରେ ଗଣ୍ଡଗୋଳ ଆଦି କରିବା, ନିଜକୁ କ୍ଷତି ପହଞ୍ଚାଇବା ଆଦି କରିଥାଏ। କରିଥାଏ। ଏମିତିକି କେବେ କେବେ ନିଜକୁ ମୃତ୍ୟୁ ମୁଖକୁ ପହଞ୍ଚାଇବାକୁ ବି ପଛାଇ ନ ଥାଏ।

**୫. ନିଶାଦ୍ରବ୍ୟ:** ନିଶାଦ୍ରବ୍ୟକୁ ବହୁଳ ମାତ୍ରାରେ ବ୍ୟବହାର କରି ନିଜ ଉପରୁ ନିଜ ଭାରସାମ୍ୟ ହରାଇ ନିଶାସକ୍ତ ବ୍ୟକ୍ତି ଆତ୍ମହତ୍ୟା କରିଥା'ନ୍ତି। ଉପରୋକ୍ତ କାରଣଗୁଡ଼ିକୁ ଛାଡ଼ିଦେଲେ ଯୁବାବସ୍ଥାରେ ଆତ୍ମହତ୍ୟାର ଆହୁରି ଅନେକ କାରଣ ରହିଛି। ସେଗୁଡ଼ିକ ହେଲା–

- ଦରକାରଠାରୁ ଅଧିକ ପାଇବା ପାଇଁ ଆଶା କରିବା।
- ପାରିବାରିକ ସମସ୍ୟା
- ପ୍ରେମରେ ବିଫଳତାକୁ ସହ୍ୟ ନ କରିପାରିବା
- ବୈବାହିକ ଜୀବନରେ ଅଶାନ୍ତି ଦେଖାଦେବା
- ଅତ୍ୟଧିକ ଋଣରେ ବୁଡ଼ି ରହିବା
- ପରୀକ୍ଷାରେ ବିଫଳତା
- ବେରୋଜଗାରି
- ଅନ୍ତରଙ୍ଗ ଲୋକଙ୍କ ବିୟୋଗକୁ ଗ୍ରହଣ କରି ନ ପାରିବା
- ଦରିଦ୍ରତା
- ମୋବାଇଲ୍ ବା ଇଣ୍ଟରନେଟ୍‌କୁ ବହୁଳମାତ୍ରାରେ ବ୍ୟବହାର କରି ଛୋଟ ପିଲା ଓ ଯୁବତୀଯୁବକମାନେ କ୍ରୋଧଶକ୍ତ ହେବାରୁ ଛୋଟଛୋଟ କଥାରେ ଆତ୍ମହତ୍ୟା କରିବା ପାଇଁ ପଛାଉନାହାନ୍ତି।

**ନିରାକରଣ:**

ବର୍ତ୍ତମାନ ଆତ୍ମହତ୍ୟାକୁ କିପରି ରୋକାଯାଇପାରିବ ତାହାହିଁ ସମାଜ ଆଗରେ ବଡ଼ ଆହ୍ୱାନ। ଆତ୍ମହତ୍ୟା ପ୍ରବଣତା ପ୍ରତିକାର ଲାଗି ମାନସିକ ରୋଗୀମାନଙ୍କୁ ତାଙ୍କ ମନର କଥା ପରିପ୍ରକାଶ କରିବା ପାଇଁ ପ୍ରୋତ୍ସାହନ କରିବା ଦରକାର। ଥରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତି ପ୍ରତି ସର୍ବଦା ନିରୀକ୍ଷଣ କରିବା ଦରକାର। କାରଣ ସେ ପୁଣିଥରେ ଆତ୍ମହତ୍ୟା ଉଦ୍ୟମ କରିପାରେ। ପ୍ରାଥମିକ ଲକ୍ଷଣ ଯେପରିକି ଅନ୍ୟମାନଙ୍କ ସହ ମିଳାମିଶା ନ କରିବା, ଏକା ଏକା ରହିବା, ବେଶୀ କଥା ନ କହିବା, ଖାଇବା, ଶୋଇବା ଆଦି ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଆସିବା ଏହିସବୁ ଲକ୍ଷଣ ଯଦି କାହାଠାରେ ଦେଖୁଛନ୍ତି, ତେବେ ତାଙ୍କୁ ଭଲ ଭାବରେ ନିରୀକ୍ଷଣ କରିବା ଓ ତାଙ୍କୁ ମାନସିକ ବିଭାଗ ଡାକ୍ତରଙ୍କ ପରାମର୍ଶ କରାଇବା ଦରକାର। ଫଳରେ ଆତ୍ମହତ୍ୟାକୁ ରୋକାଯାଇପାରିବ। ଅଭିଭାବକମାନେ କିଶୋରୀକିଶୋରଙ୍କ ଚାଲିଚଳନ, ଆଚରଣରେ ପରିବର୍ତ୍ତନ ଓ ଇଣ୍ଟରନେଟ୍ ବା ମୋବାଇଲ୍‌ର ବହୁଳ ବ୍ୟବହାର ଦେଖିଲେ ସେଥିପ୍ରତି ସତର୍କ ରହିବା ଆବଶ୍ୟକ।



## ଏ ସପ୍ତାହର ପ୍ରଶ୍ନ

୧– ପୃଥିବୀର ବୃହତ୍ତମ ହସ୍ପିଟାଲ ଜାହାଜର ନାମ ........... ?
୨– ଦୁର୍ନୀତି ବିରୋଧରେ ଅଭିଯୋଗ କରିବା ଲାଗି 'ଏବିସି ୧୪୪୦୦' ନାମକ ମୋବାଇଲ୍ ଆପ୍ଲିକେଶନ୍ ............. ରାଜ୍ୟ ପକ୍ଷରୁ ଆରମ୍ଭ କରାଯାଇଛି ?
୩– ୬ଟି ବିଶ୍ୱ କପ୍ ଖେଳିଥିବା ପ୍ରଥମ ମହିଳା କ୍ରିକେଟର ............... ?
୪– ବାଇଖୋ ପର୍ବ ...................ରେ ପାଳନ କରାଯାଏ ?
୫– ଏସିଆନ୍ ଗେମ୍‌ରେ କୁସ୍ତିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ମହିଳା ଖେଳାଳି .......... ?

## ଗତ ଥରର ଉତ୍ତର

୧ ୟୁନିଭର୍ସାଲ ସୋସିଆଲ୍ ପ୍ରୋଟେକ୍ସନ ଟୁ ଏଣ୍ଡ ଚାଇଲ୍ଡ ଲେବର
୨ କାନାଡ଼ା
୩ କେରଳ
୪ ଉଗାଣ୍ଡା ଏବଂ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ
୫ ଝାଡ଼ଖଣ୍ଡ

## ଉତ୍ତରଦାତା



ସୁନୀଲ କୁମାର ବେହେରା, ବ୍ରହ୍ମପୁର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ କମ୍ପ୍ୟୁଟର ପ୍ରସ୍ତୁତକାରୀ କମ୍ପାନୀ

୧ .......... ଏଚ୍‌ପି
୨ .......... ଆସର୍
୩ .......... ଡେଲ୍
୪ .......... ଲେନୋଭୋ
୫ .......... ତୋଶିବା
୬ .......... ଆଇବିଏମ୍
୭ .......... ଫୁଜିସୁ
୮ .......... ଏନ୍‌ଇସି
୯ .......... ଆପ୍‌ଲ
୧୦ .......... ଗେଟ୍‌ୱେ କମ୍ପ୍ୟୁଟର୍ସ

ଜାଣନ୍ତୁ ଦୁନିଆ

## ସବୁଠୁ ଦାମୀ ଫୁଲ



**ଠାକୁର ପୂଜାଠୁ ଆରମ୍ଭ କରି ଉପହାର ଦେବା ହେଉ ଅବା ସାଜସଜ୍ଜା ପର୍ଯ୍ୟନ୍ତ ଫୁଲର ଆଦର ସବୁଠି ରହିଛି। ତେବେ ସାଧାରଣତଃ ସଭିଙ୍କ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାରର ଫୁଲ ଉପଲବ୍ଧ ଥିବା ବେଳେ ଆଉ କିଛି ଆବଶ୍ୟକତା ବେଳେ କିଣିବାକୁ ହୋଇଥାଏ। ହେଲେ କିଛି ଫୁଲ ଏମିତି ବି ରହିଛି, ଯାହାର ଦାମ୍ ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ। ଜାଣିବା ସେଭଳି କିଛି ଫୁଲ ସମ୍ପର୍କରେ...**

**କଦୁପୁଲ୍ ଫୁଲ:** କୁହାଯାଏ, ଶ୍ରୀଲଙ୍କାରେ ଦେଖାଯାଉଥିବା ଏହି ଫୁଲ ଦୁନିଆର ସବୁଠୁ ଦାମୀ ଫୁଲ। ତେବେ କେବଳ ରାତିରେ ଫୁଟି ମାତ୍ର କିଛି ଘଣ୍ଟା ମଧ୍ୟରେ ଶୁଖି ଯାଉଥିବା ଏହି ଫୁଲର ସୁବାସିତ ମହକ ସଭିଙ୍କୁ ବିମୋହିତ କରିଥାଏ। ଏପର୍ଯ୍ୟନ୍ତ ଏହି ଦୁର୍ଲଭ ଫୁଲର ଏକ ନିର୍ଦ୍ଦିଷ୍ଟ ଦାମ୍ ସ୍ଥିର ହୋଇନାହିଁ।

**ଜୁଲିଏଟ୍ ରୋଜ୍:** ଏହି ଫୁଲର ଦାମ୍ ୧୫.୮ ମିଲିଅନ୍ ଡଲାର ବା ୧୧୨କୋଟି ଟଙ୍କା। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଡେଭିଡ୍ ଅଷ୍ଟିନ୍ ନାମକ ଜଣେ ବ୍ୟକ୍ତି ଅନେକ ପ୍ରକାରର ଫୁଲକୁ କଲମି କରାଇ ଏହି ନୂତନ ପ୍ରଜାତିର ଫୁଲ ଚାରା ପ୍ରସ୍ତୁତ କରିଥିଲେ। ଏଥିପାଇଁ ତାଙ୍କୁ ପାଖାପାଖି ୧୫ ବର୍ଷ ସମୟ ଲାଗିଥିଲା। ୨୦୦୬ରେ ପ୍ରଥମ ଥର ପାଇଁ ଏହି ଫୁଲକୁ ବିକ୍ରି କରାଯାଇଥିଲା।

**ଶେନ୍‌ଜେନ୍ ନୋଙ୍ଗକେ ଅର୍କିଡ୍:** ଏହା ଏକ ଅତ୍ୟନ୍ତ ସୁନ୍ଦର ଏବଂ ଭିନ୍ନ ଦେଖାଯାଉଥିବା ଏକ ଅର୍କିଡ୍ ଫୁଲ। ଚାଇନାରେ ଥିବା ଶେନ୍‌ଜେନ୍ ନୋଙ୍ଗକେ ୟୁନିଭର୍ସିଟିର ଏଗ୍ରିକଲ୍ଚର ସାଇଣ୍ଟିଷ୍ଟମାନଙ୍କ ୮ ବର୍ଷର ପ୍ରଚେଷ୍ଟା ପରେ ଏହି ନୂତନ ଅର୍କିଡ୍ ପ୍ରଜାତି ପ୍ରସ୍ତୁତ ହୋଇଥିଲା। ଆପଣ ଜାଣିଛନ୍ତି, ଏହି ଫୁଲର ବିଶେଷତ୍ୱ ହେଉଛି ଏହା ୪–୫ ବର୍ଷରେ ଥରେ ଫୁଟିଥାଏ, ଯେଉଁ ସମୟରେ ଏହାକୁ ନିଲାମ କରାଯାଇଥାଏ। ତେବେ ବର୍ତ୍ତମାନ ସୁଦ୍ଧା ଏହି ଫୁଲ ୧.୪୦ କୋଟି ଟଙ୍କା ବା ୨ ଲକ୍ଷ ଆମେରିକୀୟ ଡଲାରରେ ବିକ୍ରି ହୋଇଛି।





ୟୁଥ୍ ଆଲର୍ଟ

## ଏମିତି ପିନ୍ଧନ୍ତୁ ଚଷମା

**ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଚକ୍ଷୁ ସମସ୍ୟା କାରଣରୁ ଚଷମା ବ୍ୟବହାର କରୁଛନ୍ତି। ଆଉ କେହି କେହି ଧୂଳି ମଳି ଆଦିରୁ ଚକ୍ଷୁକୁ ସୁରକ୍ଷା ଦେବା ପାଇଁ ଅବା ଫ୍ୟାଶନ୍ ଲାଗି ଅନେକଙ୍କୁ ଚଷମା ପିନ୍ଧୁଥିବା ଦେଖିବାକୁ ମିଳୁଛି। ହେଲେ ଏହାକୁ ବ୍ୟବହାର କରୁଥିଲେ କେତୋଟି କଥା ପ୍ରତି ସଚେତନ ହେବା ନିହାତି ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ ...**





➔ ପାୱାର ହେଉ ଅବା ନ ହେଉ, ନୂଆ ଚଷମା ପିନ୍ଧିବା ପୂର୍ବରୁ ଚେକ୍ କରିନିଅନ୍ତୁ ଏହା ଆପଣଙ୍କୁ କମ୍ଫର୍ଟେବଲ୍ ହେଉଛି ବା ନାହିଁ। ନଚେତ୍ ଆପଣ ଏହାକୁ ପିନ୍ଧିବା ଦ୍ୱାରା ଚକ୍ଷୁରେ ବିଭିନ୍ନ ସମସ୍ୟା ଉପୁଜିପାରେ।

➔ ବର୍ତ୍ତମାନ ବିଭିନ୍ନ ଡିଜାଇନ୍ ଫ୍ରେମ ଥିବା ଚଷମା ମାର୍କେଟ୍‌ରେ ଉପଲବ୍ଧ। ତେବେ ମନେରଖନ୍ତୁ ଏଭଳି ଚଷମା ଆଦୌ ବ୍ୟବହାର କରନ୍ତୁ ନାହିଁ, ଯାହାର ଫ୍ରେମ୍ ଭାରି। କାରଣ ଏହା ଦ୍ୱାରା ନାକ ଏବଂ କାନ ଉପରେ ଚାପ ପଡ଼ି ଯନ୍ତ୍ରଣା ହେବାର ଆଶଙ୍କା ରହିଛି।

➔ ପିନ୍ଧିବା ଏବଂ କାଢ଼ିବା ସମୟରେ ସର୍ବଦା ଚଷମାକୁ ଦୁଇହାତରେ ଧରନ୍ତୁ। ନଚେତ୍ ଗୋଟିଏ ହାତରେ ଧରିଲେ ଫ୍ରେମ୍ ବଙ୍କା ହୋଇଯିବାର ଆଶଙ୍କା ରହିଛି। ଯାହାଦ୍ୱାରା ନା କେବଳ ପିନ୍ଧିବା ବେଳେ ଅସୁବିଧା ହୁଏ ବରଂ ଗ୍ଲାସ୍ ଆଗପଛ ବା ବଙ୍କା ରହିବା ଯୋଗୁ ଆଖିରେ ମଧ୍ୟ ପ୍ରେସର ପଡ଼ିଥାଏ।

➔ ଚଷମା ଗ୍ଲାସ୍‌ରେ ବିଭିନ୍ନ ପ୍ରକାରର କୋଟିଂ ଆସୁଛି। ଏହାକୁ ମନଇଚ୍ଛା ନ କିଣି ଡାକ୍ତରଙ୍କ ପରାମର୍ଶ କ୍ରମେ କିଣନ୍ତୁ। ଯେପରି ଅଧିକ ସମୟ କମ୍ପ୍ୟୁଟରରେ କାମ କରିବାକୁ ହେଉଥିଲେ ଏହାର ହାନିକାରକ ଲାଇଟ୍‌ରୁ ସୁରକ୍ଷା ପାଇଁ ଆଣ୍ଟିଗ୍ଲେୟାର୍ କୋଟିଂଯୁକ୍ତ ଲେନ୍ସ, ବାରମ୍ବାର ବାହାରକୁ ଯିବାକୁ ହେଉଥିଲେ ସୂର୍ଯ୍ୟ କିରଣରେ ଆସୁଥିବା ଅଲ୍‌ଟ୍ରାଭାଓଲେଟ୍ ଲାଇଟ୍‌ରୁ ସୁରକ୍ଷା ପାଇଁ ଫୋଟୋକ୍ରୋମିକ୍ ଲେନ୍ସ ବ୍ୟବହାର କରିପାରିବେ।

➔ ଗ୍ଲାସ୍ ଲେନ୍ସ ଥିବା ଚଷମାର ଓଜନ ଅଧିକ ହେବା ସହ ସ୍କ୍ରାଚ୍ ହେବାର ଆଶଙ୍କା ବେଶୀ। ତା'ଛଡା ଏହା ପଡ଼ିଗଲେ ଶୀଘ୍ର ଭାଙ୍ଗି ମଧ୍ୟ ଯାଇଥାଏ। ସେହିପରି ପ୍ଲାଷ୍ଟିକ୍ ଲେନ୍ସ ହାଲୁକା ହୋଇଥିଲେ ହେଁ ଶୀଘ୍ର ସ୍କ୍ରାଚ୍ ହୋଇଥାଏ। ତେଣୁ ଏହା ବଦଳରେ ରେଜିନ୍ ଲେନ୍ସ କିମ୍ବା ଟ୍ରିପ୍ଲେକ୍ସ ଲେନ୍ସ ବ୍ୟବହାର କରନ୍ତୁ, ଯାହାକି ହାଲୁକା ଲାଗିବା ସହ ପଡ଼ିଗଲେ ସହଜରେ ଭାଙ୍ଗି ନ ଥାଏ।



# ରଜତଙ୍କ ଶତକରେ ମଧ୍ୟପ୍ରଦେଶ ଦୃଢ଼

## ରଣଜୀ ଟ୍ରଫି ଫାଇନାଲ

**ବେଙ୍ଗାଲୁରୁ, ୨୫।୬ (ପି.ଟି.)**

ୟାଶ୍ ଦୁବେ, ଶୁଭମ୍ ଶର୍ମାଙ୍କ ପରେ ରଜତ ପଟିଦାରଙ୍କ ଶତକ ସହାୟତାରେ ମଧ୍ୟପ୍ରଦେଶ ଏଠାରେ ଚାଲିଥିବା ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ନିଜର ସ୍ଥିତିକୁ ଦୃଢ଼ କରିଛି। ବର୍ଷା ବାଧାପ୍ରାପ୍ତ ୪ର୍ଥ ଦିବସରେ ମଧ୍ୟପ୍ରଦେଶର ପ୍ରଥମ ଇନିଂସ ୫୩୬ ରନରେ ଶେଷ ହୋଇଥିଲା। ଫଳରେ ଦଳକୁ ଗେମ୍-ଚେଞ୍ଜିଂ ୧୬୨ ରନର ଅଗ୍ରଣୀ ମିଳି ଯାଇଥିଲା। ଶନିବାର ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ମୁମ୍ବାଇ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଛି। ଦଳ ଏବେ ମଧ୍ୟ ମଧ୍ୟପ୍ରଦେଶ ଇନିଂସଠାରୁ ୪୯ ରନରେ ପଛୁଆ ରହିଛି। ରବିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ମଧ୍ୟପ୍ରଦେଶ ରଣଜୀ ଚାମ୍ପିୟନ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ୪୧ ଥର ରଣଜୀ ଚାମ୍ପିୟନ ମୁମ୍ବାଇ ପ୍ରଥମ ଇନିଂସରେ ୩୭୪ ରନ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ତୃତୀୟ ଦିବସର ଅସମାପ୍ତ ସ୍କୋର ୩୬୮/୩ରୁ ଖେଳ ଆରମ୍ଭ କରିଥିଲା ମଧ୍ୟପ୍ରଦେଶ। ପୂର୍ବ ଦିନରୁ ୬୭ ରନରେ ଅପରାଜିତ ରହିଥିବା ରଜତ ନିଜ ଦକ୍ଷତା ଦେଖାଇ ଏହାକୁ ଶତକରେ ପରିଣତ କରିଥିଲେ। ସେ ୨୧୯ଟି ବଲ୍‌ର ସମ୍ମୁଖୀନ ହୋଇ ୨୦ ଚୌକା ସହାୟତାରେ ୧୨୨ ରନ କରିଥିଲେ। ଶେଷ ଭାଗରେ ସାରାଂଶ ଜୈନ କ୍ୟାରିୟରର ପ୍ରଥମ ପ୍ରଥମଶ୍ରେଣୀ ଅର୍ଦ୍ଧଶତକ ହାସଲ କରି ମୂଲ୍ୟବାନ ୫୭ ରନ କରିଥିଲେ। ମଧ୍ୟପ୍ରଦେଶ ଇନିଂସ ଠିକ୍ ୧୪ ଘଣ୍ଟା ୨ ମିନିଟ ଧରି ତିଷ୍ଠିଥିଲା। ବିଳମ୍ବରେ ସଫଳତା ପାଇଥିବା ମୁମ୍ବାଇ ବାମହାତୀ ସ୍ପିନର ସାମ୍ସ ମୁଲାନୀ ୫ ଉଇକେଟ ନେଇଥିଲେ। ତୁଷାର ଦେଶପାଣ୍ଡେ ୩ଟି ଏବଂ ମୋହିତ ଅବସ୍ଥି ୨ଟି ଉଇକେଟ ପାଇଥିଲେ। ମୁମ୍ବାଇ ଦ୍ୱିତୀୟ ଇନିଂସରେ ଅଧିନାୟକ ପୃଥ୍ୱୀ ଶ' ଏବଂ ବ୍ୟାଟିଂ କ୍ରମରେ ଉପରେ ଆସିଥିବା ହାର୍ଦ୍ଦିକ ତାମୋର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପୃଥ୍ୱୀ ୫୨ ବଲ୍‌ରୁ ୪୪ ଏବଂ ତାମୋର ୩୨ ବଲ୍‌ରୁ ୨୫ ରନ କରି ଆଉଟ ହୋଇଥିଲେ। ଖେଳ ବନ୍ଦ ହେବା ବେଳକୁ ଅର୍ମାନ ଜାଫର ୩୦ ଓ ସୁଭେଦ ପାର୍କର ୯ ରନରେ ଅପରାଜିତ ଥିଲେ। ଅନ୍ତିମ ଦିବସରେ ମୋଟ ୯୫ ଓଭର ଖେଳ ହେବାର ଅଛି। ଶନିବାର ଅସମାପ୍ତ ଇନିଂସରୁ ଖେଳ ଆରମ୍ଭ କରି ମୁମ୍ବାଇ ଯଦି ୩୨୦ରୁ ଊର୍ଦ୍ଧ୍ୱ ସ୍କୋର କରି ୪୫ରୁ ୫୦ ଓଭରରେ ମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ଟାର୍ଗେଟ ଦେବ ଏବଂ ଶୀଘ୍ର ୧୦ ଉଇକେଟ ହାସଲ କରିପାରିବ ତେବେ ଦଳ ସପକ୍ଷରେ କିଛିଟା ସମ୍ଭାବନା ସୃଷ୍ଟି ହୋଇପାରେ। ମାତ୍ର ବେଙ୍ଗାଲୁରୁ ପିଚ୍‌ର ପ୍ରକୃତିରୁ ଏପରି କିଛି ହେବା ସମ୍ଭାବନା କ୍ଷୀଣ ରହିଛି।


ଶତକୀୟ ଇନିଂସ ଅବସରରେ ରଜତ ପଟିଦାର।

**ସଂକ୍ଷିପ୍ତ ସ୍କୋର**

**ମୁମ୍ବାଇ ପ୍ରଥମ ଇନିଂସ:** ୩୭୪। **ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୫୩୬/ଅଲ୍‌ଆଉଟ** (ୟାଶ୍ ଦୁବେ-୧୩୩, ରଜତ ପଟିଦାର-୧୨୨, ଶୁଭମ୍ ଶର୍ମା-୧୧୬, ସାରାଂଶ ଜୈନ-୫୭, ସାମ୍ସ ମୁଲାନୀ-୫/୧୭୩, ତୁଷାର ଦେଶପାଣ୍ଡେ-୩/୧୧୬, ମୋହିତ ଅବସ୍ଥି-୨/୯୩)। **ମୁମ୍ବାଇ ଦ୍ୱିତୀୟ ଇନିଂସ: ୧୧୩/୨** (ପୃଥ୍ୱୀ ଶ'-୪୪, ଅର୍ମାନ ଜାଫର-୩୦*)।


ହାଇଦ୍ରାବାଦରେ ଅନୁଷ୍ଠିତ ୟୋନେକ୍ସ-ସନ୍‌ରାଇଜ୍ ସର୍ବଭାରତୀୟ ସବ୍‌ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ବାଳିକା ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓଡ଼ିଶାର ତନଭି ପତ୍ରୀ। ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ପ୍ରତିଭା ପ୍ରଦର୍ଶନ କରି ତନଭି ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

## ୧୭ ବର୍ଷରୁ କମ୍ ମହିଳା ଫୁଟବଲ

# ଚିଲିଠାରୁ ହାରିଲା ଭାରତ

**ଏକ୍ୱିଲେୟା, ୨୫।୬(ପିଟି)**

୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ ଶନିବାର ୧-୩ ଗୋଲରେ ଚିଲିଠାରୁ ପରାସ୍ତ ହୋଇଛି। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଲାଗି ଏହା ଦ୍ୱିତୀୟ ମ୍ୟାଚ୍‌ରେ ୨ୟ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳକୁ ଇଟାଲିଠାରୁ ୦-୭ ଗୋଲରେ ବୃହତ ପରାଜୟ ମିଳିଥିଲା। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଉଭୟ ଦଳ ଖୁବ୍ ଧୀମା ଆରମ୍ଭ କରିଥିଲେ। ଆରମ୍ଭରୁ ଭାରତୀୟ ଦଳକୁ ସୁଯୋଗ ମିଳିଥିଲା। ହେଲେ ଡିଫେଣ୍ଡର ନାକେତା ଫ୍ରି-କିକ୍‌କୁ ଗୋଲରେ ପରିଣତ କରିପାରି ନ ଥିଲେ। ୧୧ତମ ମିନିଟ୍‌ରେ ଚିଲି ପାଇଁ ଖାତା ଖୋଲିଥିଲେ କାଟେରିନ ରାମୋସ। ଏହାର ୮ ମିନିଟ୍ ପରେ ମାଇଟେଙ୍କ ହେଡର ଚିଲିକୁ ଆଣି ଦେଇଥିଲା ୨-୦ର ଅଗ୍ରଣୀ। ଦ୍ୱିତୀୟାର୍ଦ୍ଧରେ ନେହାଙ୍କଠାରୁ ପାସ ପାଇବା ପରେ କାଜଲ ଏକମାତ୍ର ଗୋଲ ସ୍କୋର କରିଥିଲେ। କିନ୍ତୁ ୬୭ତମ ମିନିଟ୍‌ରେ ଅମ୍ବର ରୋଲିନୋଙ୍କ ଗୋଲ ଯୋଗୁ ଚିଲି ମ୍ୟାଚ୍‌କୁ ୩-୧ ଗୋଲରେ ଜିତି ନେଇଥିଲା।

# ସାଇ ସ୍ୱସ୍ତିକଙ୍କୁ ଡବଲ ଟାଇଟଲ

## ସର୍ବଭାରତୀୟ ଟେନିସରେ ସଫଳତା

**ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)**



ଓଡ଼ିଶାର ଟେନିସ ପ୍ରତିଭା ସାଇ ସ୍ୱସ୍ତିକ ମହାନ୍ତି ନିକଟରେ ଅନୁଷ୍ଠିତ ୨ଟି ସର୍ବଭାରତୀୟ ଟେନିସ ପ୍ରତିଯୋଗିତାରେ ଟାଇଟଲ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ୧୨ ବର୍ଷରୁ କମ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସାଇ ସ୍ୱସ୍ତିକ ଚଳିତମାସ ୬ରୁ ୧୦ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଗାଜିଆବାଦରେ ଅନୁଷ୍ଠିତ ଟୁର୍ନାମେଣ୍ଟର ସିଙ୍ଗଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷଙ୍କୁ ୬-୨, ୬-୩ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଉତ୍ତର ପ୍ରଦେଶ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା ଓ ପଶ୍ଚିମବଙ୍ଗ ଆଦି ୭ ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିପରି ୧୦ରୁ ୧୭ ପର୍ଯ୍ୟନ୍ତ ଦିଲ୍ଲୀରେ ଆୟୋଜିତ ଏଆଇଟିଏ ଜାତୀୟ ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ସିଙ୍ଗଲ୍ସରେ ମଧ୍ୟ ସେ ଟାଇଟଲ ହାସଲ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସାଇ ସ୍ୱସ୍ତିକ ତାମିଲନାଡୁର ପି. ଶ୍ରୀରାମଙ୍କୁ ୪-୬, ୬-୩, ୭-୬ (୭-୪) ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ଆତ୍ମବିଶ୍ୱାସର ସହ ଖେଳି ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଅନ୍ତିମ ସେଟ୍ ଟାଇବ୍ରେକରରେ ମୀମାଂସା ହୋଇଥିଲା। ଏଥିରେ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ଦେଇ ସେ ସଫଳ ହୋଇଥିଲେ। ସାଇ ସ୍ୱସ୍ତିକ ହେଉଛନ୍ତି କଟକ ସିଡିଏ ଅଞ୍ଚଳର ଊର୍ମିଳା ମହାନ୍ତି ଓ କ୍ଷୀତିଶ୍ ମହାନ୍ତିଙ୍କ ପୁତ୍ର। ସେ କଟକ ସିଡିଟିଏ ଏକାଡେମୀର ପ୍ରତିଷ୍ଠିତ କୋଚ୍ ଲଳିତ ଦାଶଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

# କେର୍ଲି, ଜେଫରସନ ଜିତିଲେ ୟୁଏସ୍ ଆଉଟ୍‌ଡୋର ଚାମ୍ପିୟନଶିପ୍

**ଇୟୁଜେନେ, ୨୫।୬(ଏପି)**

ଅଲିମ୍ପିକ୍ ରୌପ୍ୟ ପଦକଧାରୀ ଫ୍ରେଡ କେର୍ଲି ୟୁଏସ୍ ଆଉଟ୍‌ଡୋର ଟ୍ରାକ୍ ଓ ଫିଲ୍ଡ ଚାମ୍ପିୟନଶିପ୍‌ର ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କେର୍ଲି ୯.୭୭ ସେକେଣ୍ଡ୍‌ରେ ଦୌଡ଼ ଶେଷ କରିଥିଲେ। ତାଙ୍କ ପଛକୁ ମାର୍ଭିନ ବ୍ରାସି, ଓ୍ୱିଲ ଲାମ୍ବ ଏବଂ ଟ୍ରାୟଭନ ବ୍ରୋମେଲ ରହିଥିଲେ। ଏମାନେ ସମସ୍ତେ ଆସନ୍ତା ମାସରେ ହେବାକୁ ଥିବା ବିଶ୍ୱ ଆଉଟ୍‌ଡୋର ଚାମ୍ପିୟନଶିପ୍ ପାଇଁ ୟୁଏସ୍ ଦଳରେ ସ୍ଥାନ ପକ୍କା କରିଛନ୍ତି। କଷ୍ଟୋଲ କାରୋଲିନାର ମେଲିସା ଜେଫରସନ ମହିଳା ୧୦୦ ମିଟର ଦୌଡ଼ରେ ଆଲେୟା ହବସଙ୍କୁ ପଛରେ ପକାଇ ଟାଇଟଲ ହାସଲ କରିଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱକୁ ଓଲଟିଲା ସ୍କୁଲ ବସ୍



ଚୌଦ୍ୱାର,୨୫।୬(ଡି.ଏନ୍.ଏ.): ଚୌଦ୍ୱାରରୁ ମଣ୍ଡାପଡା ଯାଉଥିବା ବିରୁପା ନଦୀକୂଳ ରାସ୍ତାର ପୋଟଲେଇ ମନ୍ଦିର ନିକଟରେ ଶନିବାର ଏକ ଘରୋଇ ସ୍କୁଲ ବସ୍ ଓଲଟି ପଡିଛି। ଏଥିରେ ଥିବା ଚାଳକ ଓ ୬ ଜଣ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ଚୌଦ୍ୱାରସ୍ଥିତ ଇଡ୍‌କୋ ଶିଳ୍ପାଞ୍ଚଳ ନିକଟରେ ଥିବା ଉକ୍ତ ଘରୋଇ ସ୍କୁଲ ବସ୍ (ଓଡି୦୫ବିଇ-୭୫୯୧) ସକାଳେ ଜଗତ୍‌ପୁର ଓ ଚୌଦ୍ୱାରରୁ ୬ ଛାତ୍ରୀଛାତ୍ରଙ୍କୁ ଆଣିବା ପରେ ମଣ୍ଡାପଡ଼ା ଓ ହରିନାଥପୁରକୁ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଆଣିବାକୁ ଯାଉଥିଲା। ଏହି ସମୟରେ ବିପରୀତ ପଟୁ ଆସୁଥିବା ଦୁଇଜଣ ସାଇକେଲ ଆରୋହୀଙ୍କୁ ବଞ୍ଚାଇବା ପାଇଁ ଚାଳକ ରାସ୍ତା କଡ଼କୁ କାଟି ଦେଇଥିଲେ। ଫଳରେ ଭାରସାମ୍ୟ ହରାଇ ବସ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଖବରପାଇ ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ବସରୁ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଘରକୁ ପଠାଇଥିଲେ। ପ୍ରକାଶ ଯେ, ମହାନଦୀ ଜଳସେଚନ ନର୍ଥ ଡିଭିଜନ ଅଧୀନରେ ଏହି ଅଣଓସାରିଆ ନଦୀକୂଳ ରାସ୍ତା ରହିଛି। ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡିଛି। ରାସ୍ତା ମରାମତି ସହ ଏହାକୁ ୨ ଥାକିଆ କରିବା ପାଇଁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଚୌଦ୍ୱାର ପୌରପାଳିକା ପକ୍ଷରୁ ଜଳସେଚନ ବିଭାଗକୁ ଅବଗତ କରାଯାଇଛି। ପଦକ୍ଷେପ ନିଆ ନ ଯିବାରୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଜଟଣୀ,୨୫।୬(ଡି.ଏନ୍.ଏ.): ଜଟଣୀ ନିକଟ ପୁରୀ ଜିଲା ହରିରାଜପୁର ଗ୍ରାମର ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପୋଖରୀରେ ବୁଡ଼ି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା ଅଧୀନ ବାଛରା ଗ୍ରାମର କୁନା ପରିଡ଼ା। ସୂଚନା ମୁତାବକ, ଅପରାହ୍ନ ୪ଟାରେ କୁନା ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ସେଠାରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ୨୯ରେ ଏସ୍ଆଇଟି ବୈଠକ

କଟକ ଅଫିସ, ୨୫।୬: କରୋନା ମହାମାରୀ ଯୋଗୁ ଦୁଇବର୍ଷ ହେବ ବନ୍ଦ ରହିଥିବା ଏସ୍ଆଇଟି ବୈଠକ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏହି ବୈଠକ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧକ୍ଷତାରେ କଟକସ୍ଥିତ ତାଙ୍କ ବାସଭବନରେ ହେବ। ଏଥିରେ କଳାଧନ ଉପରେ ଅଙ୍କୁଶ ଲଗାଯିବା ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏଥିରେ ପୋଲିସ ଡିଜି, କ୍ରାଇମବ୍ରାଞ୍ଚ ଡିଜି, ସିବିଆଇ, ଇନ୍‌କମ୍ ଟ୍ୟାକ୍ସ, ଇଡି ଅଧିକାରୀ, ନାର୍କୋଟିକ୍ସ ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଟଙ୍କା ଫେରିପାଇବା ଆଶଙ୍କାରେ ଜମାକାରୀ

**ରାଉତପଡ଼ା ସମବାୟ ବ୍ୟାଙ୍କରୁ ୧.୫୦ କୋଟି ଆତ୍ମସାତ୍ ଘଟଣା**

- ଇଓଡବ୍ଲ୍ୟୁକୁ ସୁପାରିସ୍ ସତ୍ତ୍ୱେ ପଦକ୍ଷେପ ନିଆଗଲାନି
- ଦୋଷୀଙ୍କୁ ଦଣ୍ଡ ଦାବି କଲେ ଜମାକାରୀ

ଖୋର୍ଦ୍ଧା ଅଫିସ,୨୫।୬

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରୁ ଜମାକାରୀଙ୍କ ୧.୫୦ କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ଘଟଣାର ତଦନ୍ତ ଲାଗି ମେ' ୪ରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଶାଖା ଇଓଡବ୍ଲ୍ୟୁକୁ ସୁପାରିସ କରିଥିଲେ। ମାତ୍ର ଜମାକାରୀ ଟଙ୍କା ଫେରିପାଇବା ନେଇ କୌଣସି ମତ ଦେଇ ନ ଥିଲେ। ନିକଟରେ ଜିଲାପାଳ ମହାପାତ୍ରଙ୍କ ବଦଳି ହୋଇଯାଇଛି। ତେବେ ଘଟଣାର ତଦନ୍ତ ଲାଗି ଇଓଡବ୍ଲ୍ୟୁ ସୁପାରିସ୍‌କୁ ଦେଢ଼ମାସ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ ହୋଇନାହିଁ। ଅନ୍ୟପକ୍ଷରେ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ଜମାକାରୀ ଟଙ୍କା ଫେରି ପାଇବା ନେଇ ଆଶଙ୍କାରେ ରହିଛନ୍ତି।

ପ୍ରକାଶ ଯେ, ରାଉତପଡ଼ା ଶାଖାରେ ପୂର୍ବତନ ହିସାବ ରକ୍ଷକ ଦୁଇବର୍ଷ ପୂର୍ବେ ଏହି ବ୍ୟାଙ୍କରୁ ଅବସର ଗ୍ରହଣ କରିଥିଲେ ମଧ୍ୟ କାର୍ଯ୍ୟ କରୁଥିଲେ। ଫଳରେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିଲେ। ରାଉତପଡାର ଅଧିକାଂଶ ପରିବାର ହସ୍ତତନ୍ତ କାରିଗର ହୋଇଥିବାରୁ ଅନଭିଜ୍ଞତା ଯୋଗୁ ବ୍ୟାଙ୍କ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ସେ ସହଯୋଗ କରୁଥିଲେ। ଗ୍ରାମବାସୀଙ୍କ ସରଳତାର ସୁଯୋଗ ନେଇ ସମ୍ପୃକ୍ତ ହିସାବ ରକ୍ଷକ ଜମାକାରୀଙ୍କ ସ୍ଥାୟୀ ଜମା ଓ ସଞ୍ଚୟ ଜମା ପ୍ରମାଣପତ୍ର ଆଦି ନବୀକରଣ ଆଳରେ ବ୍ୟାଙ୍କର ଜାଲ୍ ପ୍ରମାଣପତ୍ର ଓ ସ୍ୱାକ୍ଷର କରି ଟଙ୍କା ଆତ୍ମସାତ୍ କରିଛନ୍ତି। କେତେଜଣ ଗ୍ରାମବାସୀ ଜମା ପୁଞ୍ଜିର ବିବରଣୀ ଜାଣିବାକୁ ଶାଖା କାର୍ଯ୍ୟାଳୟକୁ ଯାଇଥିବା ବେଳେ କୌଣସି ବିବରଣୀ ପାଇ ନ ଥିଲେ। ଏ ନେଇ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ସତ୍ତ୍ୱେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଜମାକାରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା, ଅବହେଳା ଯୋଗୁ ଜମାକାରୀ କୋଟି କୋଟି ଟଙ୍କା ହରାଇବାକୁ ବସିଛନ୍ତି। ଏହି ଆର୍ଥିକ କାରବାର ପଛରେ ସମ୍ପୃକ୍ତ କର୍ମଚାରୀଙ୍କ ସମେତ କେତେଜଣ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଏହାପରେ ଏକାଧିକ ଜମାକାରୀ ଘଟଣାର ନିରପେକ୍ଷ ତଦନ୍ତ, ଟଙ୍କା ଫେରସ୍ତ ସହ ଉଚ୍ଚସ୍ତରୀୟ ତଦନ୍ତ ଲାଗି ଜିଲାପାଳଙ୍କ ନିକଟରେ ଦାବି କରିଥିଲେ।

ରାଉତପଡ଼ା ହେଉଛି ବୁଣାକାରଙ୍କ ଗ୍ରାମ। ଲୁଗା ବୁଣିଲେ ଗ୍ରାମବାସୀଙ୍କ ପରିବାର ଚଳେ। ଉପାର୍ଜିତ ଧନ ସ୍ଥାନୀୟ ବ୍ୟାଙ୍କରେ ରଖିଥିଲେ। ତେବେ ଜମାକାରୀଙ୍କ ଆଖିରେ ଧୂଳିଦେଇ ସେମାନଙ୍କ ଲକ୍ଷାଧିକ ଟଙ୍କାକୁ କର୍ମଚାରୀ ଆତ୍ମସାତ୍ କରିଦେଲେ। ଘଟଣାକୁ ଚାପିଦେବା ଲାଗି ଷଡ଼ଯନ୍ତ୍ର ଚାଲିଛି ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଅଭିଯୋଗ ପରେ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ ସାମଲ ବ୍ୟାଙ୍କ ପରିଦର୍ଶନ କରି ଘଟଣାର ଅନୁଧ୍ୟାନ କରିଛନ୍ତି। ସିଇଓଙ୍କ ପ୍ରାଥମିକ ରିପୋର୍ଟକୁ ଆଧାରକରି ଜିଲାପାଳ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜମାକାରୀ କିପରି ଟଙ୍କା ଫେରିପାଇବେ, ତାହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି।




ରାସ୍ତାରେ ବର୍ଜ୍ୟବସ୍ତୁ ପକାଇବା ବାରଣ ସତ୍ତ୍ୱେ ଖୋର୍ଦ୍ଧା କୋଅପରେଟିଭ ବ୍ୟାଙ୍କ ଛକରେ ଗଦା ହୋଇଥିବା ଅଳିଆ ଆବର୍ଜନା।

## ଦୋକାନ ତାଲା ଭାଙ୍ଗି ଚୋରି

ନିରାକାରପୁର,୨୫।୬(ଡି.ଏନ୍.ଏ.)

ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତ କୁଣିଆ ସାମନ୍ତରାୟପୁର ଗ୍ରାମରେ ଥିବା ଏକ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରିକରି ନେଇଛନ୍ତି। ଏ ନେଇ ଶନିବାର ଦୋକାନ ମାଲିକ ବ୍ରଜକିଶୋରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ବ୍ରଜକିଶୋର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଏହାର ସୁଯୋଗରେ କେହି ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ସମସ୍ତ ସାମଗ୍ରୀ ଚୋରିକରି ନେଇଯାଇଛନ୍ତି। ଶନିବାର ସକାଳେ ଦୋକାନରୁ ଚୋରି ହୋଇଥିବା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ସୁଷମା ଲେଙ୍କାଙ୍କୁ ଶ୍ରେଷ୍ଠ ଓଡ଼ିଆଣୀ ସମ୍ମାନ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ପ୍ରଶାନ୍ତି ଚ୍ୟାରିଟେବଲ୍ ଟ୍ରଷ୍ଟ ଓ ଅସ୍ତିତ୍ୱ ଅନୁଷ୍ଠାନ ପକ୍ଷରୁ 'ଶ୍ରେଷ୍ଠ ଓଡ଼ିଆଣୀ–୨୦୨୨'ର ପୁରସ୍କାର ବିତରଣ ଉତ୍ସବ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଓଡିଶା ମାଟିର କଳା, ସଂସ୍କୃତି ଓ ଐତିହ୍ୟ ମହାନ୍। ଏହି ମାଟିରେ ଜନ୍ମ ନେଇଥିବା ବ୍ୟକ୍ତି ଗର୍ବ ଅନୁଭବ କରିବା ଉଚିତ୍। ଆମେ ଆମ ସଂସ୍କୃତିକୁ ନ ଭୁଲି ଏହାକୁ ଉଜ୍ଜୀବିତ ରଖିବା ଓ ପରପିଢିଙ୍କ ନିକଟରେ ଏହାକୁ ପହଞ୍ଚାଇବା ପିତାମାତାଙ୍କ ଦାୟିତ୍ୱ। ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଚଳଣି ଉପରେ ପର୍ଯ୍ୟବସିତ ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଥିବାବେଳେ ୮୭ଜଣ ଓଡିଆଣୀ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରେଷ୍ଠ ଓଡ଼ିଆଣୀ ଭାବେ ବିବେଚିତ ହୋଇଥିବା ସୁଷମା ଲେଙ୍କାଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ଏମ୍‌ପି ସୁଲତା ଦେଓ, କଳିଙ୍ଗ ପୁସ୍ତକ ମେଳା କମିଟିର ସମ୍ପାଦିକା ରେଣୁକା ମିଶ୍ର, ଡ. ସୃଷ୍ଟି ମହାପାତ୍ର, ସାମାଜିକ କର୍ମୀ ସୁଚରିତା ପୃଷ୍ଟି, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନମିତା ଦାସ ପ୍ରମୁଖ ଯୋଗଦେଇଥିଲେ।

## 'ସମୟର ପ୍ରକୃଷ୍ଟ ଉପଯୋଗ ହିଁ ଉନ୍ନତି ଆଣିଥାଏ'




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର।

ବୋଲଗଡ଼,୨୫।୬(ଡି.ଏନ୍.ଏ.)

ସମୟ ସ୍ରୋତକୁ କର୍ମର ବନ୍ଧରେ ବାନ୍ଧିପାରିବା ବ୍ୟକ୍ତି କର୍ମବୀର ହୁଏ। ପ୍ରତି କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପାଦନ କଲେ ବ୍ୟକ୍ତି ଉନ୍ନତିର ଶୀର୍ଷରେ ଉପନୀତ ହୋଇଥାଏ। ଶନିବାର ବୋଲଗଡ଼ ବ୍ଲକ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସମୟର ସଦୁପଯୋଗ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ରଙ୍କ ସଂଯୋଜନାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ପରିଡ଼ା ଓ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାରଙ୍କ ତତ୍ତ୍ୱାବଧାନରେ 'ସମୟର ସଦୁପଯୋଗ' ପ୍ରସଙ୍ଗ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଶିକ୍ଷକ ବିଚିତ୍ର କୁମାର ଘଡ଼େଇ, ପ୍ରମୋଦ କୁମାର ସାହୁ, ଶିକ୍ଷୟିତ୍ରୀ ଶ୍ରୋତାଲିନୀ ସାହୁ ଯୋଗଦେଇଥିଲେ। ଗଙ୍ଗାଧର ଭୋଇ ପ୍ରଥମ, ଶୁଭଶ୍ରୀ ପଣ୍ଡା ଦ୍ୱିତୀୟ, ପୂର୍ଣ୍ଣିମା ଦାସ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମନୋରଞ୍ଜନ ସାହୁ ଓ ରାକେଶ କୁମାର ସାହୁ ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିଲେ। ସଭାପତି ସ୍ୱାଇଁ, ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ସ୍ୱର୍ଣ୍ଣଲତା ପ୍ରଧାନ ପ୍ରମୁଖ ସମୟର ସଦୁପଯୋଗ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନରେ ଚିତ୍ତରଞ୍ଜନ ବାରିକ, ସ୍ନେହଲତା ପାଇକରାୟ, ସମ୍ବିତ୍ କେଦାର କର ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ଶିବାନୀ ଜେନା ଧନ୍ୟବାଦ ଦେଇଥିଲେ।

## 'ନାରୀ ଶିକ୍ଷିତ ହେଲେ ଭବିଷ୍ୟତ ପିଢ଼ିର ବିକାଶ ହୁଏ'

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରୀ ସଂଘ ସାଧାରଣ ପରିଷଦ ବୈଠକ**




ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ଅତିଥିମାନେ।

ଭୁବନେଶ୍ୱର, ୨୫।୬(ବ୍ୟୁରୋ)

ଜନ୍ମମାଟି ଓ ଶିକ୍ଷାନୁଷ୍ଠାନ ବ୍ୟକ୍ତି ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ନାରୀ ଶିକ୍ଷା ଦ୍ୱାରା ଭବିଷ୍ୟତ ପିଢ଼ିର ବିକାଶ ହୁଏ। ତେଣୁ ରାଜ୍ୟ ସରକାର ନାରୀ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି ଓ ଏଥିପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସୃଷ୍ଟି ହୋଇଛି। ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀ ସଂଘର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହା କହିଛନ୍ତି। ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ କହିଲେ, ମା' ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରୀମାନେ, ବିଶେଷ କରି ପୁରାତନ ଛାତ୍ରୀମାନେ ଏହି ଶିକ୍ଷାନୁଷ୍ଠାନକୁ ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବେ ନିର୍ମାଣ କରିପାରିବେ। ଆମ ରାଜ୍ୟର ଛାତ୍ରୀଛାତ୍ରମାନେ କେବଳ ଦେଶରେ ନୁହେଁ, ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହେବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଜୀବନରେ ସଫଳ ହେବା ସହ ଭଲ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ପୁରାତନ ଛାତ୍ରୀମାନେ ଅନେକ ସଫଳତା ପାଇଲେଣି ଓ ଏହି ଅନୁଷ୍ଠାନର ଛାତ୍ରୀ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଛନ୍ତି। ଏହା ଗର୍ବ ଓ ଗୌରବର ବିଷୟ ବୋଲି ମେୟର କହିଥିଲେ।

କୁଳପତି ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରି କହିଲେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଆହୁରି ଆଗକୁ ନେବାରେ ପୁରାତନ ଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୁଳସଚିବ ଶ୍ୟାମଳୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପୁରାତନ ଛାତ୍ରୀ ସଂଘ ଉପସଭାପତି ସୁଦୀପା ରାୟ, ପ୍ରଫେସର ମଧୁସ୍ମିତା ପତି ପ୍ରମୁଖ ବିଶ୍ୱବିଦ୍ୟାଳୟ, ପାଠପଢ଼ା ବିଷୟରେ କହିବା ସହ ଛାତ୍ରୀମାନଙ୍କୁ କେତେକ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀ ତଥା ପ୍ରସିଦ୍ଧ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦ, ଭାଲିନା ଭାଲେଣ୍ଟିନାଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରୀ ସଂଘ ସଭାପତି ଈପ୍‌ସିତା ସାହୁ ଓ ଅନ୍ୟମାନେ ସଭା ପରିଚାଳନା କରିଥିଲେ। ସଂଘ ପକ୍ଷରୁ 'ମୋ କଲେଜ' ଅଭିଯାନକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଡ. ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ।

## ସୁସ୍ଥ ହେଲେ ଶ୍ରୀଅନନ୍ତ ପୁରୁଷୋତ୍ତମ

ଖୋର୍ଦ୍ଧା ଅଫିସ,୨୫।୬

ସୁସ୍ଥ ହୋଇଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଦେବ। ଖଲିଲାଗି ଏକାଦଶୀ ଅବସରରେ ଶ୍ରୀବିଗ୍ରହଙ୍କ ଖଲିଲାଗି ନୀତି ସମ୍ପନ୍ନ ହୋଇଛି। ପାରମ୍ପରିକ ରୀତିରେ ପ୍ରସ୍ତୁତ ଦଶମୂଳ ପାଚନ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ଶନିବାର ଶ୍ରୀବିଗ୍ରହଙ୍କ ସୁସ୍ଥତା ନେଇ ମନ୍ଦିର ସେବାୟତ(ମହନ୍ତ, ବାବାଜୀ) ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଛନ୍ତି। ଦଶମୂଳ ଅର୍ପଣ ପରେ ମହାପ୍ରଭୁ ସୁସ୍ଥ ହୋଇଥିବା ନେଇ ମନ୍ଦିର ମୁଖ୍ୟ ପୂଜକ କମଳ ଲୋଚନ ମହାରାଜ ଜଣାଇଛନ୍ତି। ଆସନ୍ତା ୨୯ ତାରିଖ ଅମାବାସ୍ୟା ଦିନ ଭକ୍ତଙ୍କୁ ମହାପ୍ରଭୁ ନବଯୌବନ ବେଶରେ ଦର୍ଶନ ଦେବେ। ଜୁଲାଇ ୧ରେ ଚତୁର୍ଦ୍ଧା ବିଗ୍ରହ ରଥାରୂଢ଼ ହୋଇ ଗୁଣ୍ଡିଚା ଯାତ୍ରା କରିବେ।

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ବଳଭଦ୍ର ଓ ଦେବୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ଗୃହରେ ଶ୍ରୀଜୀଉଙ୍କ ଗୁପ୍ତନୀତି ଆରମ୍ଭ ହୋଇଥିଲା। ତୃତୀୟ ଦିନରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ପଞ୍ଚମ ଦିନରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗି ପରେ ଦଶମୀରେ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ଶୁକ୍ରବାର ମନ୍ଦିରରେ କାର୍ଯ୍ୟରତ ପୂଜକମାନେ ଖଲିଲାଗି କରିଥିଲେ। ଏହାପରେ ଚକଟା ଓ ପଣାଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟାଧୂପ ନୀତି ପରେ ଶ୍ରୀବିଗ୍ରହଙ୍କୁ ସର୍ବାଙ୍ଗ ନୀତି ହୋଇଥିଲା। ଚତୁର୍ଦ୍ଧା ବିଗ୍ରହଙ୍କୁ ବେଶଲାଗି, ରଙ୍ଗିନ ପୁଷ୍ପ ଓ ତୁଳସୀ ଲାଗି ହୋଇଥିଲା। ଦଶମୂଳ ସଂସ୍କାର ପରେ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା। ଏହା ପରେ ମନ୍ଦିର ପରିସରରେ ବିଜେ କାହାଳି, ଘଣ୍ଟ ବାଦ୍ୟ ବାଜିଥିଲା। କମଳ ଲୋଚନ ମହାରାଜ କୁହନ୍ତି, ଏଠାରେ ପଟିଦିଅଁ ପୂଜା ପରମ୍ପରା ନାହିଁ। ବିଧି ରକ୍ଷା ଲାଗି ଅଣସର ଆଗରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶାଳଗ୍ରାମ ବିଜେ କରନ୍ତି। ଅଣସର ୧୪ ଦିନ ରୀତିନୀତି ପ୍ରକାରେ ମଦନମୋହନଙ୍କ ନିକଟରେ ସମସ୍ତ ନୀତି ସମ୍ପନ୍ନ କରାଯାଏ। ଦ୍ୱାରଫିଟାଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି କରାଯାଏ। ଏହି ମନ୍ଦିରରେ ସ୍ୱତନ୍ତ୍ର ଭାବେ କୌଣସି ସେବାୟତ କିମ୍ବା ପୂଜକ ନାହାନ୍ତି। ଏଠାରେ ରହୁଥିବା ବାବାଜୀମାନେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରିଥାନ୍ତି। ଠାକୁରଙ୍କ ସେବାରେ ମୁଖ୍ୟ ପୂଜକ କମଳ ଲୋଚନ ମହାରାଜ, କୃଷ୍ଣଚନ୍ଦ୍ର ଦାସ, ଅଯୋଧ୍ୟା ଦାସ, ଧନେଶ୍ୱର ପଣ୍ଡା ପ୍ରମୁଖ ଏହି ନୀତି ସମ୍ପନ୍ନ କରୁଛନ୍ତି।

## ଆମ୍ବତୋଟାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବେଗୁନିଆ,୨୫।୬(ଡି.ଏନ୍.ଏ.)

ବେଗୁନିଆ ଥାନା ତଥା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼ନୟାପଲ୍ଲୀ ଗ୍ରାମ ନିକଟ ଏକ ଆମ୍ବତୋଟାରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସ୍ଥାନୀୟ ଲୋକେ ଜବତ କରିଛନ୍ତି। ମୃତକ ହେଲେ ଏହି ଗ୍ରାମର ବିନୋଦ ବରାଳ(୩୦)। ସୂଚନା ମୁତାବକ, ବିନୋଦ ଶନିବାର ପୂର୍ବାହ୍ନରେ ଘରୁ ବାହାରି କେଉଁଆଡ଼େ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବିନୋଦ ଏକ ବରଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କହିଥିଲେ। ଖବର ପାଇ ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ରବିବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

## ବିଧାୟକଙ୍କ ଅଭିଯୋଗ ସତ୍ତ୍ୱେ ତଦନ୍ତ ହେଉନି

ଖୋର୍ଦ୍ଧା ଅଫିସ,୨୫।୬

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଙ୍କ ବିରୋଧରେ ଲକ୍ଷାଧିକ ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗ ଆଣିଥିଲେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର। ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ସେ ରାଜ୍ୟ ସମବାୟ ବିଭାଗ ଶାସନ ସଚିବ ଏବଂ ତତ୍କାଳୀନ ଜିଲାପାଳଙ୍କ ନିକଟକୁ ଚିଠି ଲେଖିଥିଲେ। ତେବେ ଅଭିଯୋଗକୁ ଏକ ମାସ ବିତିଯାଇଥିଲେ ମଧ୍ୟ କୌଣସି ତଦନ୍ତ କରାଗଲାନାହିଁ, ଯାହାକୁ ନେଇ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ, ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାୟକ ଆଣିଥିବା ଅଭିଯୋଗ ତଷ୍ଟବିନ୍‌କୁ ଚାଲିଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ସିଇଓ ଅନନ୍ତ ସାମଲ କୁହନ୍ତି, ବିଧାୟକଙ୍କ ଅଭିଯୋଗ ଭିତ୍ତିହୀନ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଅଭିଯୋଗ ମୁତାବକ, କେସିସିବି ହେଉଛି ରାଜ୍ୟର ଦ୍ୱିତୀୟ ବୃହତ୍ ବ୍ୟାଙ୍କ। ଏହି ବ୍ୟାଙ୍କରେ ସିଇଓ ଭାବେ ସାମଲ ଅବସ୍ଥାପିତ ଅଛନ୍ତି। ବ୍ୟାଙ୍କିଙ୍ଗ୍ ଆସିଷ୍ଟାଣ୍ଟ ପଦବୀରେ ୨୬ ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ବ୍ୟାପକ ଆର୍ଥିକ କାରବାର ହୋଇଥିବା ନେଇ ଅଭିଯୋଗ ଆଣିଥିଲେ ବିଧାୟକ। ଯୋଗ୍ୟତା ଭିତ୍ତିରେ ଏହି ନିଯୁକ୍ତି ଦିଆ ନ ଯାଇ ଇଣ୍ଟରଭ୍ୟୁ ସମୟରେ ଲକ୍ଷାଧିକ ଟଙ୍କା କାରବାର କରାଯାଇଥିବା ନେଇ ସିଇଓଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ବିଧାୟକ।

## ସୁନାଚେନ୍, ବାଇକ୍ ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଲା

**୩ ଗିରଫ: ୯ ସୁନାଚେନ, ୭ ବାଇକ୍ ଜବତ**

ଖୋର୍ଦ୍ଧା ଅଫିସ,୨୫।୬

ଖୋର୍ଦ୍ଧା ସମେତ ରାଜଧାନୀ ଅଞ୍ଚଳରେ ସକ୍ରିୟ ଥିବା ଏକ ସୁନାଚେନ ଓ ବାଇକ୍ ଲୁଟେରା ଗ୍ୟାଙ୍ଗ୍‌କୁ ଧରିଛି ଖୋର୍ଦ୍ଧା ଟାଉନ ପୋଲିସ। ଶନିବାର ଜଣେ ମହିଳାଙ୍କଠାରୁ ସୁନାଚେନ ଲୁଟ୍ ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀର କାଳିପ୍ରସାଦ ରାଉଳ(୨୬), ସଦର ଥାନା ବାଜପୁର ନନ୍ଦପୁରର ସୁନୀଲ ମାନସିଂ(୨୮) ଓରଫ ଢେଗ ଏବଂ ପୁରୀ ଜିଲା ଗଡ଼ିଶାଗୋଦା ଥାନା ରାଇଘରପୁରର ବିଭୂତି ଭୂଷଣ ସାହୁ(୩୨)। ଏମାନଙ୍କଠାରୁ ଚୋରି ହୋଇଥିବା ୯ଟି ସୁନାଚେନ୍ ଏବଂ ୭ଟି ବାଇକ୍ ଜବତ ହୋଇଛି। ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅଞ୍ଚଳରେ ଏକାଧିକ ଲୁଟ୍ ଘଟଣାରେ ଏମାନଙ୍କ ସମ୍ପୃକ୍ତି ରହିଥିବା ଟାଉନ ଥାନାଧିକାରୀ ଡିଏସ୍‌ପି ସଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ ୧୪ତାରିଖ ଅପରାହ୍ନ ୫ଟାରେ ପ୍ରୀତି ମିଶ୍ର ନାମ୍ନୀ ଜଣେ ଯୁବତୀ ତାଙ୍କ ବନ୍ଧୁ ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କ ସହ ସ୍କୁଟିରେ ନୂଆ ବସ୍‌ଷ୍ଟାଣ୍ଡଠାରୁ ବ୍ୟାଙ୍କ ଛକ ଅଭିମୁଖେ ଯାଉଥିଲେ। ଟିଏଲ୍‌ସି ରୋଡ୍‌ରେ ସମ୍ପୃକ୍ତ ଅଭିଯୁକ୍ତମାନେ ବାଇକ୍‌ରେ ଆସି ସ୍କୁଟି ପଛରେ ବସିଥିବା ଲକ୍ଷ୍ମୀପ୍ରିୟାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୯୫/୨୨)ରୁଜୁ କରିଥିଲା। ସହରରୁ ବାରମ୍ବାର ସୁନାଚେନ୍ ଲୁଟ୍ ନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ଏବଂ ଡିଏସ୍‌ପି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସ୍ପେଶାଲ ସ୍କ୍ୱାଡ୍ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ସମୟରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୂର୍ବରୁ ଖୋର୍ଦ୍ଧା ଟିଏଲ୍‌ସି ରୋଡ୍, ନୂଆ ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ ଛକ ସମେତ ପିତାପଲ୍ଲୀ, ଝାଁଳା, ଭରତପୁର, ଭୁବନେଶ୍ୱର ଅଞ୍ଚଳରୁ ସୁନା ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ବିଭିନ୍ନ ଘରୋଇ ଫାଇନାନ୍ସ ସଂସ୍ଥାରେ ବନ୍ଧକ ରଖିଥିବା ଚୋରି ସୁନା ଜବତ ହୋଇଛି। ଏଥିସହିତ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୭ଟି ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଛି।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ବାଇକ୍।

## ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଗ୍ରୀଷ୍ମ ଅବକାଶ ଶିବିର

କୋଣାର୍କ,(ଡି.ଏନ୍.ଏ.): କୋଣାର୍କ ନିକଟସ୍ଥ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପରିସରରେ ଶନିବାର ପୁରୀ ଜିଲା ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଏକ ଗ୍ରୀଷ୍ମ ଅବିକାଶ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ସଂସ୍କୃତି ଓ ଆଧାତ୍ମିକ ଶୀର୍ଷକ ଆଲୋଚନାଚକ୍ରକୁ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧକ୍ଷା ଶେଫାଳୀ ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସତ୍ୟସାଇ ସେବା ସଂଗଠନର ପୁରୀ ଜିଲା ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ର ଭଗବାନଙ୍କ ଆଦର୍ଶ, ନୀତି ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯୁବ ସଂଯୋଜକ ସତ୍ୟନାରାୟଣ ପଟ୍ଟନାୟକ, ସଚ୍ଚିଦାନନ୍ଦ ନନ୍ଦ, ବିଧୁଭୂଷଣ ତ୍ରିପାଠୀ, ଅରବିନ୍ଦ ସାହୁ, ବାମଦେବ ଆଲୁକ ପ୍ରମୁଖ ଉପସ୍ଥିତ ଥିଲେ। ରାମକୃଷ୍ଣ ମହାନ୍ତି, କୈଳାସ ଚନ୍ଦ୍ର ପରିଡ଼ା, କାମିନୀବାଳା ପାଢ଼ୀ, ଭ୍ରମରବର ସେଠୀ, ରାଜକିଶୋର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୬।୨୦୨୨

| | |
|---|---|
| ୧,୨୧,୨୩୯ ଟଙ୍କା | |
| ସୁନା | ୧୦.୧୫୦ ଗ୍ରାମ |
| ରୁପା | ୪୦ ଗ୍ରାମ |

# ସଡ଼କ ସୁରକ୍ଷାର ସହାୟକ ହେବ କ୍ଷୁଦ୍ର ଚଳଚ୍ଚିତ୍ର

**ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ**

ପୁରୀ ଅଫିସ, ୨୫।୬

ସ୍ୱଳ୍ପ ସମୟର କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ସଡକ ସୁରକ୍ଷାର ସୁନ୍ଦର ବାର୍ତ୍ତା ସମସ୍ତଙ୍କୁ ସଚେତନ କରିବା ସହ ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହେବ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଜଷ୍ଟିସ ଏସ୍ ମୁରଲୀଧର ମତବ୍ୟକ୍ତ କରିଛନ୍ତି। ଶନିବାର ଟାଉନ ହଲ ପରିସରରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ଡ. ମୁରଲୀଧର ରାସ୍ତା ଦୁର୍ଘଟଣାର ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଛୋଟ ଦୁର୍ଘଟଣା କିପରି ବଡ ଘଟାଇଥାଏ ସେ ସମ୍ପର୍କରେ ଉଦାହରଣ ଦେବା ସହ ଅନୁଭବ ଓ ଅଭିଜ୍ଞତାରୁ ନିଜ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ଏହି କ୍ଷୁଦ୍ର ଚଳଚ୍ଚିତ୍ରଗୁଡିକ ନିଶ୍ଚିତ ସଡ଼କ ସୁରକ୍ଷା ପାଇଁ ସହାୟତା କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜଷ୍ଟିସ ମୁରାହରୀ ଶ୍ରୀରମଣ ସଡକ ସୁରକ୍ଷା ପରି ଦୁର୍ଘଟଣା ବୀମା ସମ୍ପର୍କରେ ମଧ୍ୟ ସମସ୍ତଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରମୁଖ ଅତିଥି ଭାବେ ଅଭିନେତା ସିଦ୍ଧାର୍ଥ ମହାପାତ୍ର, କଳାକାର କୁନା ତ୍ରିପାଠୀ, ଧରିତ୍ରୀ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ପରିବହନ କମିଶନର ଅରୁଣ ବୋଥ୍ରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି କ୍ଷୁଦ୍ର ଚଳଚ୍ଚିତ୍ର କାର୍ଯ୍ୟକ୍ରମରେ ୨୩୦ଟି ଚଳଚ୍ଚିତ୍ର ନିର୍ମାଣ ହୋଇ ଥିବାବେଳେ ପ୍ରାୟ ୨୫୦୦ ବ୍ୟକ୍ତି ଅଭିନୟ, ଶୁଟିଂ, କାହାଣୀ ରଚନା, ନିର୍ଦ୍ଦେଶନା ଇତ୍ୟାଦିରେ ସଂଲଗ୍ନ ହେବା ସଡକ ସୁରକ୍ଷା ପ୍ରତି ବଡ ଅବଦାନ ବୋଲି କହିଥିଲେ। ପରେ ବିଭିନ୍ନ କାଟେଗୋରୀ ପାଇଁ ଶ୍ରେଷ୍ଠତ୍ୱ ଆଧାରରେ ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର ସହ ଜଡିତ ବ୍ୟକ୍ତି ଏବଂ ଜୁରୀ ସଦସ୍ୟମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ଅତିରିକ୍ତ ପରିବହନ କମିଶନର ଶ୍ରୀନିବାସ ବେହେରା ଧନ୍ୟବାଦ ଦେଇଥିଲେ।



ଟାଉନ୍‌ହଲ୍‌ରେ ଶନିବାର ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବରେ ଉପସ୍ଥିତ ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଜଷ୍ଟିସ ଏସ୍ ମୁରଲୀଧର ଓ ଅନ୍ୟ ଅତିଥି ।

## ସଂକ୍ଷେପରେ

### ପୋଖରୀ ତୁଠରେ ଗୋଡ଼ ଖସି ଯୁବକ ମୃତ

ଡେଲାଙ୍ଗ,୨୫।୬(ଡି.ଏନ୍.ଏ.): ପୋଖରୀ ତୁଠରେ ଗୋଡ଼ ଖସିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିରାଜପୁର ଫାଣ୍ଡି ଅଞ୍ଚଳର ବାଛେରା ଗ୍ରାମର କୁନା ପରିଡ଼ା (୩୪)। ଏନେଇ ଖୋର୍ଦ୍ଧା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ହରିରାଜପୁର ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ମନ୍ଦିର ସଂଲଗ୍ନ ପୋଖରୀକୁ କୁନା ଧୋଇହେବାକୁ ଯାଇଥିଲେ। ପୋଖରୀ ପାହାଚରେ ଶିଉଳି ଲାଗିଥିବାବେଳେ ଅସାବଧାନତାବଶତଃ ଗୋଡ ଖସିଯିବାରୁ ସେ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ପଥରରେ ପିଟି ହୋଇଯାଇ ସେ ପୋଖରୀ ଭିତରେ ବୁଡିଯାଇଥିଲେ। ଖବରପାଇ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ଓ ଜଟଣୀ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗ୍ରାମେଶ୍ୱର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ

ନିମାପଡ଼ା,୨୫।୬(ଡି.ଏନ୍.ଏ.): ନିମାପଡ଼ା ଅଞ୍ଚଳର ଆରାଧ ଦେବତା ନୂଆରକିରୀ ଗ୍ରାମର ପ୍ରଭୁ ଗ୍ରାମେଶ୍ୱର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହ ଗୁରୁବାରଠାରୁ ଆରମ୍ଭ ହୋଇ ୩ ଦିନ ବ୍ୟାପୀ ଚାଲିଥିଲା। ଗ୍ରାମବାସୀ ଓ ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ୩୦୮ କଳସ ଶୋଭାଯାତ୍ରା କରିବା ପରେ ୧୦୦୮ କଳସ ପାଣିରେ ଗ୍ରାମେଶ୍ୱର ଦେବଙ୍କ ମହାସ୍ନାନ, ଯଜ୍ଞ ପୂଜାବିଧି ହୋଇଥିଲା। ଶେଷ ଦିନରେ ପ୍ରଭୁଙ୍କର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ମନ୍ଦିର ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ କରାଯାଇଥିଲା। ଏହି ୩ ଦିନ ସକାଳୁ ରାତି ପର୍ଯ୍ୟନ୍ତ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘଣ୍ଟ, ହରିବୋଲ, ହୁଳହୁଳି ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମନ୍ଦିର ପୂଜକ ଭୀମସେନ ପାଢ଼ୀ, ଲକ୍ଷ୍ମୀଧର ପଣ୍ଡା, ସଦାଶିବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ରଥଖଳାରୁ

### ରଥପାର୍ଶ୍ୱ ଦେବଦେବୀ, ହଂସ ପଟାରେ ରଙ୍ଗ କାର୍ଯ୍ୟ ଜାରି



ପୁରୀ ଅଫିସ,୨୫।୬

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ୪ଟି ଲେଖାଁଏ ଦୁଆର ବେଢ଼ା ରଥ ଉପରକୁ ଉଠିଥିଲାବେଳେ ଶନିବାର ଦୁଆର ବେଢ଼ାର ଉପରଭାଗ ଚନ୍ଦ୍ରଶାଳୀରେ ଧ୍ୱଜ–ବତା ସଂଯୋଗ ହୋଇଛି। ଏଥିସହ ଦୁଆର ବେଢ଼ାକୁ ବାନ୍ଧିରଖିବା ପାଇଁ ପ୍ରତି ଦୁଆର ବେଢାର ନାଟଗୋଡ଼ ସହ ଚଉଦ ନାହାକାରେ ଦୁଇଟି ଲେଖାଏ ସପୋର୍ଟ ବଟନ ବା ଦୁଆର ବାଣିଆ ପ୍ରତି ରଥପାଇଁ ୧୬ଟି ଲେଖାଏ ଫିଟିଂ କରାଯାଇଛି। ଏଥିସହ ତିନିରଥର କୋଣରେ ମଣ୍ଡଣି ବତା ଫିଟିଂ ସହ ତିନି ରଥରେ ହାତିଆଳ ବା ବତାଫାଳିଆ (କାଠ ବଟନ) ୮ଟି ଲେଖାଏ ବଡ଼ଧରା ପୋଟଳଠାରୁ ଚନ୍ଦ୍ରଶାଳୀ(ଦୁଆର ବେଢ଼ା ଉପର) ପର୍ଯ୍ୟନ୍ତ ଫିଟିଂ ହୋଇଛି। ତିନିରଥର ଚାରି କୋଣକୁ ଛାଡି ରଥ ବେଦି ଚାରିପାର୍ଶ୍ୱରେ ପଟା ବାଡ଼ିଆ ଶେଷ ହୋଇଥିଲା। ଶନିବାର ତିନିରଥର କୋଣଗୁଡିକରେ ପଟା ବାଡ଼ିଆ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ତିନିରଥର ପ୍ରଭା ଫିଟିଂ ପାଇଁ ସିଂହାସନ ବେଦି ପଛଭାଗ ଚଉଦ ନାହାକାର ପଛ ଦୁଇ ନାହାକାରେ ଦୁଇଟି ଲେଖାଏ ଧୂଳିଦଣ୍ଡା ଫିଟିଂ କରାଯାଇଛି। ତିନିରଥର ରୂପକାରମାନେ ତିନିରଥ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି। ତିନିରଥର ୩୫ ଜଣ ଚିତ୍ରକାର ତିନି ରଥର ବିଭିନ୍ନ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ସହ, ଗୁଜ, ପଟାଗୁଜରେ ଖୋଦେଇ ରୂପଗୁଡିକରେ ଚିତ୍ର କାର୍ଯ୍ୟ ସହ ରଥ ପାର୍ଶ୍ୱ ଦେବଦେବୀ, ହଂସପଟା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ଦୁଆର ବେଢ଼ା ପାଇଁ କଟିଂ ହୋଇଥିବା କନାରେ ଡାଳି, ଚକ୍ର ବସି ହାତ ସିଲେଇ କାର୍ଯ୍ୟ ସହ ପୋଟଳ କନା, କଣି ଚାନ୍ଦୁଆ ବା କନକ ମୁଣ୍ଡି ଚାନ୍ଦୁଆ କାମ ସହ ମହାପ୍ରଭୁଙ୍କ ଲାଗି ଲୁଗା ସିଲେଇ କାର୍ଯ୍ୟ ଜାରି ରଖିଛନ୍ତି। ଅସ୍ଥାୟୀ କମାର ଶାଳରେ ଓଝାମାନେ ତିନିରଥର ଧୂଳି ଦଣ୍ଡା ଫିଟିଂ ପାଇଁ ୪ଟି ଲେଖାଏ ୧୨ଟି ଧୂଳିଦଣ୍ଡା କଣ୍ଟା, ଧ୍ୱଜ ବତା ସେଟିଂ ପାଇଁ ତିନି ରଥର ୨୪ଟି ଧ୍ୱଜ ବତା କଣ୍ଟା, ତିନିରଥର ୬ଟି ସିଂହାସନ ପାଇଁ କଣ୍ଟା ନିର୍ମାଣ ସାରି ରଥ ଖଳାରେ ଯୋଗାଇବା ସହ ତିନିରଥ ପାଇଁ ୨୪ଟି ଶୁଆ କଣ୍ଟା, ତିନିରଥର ନାରଜ କଣ୍ଟା ୧୨ଟି, କଳସ ଫିଟିଂ ପାଇଁ ବାଗିଆ କଣ୍ଟା ୩୬ଟି ଲେଖାଏ ନିର୍ମାଣ ଜାରି ରଖିଛନ୍ତି।

# ଦିବ୍ୟାଙ୍ଗ, ଦଳିତଙ୍କ ସାମ୍ବିଧାନିକ ସୁବିଧା ନେଇ ସଚେତନତା

**ପିପିଡବ୍ଲ୍ୟୁଓ ପକ୍ଷରୁ କର୍ମଶାଳା, ସଚେତନତା ଶିବିର**

ନିମାପଡ଼ା,୨୫।୬(ଡି.ଏନ୍.ଏ.):

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲ୍‌ଫେୟାର ଅର୍ଗାନାଇଜେଶନ୍ (ପିପିଡବ୍ଲ୍ୟୁଓ) ପକ୍ଷରୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଚେନ୍ନାଇସ୍ଥିତ ବହୁବିଧ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଜାତୀୟ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏକ କର୍ମଶାଳା ଓ ସଚେତନତା ଶିବିର ନିମାପଡ଼ା ଟାଉନ ହଲ୍ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସହ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ, ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଚେନ୍ନାଇ ଲିପମେଡ଼୍‌ର ପ୍ରକଳ୍ପ ସଂଯୋଜକ ଡ. ଅନବେଦନ, ଅଧ୍ୟାପିକା ଅଭିପ୍ସା ବିଶ୍ୱାଳ, ଆଇନଜୀବୀ ଦୀଲିପ ପଟ୍ଟନାୟକ, ପିପିଡବ୍ଲ୍ୟୁଓର ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ପ୍ରାଧାନ୍ୟ ଥିବା ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା, ଆଇନ ଓ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନୁସୂଚିତ ଜାତି ଓ ଜନଜାତି ମହିଳା, ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା, ଅନୁସୂଚିତ ଜାତିମାନଙ୍କ ନିମନ୍ତେ ସାମ୍ବିଧାନିକ ବିଧି ବ୍ୟବସ୍ଥା, ଘରୋଇ ହିଂସାର ପ୍ରତିକାର ଆଇନ ବ୍ୟବସ୍ଥା ଜାତିଗତ ଭେଦଭାବ ଦୂର ହେବା, ନାରୀ ଶିକ୍ଷା, ଆର୍ଥିକ ବିକାଶ, ଥଇଥାନ ନିମନ୍ତେ ଥିବା ବିଭିନ୍ନ ବ୍ୟବସ୍ଥା, ଏସ୍‌ସିଏସ୍‌ଟି ଆକ୍ଟ ବ୍ୟବସ୍ଥା ଆଦିର ସଫଳ ରୂପାୟନ ଓ ସଚେତନତା ଏହି କର୍ମଶାଳାର ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ଅଞ୍ଚଳରୁ ଶତାଧିକ ଅନୁସୂଚିତ ଜାତି ଓ ଜନଜାତିର ମହିଳା, ଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ। ପିପିଡବ୍ଲ୍ୟୁଓ ଅନୁଷ୍ଠାନର ପ୍ରତିଭା ବେହେରା, ଦିଲୀପ ଜେନା, ପ୍ରଶାନ୍ତ ସାହୁ, ମନୋରଞ୍ଜନ ସାବୁତ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଦାସ ସମାରୋହରେ ଅଧକ୍ଷତା କରିଥିଲେ। ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

## ଆଦର୍ଶ ବିଦ୍ୟାଳୟ ପାଇଁ ଭୂମି ପୂଜନ

ଡେଲାଙ୍ଗ,୨୫।୬(ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେରବୋଇ–ମଣିଜିପୁର ରାସ୍ତା ପାର୍ଶ୍ୱରେ ଆଦର୍ଶ ବିଦ୍ୟାଳୟ ପାଇଁ ଭୂମିପୂଜନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀ ଅତିଥି ଭାବେ ଯୋଗଦେଇ ଭୂମିପୂଜା କରିଥିଲେ। ଆଦର୍ଶ ବିଦ୍ୟାଳୟ ପାଇଁ ଏଷ୍ଟିମେଟ୍ ମୂଲ୍ୟ ୭ କୋଟି ୧୭ ଲକ୍ଷ ୨୯ ହଜାର ୪୯୦ ଟଙ୍କା ଥିବାବେଳେ ଏଗ୍ରିମେଣ୍ଟ ଭାଲ୍ୟୁ ୬ କୋଟି ୪୫ ଲକ୍ଷ ୬୭ ହଜାର ୭୧୪ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ କରାଯିବ। ଏହି କାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ଲକ୍ଷ୍ୟ ରହିଛି। ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ବିଡିଓ ଦିଲୀପ ଷଡ଼ଙ୍ଗୀ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପ୍ରସନ୍ନ ସାହୁ, ଦୀପ୍ତିଶ୍ରୀ ରାଉତରାୟ, ଆମ୍ବାର ସଭାପତି ସୁଧାକର ମାର୍ଥା, ସରପଞ୍ଚ ମଳୟ ସେଠୀ, ବୈରାଗୀ ଜେନା, କୈଳାସ ଚନ୍ଦ୍ର ସ୍ୱାଇଁ, ବେରବୋଇ ପଞ୍ଚାୟତ ସଭାପତି ଗୋପାଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଷ୍ଟଏଡ୍ ଟ୍ରେନିଂ କ୍ୟାମ୍ପ

ପୁରୀ ଅଫିସ, ୨୫।୬

ସେଣ୍ଟଜନ୍ ଆମ୍ବୁଲାନ୍ସ ପକ୍ଷରୁ ହାପିନେସ୍ ଫାଉଣ୍ଡେଶନ ଡିଭିଜନକୁ ନେଇ ଏକ ଫାଷ୍ଟଏଡ ଟ୍ରେନିଂ କ୍ୟାମ୍ପ ଶନିବାର ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ପୀଠଠାରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମନୋଜ ମୁଖାର୍ଜୀ, ଦିଲୀପ ମିଶ୍ର, ଡ. ଅର୍ନବ୍ ପଟ୍ଟନାୟକ, ଦେବ ପ୍ରସାଦ ଦାସ, ହାପିନେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ପ୍ରଦୀପ୍ତ ପ୍ରଧାନ ଏବଂ ଜୟନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ହାପିନେସ୍ ଫାଉଣ୍ଡେଶନର ୨୫ଜଣ କର୍ମକର୍ତ୍ତାଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସହ ସମ୍ପାଦକ ମଧୁସୂଦନ ମିଶ୍ର ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା



ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ।

ପୁରୀ ଅଫିସ,୨୫।୬

ଟାଏକୋଣ୍ଡୋ ଆସୋସିଏସଶନ୍ ଅଫ ପୁରୀ ଦ୍ୱାରା ରେଳ ଷ୍ଟେଶନ ନିକଟ ରେଳବାଇ କଲ୍ୟାଣ ମଣ୍ଡପ ପରିସରରେ ୧୫ତମ ଜିଲାସ୍ତରୀୟ କିରୋଗି ଟାଏକୋଣ୍ଡୋ ଓ ସପ୍ତମ ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ଜିଲାର ୧୧ଟି ବ୍ଲକ୍‌ରୁ ୧୪ ଟି ଟ୍ରେନିଂ ସେଣ୍ଟରରୁ ଉକ୍ତ ଦୁଇଟି ଇଭେଣ୍ଟରେ ପ୍ରାୟ ୬ଶହ ଜଣରୁ ଉର୍ଦ୍ଧ୍ୱ ବାଳିକା ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଇଲୋକଟ୍ରୋନିଂ ସେନସର ସିଷ୍ଟମ୍ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ସଂସଦ ସଂପାଦକ ରବି ଶଙ୍କର ପ୍ରତିହାରୀ ଯୋଗଦେଇଥିଲେ। ରାଜ୍ୟ ସଂଘ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବରେ ଶ୍ରୀକାନ୍ତ ପରିଜା, ଚିଫ ରେଫରୀ ଭାବେ କେ ମନୋଜ ପ୍ରଧାନ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଭାବେ ପ୍ରଭାତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ସଂଘ ପକ୍ଷରୁ ୨୫ ଜଣ ଜାତୀୟ ରେଫରି ପ୍ରତିଯୋଗିତା ପାଇଁ ନିଯୋଜିତ ରହିଛନ୍ତି। ପୁରୀ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ ଉପସ୍ଥିତ ଥିବାବେଳେ ଜିଲା ସଂଘର କୋଷାଧକ୍ଷ ଧନ୍ୟବାଦ ଦେଇଥିଲେ।

# ଚିକିତ୍ସାଧୀନ ମହିଳାଙ୍କ ସହ ଜେଜେ ମା'ଙ୍କ ମୃତ୍ୟୁ

**ସଞ୍ଜ ବଳିତାରୁ ନିଆଁ ଲାଗିବା ଘଟଣା**

ଗୋପ,୨୫।୬(ଡି.ଏନ୍.ଏ.):

ସଞ୍ଜ ବଳିତାରୁ ନିଆଁ ଲାଗିବା ଘଟଣାରେ ଗୋଟିଏ ପରିବାରରୁ ଦୁଇ ଦିନରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ବୁଲୁବୁଲୁ ମଲ୍ଲିକ (୩୪) ଓ ତାଙ୍କ ଜେଜେ ମା' କୁନ୍ତଳା ମଲ୍ଲିକ (୮୫)। ସୂଚନା ଅନୁଯାୟୀ, ଗତ ୨୩ ତାରିଖ ସନ୍ଧ୍ୟାରେ ଗୋପ–ବାଲିଘାଇ ରାସ୍ତାର ଗଣେଶ୍ୱରପୁର ଗ୍ରାମର କାହ୍ନୁଚରଣ ମଲ୍ଲିକଙ୍କ ସ୍ତ୍ରୀ ବୁଲୁବୁଲୁ (୩୪) ସନ୍ଧ୍ୟାରେ ସଞ୍ଜ ଦେଉଥିବାବେଳେ ବଳିତାରୁ ବୁଲୁବୁଲୁଙ୍କ ଲୁଗାରେ ନିଆଁ ଲାଗି ଯାଇଥିଲା। ସେହି ସମୟରେ ତାଙ୍କ ଜେଜେ ମା' ଧରି ଦେବାରୁ ସେ ମଧ୍ୟ ଆହତ ହୋଇଥିଲେ। ଦୁହିଁଙ୍କୁ ୧୦୮ ଆମ୍ବୁଲାନ୍ସରେ ପରିବାର ସଦସ୍ୟ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ଜେଜେ ମା' ଘରକୁ ଆସିଯାଇଥିବାବେଳେ ବୁଲୁବୁଲୁଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। କିନ୍ତୁ ତାଙ୍କ ଶରୀରର ୭୦ ଭାଗ ପୋଡିଯାଇଥିବାରୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଲୁବୁଲୁଙ୍କ ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମଙ୍ଗଳବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ସହ ଗୋଟିଏ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ଶନିବାର ବିଳମ୍ବିତ ରାତ୍ରରେ ଜେଜେ ମା' ଘରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ଜଣାପଡିଛି। ବୁଲୁବୁଲୁ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସୁବିଧା ଯୋଗାଇଦେବାକୁ ଗଣେଶ୍ୱରପୁର ପଞ୍ଚାୟତର ସମିତି ସଭ୍ୟା ତଥା ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିକଟରେ ଦାବି କରିଛନ୍ତି।

# ଅନବଧି ପରମ୍ପରାର ଆଧାତ୍ମିକ ରହସ୍ୟ ଆଲୋଚନା

ପୁରୀ ଅଫିସ,୨୫।୬

ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ରାଣୀସତୀ ଭବନ ପରିସରରେ ଅନବଧି ପରମ୍ପରାର ଆଧାତ୍ମିକ ରହସ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଉପାଧକ୍ଷ ବିନୋଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତ ଗବେଷକ ପ୍ରଫେସର ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ ବ୍ରହ୍ମପୁରାଣ ଆଧାରରେ ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୃଥିବୀର ସମସ୍ତ ତୀର୍ଥ ପୁରୀରେ ଅବସ୍ଥାନ କରନ୍ତି। ତେଣୁ ପୁରୁଷୋତ୍ତମ କ୍ଷେତ୍ରକୁ ତୀର୍ଥରାଜ କୁହାଯାଏ। ସ୍ନାନ ପୂର୍ଣ୍ଣିମା ପରବର୍ତ୍ତୀ ଅନବସର ସେବାର ଆଧାମିକ ରହସ୍ୟ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଐତିହାସିକ ମଦନ ମୋହନ ମହାପାତ୍ର ଯୋଗଦେଇ ଅନବସର ପରମ୍ପରାର ପୂର୍ଣ୍ଣାଙ୍ଗ ସେବା ବିଧି ଗବେଷଣାସାପେକ୍ଷ ସମ୍ବନ୍ଧରେ କହିଥିଲେ। ଦଇତାପତି ସେବକ ସୂର୍ଯ୍ୟନାରାୟଣ ସ୍ୱାଇଁ ମହାପାତ୍ର ଓ ଚୂନରା ସେବକ ଡା. ଶରତ ଚନ୍ଦ୍ର ମହାନ୍ତି ଯୋଗଦାନ କରି କହିଥିଲେ, ଅଣସର ଅବଧିର ସମସ୍ତ ଉପାସନା ଶୈଳୀ ଓ ପ୍ରକ୍ରିୟାର ବିଶଦ ତଥା ଉପସ୍ଥାପନ କରିଥିଲେ। ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପ୍ରତିଭା ତ୍ରିପାଠୀ, କୈଳାସ ଚନ୍ଦ୍ର ସାହୁ ଓ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ରରେ ଡ. ପ୍ରମୋଦ ଦଳାଇ, ବଳରାମ ଦାସ, କମଳାକାନ୍ତ ମିଶ୍ର, କେଶବ ଚନ୍ଦ୍ର ପାତ୍ର, ରାଧାକୃଷ୍ଣ ପ୍ରଧାନୀ, ଶିକ୍ଷାବିତ୍ ବିଜୟ ଚରଣ ମହାନ୍ତି, ଜ୍ୟୋତିର୍ବିଦ୍ ଅନାମ ଚରଣ ସାହୁ ଓ ଗୁରୁଚରଣ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ସନ୍ଦୀପ କର୍ମକାର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଭବାନୀ ପ୍ରସାଦ ବଳିଆରସିଂହ ଧନ୍ୟବାଦ ଦେଇଥିଲେ।



ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ରାଣୀସତୀ ଭବନ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# ବସ୍‌ଷ୍ଟାଣ୍ଡରେ ନାହିଁ ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ

**ଖରାବର୍ଷାରେ ଯାତ୍ରୀ ହନ୍ତସନ୍ତ**

ପିପିଲି,୨୫।୬(ସ୍ୱ.ପ୍ର.):

ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପୁରୀ ଜିଲାର ୧ ନଂ. ଏନ୍ଏସି ମାନ୍ୟତା ଲାଭ କରିଛି। ତେବେ ପିପିଲି ସହର ମଧ୍ୟରେ ଏନ୍ଏସି ପକ୍ଷରୁ ସ୍ଥାୟୀ ବିଶ୍ରାମାଗାର ଓ ଶୌଚାଳୟ ନାହିଁ । ପିପିଲି ସହର ମଧ୍ୟରେ ହାଟଛକ ଏବଂ ନିମାପଡା ଛକ ୨ଟି ସ୍ଥାନରେ ବସ୍ ରହୁଥିବାରୁ ପୁରୀ ଓ ଭୁବନେଶ୍ୱର ଅଭିମୁଖେ ଯିବାକୁ ଥିବା ଯାତ୍ରୀମାନେ ଛକ ଦ୍ୱୟରେ ଅପେକ୍ଷା କରି ରହିଥାନ୍ତି। ଯାତ୍ରୀମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ପିପିଲି ଏନ୍ଏସି ପକ୍ଷରୁ ବସ୍ ପାର୍କିଂ ଫି ଆଦାୟ କରାଯାଉଛି। ଏହି ଆଦାୟ ୨୦ବର୍ଷରୁ ଉର୍ଦ୍ଧ୍ୱ ହେବ ଆଦାୟ ଚାଲିଥିବାବେଳେ ଏନ୍ଏସି କର୍ତ୍ତୃପକ୍ଷ ବସ୍‌ଗୁଡିକଠାରୁ ପାର୍କିଂ ବାବଦରେ କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ତେବେ ଯାତ୍ରୀମାନଙ୍କ ପାଇଁ ସାମାନ୍ୟତମ ମୌଳିକ ସୁବିଧା ଯଥା ଯାତ୍ରୀ ବିଶ୍ରାମଗୃହ ଏବଂ ଶୌଚାଳୟର ସୁବିଧା ହୋଇପାରିନାହିଁ । ଫଳରେ ଯାତ୍ରୀମାନେ ଢ଼ହଢ଼ହ ଖରା, ପ୍ରବଳ ବର୍ଷା, ଶୀତ କାକରରେ ମୁକ୍ତ ଆକାଶ ତଳେ ବସ୍‌କୁ ଅପେକ୍ଷା କରି ରହିବାକୁ ପଡୁଛି। ପରିଶ୍ରା ଯିବା ପାଇଁ ମଧ ସେଠାରେ ସୁବିଧା ନାହିଁ। ଅନ୍ୟ ପକ୍ଷରେ ବିଶ୍ୱ ଦରବାରରେ ଖ୍ୟାତିଲାଭ କରିଥିବା ପିପିଲି ଚାନ୍ଦୁଆ କିଣିବାକୁ ଦୈନିକ ଦେଶ ଓ ବିଦେଶରୁ ଶତାଧିକ ପର୍ଯ୍ୟଟକ ଆସୁଥିବାବେଳେ ଷ୍ଟାଣ୍ଡରେ ପରିଶ୍ରାଗାର ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ପିପିଲି ଦେଶ ବିଦେଶରେ ନିନ୍ଦିତ ହେଉଛି। ଏଥିପାଇଁ ଜନପ୍ରତିନିଧିମାନେ ମଧ ନଜର ଦେଉନାହାନ୍ତି। ଭୌଗୋଳିକ ଦୃଷ୍ଟି କୋଣରୁ ପିପିଲି ହେଉଛି ପୁରୀ ଜିଲାର ସ୍ୱର୍ଣ୍ଣ ତ୍ରିଭୁଜ କ୍ଷେତ୍ର। ଏହିଠାରୁ ବିଶ୍ୱ ପ୍ରସିଦ୍ଧ ଏବଂ ପୁରୀ ଜଗନ୍ନାଥ ମନ୍ଦିରକୁ ଯିବାପାଇଁ ରାଜପଥ ସଂଯୋଗ କରୁଛି। ଦୀର୍ଘ ୫୦ବର୍ଷ ହେବ ଏନ୍ଏସିର ଶାସନ ବ୍ୟବସ୍ଥାର ଏହି ଲମ୍ବା ଯାତ୍ରା କାଳରେ ପିପିଲି ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ବିଶ୍ରାମଗୃହ ଓ ଶୌଚାଳୟ ନିର୍ମାଣ ହୋଇ ନ ପାରିବା ଏକ ନିନ୍ଦନୀୟ ଘଟଣା ବୋଲି ପିପିଲିର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ପୂର୍ବରୁ ପିପିଲି ହାଟଛକରେ ଏକ ଯାତ୍ରୀ ବିଶ୍ରାମାଗୃହ ଥିଲା। ତାକୁ ପାଖାପାଖି ୧୦ ବର୍ଷ ହେବ ଭାଙ୍ଗି ଦିଆଯାଇଛି। ପିପିଲି ହାଟଛକଠାରେ ଜାଗାର ସୁବିଧା ଥିବାବେଳେ ସେଠାରେ କ'ଣ ପାଇଁ ବିଶ୍ରାମଗୃହ ଓ ପରିଶ୍ରାଗାର ନିର୍ମାଣ କରାଯାଉନି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏନ୍ଏସି କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ଯୋଗାଇ ପାରୁ ନ ଥିବାବେଳେ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପାର୍କିଂ ଆଦାୟ ହେଉଥିବା କୋଟିକୋଟି ଟଙ୍କା କ'ଣ ହେଉଛି ବୋଲି ପିପିଲିର ବରିଷ୍ଠ ନାଗରିକମାନେ ପ୍ରଶ୍ନ କରିଛନ୍ତି। ପିପିଲି ଏନ୍ଏସି କର୍ତ୍ତୃପକ୍ଷଙ୍କର ଆନ୍ତରିକତା ଅଭାବ ଯୋଗୁଁ ଯାତ୍ରୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାର ବରିଷ୍ଠ ନାଗରିକମାନେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ପିପିଲି ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜାରାଣୀ ରାଉତଙ୍କୁ ପଚାରିବାରେ ପିପିଲି ନିମାପଡ଼ା ଛକରେ ଯାତ୍ରୀ ବିଶ୍ରାମଗୃହ ଓ ପରିଶ୍ରାଗାର ନିର୍ମାଣ କରିବା ପାଇଁ ଜାଗା ନାହିଁ। ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ ହେଲେ ସେଠାରେ ଯାତ୍ରୀ ବିଶ୍ରାମଗୃହ ଏବଂ ପରିଶ୍ରାଗାର ନିର୍ମାଣ କରାଯିବ ବୋଲି କହିଥିଲେ। ବସ୍‌ଷ୍ଟାଣ୍ଡରେ ଏହା ନ ଥିବାରୁ ଯାତ୍ରୀମାନେ ଆସି ହଇରାଣ ହେଉଛନ୍ତି। ଏନ୍ଏସି କର୍ତ୍ତୃପକ୍ଷ ଏଠାରେ ଯାତ୍ରୀଙ୍କ ସୁବିଧା ପ୍ରତି ଧ୍ୟାନ ଦେବାକୁ ଦାବି କରୁଥିବା ସ୍ଥାନୀୟ ବାସିନ୍ଦା ରମେଶ ମହାପାତ୍ର କହିଛନ୍ତି। ସାଧାରଣ ଲୋକେ ମଧ ବସ୍‌କୁ ଅପେକ୍ଷା କରି ଖରା, ବର୍ଷାରେ ଠିଆ ହୋଇ ହଇରାଣ ହେଉଥିବା ସ୍ଥାନୀୟ ବାସିନ୍ଦା ବିଭୁତି ସାମନ୍ତରାୟ କହିଛନ୍ତି।



## ସଂକ୍ଷେପରେ

### ୨୯ରେ ଏସ୍‌ଆଇଟି ବୈଠକ

**କଟକ ଅଫିସ, ୨୫ା୬:** କରୋନା ମହାମାରୀ ଯୋଗୁ ଦୁଇବର୍ଷ ହେବ ବନ୍ଦ ରହିଥିବା ଏସ୍‌ଆଇଟି ବୈଠକ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏହି ବୈଠକ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧକ୍ଷତାରେ କଟକସ୍ଥିତ ତାଙ୍କ ବାସଭବନରେ ହେବ। ଏଥିରେ କଳାଧନ ଉପରେ ଅଙ୍କୁଶ ଲଗାଯିବା ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏଥିରେ ପୋଲିସ ଡିଜି, କ୍ରାଇମବ୍ରାଞ୍ଚ ଡିଜି, ସିବିଆଇ, ଇନ୍‌କମ୍ ଟ୍ୟାକ୍ସ, ଇଡି ଅଧିକାରୀ, ନାର୍କୋଟିକ୍ସ ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ଖାନ୍‌ନଗର ହାଇସ୍କୁଲରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

**କଟକ ଅଫିସ,୨୫ା୬:** ଖାନ୍‌ନଗର ସରକାରୀ ହାଇସ୍କୁଲରେ କଟକ ବାରବାଟୀ ରୋଟାରୀ କ୍ଲବ ପକ୍ଷରୁ କ୍ୟାରିୟର କାଉନ୍‌ସେଲିଂ ଓ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ ସଭାପତି ଯୁକ୍ତେଶ୍ୱର ଦାଶ, ରମଣୀ ରଞ୍ଜନ ରାଉତରାୟ, ମାନସ ରଞ୍ଜନ ମହାନ୍ତି, ବିକ୍ରମ ଦାସ, ଭାରତ ଭୂଷଣ ମହାନ୍ତି, ହୃଦାନନ୍ଦ ସାହୁ, ଦେବୀପ୍ରସାଦ ପ୍ରମୁଖ ଯୋଗଦେଇ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ବିଭିନ୍ନ କ୍ୟାରିୟର, ସରକାରୀ ଓ ବେସରକାରୀ ସୁବିଧାସୁଯୋଗ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହିତ ସକାରାତ୍ମକ ମନୋବୃତ୍ତି, ଦୃଢ ସଙ୍କଳ୍ପ ଓ ତ୍ୟାଗନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ଦ୍ୱାରା ଜୀବନରେ ସଫଳତା ଅର୍ଜନ କରାଯାଇପାରିବ ବୋଲି ସେମାନେ କହିଥିଲେ। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଜୟଧର୍ମ ସେନାପତି, ଶିକ୍ଷୟିତ୍ରୀ ଡ. ସୁଜାତା ମହାପାତ୍ର, ରଞ୍ଜିତ୍ ଦାସ, ପ୍ରତାପ କୁମାର ଆଚାର୍ଯ୍ୟ ପ୍ରମୁଖ ଚାରାରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପନ୍ନ କରାଇଥିଲେ।

### ଜରୁରୀ ପରିସ୍ଥିତିର କାଳରାତ୍ରି ଶୀର୍ଷକ ପାଠଚକ୍ର

**କଟକ ଅଫିସ, ୨୫ା୬:** ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଜରୁରୀ ପରିସ୍ଥିତିର କାଳରାତ୍ରି ଶୀର୍ଷକ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜକ ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ୧୯୭୫ ଜୁନ୍ ୨୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜରୁରୀ ପରିସ୍ଥିତି ଘୋଷିତ ହୋଇଥିଲା। ଏହା ବିରୋଧରେ ଲଢ଼େଇ କରି ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରି ଦେଶବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ଅକ୍ଷୁଣ୍ଣ ରଖିଥିବା ସଂଗ୍ରାମୀମାନେ ସର୍ବଦା ସ୍ମରଣୀୟ। ଲୋକନାୟକ ଜୟପ୍ରକାଶ ନାରାୟଣ ଗଣତାନ୍ତ୍ରିକ ଅଙ୍ଗୀକାରବଦ୍ଧତାକୁ ଆୟୁଧ କରି କ୍ଷମତାର ଅପବ୍ୟବହାରକୁ ରୋକିବା ଓ ଗଣତନ୍ତ୍ରକୁ ପରିପୁଷ୍ଟ କରିବାରେ ସଫଳ ହୋଇଥିଲେ ବୋଲି ସେ କହିଥିଲେ। ଏଥିରେ ବିଧାୟକ ଅମର ପ୍ରସାଦ ଶତପଥୀ, ହିନ୍ଦ୍ ମଜଦୁର ସଭାର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଖବରଦାତା ଡ. ସତ୍ୟ ରାୟ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସନ୍ତୋଷ ପତି ଧନ୍ୟବାଦ ପ୍ରଦାନ କରିଥିଲେ।

### ଜାତୀୟସ୍ତରୀୟ ଯୋଗ ଅଲିମ୍ପିଆଡ୍: ଗୌରବ ଆଣିଲେ କଟକର ୩ ଛାତ୍ରୀ

**କଟକ ଅଫିସ,୨୫ା୬:** ଦିଲ୍ଲୀଠାରେ ଆୟୋଜିତ ଜାତୀୟସ୍ତରୀୟ ଯୋଗ ଅଲିମ୍ପିଆଡରେ ଓଡ଼ିଶା ଷଷ୍ଠ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତା ଗତ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୧୬ ଛାତ୍ରୀଛାତ୍ର ଭାଗନେଇ ଭଲ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରେ କଟକ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀ ମେହେକ ବେଗମ୍, ଇପସିତ ହାଲଦାର ଏବଂ ଶକ୍ତିସ୍ୱରୂପା ସିଂ ସାମନ୍ତ ଥିଲେ। ସେମାନେ ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ କଟକ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସୋନାମିକା ରାୟ, ଦୀପ୍ତି ପ୍ରିୟଦର୍ଶିନୀ, ଜିଲା କ୍ରୀଡା ପରିଦର୍ଶିକା ସୁଶ୍ରୀ ସୌଦାମିନୀ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ମଲ୍ଲିକ, ଖେଳ ଶିକ୍ଷୟିତ୍ରୀ ଅଞ୍ଜଳି ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରଜ ବସାକ ପ୍ରମୁଖ କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସୂଚନାଯୋଗ୍ୟ, ସ୍କୁଲର ନବମଶ୍ରେଣୀ ଛାତ୍ରୀ ମେହେକ ୧୬ ବର୍ଷରୁ କମ୍, ଏବଂ ଇପସିତ ଓ ଶକ୍ତିସ୍ୱରୂପା ୧୪ ବର୍ଷରୁ କମ୍ କନିଷ୍ଠ ବର୍ଗରେ ଅଂଶଗ୍ରହଣ କରିଥିଲେ।

# ରାସ୍ତା ପାର୍ଶ୍ୱକୁ ଓଲଟିଲା ସ୍କୁଲ ବସ୍

- ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର, ଚାଳକ
- ମରାମତି ହେଉନି ରାସ୍ତା
- ଘଟୁଛି ଦୁର୍ଘଟଣା

**ଚୌଦ୍ୱାର,୨୫ା୬(ଡି.ଏନ୍.ଏ.)**



ରାସ୍ତାପାର୍ଶ୍ୱରେ ଓଲଟି ପଡ଼ିଥିବା ସ୍କୁଲ ବସ୍।

ଚୌଦ୍ୱାରରୁ ମଣ୍ଡାପଡା ଯାଇଥିବା ବିରୂପା ନଦୀକୂଳ ରାସ୍ତାର ପୋଟଲେଇ ମନ୍ଦିର ନିକଟରେ ଶନିବାର ସକାଳେ ଏକ ଘରୋଇ ସ୍କୁଲବସ୍ ଓଲଟି ପଡିଛି। ହେଲେ ଏଥିରେ ଥିବା ଚାଳକ ଓ ୬ ଜଣ ଛାତ୍ରୀଛାତ୍ର ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାରସ୍ଥିତ ଇଡ୍‌କୋ ଶିଳ୍ପାଞ୍ଚଳ ନିକଟରେ ଥିବା ଉକ୍ତ ଘରୋଇ ସ୍କୁଲ ବସ୍ (ନଂ. ଓଡ଼ି୦୫ବିଇ-୭୫୯୧) ସକାଳେ ଜଗତ୍‌ପୁର ଓ ଚୌଦ୍ୱାରରୁ ୬ଜଣ ଛାତ୍ରୀଛାତ୍ରଙ୍କୁ ଆଣିବା ପରେ ମଣ୍ଡାପଡ଼ା ଓ ହରିନାଥପୁରକୁ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଆଣିବାକୁ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଦୁଇଜଣ ସାଇକେଲ ଆରୋହୀଙ୍କୁ ବଞ୍ଚାଇବା ପାଇଁ ଚାଳକ ରାସ୍ତା କଡ଼କୁ କାଟି ଦେଇଥିଲେ। ଫଳରେ ଭାରସାମ୍ୟ ହରାଇ ବସ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଖବରପାଇ ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ବସ୍ ଭିତରୁ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଘରକୁ ପଠାଇଥିଲେ। ସୂଚନାଯୋଗ୍ୟ, ମହାନଦୀ ଜଳସେଚନ ନର୍ଥ ଡିଭିଜନ ଅଧୀନରେ ଏହି ଅଣଓସାରିଆ ନଦୀକୂଳ ରାସ୍ତା ରହିଛି। ହେଲେ ଏହା ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡିଛି। ରାସ୍ତା ମରାମତି ସହ ଏହାକୁ ୨ ଥାକିଆ କରିବା ପାଇଁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଚୌଦ୍ୱାର ପୌରପାଳିକା ପକ୍ଷରୁ ଜଳସେଚନ ବିଭାଗକୁ ଲିଖିତ ଆକାରରେ ଅବଗତ କରାଯାଇଛି। ହେଲେ ଏ ଦିଗରେ ପଦକ୍ଷେପ ନିଆ ନ ଯିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଫେଲ୍ ମାରିଛି ୧୦୮ ଆମ୍ବୁଲାନ୍ସ ସେବା

**ଖୁଣ୍ଟୁଣୀ,୨୫ା୬(ଡି.ଏନ୍.ଏ.)**




- ୫ ମାସ ହେଲା ଅଚଳ
- ଅସୁବିଧା ଭୋଗୁଛନ୍ତି ରୋଗୀ

ରାଜ୍ୟ ସରକାର ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବା ସହ ଭିତ୍ତିଭୂମିର ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏପରି କି କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ଆହତମାନଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ହେଲେ କଟକ ଜିଲା ଖୁଣ୍ଟୁଣୀ ଅଞ୍ଚଳରେ ୧୦୮ ଆମ୍ବୁଲାନ୍ସ ସେବା ଫେଲ୍ ମାରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସଟି ଗତ ୫ ମାସ ହେବ ଅଚଳ ହୋଇପଡିଛି। ଫଳରେ ୫୫ ନମ୍ବର ଜାତୀୟ ରାଜପଥର କୁସପଙ୍ଗିଠାରୁ ରାଧାରମଣପୁର ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨୦ କି.ମି. ମଧ୍ୟରେ କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ଆହତମାନଙ୍କୁ ପୋଲିସ ଗାଡି କିମ୍ବା ଅନ୍ୟ ଯାନରେ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। ଏ ସମ୍ପର୍କରେ ଆମ୍ବୁଲାନ୍ସ ତତ୍ତ୍ୱାବଧାରକ ସୌମେନ୍ଦ୍ର ମହାପାତ୍ର କହିଛନ୍ତି, ଉକ୍ତ ଆମ୍ବୁଲାନ୍ସ ଗତ ଜାନୁୟାରୀରେ କଟକ ବଡ ଡାକ୍ତରଖାନାରେ ଜଣେ ଗୁରୁତର ରୋଗୀଙ୍କୁ ଛାଡି ଫେରୁଥିଲା। ହରିଣ ପାର୍କ ନିକଟରେ ଏକ ଷଣ୍ଢକୁ ବଞ୍ଚାଇବାକୁ ଯାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିର ଅଧିକାଂଶ ଅଂଶ ଭାଙ୍ଗିରୁଜି ଯାଇଥିଲା। ଏହାକୁ ମରାମତି ପାଇଁ ଭୁବନେଶ୍ୱର ନିଆଯାଇଛି। ହେଲେ ଯନ୍ତ୍ରାଂଶ ମିଳୁ ନ ଥିବାରୁ ମରାମତି ହୋଇପାରିନାହିଁ। ଖୁବ୍‌ଶୀଘ୍ର ମରାମତି କରାଯାଇ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ଆସିବ ବୋଲି ସେ କହିଥିଲେ।

# ‘ନାରୀ ଶିକ୍ଷିତ ହେଲେ ଭବିଷ୍ୟତ ପିଢ଼ିର ବିକାଶ ହୁଏ’


ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରୀ ସଂଘ ସାଧାରଣ ପରିଷଦ ବୈଠକରେ ମନ୍ତ୍ରୀ ରୋହିତ ପୂଜାରୀଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୨୫ା୬ (ବ୍ୟୁରୋ)**

ଜନ୍ମମାଟି ଓ ଶିକ୍ଷାନୁଷ୍ଠାନ ବ୍ୟକ୍ତି ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ନାରୀ ଶିକ୍ଷା ଦ୍ୱାରା ଭବିଷ୍ୟତ ପିଢ଼ିର ବିକାଶ ହୁଏ। ତେଣୁ ରାଜ୍ୟ ସରକାର ନାରୀ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି ଓ ଏଥିପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସୃଷ୍ଟି ହୋଇଛି। ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀ ସଂଘର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହା କହିଛନ୍ତି। ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ କହିଲେ, ମା’ ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରୀମାନେ, ବିଶେଷ କରି ପୁରାତନ ଛାତ୍ରୀମାନେ ଏହି ଶିକ୍ଷାନୁଷ୍ଠାନକୁ ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବେ ନିର୍ମାଣ କରିପାରିବେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ପୁରାତନ ଛାତ୍ରୀମାନେ ଅନେକ ସଫଳତା ପାଇଲେଣି ଓ ଏହି ଅନୁଷ୍ଠାନର ଛାତ୍ରୀ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଛନ୍ତି। ଏହା ଗର୍ବ ଓ ଗୌରବର ବିଷୟ ବୋଲି ମେୟର କହିଥିଲେ। କୁଳପତି ଅପରାଜିତା ଚୌଧୁରୀ ଅଧକ୍ଷତା କରି କହିଲେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଆହୁରି ଆଗକୁ ନେବାରେ ପୁରାତନ ଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୁଳସଚିବ ଶ୍ୟାମଳୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପୁରାତନ ଛାତ୍ରୀ ସଂଘ ଉପସଭାପତି ସୁଦୀପା ରାୟ, ପ୍ରଫେସର ମଧୁସ୍ମିତା ପତି ପ୍ରମୁଖ ବିଶ୍ୱବିଦ୍ୟାଳୟ, ପାଠପଢ଼ା ବିଷୟରେ କହିଥିଲେ। ପୁରାତନ ଛାତ୍ରୀ ତଥା ପ୍ରସିଦ୍ଧ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦ, ଭାଲିନା ଭାଲେଣ୍ଟିନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରୀ ସଂଘ ସଭାପତି ଇପ୍‌ସିତା ସାହୁ ଓ ଅନ୍ୟମାନେ ସଭା ପରିଚାଳନା କରିଥିଲେ। ସଂଘ ପକ୍ଷରୁ ‘ମୋ କଲେଜ’ ଅଭିଯାନକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଡ. ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ।

# ‘ଶିକ୍ଷାର ବିକାଶ ଦିଗରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’



ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

**କଟକ ଅଫିସ,୨୫ା୬**

ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର ଆନୁକୂଲ୍ୟରେ ଏକ ଅଭିଭାବକ ସମ୍ମିଳନୀ କଟକସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଗୋପାଳକୃଷ୍ଣ ମହାନ୍ତି ଯୋଗଦେଇ କହିଥିଲେ, ଶିକ୍ଷା-ଶିକ୍ଷକ-ଶିକ୍ଷାୟତନର ବିକାଶରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଆଇଇଟି ବିଶ୍ୱବିଦ୍ୟାଳୟରେ ପ୍ରଦତ୍ତ ଗୁଣାତ୍ମକ ବୈଷୟିକ ଶିକ୍ଷା ଓ ଶୃଙ୍ଖଳା ଜାତୀୟ ବିକାଶରେ ସହାୟକ। ଶିଳ୍ପ ପ୍ରତିଷ୍ଠା, ନିଯୁକ୍ତି କ୍ଷେତ୍ରରେ ନେତୃତ୍ୱ ନେବା ପାଇଁ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହିତ କରିଆସୁଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଅମି କୁମାର ପରିଡା ଯୋଗଦେଇ ବିଶ୍ୱବିଦ୍ୟାଳୟର ସୃଜନଶୀଳ ଶିକ୍ଷା ପ୍ରଣାଳୀ ଓ ଶୃଙ୍ଖଳା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ ସୀତାରାମ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଶତାଧିକ ଅଭିଭାବକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶମ୍ଭୁପ୍ରସାଦ ବାବୁ, ସଦାନନ୍ଦ ଦାସ ଓ ଗୌତମ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କଟକ ବାଦାମବାଡ଼ି ମୁଖ୍ୟ ରାସ୍ତାରେ ଯାତ୍ରୀମାନେ ଅଟୋରେ ବିପଦସଙ୍କୁଳ ଅବସ୍ଥାରେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।

# ପୋଷ୍ୟ ବିଦ୍ୟାଳୟରେ ଜିଲାପାଳଙ୍କୁ ସମ୍ବର୍ଦ୍ଧନା

**ଆଠଗଡ, ୨୪ା୬(ସ୍ୱ.ପ୍ର.)**

ବିଶ୍ୱନାଥ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ପକ୍ଷରୁ କଟକ ଜିଲାପାଳ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ଭବାନୀ ଶଙ୍କର ଚୟନୀଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱନାଥ ବିଦ୍ୟାପୀଠକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରି ବିଦ୍ୟାଳୟର ନବକଳେବର ଓ ସୌନ୍ଦର୍ଯ୍ୟକରଣ ବୃଦ୍ଧି କରିଥିବାରୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ବରିଷ୍ଠ ଶିକ୍ଷାବିତ୍ ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଇଂ. ବ୍ରହ୍ମା ମିଶ୍ର, ସମାଜର ପ୍ରକାଶକ ଓ ମୁଦ୍ରାକାର ନିରଞ୍ଜନ ରଥ, ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଜିଲାପାଳଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସେମାନେ ଜିଲାପାଳ ଚୟନୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଲୁମିନୀ ଅସୋସିଏଶନର ସମ୍ପାଦକ ଆଇନଜୀବୀ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ମୋ ସ୍କୁଲ ଅଭିଯାନରେ ଜିଲାପାଳଙ୍କ ମାଧ୍ୟମରେ ବିଶ୍ୱନାଥ ବିଦ୍ୟାପୀଠର ପ୍ରେକ୍ଷାଳୟର ଉନ୍ନତି ପାଇଁ ୩ ଲକ୍ଷ ଟଙ୍କା ସଂସଦ ପକ୍ଷରୁ ପ୍ରଦାନ କରାଯାଇଥିଲା। ଆଠଗଡର କ୍ରୀଡାବିତ ଟି. ଜଗନ୍ନାଥ ଦାସ, ବିଦ୍ୟାଳୟର ଦୃଷ୍ଟିହୀନ ମେଧାବୀ ଛାତ୍ର ସତ୍ୟପ୍ରକାଶ ମହାପାତ୍ର, ୧୯୮୬ ବ୍ୟାଚର ଛାତ୍ର ସଂସଦ ପକ୍ଷରୁ ବିଦ୍ୟାଳୟର ବିଜ୍ଞାନଗାରର ଉନ୍ନତି କରିଥିବାରୁ ବ୍ୟାଚର ଛାତ୍ର କ୍ଷୀରୋଦ ଚନ୍ଦ୍ର ମିଶ୍ର, ଶକ୍ତିଦତ୍ତ ପଟ୍ଟନାୟକଙ୍କ ସହ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିସଭାରେ ପୁରାତନ ଛାତ୍ର କୋଷାଧ୍ୟକ୍ଷ ଶରତ ସାମନ୍ତ, ଅଜୟ ମିଶ୍ର, ବିମଳ ମିଶ୍ର ଓ ମୋ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ବେହେରା ଓ ସଭ୍ୟମାନେ ଉପସ୍ଥିତି ଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର ମହାରଣା ଧନ୍ୟବାଦ ଦେଇଥିଲେ।

# ଭାଜପା ପକ୍ଷରୁ କଳା ଦିବସ ପାଳନ

**କଟକ ଅଫିସ, ୨୫ା୬**

ଇନ୍ଦିରା ଗାନ୍ଧୀ ୧୯୭୫ ଜୁନ୍ ୧୨ ତାରିଖରେ ରାଜ ନାରାୟଣଙ୍କଠାରୁ ନିର୍ବାଚନ ମକଦ୍ଦମା ହାରିଥିଲେ। ୬ ବର୍ଷ କାଳ ନିର୍ବାଚନ ଲଢିପାରିବେ ନାହିଁ ବୋଲି କୋର୍ଟ ଆଦେଶ ଦେଇଥିଲେ। ମକଦ୍ଦମା ହାରିଯିବା ପରେ ଜୁନ୍ ୨୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଆଇନ ଜାରି କରିଥିଲେ। ଉକ୍ତ ଘଟଣା ବିରୋଧରେ ଭାଜପା ପକ୍ଷରୁ ପ୍ରତିବର୍ଷ ଜନସଚେତନତା ସୃଷ୍ଟି କରାଯାଉଛି ବୋଲି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି କହିଛନ୍ତି। ଭାଜପା କଟକ ନଗର ପକ୍ଷରୁ ଶନିବାର ସିଡିଏସ୍ଥିତ ରାଇସିନା ମଣ୍ଡପରେ ଜରୁରୀ ପରିସ୍ଥିତିକୁ କଳା ଦିବସ ଭାବେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ସାମାଜିକ କର୍ମୀ ତଥା ଶ୍ରମିକ ନେତା ସରୋଜ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜରୁରିକାଳୀନ ପରିସ୍ଥିତି ସମୟରେ ଜେଲ୍ ତଥା ବାହାରେ ପୋଲିସ ଦ୍ୱାରା ଅତ୍ୟାଚାର କରାଯାଇଥିଲା। ଏଭଳି ଘଟଣା ଆଉ ନ ଘଟିବା ପାଇଁ ଲୋକଙ୍କୁ ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ। କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକ୍ରମ ସଂଯୋଜକ ବିବେକାନନ୍ଦ ନାଏକ, ସହ ସଂଯୋଜକ ଭାଗୀରଥି ଦଳାଇ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, କର୍ପୋରେଟର ଦୀପକ ଦାସ, ବିଶ୍ୱରଞ୍ଜନ ମିଶ୍ର, ବୈଦେଶ୍ୱର ପଣ୍ଡା, ଲଲାଟେନ୍ଦୁ ଦାସ, ସୁବାସ ମହାନ୍ତି, ସଞ୍ଜୀବ ରଣା, ରତନ ମହାନ୍ତି, ସତ୍ୟବ୍ରତ ମିଶ୍ର, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ସବ୍ୟସାଚୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଜାତୀୟ କୋଚିଂ କ୍ୟାମ୍ପ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ଆଠଗଡ଼,୨୫ା୬(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମାନସିକ ଅନଗ୍ରସରମାନଙ୍କ ପାଇଁ ସ୍ପେଶାଲ ଅଲିମ୍ପିକ ଭାରତ ଜାତୀୟ କୋଚିଂ କ୍ୟାମ୍ପରେ ଭାଗନେବାକୁ ଯାଉଥିବା ଖେଳାଳି ଓ କୋଚ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ନବ କିଶୋର ସାହୁ, ଆୟୋଜକ ବ୍ରଜ ବିହାରୀ ମହାନ୍ତି, ଚ୍ୟାରି ଟେବୁଲ ଟ୍ରଷ୍ଟର ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ଆଠଗଡ଼ ବ୍ଲକରୁ ୯ ଖେଳାଳି ଓ ୪ ଜଣ କୋଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଖେଳାଳିଙ୍କ ମଧ୍ୟରୁ ୨ଜଣ ୨୬ଜୁନ୍‌ରୁ ଜୁଲାଇ ୧ ମଧ୍ୟରେ ଝାଡ଼ଖଣ୍ଡରେ ହେବାକୁ ଥିବା ବ୍ୟାଡମିଣ୍ଟନ କୋଚିଂ କ୍ୟାମ୍ପରେ ଭାଗ ନେବେ। ସେହିପରି ଅନ୍ୟ ୭ ଜଣ ଜୁଲାଇ ୧ ରୁ ୬ ତାରିଖ ପର୍ଯ୍ୟନ୍ତ ପୁଡୁଚେରୀରେ ହେବାକୁ ଥିବା ଭଲିବଲ କୋଚିଂ କ୍ୟାମ୍ପରେ ଅଂଶଗ୍ରହଣ କରିବେ।



କୋଚିଂ କ୍ୟାମ୍ପରେ ଭାଗ ନେବାକୁ ଯାଉଥିବା ଖେଳାଳି ଓ କୋଚ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପ୍ରଦୋଷ ପଟ୍ଟନାୟକଙ୍କୁ ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ

**କଟକ ଅଫିସ,୨୫ା୬**


କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କୁ କବି ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ ପ୍ରଦାନ କରାଯାଉଛି।

ସାମ୍ୟବାଦୀ ଆନ୍ଦୋଳନର ମହାନ ସାରଥି ଓ ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ପଟ୍ଟନାୟକ ସ୍ୱାଧୀନତା ପୂର୍ବ ଓ ପର ଓଡ଼ିଶାରେ କ୍ରାନ୍ତିର ଆବାହନୀ ଶୁଣାଇଥିଲେ। ତାଙ୍କର ଆହ୍ୱାନ କେବଳ ସମକାଳୀନ ସମାଜ ପାଇଁ ନୁହେଁ, ସବୁ କାଳର ସମାଜ ଗଠନ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଉଭୟ ସାହିତ୍ୟ ଓ ସଂଗ୍ରାମର ସେ ଥିଲେ ନାୟକ। ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ, ଭଗବତୀ ଚରଣ ପାଣିଗ୍ରାହୀ ପ୍ରମୁଖଙ୍କ ସହ ଅନନ୍ତ ପଟ୍ଟନାୟକ ନିଷ୍ପେସିତ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ଓ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନନ୍ତ ପଟ୍ଟନାୟକଙ୍କ ସ୍ମୃତିସନ୍ଧ୍ୟା କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସନ୍ଧ୍ୟାରେ ମେୟର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କୁ କବି ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ପଢ଼ିହାରୀ, ଡ. ପ୍ରଦ୍ୟୁମ୍ନ କେଶରୀ ସେନାପତି, କବି ସୁରେଶ ନାୟକ ଓ ହେମନ୍ତ କୁମାର ରାଉତ ପ୍ରମୁଖ କବି ଅନନ୍ତ ପଟ୍ଟନାୟକଙ୍କ କବିତା ପାଠ କରିଥିଲେ। ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା, ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଜୀବନାନନ୍ଦ ଅଧିକାରୀ ମାନପତ୍ର ପାଠ ଓ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ କବିଙ୍କ ପୁତ୍ର ଅମରେଶ ପଟ୍ଟନାୟକ ଓ କବି ଜୟନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।